# ଧରିତ୍ରୀ
DHARITRI

ଢେଙ୍କାନାଳ-ଅନୁଗୋଳ, ଗୁରୁବାର, ଅଗଷ୍ଟ ୩୦/୨୦୧୮ (୧୬ ପୃଷ୍ଠା + ମନ ମିଜାଜ) Dhenkanal-Angul, Thursday, August 30 /2018 ★★★★★

୧୪ଶ ଭାଗ ୧୯୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




## କମେଡି ଶିଖିବେ ସୋନାକ୍ଷୀ

ଅଧିକାଂଶ ଫିଲ୍ମରେ କମେଡି ରହୁଥିବାରୁ ଏହାକୁ ଗୁରୁତ୍ୱ ଦେଇ ଭଲଭାବେ ଶିଖିବାକୁ ଚାହୁଁଛନ୍ତି ଅଭିନେତ୍ରୀ ସୋନାକ୍ଷୀ ସିହ୍ନା। ଏଥିପାଇଁ ସେ ଗୁରୁ ସନ୍ଧାନରେ ରହିଛନ୍ତି। ୧୨

୧୩

## ଏବେ ଏୟାର ଇଣ୍ଡିଆରୁ ପୁଞ୍ଜି ପ୍ରତ୍ୟାହାର ହେବନି

ଏୟାର ଇଣ୍ଡିଆରୁ ଏବେ କିମ୍ବା ନିକଟ ଭବିଷ୍ୟତରେ ପୁଞ୍ଜି ପ୍ରତ୍ୟାହାର କରାଯିବନି ବୋଲି ବିମାନ ଚଳାଚଳ ମନ୍ତ୍ରଣାଳୟ ସଚିବ ଆର୍. ଏନ୍. ଚୌବେ କହିଛନ୍ତି।






# ମହାନଦୀରେ ମାଡ଼ି ଆସୁଛି ବନ୍ୟାଜଳ



- ଆଜି ମୁଣ୍ଡଳୀରେ ପହଞ୍ଚିବ
- ପ୍ରତି ସେକେଣ୍ଡରେ ପ୍ରବାହିତ ହେବ ୮.୫ ଲକ୍ଷ କ୍ୟୁସେକ ଜଳ
- ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା
- ସତର୍କ ରହିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ
- ବୌଦ୍ଧ, ସୋନପୁର, କଟକ, କେନ୍ଦୁଝରର ତଳିଆ ଅଞ୍ଚଳ ଜଳମଗ୍ନ

ଭୁବନେଶ୍ୱର,୨୯।୮(ବ୍ୟୁରୋ)

ହୀରାକୁଦ ଡ୍ୟାମ୍‌ର ୨୫ଟି ଗେଟ୍ ଦେଇ ଛଡ଼ାଯାଉଥିବା ବନ୍ୟାପାଣି ମହାନଦୀରେ ମାଡ଼ିଚାଲିଛି। ଗୁରୁବାର ସକାଳ ସୁଦ୍ଧା ମହାନଦୀ ଓ ଏହାର ଶାଖା ନଦୀ ବନ୍ୟାଜଳରେ ଆହୁରି ଫୁଲିବ। ଏହାକୁ ନେଇ ମହାନଦୀ ଅବବାହିକାରେ ଥିବା ଜିଲାଗୁଡ଼ିକର ଲୋକମାନେ ଆତଙ୍କିତ ହୋଇ ପଡ଼ିଛନ୍ତି। ଜଳ ସମ୍ପଦ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବୁଧବାର ସନ୍ଧ୍ୟା ସୁଦ୍ଧା ମହାନଦୀର ଖଇରାମାଳଠାରେ ପ୍ରତି ସେକେଣ୍ଡରେ ୫,୮୩,୦୦୦ କ୍ୟୁସେକ ଜଳ ପ୍ରବାହିତ ହେଉଥିବା ବେଳେ ବରମୂଳଠାରେ ୫,୯୪,୦୦୦ ଓ ମୁଣ୍ଡଳୀଠାରେ ୫,୫୪,୦୦୦ କ୍ୟୁସେକ ଜଳ ପ୍ରବାହିତ ହେଉଛି। ଡ୍ୟାମ୍ ଭିତରକୁ ୪,୯୧,୯୪୬ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ୪,୦୯,୦୯୭ କ୍ୟୁସେକ ଜଳ ଛଡ଼ାଯାଉଛି। ଡ୍ୟାମ୍ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ ମହାନଦୀର ମୁଣ୍ଡଳୀଠାରେ ବୁଧବାର ରାତି କିମ୍ବା ଗୁରୁବାର ସକାଳ ସୁଦ୍ଧା ପ୍ରତି ସେକେଣ୍ଡରେ ୮.୫ ଲକ୍ଷ କ୍ୟୁସେକ ବନ୍ୟାଜଳ ପ୍ରବାହିତ ହେବ।

ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ସଚିବାଳୟ ଠାରେ ମୁଖ୍ୟ ଶାସନ ସଚିବ ଓ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ସହ ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବା ସହିତ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପୃଷ୍ଠା-୪

# ଅଦ୍ୱିତୀୟ ଦୂତୀ

## ୧୦୦ ପରେ ୨୦୦ ମିଟରରେ ମଧ୍ୟ ଜିତିଲେ ରୌପ୍ୟ ପଦକ

**୨୦୦ ମିଟରରେ ଦୂତୀଙ୍କ ଟାଇମିଂ**

- ଯୋଗ୍ୟତା ପର୍ଯ୍ୟାୟ: ୨୩.୩୭ ସେକେଣ୍ଡ
- ସେମିଫାଇନାଲ: ୨୩.୦୦ ସେକେଣ୍ଡ
- ଫାଇନାଲ: ୨୩.୨୦ ସେକେଣ୍ଡ



ଭୁବନେଶ୍ୱର, ୨୯।୮ (କ୍ରୀଡ଼ା ପ୍ରତିନିଧି)

ଜାତୀୟ କ୍ରୀଡ଼ା ଦିବସରେ ଦେଶ ଏବଂ ରାଜ୍ୟ ପାଇଁ ଖୁସି ଖବର ଆଣିଛନ୍ତି ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ। ଇଣ୍ଡୋନେସିଆର ଜାକର୍ତ୍ତାଠାରେ ଚାଲିଥିବା ଏସିଆନ ଗେମ୍ସର ବୁଧବାର ଅନୁଷ୍ଠିତ ମହିଳା ୨୦୦ ମିଟରରେ ରୌପ୍ୟ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି ଏହି ଓଡ଼ିଆ ଲଳନା। ଚଳିତ ଏସିଆନ ଗେମ୍ସରେ ସେ ପାଲଟି ଯାଇଛନ୍ତି ଭାରତର ସିଲ୍‌ଭର ଗର୍ଲ। କାରଣ ପ୍ରତିଯୋଗିତାର ଗ୍ଲାମର ଇଭେଣ୍ଟ ୧୦୦ ମିଟରରେ ମଧ୍ୟ ଦୂତୀ ରୌପ୍ୟ ପଦକ ଜିତି ଦେଶ ଏବଂ ରାଜ୍ୟକୁ ଗର୍ବିତ କରିଥିଲେ। ଭୁବନେଶ୍ୱରରେ ଅନୁଷ୍ଠିତ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଥିବା ଦୂତୀ କିନ୍ତୁ ଏଥର ରୌପ୍ୟ ପଦକ ଜିତି ନିଜ କ୍ୟାରିୟରକୁ ଶିଖରରେ ପହଞ୍ଚାଇଛନ୍ତି। ଏସିଆନ ଗେମ୍ସର ମହିଳା ୨୦୦ ମିଟର ଇଭେଣ୍ଟରେ ସେ ୨୩.୨୦ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ଯୋଗ୍ୟତା ପର୍ଯ୍ୟାୟରେ ୨୩.୩୭ ସେକେଣ୍ଡ ସମୟ ନେଇଥିବା ଦୂତୀ ସେମିଫାଇନାଲରେ କ୍ୟାରିୟର ଶ୍ରେଷ୍ଠ ୨୩.୦୦ ସେକେଣ୍ଡ ସମୟ ନେଇ ସେ ଅନ୍ୟ ସମସ୍ତ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଛରେ ପକାଇ ଦେଇଥିଲେ। ଫାଇନାଲରେ ସେହି ଟାଇମିଂ ବଜାୟ ରଖି ପାରି ନ ଥିଲେ ହେଁ ସେ ରୌପ୍ୟ ପଦକ ସହ ନିଜ ଅଭିଯାନ ଶେଷ କରିଥିଲେ। ପ୍ରତିଯୋଗିତାର ଉଭୟ ୧୦୦ ଓ ୨୦୦ ମିଟରରେ ଦୂତୀଙ୍କୁ ସ୍ୱର୍ଣ୍ଣ ପଦକ ହାସଲରୁ ବଞ୍ଚିତ କରିଛନ୍ତି ବାହାରିନର ଓଡିଅଙ୍ଗ ଇଡିଡିଅଙ୍ଗ। ୧୦୦ ମିଟରରେ ସ୍ୱର୍ଣ୍ଣ ଜିତିଥିବା ଇଡିଡିଅଙ୍ଗ

**ଏସିଆନ ଗେମ୍ସ**

୨୦୦ ମିଟରରେ ମଧ୍ୟ ୨୨.୯୬ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଥିଲେ। ସଂଯୋଗ ବଶତଃ ଏଠାରେ ମଧ୍ୟ ଚାଇନାର ୱେଇ ୱେଙ୍ଗଲି ତୃତୀୟ ସ୍ଥାନ ହାସଲ କରିଥିଲେ। ସେ ୨୩.୨୭ ସେକେଣ୍ଡ ସମୟ ନେଇଥିଲେ। ଅର୍ଥାତ୍ ଜାକର୍ତ୍ତା ଏସିଆନ ଗେମ୍ସରେ ଉଭୟ ୧୦୦ ଓ ୨୦୦ ମିଟରରେ ସମାନ ପ୍ରତିଯୋଗୀ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିବାରେ ସକ୍ଷମ ହୋଇଛନ୍ତି।

ଦୂତୀ ଏବେ ଗୋଟିଏ ଏସିଆନ ଗେମ୍ସରେ ୨ କିମ୍ବା ତଦୂର୍ଦ୍ଧ୍ୱ ପଦକ ଜିତିଥିବା କିମ୍ବଦନ୍ତୀ ଆଥଲେଟ୍ ପି.ଟି. ଉଷାଙ୍କ ପରି ଆଥଲେଟ୍‌ଙ୍କ ବିରଳ କ୍ଲବରେ ସାମିଲ ହୋଇଛନ୍ତି। ଉଷା ୧୯୮୬ ସିଓଲ ଏସିଆନ ଗେମ୍ସର ୧୦୦ ମିଟରରେ ରୌପ୍ୟ ଏବଂ ୨୦୦ ମିଟର, ୪୦୦ ମିଟର, ୪୦୦ ମିଟର ହର୍ଡଲ୍ସ ଓ ୪ x୪୦୦ ମିଟର ରିଲେ ରେସ୍‌ରେ ୪ଟି ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ଏହି କ୍ଲବରେ ଥିବା ଅନ୍ୟତମ କିମ୍ବଦନ୍ତୀ ଆଥଲେଟ୍ ଜ୍ୟୋତିର୍ମୟୀ ସିକ୍‌ଦାର ୧୯୯୮ ବ୍ୟାଙ୍କକ୍ ଏସିଆଡ୍‌ର ୮୦୦ ମିଟର ଓ ୧୫୦୦ ମିଟର ରେସ୍‌ରେ ପଦକ ଜିତିଥିଲେ। ୨୦୦୨ ବୁସାନ ଏସିଆନ୍ ଗେମ୍ସରେ ସୁନୀତା ରାଣୀ ୧୫୦୦ ଓ ୫୦୦୦ ମିଟରରେ ୨ଟି ପଦକ ପାଇଥିଲେ।

କୌଣସି ଆଥଲେଟ୍ ଗୋଟିଏ ଏସିଆନ ଗେମ୍ସରେ ୨ଟି ପଦକ ଜିତିବା ଓଡ଼ିଶା ପାଇଁ କିନ୍ତୁ ପ୍ରଥମ ଘଟଣା। ପୂର୍ବରୁ ୧୯ ଜଣ ଓଡ଼ିଆ ଖେଳାଳି ଏସିଆନ ଗେମ୍ସରେ ୨୧ଟି ପଦକ ପାଇଥିଲେ। ଦିଲୀପ ତିର୍କୀ ଓ ଜ୍ୟୋତି ସୁନୀତା କୁଲୁ ଭିନ୍ନ ଏସିଆନ ଗେମ୍ସରେ ୨ ଥର ଲେଖାଏ ପଦକ ଜିତିଥିଲେ। ମାତ୍ର କୌଣସି ଏକ ଏସିଆଡ୍‌ରେ ୨ଟି ରୌପ୍ୟ ପଦକ ଜିତି ଓଡ଼ିଶା କ୍ରୀଡ଼ାକୁ ଭିନ୍ନ ଏକ ସୋପାନକୁ ନେଇଯାଇଛନ୍ତି ଦୂତୀ।

## ଆପଣଙ୍କ ଏହି କପି ସହିତ ପାଇବେ ମନ ମିଜାଜ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

ବିରାଡ଼ି ଗନ୍ଧ

**ଆଜିର ମନ୍ତବ୍ୟ**

"ପାକିସ୍ତାନରେ ଝିଅମାନଙ୍କୁ ଶିକ୍ଷାରୁ ଦୂରେଇ ରଖିବା ପାଇଁ ତାଲିବାନର ଉଦ୍ୟମ ବିଫଳ ହୋଇଛି।

-ମଲାଲା ୟୁସୁଫ୍‌ଜାଇ, ନୋବେଲ ବିଜୟୀ


NECC NATIONAL EGG CO-ORDINATION COMMITTEE 29.08.2018 Vencobb FRESH CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 63 | 110 | 120 |
| BDK | 63 | 110 | 120 |
| BLS | 63 | 110 | 120 |
| ANG | 63 | 110 | 120 |

Eggs Retail Price- 43/-Dozen
Issued in the Interest of Consumers
*Conditions Apply


# ମହଙ୍ଗା ଭତ୍ତା ୨% ବୃଦ୍ଧି

ନୂଆଦିଲ୍ଲୀ,୨୯।୮

**ଲାଭବାନ ହେବେ ୧.୧ କୋଟି କେନ୍ଦ୍ରୀୟ କର୍ମଚାରୀ, ପେନ୍‌ସନଭୋଗୀ**

କେନ୍ଦ୍ର କ୍ୟାବିନେଟ ବୁଧବାର ୨% ଅତିରିକ୍ତ ମହଙ୍ଗା ଭତ୍ତା (ଡିଏ) ଏବଂ ଡିଅରନେଶ ରିଲିଫ୍ (ଡିଆର୍) ବୃଦ୍ଧିକୁ ମଞ୍ଜୁରୀ ପ୍ରଦାନ କରିଛି। କେନ୍ଦ୍ର କର୍ମଚାରୀଙ୍କ ଲାଗି ଏହି ନିଷ୍ପତ୍ତି ଚଳିତ ବର୍ଷ ଜୁଲାଇ ପହିଲାରୁ କାର୍ଯ୍ୟକାରୀ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ କେନ୍ଦ୍ର କର୍ମଚାରୀଙ୍କ ଲାଗି ଡିଏ ଏବଂ ପେନ୍‌ସନଭୋଗୀଙ୍କ ଲାଗି ଡିଆର୍‌ରେ ଏଭଳି ବୃଦ୍ଧି ଘୋଷଣା କରିଛନ୍ତି। ଦରଦାମ ବୃଦ୍ଧିକୁ ଧ୍ୟାନରେ ରଖି ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ବେସିକ୍ ପେ ତଥା ପେନ୍‌ସନ ଉପରେ ଏମାନେ ବର୍ତ୍ତମାନ ୭% ହାରରେ ଭତ୍ତା ଲାଭ କରୁଛନ୍ତି। ଏହା ବାଦ କର୍ମଚାରୀମାନେ ଅତିରିକ୍ତ ଭତ୍ତା ଲାଭ କରିବେ। ସପ୍ତମ ବେତନ କମିଶନଙ୍କ ସୁପାରିସ୍ ଆଧାରରେ ସରକାର ଏଭଳି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହି ନିଷ୍ପତ୍ତି ଦ୍ୱାରା ୪୮.୪୧ ଲକ୍ଷ କେନ୍ଦ୍ର କର୍ମଚାରୀ ଏବଂ ୬୨.୦୩ ଲକ୍ଷ ପେନ୍‌ସନଭୋଗୀ ଲାଭବାନ ହୋଇ ହେବେ ବୋଲି ଜଣାଯାଇଛି। ଏହି ନିଷ୍ପତ୍ତି ଦ୍ୱାରା ରାଜକୋଷକୁ ୨୦୧୮-୧୯ ଆର୍ଥିକ ବର୍ଷରେ ୬,୧୧୨.୨୦ କୋଟି ଟଙ୍କା ବୋଝ ପଡିବ।

- ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ

# ୪ ପୋଲିସ ଶହୀଦ

ଶ୍ରୀନଗର,୨୯।୮(ପି.ଟି.)

ଜମ୍ମୁ-କଶ୍ମୀରର ଅନନ୍ତନାଗରେ ବୁଧବାର ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୨ ହିଜ୍‌ବୁଲ ମୁଜାହିଦ୍ଦିନ ନିହତ ହୋଇଛନ୍ତି। ଏହାର କିଛି ଘଣ୍ଟା ପରେ ଆତଙ୍କବାଦୀମାନେ ଶୋପିଆନ୍ ଜିଲାରେ ପୋଲିସକୁ ଟାର୍ଗେଟ କରିଛନ୍ତି। ଏଥିରେ ୪ ପୋଲିସ କର୍ମୀ ଶହୀଦ ହୋଇଛନ୍ତି।

ଅନନ୍ତନାଗର ଖାନାବଲ ଅଞ୍ଚଳସ୍ଥିତ ମୁନିୱାର୍ଡ ଗ୍ରାମରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ସୁରକ୍ଷା ବଳକୁ ଗୋଇନ୍ଦା ସୂଚନା ମିଳିଥିଲା। ଯବାନମାନେ ସେଠାରେ ତଲାସି ଚଳାଉଥିବାବେଳେ ଆତଙ୍କବାଦୀମାନେ ସେମାନଙ୍କ ଉପରକୁ ଗୁଳିବର୍ଷା କରିଥିଲେ। ଯବାନଙ୍କ ଜବାବୀ କାର୍ଯ୍ୟାନୁଷ୍ଠାନରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନେ ହେଲେ କୁଲଗାମ୍‌ର ଖୁଦ୍‌ୱାନି ନିବାସୀ ଅଲତାଫ୍ ଅହମ୍ମଦ ଦର୍ ଓରଫ କଚ୍‌ରୁ ଏବଂ ଓମାର ରସିଦ୍ ୱାନି। ଅଲତାଫ୍ ହିଜ୍‌ବୁଲ ମୁଜାହିଦ୍ଦିନର କମାଣ୍ଡର ଥିଲେ। ୨୦୦୭ରୁ ସେ ଅନେକ ଆପରାଧିକ ମାମଲାରେ ସମ୍ପୃକ୍ତ ଥିଲେ। ଅତୀତରେ ପୋଲିସ ଉପରେ ହୋଇଥିବା ଅନେକ ଆକ୍ରମଣର ମାଷ୍ଟରମାଇଣ୍ଡ ଅଲତାଫ୍ ହିଜ୍‌ବୁଲ ପୋଷ୍ଟରବୟ ବୁରହାନ୍ ୱାନି ୨୦୧୬ରେ ଏନ୍‌କାଉଣ୍ଟରରେ ନିହତ ହେବା ପରେ ବେଶ୍ ସକ୍ରିୟ ଥିଲେ। ପୃଷ୍ଠା-୪




# ସାଧକ ହେଲେ ବାଧକ

ଜ୍ୟୋତି ରଞ୍ଜନ ମହାପାତ୍ର
ଭୁବନେଶ୍ୱର, ୨୯।୮

ସମାଜରେ ସାଧକ ସାଜିଥିବା ବ୍ୟକ୍ତିମାନେ ଏବେ ଜନସାଧାରଣଙ୍କ ମଙ୍ଗଳ ନିମନ୍ତେ କରାଯାଉଥିବା କାର୍ଯ୍ୟରେ ବାଧକ ସାଜିଛନ୍ତି। ସାଧକମାନେ ସାଧାରଣତଃ ସରଳ, ନିଷ୍କପଟ ଓ ନିରୀହ ହେବା କଥା। କିନ୍ତୁ ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ଇସ୍କନ ମନ୍ଦିର ଦ୍ୱାରା ହୋଇଥିବା ଜବରଦଖଲ ଉଚ୍ଛେଦ ସମୟରେ ସେମାନେ କେତେ ଉଦ୍ଧତ, ବିଶୃଙ୍ଖଳିତ ଓ ହିଂସ୍ର ତାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଥିଲା। ୧୯୭୭ରେ ଇସ୍କନ ମନ୍ଦିରର ଶୁଭ ଦିଆଯାଇ ୧୯୯୧ରେ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ମାତ୍ର କାଳକ୍ରମେ ଇସ୍କନମନ୍ଦିରର ଜବରଦଖଲ ଯୋଗୁ ସେଠାରେ ଥିବା ଡ୍ରେନର ଦିଗ ପରିବର୍ତ୍ତନ କରାଯିବା ସହ ଡ୍ରେନ ପୋତି ହୋଇଗଲା। ଗତ ଜୁନ ୩୦ରେ ଲଗାଣ ବର୍ଷା ହୋଇ ଇସ୍କନ ମନ୍ଦିର ସମ୍ମୁଖ ରାସ୍ତାରେ କୃତ୍ରିମ ବନ୍ୟା ସୃଷ୍ଟି ହେଲା। ପରିସ୍ଥିତି ଏପରି ହେଲା ଶେଷରେ କାର୍, ବସ୍ ଓ ବାଇକ ଭାସିଲା। ଲୋକଙ୍କ ଘରେ ପାଣି ପଶି ଲକ୍ଷ ଲକ୍ଷ ଟଙ୍କାର ଧନ ସମ୍ପତ୍ତି ନଷ୍ଟ ହେଲା। ସ୍ଥାନୀୟ ଅଞ୍ଚଳର ଜନସାଧାରଣ ନାହିଁ ନ ଥିବା ସମସ୍ୟା ଭୋଗିଲେ। ଓଡ୍ରାଫ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ କଲା। ତଦନ୍ତ ପରେ ପ୍ରଶାସନ ଜାଣିବାକୁ ପାଇଲା ଇସ୍କନର ଜବରଦଖଲ ଯୋଗୁ ଡ୍ରେନ ପୋତି ହୋଇ ଏହି ସମସ୍ୟା ସୃଷ୍ଟି ହେଲା। ଗତ ଜୁଲାଇ ୨୮ରେ ଇସ୍କନ ଦ୍ୱାରା ହୋଇଥିବା ଜବରଦଖଲକୁ ଉଚ୍ଛେଦ କରିବା ବେଳେ ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ଉପରକୁ ପଥର, ଟେକାମାଡ଼ କରିବାକୁ ଇସ୍କନର ସାଧୁ ଓ ଶ୍ରଦ୍ଧାଳୁମାନେ ପଛଘୁଞ୍ଚା ଦେଲେ ନାହିଁ। ଏଥିରେ ସରକାରୀ ଅଧିକାରୀ ଓ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ସରକାର ଯେତେବେଳେ ଆଇନ ଉଲ୍ଲଂଘନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଆଗେଇ ଆସିଲେ, ଏହି ଇସ୍କନ ଭକ୍ତ ଓ ସମର୍ଥକମାନେ ସରକାରୀ କାର୍ଯ୍ୟରେ ବାଧକ ସାଜିଲେ। ଜବରଦଖଲ ଉଚ୍ଛେଦ କରାଗଲା ପରେ ମଧ୍ୟ ଇସ୍କନ କର୍ତ୍ତୃପକ୍ଷ ଆଇନକୁ ମାନିବାକୁ ପ୍ରସ୍ତୁତ ନାହାନ୍ତି। ଏତେସବୁ ଘଟଣା ଘଟିବା ପରେ ବି ଇସ୍କନ କର୍ତ୍ତୃପକ୍ଷଙ୍କ ମନ ଶାନ୍ତି ହେଲା ନାହିଁ। ଜୁଲାଇ ୨୮ରେ ଯେଉଁ ସ୍ଥାନରୁ ଜବରଦଖଲ ଉଚ୍ଛେଦ କରାଗଲା ପୁଣି ଉକ୍ତ ଜାଗାକୁ ତାରବାଡ ଜାଲି ଘେରାଉ କରି ପୃଷ୍ଠା-୪



ଉଚ୍ଛେଦ ପୂର୍ବରୁ ସରକାରୀ ଜମିରେ ଥିବା ଇସ୍କନର ଭଜନ କୁଟୀର (ବୃତ୍ତ ଚିହ୍ନିତ)।



“ଭାଜପା ଆର୍ଏସ୍ଏସ୍ ବିଚାରଧାରାକୁ ଆପଣାଇଛି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ କାର୍ଯ୍ୟକାରୀ କରୁଛନ୍ତି। ସଂଘ ବିଚାରଧାରା ଦେଶ ପାଇଁ ବିଷ। ତେଣୁ ଏହା ବିରୋଧରେ ଲଢ଼େଇ କରୁଛୁ।

-ମଲ୍ଲିକାର୍ଜୁନ ଖାର୍ଗେ, ଲୋକ ସଭାରେ କଂଗ୍ରେସ ନେତା



## ସଂକ୍ଷେପରେ

### କୈଳାସ ମାନସରୋବର ଯାତ୍ରା କରିବେ ରାହୁଲ

**ନୂଆଦିଲ୍ଲୀ, ୨୯।୮ (ପି.ଟି.):** କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସେପ୍ଟେମ୍ବର ପ୍ରଥମ ସପ୍ତାହରେ କୈଳାସ ମାନସରୋବର ଯାତ୍ରା କରିବେ। କର୍ଣ୍ଣାଟକ ବିଧାନସଭା ନିର୍ବାଚନ ବେଳେ ସେ ଏହି ପବିତ୍ର ପୀଠ ପରିଦର୍ଶନ ଲାଗି ଇଚ୍ଛାବ୍ୟକ୍ତ କରିଥିଲେ। ଗତ ଏପ୍ରିଲ ୨୯ରେ ରାମଲୀଳା ମଇଦାନରେ ଆୟୋଜିତ ‘ଜନ ଆକ୍ରୋଶ ରାଲି’ରେ ଏନେଇ ସେ ବିଧିବଦ୍ଧ ଘୋଷଣ କରିଥିଲେ। ଏବେ ପ୍ରତିଶ୍ରୁତି ରକ୍ଷାକରି ସେ ଅଗଷ୍ଟ ୩୧ ରାତିରୁ କୈଳାସ ମାନସରୋବର ଅଭିମୁଖେ ଯାତ୍ରା ଆରମ୍ଭ କରିବେ। ଚାରି ପାଞ୍ଚଦିନ ପରେ ସେ ସେଠାରୁ ଫେରିଆସିବେ ବୋଲି ଜଣାପଡ଼ିଛି। ରାହୁଲ ନେପାଳ ରୁଟ୍ ଦେଇ ଏହି ଯାତ୍ରା କରିବା ଲାଗି ବହିର୍ବ୍ୟାପାର ମନ୍ତ୍ରଣାଳୟର ଅନୁମତି ଲୋଡ଼ିଥିବା ଦଳୀୟ ସୂତ୍ରରୁ ପ୍ରକାଶ।

### ଶାହଙ୍କ ନାଁରେ ମାନହାନି ମାମଲା

#### ଦାଏର କଲେ ମମତାଙ୍କ ପୁତୁରା



**କୋଲ୍କାତା, ୨୯।୮ (ପି.ଟି.):** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ତଥା ତୃଣମୂଳ କଂଗ୍ରେସ (ଟିଏମ୍ସି)ର ଯୁବ ଶାଖା ମୁଖ୍ୟ ଅଭିଷେକ ବାନାର୍ଜୀ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ନାଁରେ ମାନହାନି ମକଦ୍ଦମା ଦାଏର କରିଛନ୍ତି। ଗତ ୧୧ ତାରିଖରେ କୋଲ୍କାତାରେ ଆୟୋଜିତ ଏକ ରାଲିରେ ଶାହ ତାଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ସେ ଅଭିଯୋଗ କରିଛନ୍ତି। ଟିଏମ୍ସି ଏମ୍ପି ଅଭିଷେକ ବୁଧବାର କୋଲ୍କାତାର ମୁଖ୍ୟ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ କୋର୍ଟର ଅଷ୍ଟମ ଖଣ୍ଡପୀଠ ନିକଟରେ ଅଭିଯୋଗପତ୍ର ଦାଖଲ କରିଛନ୍ତି। ଏହାପରେ ଶାହଙ୍କୁ ନୋଟିସ ଦେବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେପ୍ଟେମ୍ବର ୨୮ରୁ ଏହି ଫୌଜଦାରି ମାମଲାର ଶୁଣାଣି ଆରମ୍ଭ ହେବ।

### ପଶ୍ଚିମବଙ୍ଗରେ ହିଂସା: ୩ ମୃତ

**ବାରାସତ୍, ୨୯।୮ (ପି.ଟି.):** ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲାରେ ପଞ୍ଚାୟତ ବୋର୍ଡ ଗଠନକୁ ନେଇ ହିଂସା ଘଟିଛି। ଭିନ୍ନ ଭିନ୍ନ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୩ ଜଣ ପ୍ରାଣ ହରାଇଛନ୍ତି। ଅନ୍ୟ ୧୭ ଜଣ ମଧ୍ୟ ଆହତ ହୋଇଥିବା ବୁଧବାର ପୋଲିସ ସୂଚନା ଦେଇଛି। ଆମ୍ଡାଙ୍ଗା ବ୍ଲକ୍ରେ ମଙ୍ଗଳବାର ରାତିରେ ଦୁଇ ଗୋଷ୍ଠୀ ପରସ୍ପରକୁ ବୋମା ଫିଙ୍ଗିବା ସହ ଗୁଳିମାଡ଼ କରିଥିଲେ। ବୁଧବାର ସକାଳେ ଏହି ହିଂସା ଜିଲାର ବାର୍ଗାଚିଆ, ତାରାବେରିଆ ଓ ମହିସ୍ଗାଚି ଅଞ୍ଚଳକୁ ବ୍ୟାପିଯାଇଥିଲା। ହିଂସାକାଣ୍ଡ ଭିଆଇବା ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟ ୧୨ ଜଣଙ୍କୁ ଅଟକ ରଖାଯାଇଛି। ସିପିଏମ୍ ଏବଂ ଭାଜପା ହିଂସା ସୃଷ୍ଟି କରୁଥିବା ଟିଏମ୍ସି ଅଭିଯୋଗ କରିଛି।

■ ବାର୍ବରାଙ୍କ ସମେତ ୫ ଜଣଙ୍କୁ ଆଶ୍ୱସ୍ତି

# ୬ ଯାଏ ଗୃହବନ୍ଦୀ ରହିବେ

**ନୂଆଦିଲ୍ଲୀ, ୨୯।୮ (ପି.ଟି.)**

ଭୀମା-କୋରେଗାଓଁ ହିଂସା ମାମଲାରେ ଗିରଫ ହୋଇଥିବା ୫ ମାନବାଧିକାର କର୍ମୀଙ୍କୁ ବୁଧବାର ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିଛି। ଆସନ୍ତା ୬ ତାରିଖ ଯାଏ ସେମାନେ ଗୃହବନ୍ଦୀ ରହିବେ ବୋଲି ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଏମାନଙ୍କୁ ଏବେ ଜେଲକୁ ପଠାଯିବ ନାହିଁ। ପୋଲିସ ନଜରରେ ଏମାନେ ଗୃହବନ୍ଦୀ ହୋଇ ରହିବେ।

ଗତବର୍ଷ ଡିସେମ୍ବର ୩୧ରେ ମହାରାଷ୍ଟ୍ରର ପୁଣେ ନିକଟସ୍ଥ ଭୀମା-କୋରେଗାଓଁରେ ‘ଏଲ୍ଗାର ପରିଷଦ’ ନାମରେ ଏକ କାର୍ଯ୍ୟକ୍ରମ ହୋଇଥିଲା। ଏହା ପରେ ଦଳିତ ଓ ଉଚ୍ଚବର୍ଗର ପେଶଓ୍ୱାଙ୍କ ମଧ୍ୟରେ ହିଂସା ଘଟିଥିଲା। ପୁଣେ ପୋଲିସ ଏହାର ତଦନ୍ତ ପାଇଁ ମଙ୍ଗଳବାର ଏକକାଳୀନ ୬ଟି ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୫ ଜଣଙ୍କୁ ଗିରଫ କରିଥିଲା। ସେମାନେ ହେଲେ ହାଇଦ୍ରାବାଦର ବିଶିଷ୍ଟ ତେଲୁଗୁ କବି ବାର୍ବରା ରାଓ, ମୁମ୍ବାଇର ମାନବାଧିକାର କର୍ମୀ ଅରୁଣ ଫରେଇରା, ଫରିଦାବାଦ୍ର ଟ୍ରେଡ୍ ୟୁନିୟନ୍ କର୍ମୀ ସୁଧା ଭରଦ୍ୱାଜ, ନୂଆଦିଲ୍ଲୀର ନାଗରିକ ସ୍ୱାଧୀନତା କର୍ମୀ ଗୌତମ ନଭ୍ଲଖା ଓ ମୁମ୍ବାଇର ପୂର୍ବତନ ଅଧ୍ୟାପକ ଭର୍ନନ ଗନ୍ସାଲଭେସ୍। ଏହି ଗିରଫଦାରିକୁ ଐତିହାସିକ ରୋମିଲା ଥାପର, ଅର୍ଥନୀତିଜ୍ଞ ପ୍ରଭାତ ପଟ୍ଟନାୟକ ଏବଂ ଦେବିକା ଜୈନଙ୍କ ସମେତ ୫ ବୁଦ୍ଧିଜୀବୀ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରି ଏକ ପିଟିଶନ ଦାଏର କରିଛନ୍ତି।



“ଅସହମତି ହେଉଛି ଗଣତନ୍ତ୍ରର ସେଫ୍ଟି ଭାଲ୍ଭ। ଏହା ନ ଥିଲେ ବିସ୍ଫୋରଣ ଘଟିପାରେ। -ସୁପ୍ରିମକୋର୍ଟ

ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଏ.ଏମ୍. ଖାନ୍ୱିଲକର ଏବଂ ଡି.ଓ୍ୱାଇ. ଚନ୍ଦ୍ରଚୂଡ଼ଙ୍କୁ ନେଇ ଗଠିତ ଖଣ୍ଡପୀଠ ବୁଧବାର ଏହାର ଶୁଣାଣି କରିଛନ୍ତି। ଭୀମା-କୋରେଗାଓଁ ଘଟଣାର ପ୍ରାୟ ୯ ମାସ ପରେ ଏମାନଙ୍କୁ ଗିରଫ କରିବାର କାରଣ କ’ଣ ବୋଲି ମହାରାଷ୍ଟ୍ର ପୋଲିସକୁ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ମତଭେଦ ବା ଅସହମତି ହେଉଛି ଗଣତନ୍ତ୍ରର ସେଫ୍ଟି ଭାଲ୍ଭ। ଏହା ନ ଥିଲେ ବିସ୍ଫୋରଣ ଘଟିପାରେ ସୁପ୍ରିମକୋର୍ଟ ଏହି ପରିପ୍ରେକ୍ଷୀରେ ସର୍ବୋଚ୍ଚ ଅଦାଲତ ମହାରାଷ୍ଟ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଅଭିଯୁକ୍ତମାନେ କେତେକ ହାଇକୋର୍ଟରେ ଆବେଦନ କରିସାରିଥିବାରୁ ମାମଲା ସହ ସମ୍ପର୍କ ନ ଥିବା ବାହାର ଲୋକ ସେମାନଙ୍କ ପାଇଁ କିପରି ପିଟିଶନ ଦାଏର କରିଛନ୍ତି ବୋଲି ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଆଇନଜୀବୀ ପ୍ରଶ୍ନ କରିଛନ୍ତି। ଖଣ୍ଡପୀଠ ଏହି ପ୍ରସଙ୍ଗରେ ସେପ୍ଟେମ୍ବର ୬ରେ ଶୁଣାଣି କରିବାକୁ ଧାର୍ଯ୍ୟ କରିଛନ୍ତି।

### ମହାରାଷ୍ଟ୍ର ସରକାରଙ୍କୁ ଏନ୍ଏଚ୍ଆର୍ସି ନୋଟିସ

**ନୂଆଦିଲ୍ଲୀ, ୨୯।୮ (ଆଇଏଏନ୍ଏସ୍)** ୫ ନାଗରିକ ଅଧିକାର କର୍ମୀଙ୍କୁ ଗିରଫ କରାଯିବାବେଳେ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଜ୍ୟୁର୍ (ଏସ୍ଓପି) ପାଳନ କରାଯାଇ ନ ଥିଲା। ଏହି ଗିରଫଦାରି ମାନବାଧିକାର ଉଲ୍ଲଂଘନ ସହ ସମାନ ବୋଲି ବୁଧବାର ଜାତୀୟ ମାନବ ଅଧିକାର କମିଶନ (ଏନ୍ଏଚ୍ଆର୍ସି) କହିଛନ୍ତି। ଏହାସହ ଏମାନଙ୍କୁ କେଉଁ ଆଧାରରେ ଗିରଫ କରାଯାଇଛି ସେନେଇ ମହାରାଷ୍ଟ୍ର ସରକାରଙ୍କୁ ରିପୋର୍ଟ ମାଗିଛନ୍ତି ଏନ୍ଏଚ୍ଆର୍ସି। ମହାରାଷ୍ଟ୍ର ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କୁ ୪ ସପ୍ତାହ ମଧ୍ୟରେ ରିପୋର୍ଟ ତଲବ କରାଯାଇଛି। ମଙ୍ଗଳବାର ୫ ଜଣଙ୍କୁ ଗିରଫ କରିବା ପରେ ଏନ୍ଏଚ୍ଆର୍ସି ନିଜ ଆଡ଼ୁ ମହାରାଷ୍ଟ୍ରକୁ ନୋଟିସ ଜାରି କରିଥିବା ଜଣାପଡ଼ିଛି।



“ଯେଉଁମାନେ ମାନବାଧିକାର ଉଲ୍ଲଂଘନ ବିରୋଧରେ ସ୍ୱର ଉଠାଉଛନ୍ତି ଏବଂ ଦଳିତ ଓ ଆଦିବାସୀଙ୍କ ଅଧିକାର ପାଇଁ ଲଢ଼େଇ କରୁଛନ୍ତି ସେମାନଙ୍କୁ ଟାର୍ଗେଟ କରାଯାଉଛି।

–ସୁଧା ଭରଦ୍ୱାଜ, ଟ୍ରେଡ୍ ୟୁନିୟନ୍ କର୍ମୀ ଓ ଆଇନଜୀବୀ



“ରାଜନୈତିକ ମତଭେଦ ବିରୋଧରେ ଏହା ପ୍ରତିଶୋଧ ପରାୟଣ ଓ ଭୀରୁ ସରକାରଙ୍କ ଏକ ରାଜନୈତିକ ଷଡ଼ଯନ୍ତ୍ର। ଭୀମା-କୋରେଗାଓଁ ହିଂସାର ପ୍ରକୃତ ଅପରାଧୀଙ୍କୁ ଘଣ୍ଟ ଘୋଡ଼ାଇବା ପାଇଁ ସରକାର ଲୋକଙ୍କ ଧ୍ୟାନ ହଟାଇବା ସକାଶେ ଆମକୁ ଟାର୍ଗେଟ କରାଯାଇଛି।

–ଗୌତମ ନଭ୍ଲଖା, ନାଗରିକ ସ୍ୱାଧୀନତା କର୍ମୀ



“ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ସାଧାରଣ ଜନତାଙ୍କ ସମର୍ଥନ ହରାଇ ବିଚଳିତ ହୋଇପଡ଼ିଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର ହୋଇଥିଲା ବୋଲି କହି ସେମାନେ ସହାନୁଭୂତି ହାସଲ କରିବାକୁ ଉଦ୍ୟମ କରୁଛନ୍ତି। କିନ୍ତୁ ଏହା ସେମାନଙ୍କୁ ଓଲଟା ପରିଣାମ ଦେବ।

–ପ୍ରଭାତ ପଟ୍ଟନାୟକ, ବିଶିଷ୍ଟ ଅର୍ଥନୀତିଜ୍ଞ



“ବାମ ବା ଦକ୍ଷିଣ ପନ୍ଥୀ ଚିନ୍ତାଧାରାରେ ଉଦ୍ବୁଦ୍ଧ ହେବା ଜଣଙ୍କର ବ୍ୟକ୍ତିଗତ ସ୍ୱାଧୀନତା। କୌଣସି ହିଂସାରେ ସମ୍ପୃକ୍ତ ନ ଥିବା ମାନବାଧିକାର କର୍ମୀମାନଙ୍କୁ ଗିରଫ କରିବା ନିନ୍ଦନୀୟ।

– ପି. ଚିଦାମ୍ବରମ୍, ବରିଷ୍ଠ କଂଗ୍ରେସ ନେତା



“ଯିଏ ଗରିବଙ୍କ ନିର୍ଯାତନା ବିରୋଧରେ ସ୍ୱର ଉଠାଇ ଏକଚ୍ଛତ୍ରବାଦ ଶାସନକୁ ନିନ୍ଦା କରିବେ ତାଙ୍କୁ ଆର୍ଏସ୍ଏସ୍ର ନୂଆ ଇଣ୍ଡିଆରେ ଗିରଫ କରାଯିବ।

– ତେଜସ୍ୱୀ ଯାଦବ, ଆର୍ଜେଡି ନେତା

## ପରଲୋକରେ ଏନ୍ଟିଆର୍ଙ୍କ ପୁଅ ହରିକ୍ରିଷ୍ଣା

### ଦୁର୍ଘଟଣାରେ ଜୀବନ ଗଲା



**ହାଇଦ୍ରାବାଦ/ଅମରାବତୀ, ୨୯।୮ (ପି.ଟି.)**

ତେଲୁଗୁ ସିନେମା ଇଣ୍ଡଷ୍ଟ୍ରିର ପିତାମହ ତଥା ଅବିଭାଜିତ ଆନ୍ଧ୍ରପ୍ରଦେଶରେ ୩ ଥର ମୁଖ୍ୟମନ୍ତ୍ରୀ ହୋଇଥିବା ଏନ୍.ଟି. ରାମାରାଓଙ୍କ ପୁଅ ନନ୍ଦାମୁରୀ ହରିକ୍ରିଷ୍ଣାଙ୍କ ପରଲୋକ ହୋଇଛି। ତେଲେଙ୍ଗାନାର ନାଲଗୋଣ୍ଡା ଜିଲାରେ ବୁଧବାର ଏକ କାର ଦୁର୍ଘଟଣାରେ ସେ ପ୍ରାଣ ହରାଇଛନ୍ତି। ତାଙ୍କୁ ୬୨ ବର୍ଷ ହୋଇଥିଲା। ଅଭିନେତାରୁ ରାଜନେତା ହୋଇଥିବା ହରିକ୍ରିଷ୍ଣାଙ୍କ ବିୟୋଗ ପରେ ଶୋକର ଛାୟା ଖେଳିଯାଇଛି। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ଶାଳକ ହରିକ୍ରିଷ୍ଣା କେତେଜଣ ସହଯୋଗୀଙ୍କ ସହ ମିଶି ଏକ ବିବାହ ଭୋଜିରେ ଯୋଗଦେବା ଲାଗି ନେଲ୍ଲୋର ଜିଲା ଅଭିମୁଖେ ଯାତ୍ରା କରୁଥିଲେ। ନାଲଗୋଣ୍ଡା ରାଜପଥରେ ଅତିକ୍ରମ କରିବାବେଳେ ଡ୍ରାଇଭର ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇ ଏକ ଡିଭାଇଡର ଉପରେ ଚଢ଼ାଇଦେଲେ। ଏହାପରେ ଗାଡ଼ିଟି ମାଡ଼ିଯାଇ ଅପରପାର୍ଶ୍ୱରେ ଥିବା ରାଜପଥକୁ ଯାଇ ଆଉ ଏକ କାରକୁ ଧକ୍କା ଦେଇଥିଲା। ପୂର୍ବତନ ରାଜ୍ୟ ସଭା ସଦସ୍ୟ ହରିକ୍ରିଷ୍ଣାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିବା ଯୋଗୁ ଗୁରୁତର ଅବସ୍ଥାରେ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କର ଦୁଇ ସହଯୋଗୀ ଆହତ ହୋଇଛନ୍ତି। ଦୁର୍ଘଟଣା ବିଷୟରେ ଖବର ପାଇ ହରିକ୍ରିଷ୍ଣାଙ୍କ ପୁଅ ତଥା ଅଭିନେତା ଜୁନିୟର ଏନ୍ଟିଆର୍ ଏବଂ କଲ୍ୟାଣରାମ ହସ୍ପିଟାଲକୁ ଯାଇଥିଲେ। ହରିକ୍ରିଷ୍ଣା ଥିଲେ ଏନ୍.ଟି. ରାମାରାଓଙ୍କ ଚତୁର୍ଥ ପୁତ୍ର ଏବଂ ଟିଡିପିର ପଲିଟ୍ବ୍ୟୁରୋ ସଦସ୍ୟ। ଅଭିନେତା ଓ ରାଜନେତା ଭାବେ ସେ ବେଶ୍ ଲୋକପ୍ରିୟ ଥିଲେ। ତାଙ୍କ ଇହଲୀଳା ସମ୍ବରଣ ପରେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଏବଂ ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ଇ.ଏସ୍.ଏଲ୍. ନରସିଂହନ୍ ଶୋକବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ନାଇଡୁଙ୍କ ସମେତ ରାଜନୀତି ଓ ସିନେମା ଜଗତର ଅନେକ ବ୍ୟକ୍ତିବିଶେଷ ମଧ୍ୟ ଶୋକବାର୍ତ୍ତା ଦେଇଛନ୍ତି। ଅଭିନେତା ମହେଶ ବାବୁ କହିଛନ୍ତି, ହରିକ୍ରିଷ୍ଣାଙ୍କ ଅକାଳ ବିୟୋଗ ଖବର ତାଙ୍କୁ ମର୍ମାହତ କରିଛି। ବିଶିଷ୍ଟ ଅଭିନେତା ଜଗପଥି ବାବୁ, ନାୟକ ଆଲ୍ଲୁ ଅର୍ଜୁନ, ରାମ ଚରଣ ଏବଂ ନାଗାର୍ଜୁନ ମଧ୍ୟ ଶୋକବ୍ୟକ୍ତ କରିଛନ୍ତି। ହାଇଦ୍ରାବାଦସ୍ଥିତ ବାସଭବନରେ ହରିକ୍ରିଷ୍ଣାଙ୍କ ଶେଷ ଦର୍ଶନ ପାଇଁ ଉଭୟ ତେଲେଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶରୁ ନେତାମାନେ ଆସିଥିଲେ। ଗୁରୁବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ।

## ଫୁର୍ସତ

# ଆଦିମ ଅଧିବାସୀଙ୍କ ରହସ୍ୟମୟ ଭୂଖଣ୍ଡ



**ନୂଆଦିଲ୍ଲୀ:** ବିଶ୍ୱର ଅପୂର୍ବ ପ୍ରାକୃତି ସୌନ୍ଦର୍ଯ୍ୟଭରା ଦ୍ୱୀପଗୁଡ଼ିକ ମଧ୍ୟରେ ଭାରତର ଆଣ୍ଡାମାନ ନିକୋବର ହେଉଛି ଅନନ୍ୟ। ଏଠାରେ ଅନେକ ଜନଶୂନ୍ୟ ଦ୍ୱୀପ ମଧ୍ୟ ରହିଛି। ଚଳିତମାସ ଆରମ୍ଭରେ ଏହି ଜନଶୂନ୍ୟ ଦ୍ୱୀପଗୁଡ଼ିକୁ ପର୍ଯ୍ୟଟକଙ୍କ ପାଇଁ ଖୋଲି ଦେଇଛନ୍ତି ଭାରତ ସରକାର। ଛୋଟବଡ଼ ୩୦୦ ଦ୍ୱୀପ ମଧ୍ୟରୁ ୨୯ଟି ଲୋକଙ୍କ ବାସସ୍ଥଳୀ ଏବଂ ୧୧ଟି ଜନଶୂନ୍ୟ ଦ୍ୱୀପ ରହିଛି। ଫଳରେ ଗତ କିଛିଦିନ ମଧ୍ୟରେ ଏଠାକୁ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି।

ଆଣ୍ଡମାନ ନିକୋବରରେ ଥିବା କେତେକ ଦ୍ୱୀପ ହିଂସ୍ର ଆଦିମ ଅଧିବାସୀଙ୍କ ବାସସ୍ଥଳୀ ପାଲଟିଛି। ସେଠାକୁ ମଣିଷ ତ ଦୂରର କଥା ସାମାନ୍ୟତମ କୀଟପତଙ୍ଗର ପ୍ରବେଶ ମଧ୍ୟ ବାରଣ। ଦ୍ୱୀପପୁଞ୍ଜର ନର୍ଥ ସେଣ୍ଟିନେଲ ଦ୍ୱୀପରେ ଏଭଳି ଏକ ରହସ୍ୟମୟ ଆଦିମ ଆଧିବାସୀ ବସବାସ କରନ୍ତି, ଯେଉଁମାନଙ୍କର ଆଧୁନିକ ଦୁନିଆ ସହ କୌଣସି ସମ୍ପର୍କ ନାହିଁ। ଏହି ଆଦିମ ଅଧିବାସୀଙ୍କ ଅସ୍ତିତ୍ୱ ୬୦,୦୦୦ ବର୍ଷ ପୁରୁଣା ବୋଲି କୁହାଯାଏ। ସେମାନେ ପ୍ରସ୍ତର ଯୁଗରୁ ଏଠାରେ ରହୁଥିବା ଅନୁମାନ କରାଯାଏ। ବର୍ତ୍ତମାନ ସେମାନଙ୍କ ଜନସଂଖ୍ୟା କେତେ ତାହା ମଧ୍ୟ ଅନୁମାନ କରିବା କଷ୍ଟକର। କିନ୍ତୁ ୧୦୦ରୁ ୨୦୦ ଲୋକ ବୋଲି ଅନୁମାନ କରାଯାଏ। ଏହି ଦ୍ୱୀପର ଦୃଶ୍ୟ ସବୁ ଦ୍ୱୀପ ଭଳି ଅତି ଶାନ୍ତ ଏବଂ ସୁନ୍ଦର। କିନ୍ତୁ ଆଦିମ ଅଧିବାସୀଙ୍କ ଆତଙ୍କ ଯୋଗୁ ପର୍ଯ୍ୟଟକ କିମ୍ବା ମତ୍ସ୍ୟଜୀବୀ ସେଠାକୁ ଯିବା ପାଇଁ ସାହସ କରି ନ ଥାନ୍ତି। ଏମାନେ ବିଶ୍ୱର ସବୁଠାରୁ ହିଂସ୍ର ଜନଜାତି ବୋଲି କୁହାଯାଏ। ଭାରତ ସରକାର ମଧ୍ୟ ସେମାନଙ୍କ ଭୂଖଣ୍ଡରେ ଦଖଲ ଦେବାକୁ ଚେଷ୍ଟା କରି ନ ଥାନ୍ତି। ନର୍ଥ ସେଣ୍ଟିନେଲ ଦ୍ୱୀପର ଜନଜାତି ଗ୍ରହର ସବୁଠୁ ଦୁର୍ବଳ ଆଦିବାସୀ ବୋଲି ‘ସର୍ଭାଇଭାଲ ଇଣ୍ଟରନ୍ୟାଶ୍ନାଲ’ ନାମକ ଏକ ସଂସ୍ଥା ପକ୍ଷରୁ କୁହାଯାଇଛି।

## ପ୍ରଦର୍ଶନ ହେବ ମେଘାନ୍ଙ୍କ ଓ୍ୱେଡିଂ ଗାଉନ୍



**ଲଣ୍ଡନ:** ପୁଣି ଚର୍ଚ୍ଚା କେନ୍ଦ୍ରକୁ ଆସିଛି ବ୍ରିଟିଶ ରାଜପରିବାରର କନିଷ୍ଠ ଯୁବରାଣୀ ମେଘାନ୍ ମର୍କଲେଙ୍କ ଓ୍ୱେଡିଂ ଗାଉନ୍। ଓ୍ୱିଣ୍ଡସର୍ କ୍ୟାସ୍ ରୟାଲ୍ ଚର୍ଚ୍ଚରେ ପ୍ରିନ୍ସ ହ୍ୟାରିଙ୍କୁ ଜୀବନସାଥୀ ଭାବେ ପ୍ରତିଜ୍ଞା ନେବା ବେଳେ ଯୁବରାଣୀ ମେଘାନ୍ ଯେଉଁ ଗାଉନ୍ ପରିଧାନ କରିଥିଲେ ଉକ୍ତ ଗାଉନ୍କୁ ଏବେ ପ୍ରଦର୍ଶନ କରାଯିବ ବୋଲି ଜଣାପଡ଼ିଛି। ଓ୍ୱିଣ୍ଡସର୍ କ୍ୟାସଲ୍ଠାରେ ଏହାକୁ ଜନସାଧାରଣ ଦେଖିବାକୁ ପାଇପାରିବେ। ଚଳିତବର୍ଷ ଅକ୍ଟୋବର ୨୬ରୁ ଆସନ୍ତାବର୍ଷ ଜାନୁୟାରୀ ୨୬ ଯାଏ ଏହା ଓ୍ୱିଣ୍ଡସର୍ କ୍ୟାସଲ୍ରେ ପ୍ରଦର୍ଶନ ହେବ। ଏହାପରେ ୨୦୧୯ ଜୁନ୍ ୧୪ରୁ ଅକ୍ଟୋବର ୬ ଯାଏ ଏଡିନ୍ବର୍ଗର ହୋଲିରୁଡ୍ଠାରେ ସ୍ୱତନ୍ତ୍ର ପ୍ରଦର୍ଶନ କରାଯିବ।

### ଇତିହାସର ଆଇନାରେ

#### ଅଗଷ୍ଟ ୩୦ର ପ୍ରମୁଖ ଘଟଣା

୧୯୮୧ ଅଗଷ୍ଟ ୩୦ରେ ଇରାନ ରାଷ୍ଟ୍ରପତି ମହମ୍ମଦ ଅଲି ରାଜାଇ ଏବଂ ପ୍ରଧାନମନ୍ତ୍ରୀ ମହମ୍ମଦ ଜାଭାଦ୍ ବାହୋନାର୍ଙ୍କୁ ହତ୍ୟା କରାଯାଇଥିଲା। ପିପୁଲ୍ସ ମୁଜାହିଦ୍ଦିନ ଗୋଷ୍ଠୀ ବିସ୍ଫୋରଣ ଜରିଆରେ ଦୁଇନେତାଙ୍କୁ ହତ୍ୟା କରିଥିଲା। ରାଜାଇ ଥିଲେ ଦେଶର ଦ୍ୱିତୀୟ ନିର୍ବାଚିତ ରାଷ୍ଟ୍ରପତି। ସେ ୧୯୮୧ ଅଗଷ୍ଟ ୨ରେ ଦେଶର ରାଷ୍ଟ୍ରପତି ହୋଇଥିଲେ। ପୂର୍ବରୁ ଆବୋଲ ହାସାନ୍ ବାନିସାଦର ରାଷ୍ଟ୍ରପତି ଥିବାବେଳେ ସେ ପ୍ରଧାନମନ୍ତ୍ରୀ ଥିଲେ।

୧୯୭୪ ଅଗଷ୍ଟ ୩୦ରେ ଯୁଗୋସ୍ଲାଭିଆର ଜାଗ୍ରେବ୍ରେ ବେଲ୍ଗ୍ରେଡ୍-ଡର୍ଟମୁଣ୍ଡ ଟ୍ରେନ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୧୫୩ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୬୦ ଜଣ ଆହତ ହୋଇଥିଲେ। ଟ୍ରେନ୍ଟି ଦ୍ରୁତଗତିରେ ଯାଉଥିବା କାରଣରୁ ଦୁର୍ଘଟଣାର ଶିକାର ହୋଇଥିଲା ବୋଲି ପରେ ଜଣାପଡ଼ିଥିଲା। ଦୁର୍ଘଟଣା ସମୟରେ ଟ୍ରେନ୍ରେ ୪୦୦ ଲୋକ ଯାତ୍ରା କରୁଥିଲେ।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୭ | ୨୫.୦ |
| ଚାନ୍ଦବାଲି | ୩୧.୦ | ୨୫.୫ |
| କଟକ | ୩୧.୬ | ୨୪.୨ |
| ପାରାଦ୍ୱୀପ | ୩୦.୭ | ୨୬.୪ |
| ଭୁବନେଶ୍ୱର | ୩୨.୭ | ୨୫.୫ |
| ଗୋପାଳପୁର | ୩୧.୭ | ୨୬.୫ |
| ପୁରୀ | ୩୧.୬ | ୨୬.୪ |
| ଅନୁଗୋଳ | ୩୨.୭ | ୨୩.୦ |
| ବାରିପଦା | ୩୨.୨ | ୨୬.୬ |
| ଝାରସୁଗୁଡ଼ା | ୩୦.୮ | ୨୫.୪ |
| କେନ୍ଦୁଝର | ୩୨.୨ | ୨୩.୨ |
| ସମ୍ବଲପୁର | ୩୧.୦ | ୨୩.୧ |
| ସୁନ୍ଦରଗଡ଼ | --- | ୧୯.୦ |
| ହୀରାକୁଦ | ୩୧.୧ | ୨୨.୦ |
| ତାଳଚେର | ୩୧.୫ | ୨୪.୬ |
| ଭବାନୀପାଟଣା | --- | ୨୪.୦ |
| ବଲାଙ୍ଗୀର | ୩୦.୧ | ୨୪.୭ |
| କୋରାପୁଟ | ୨୬.୦ | ୨୦.୦ |
| ଫୁଲବାଣୀ | --- | ୨୩.୦ |
| ଟିଟିଲାଗଡ଼ | ୩୦.୦ | ୨୨.୦ |
| ମାଲକାନଗିରି | ୨୯.୦ | ୨୪.୬ |
| ସୋନପୁର | ୩୧.୪ | ୨୩.୬ |
| ଦାରିଙ୍ଗବାଡ଼ି | ୨୫.୦ | ୧୮.୦ |
| ଢେଙ୍କାନାଳ | ୩୧.୮ | ୨୫.୧ |

ଡିଗ୍ରୀ ସେଲ୍ସିୟସ୍

## ମାନିଲେ ବରୁଣ



**ନୂଆଦିଲ୍ଲୀ:** ବଲିଉଡ୍ର ହ୍ୟାଣ୍ଡସମ୍ ହଙ୍କ୍ ବରୁଣ ଧଓ୍ୱନ ଏବଂ ତାଙ୍କ ବାଲ୍ୟକାଳର ବାନ୍ଧବୀ ନତାଶା ଦଲାଲଙ୍କ ସମ୍ପର୍କକୁ ନେଇ ବଲିଉଡ୍ ଜଗତରେ ଦୀର୍ଘଦିନ ହେଲା ଚର୍ଚ୍ଚା ଚାଲିଛି। ଉଭୟଙ୍କୁ ବିଭିନ୍ନ ସମୟରେ ଏକାଠି ଦେଖିବାକୁ ମିଳିଲେ ସୁଦ୍ଧା ନତାଶାଙ୍କ ସହ ସମ୍ପର୍କକୁ ନେଇ ବରୁଣ ସବୁବେଳେ ମୌନ ରହୁଥିଲେ। ଏବେ ପ୍ରଥମକରି ପ୍ରେମ ଜୀବନ ବିଷୟରେ ସେ ମୁହଁ ଖୋଲିଛନ୍ତି। ନତାଶାଙ୍କ ସହ ତାଙ୍କ ପ୍ରେମ ସମ୍ପର୍କ ଥିବା ବରୁଣ ସ୍ପଷ୍ଟ କରିଛନ୍ତି। ବିବାହ ଯୋଜନା ବିଷୟରେ ମଧ୍ୟ ସେ କହିଛନ୍ତି। ଏକ ସାକ୍ଷାତକାରରେ ବରୁଣ କହିଛନ୍ତି, ତାଙ୍କ ଜୀବନରେ ନତାଶାଙ୍କ ସ୍ୱତନ୍ତ୍ର ସ୍ଥାନ ରହିଛି। ତାଙ୍କ ଯୋଗୁ ହିଁ ‘ବଦ୍ଲାପୁର’ ଏବଂ ‘ଅକ୍ଟୋବର’ ଭଳି ଫିଲ୍ମ କରିପାରିଛନ୍ତି। ସେ ଜଣେ ଅଭିନେତା ବୋଲି ନତାଶା ତାଙ୍କ ପ୍ରତି ଆକର୍ଷିତ ହୋଇନାହାନ୍ତି। ଦୁହେଁ ପରସ୍ପରକୁ ପିଲାବେଳୁ ଜାଣିଥିବାରୁ ସମ୍ପର୍କ ଅତି ନିବିଡ଼ ବୋଲି ସେ କହିଛନ୍ତି। ନତାଶାଙ୍କୁ ନିଶ୍ଚିତ ଜୀବନସାଥୀ କରିବେ ବୋଲି ବରୁଣ ସ୍ପଷ୍ଟ କରିଛନ୍ତି।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ୍-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



ସ୍ମାର୍ଟଫୋନ୍ ଦ୍ୱାରା ମଶାଙ୍କୁ ତଡ଼ିହେବା ହେର୍ଟ ଜିୟର ନାମକ ଏକ ଆପ୍ଲିକେସନ୍ ସ୍ମାର୍ଟଫୋନ୍‌ରେ ଲୋଡ୍ କଲେ ଏହା ମଶା କବଳରୁ ରକ୍ଷା କରିବା ଏହି ଆପ୍ଲିକେସନ୍ ଗୁଗୁଲ ଆପ୍ ଷ୍ଟୋରରୁ ସହଜରେ ଡାଉନଲୋଡ୍ କରିହେବା ଏହାକୁ ସ୍ମାର୍ଟଫୋନ୍‌ରେ ଇନଷ୍ଟଲ୍ କଲେ ଏକ ହାଇ ଫ୍ରିକ୍ୱେଏନ୍ସି ଶବ୍ଦ ସୃଷ୍ଟି ହେବା ମାତ୍ର ଏହାକୁ କେବଳ କୀଟ ପତଙ୍ଗ ଶୁଣିପାରିବେ। ଏହି ଶବ୍ଦ ସେମାନଙ୍କୁ ପସନ୍ଦ ହୋଇ ନ ଥାଏ। ତେଣୁ ସେମାନେ ଶବ୍ଦ ପରିସୀମାଠାରୁ ଦୂରରେ ରହିଥା'ନ୍ତି ବୋଲି ଗୁଗୁଲ ପକ୍ଷରୁ କୁହାଯାଇଛି।




■ ୯୯.୩% ବ୍ୟାନ୍ ନୋଟ୍ ଫେରିଛି: ଆର୍‌ବିଆଇ

# 'ଲକ୍ଷାଧିକ ନିଯୁକ୍ତି ହରାଇଲେ'

■ ବିମୁଦ୍ରୀକରଣର ଲକ୍ଷ୍ୟ ହାସଲ ହୋଇଛି: ଗର୍ଗ

■ କେନ୍ଦ୍ର ଶ୍ୱେତପତ୍ର ଜାରି କରୁ: କେଜରିୱାଲ

ମୁମ୍ବାଇ/ନୂଆଦିଲ୍ଲୀ,୨୯।୮

ବିମୁଦ୍ରୀକରଣର ୨୨ ମାସ ପରେ ରିଜର୍ଭ ବ୍ୟାଙ୍କ ବ୍ୟାନ୍ ହୋଇଥିବା ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍‌ର ଗଣତି ଶେଷ କରିଛି। ବ୍ୟାନ୍ ହୋଇଥିବା ନୋଟ୍‌ର ୯୯.୩% ବ୍ୟାଙ୍କକୁ ଫେରିଆସିଛି ବୋଲି ଆର୍‌ବିଆଇ ବୁଧବାର ଜାରି କରିଥିବା ୨୦୧୭-୧୮ ଆର୍ଥିକ ବର୍ଷର ବାର୍ଷିକ ରିପୋର୍ଟରେ ଦର୍ଶାଇଛି। ଆର୍‌ବିଆଇ ରିପୋର୍ଟ ପ୍ରକାଶ ପରେ କଂଗ୍ରେସ ବିମୁଦ୍ରୀକରଣ ଉପରେ ପ୍ରଶ୍ନ ଉଠାଇଛି। ଏହାଦ୍ୱାରା ଲକ୍ଷ ଲକ୍ଷ ବ୍ୟକ୍ତି ନିଯୁକ୍ତି ହରାଇଛନ୍ତି ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ପି.ଚିଦାମ୍ବରମ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାର ବିମୁଦ୍ରୀକରଣ ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି।

ବିମୁଦ୍ରୀକରଣ ବେଳେ ବ୍ୟାଙ୍କିଙ୍ଗ ସିଷ୍ଟମରେ ୧୫.୪୧ ଲକ୍ଷ କୋଟି ଟଙ୍କାର ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ପ୍ରଚଳନରେ ଥିଲା। ତନ୍ମଧ୍ୟରୁ ୧୫.୩୧ ଲକ୍ଷ କୋଟି ଟଙ୍କା ଫେରି ଆସିଛି। ଅର୍ଥାତ୍ ଚଳିତ ବର୍ଷ ଜୁନ୍ ୩୦ ସୁଦ୍ଧା ଏଥିରୁ ୧୦,୭୨୦ କୋଟି ଟଙ୍କା ଫେରିନି। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଏହାର ରିପୋର୍ଟରେ କୁହାଯାଇଛି ଯେ, ଅଚଳ ହୋଇଥିବା ନୋଟ୍‌ର ଗଣତି ସଫଳତାର ସହ ଶେଷ କରାଯାଇଛି। ବ୍ୟାନ୍ ହୋଇଥିବା ନୋଟ୍‌ର ଗଣତି, ଏହାର ହିସାବ ରଖିବା ଅତ୍ୟନ୍ତ କଷ୍ଟକର କାମ ଥିଲା। ସପ୍ତାହକୁ ୬ ଦିନ ୨୪ ଘଣ୍ଟା ଧରି ଅତ୍ୟାଧୁନିକ ମେଶିନ ସାହାଯ୍ୟରେ ନୋଟ୍ ଗଣନା କରାଯାଇଥିଲା ବୋଲି ରିପୋର୍ଟରେ ଦର୍ଶାଯାଇଛି। ଅପରପକ୍ଷରେ ଚଳିତ ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ବଜାରରେ ୧୮.୦୩ ଲକ୍ଷ କୋଟି ଟଙ୍କା ପ୍ରଚଳନରେ ରହିଛି। ରିଜର୍ଭ ବ୍ୟାଙ୍କ ପକ୍ଷରୁ ବିମୁଦ୍ରୀକରଣ ସମ୍ପର୍କିତ ରିପୋର୍ଟ ପ୍ରକାଶ ପରେ ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି.ଚିଦାମ୍ବରମ ଟୁଇଟ୍ ଜରିଆରେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ଆର୍‌ବିଆଇ ରିପୋର୍ଟ ଅନୁଯାୟୀ ସରକାର କେବଳ ୧୩ହଜାର କୋଟି ଟଙ୍କାର ବିମୁଦ୍ରୀକରଣ କରିଛନ୍ତି। କିନ୍ତୁ ଏଥିପାଇଁ ଦେଶକୁ ବହୁ ମୂଲ୍ୟ ଦେବାକୁ ପଡ଼ିଛି। ଦେଶର ଅର୍ଥନୀତି ଜିଡିପି ହିସାବରେ ୧.୫% ହ୍ରାସ ପାଇଛି। ଅର୍ଥାତ୍ ପ୍ରାୟ ବର୍ଷକରେ ୨.୨୫ ଲକ୍ଷ କୋଟି ଟଙ୍କାର କ୍ଷତି ହୋଇଛି। ଏଥିଯୋଗୁ ୧୦୦ ଜଣଙ୍କର ପ୍ରାଣ ଯାଇଛି ଓ ପ୍ରାୟ ଦେଢ଼ କୋଟି ଦିନ ମଜୁରିଆ ବହୁ ସପ୍ତାହ ଧରି ବେକାର ହୋଇ ବସିବାକୁ ବାଧ୍ୟ ହୋଇଛନ୍ତି। ହଜାର ହଜାର ସଂଖ୍ୟାରେ ଏମ୍‌ଏସ୍‌ଏମ୍‌ଇ ବନ୍ଦ ହୋଇଯିବା ଯୋଗୁ ଲକ୍ଷ ଲକ୍ଷ କର୍ମଚାରୀ ରାତାରାତି ବେକାର ହୋଇଯାଇଥିଲେ ବୋଲି ଚିଦାମ୍ବରମ ଅଭିଯୋଗ କରିଛନ୍ତି।

ଅପରପକ୍ଷରେ ବିମୁଦ୍ରୀକରଣକୁ କେନ୍ଦ୍ର ସରକାର ସମର୍ଥନ କରିଛନ୍ତି। ଏହାଦ୍ୱାରା ସରକାରଙ୍କ ଲକ୍ଷ୍ୟ ହାସଲ ହୋଇଛି ବୋଲି କେନ୍ଦ୍ର ଆର୍ଥିକ ବ୍ୟାପାର ସଚିବ ଏସ୍.ସି. ଗର୍ଗ ପ୍ରକାଶ କରିଛନ୍ତି। ବିମୁଦ୍ରୀକରଣ ଯୋଗୁ କଳାଧନ ସୃଷ୍ଟିକୁ ରୋକାଯାଇପାରିଛି। ସେହିପରି ଆତଙ୍କବାଦୀଙ୍କୁ ଆର୍ଥିକ ସହାୟତା ବନ୍ଦ ହେବା ସହ ଡିଜିଟାଲ ଟ୍ରାଞ୍ଜାକ୍ସନକୁ ପ୍ରୋତ୍ସାହିତ କରାଯାଇପାରିଛି। ଏବେ ଦେଶରେ ଅର୍ଥର ଅଭାବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ଏଏପି ସଂଯୋଜକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ରିଜର୍ଭ ବ୍ୟାଙ୍କ ରିପୋର୍ଟ ପ୍ରକାଶ ପରେ କେନ୍ଦ୍ର ସରକାରଙ୍କ ବିମୁଦ୍ରୀକରଣ ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି। ବିମୁଦ୍ରୀକରଣ ଦ୍ୱାରା ଦେଶର କ'ଣ ଲାଭ ହେଲା କେନ୍ଦ୍ର ସରକାର ଏନେଇ ଏକ ଶ୍ୱେତପତ୍ର ଜାରି କରନ୍ତୁ ବୋଲି ସେ ଦାବି କରିଛନ୍ତି।

# ପ୍ରେମିକାଙ୍କ ମା'ବାପାଙ୍କୁ ହତ୍ୟା

**ପ୍ରେମରେ ବିଫଳ ଯୁବକଙ୍କ ପ୍ରତିଶୋଧ**

■ କାଠ ଫାଳିଆରେ ପିଟି ଜୀବନ ନେଲେ

■ ସାନଝିଅ ଗୁରୁତର, ଉତ୍ତେଜନା

ଚାନ୍ଦବାଲି,୨୯।୮(ଡି.ଏନ.ଏ.)

ପ୍ରେମରେ ବିଫଳ ହୋଇଥିବା ଜଣେ ଯୁବକଙ୍କ କାଠ ଫାଳିଆ ମାଡ଼ରେ ପ୍ରେମିକାଙ୍କ ମା'ବାପାଙ୍କ ମୃତ୍ୟୁ ଘଟିଛି । ଏଥିରେ ତାଙ୍କ ସାନ ଝିଅ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି । ବୁଧବାର ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଧୀନ ମତୋ ପଞ୍ଚାୟତର ମାଳବାଡ ଗାଁରେ ଘଟିଥିବା ଏହି ଡବଲ ମର୍ଡର ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ପୋଲିସ ସେହି ଗ୍ରାମର ତ୍ରିଲୋଚନ ସେନାପତି ନାମକ ଜଣେ ଯୁବକଙ୍କୁ ଗିରଫ କରି ତନାଘନା ଚଳାଇଛି । ଏସ୍‌ଡିପିଓ ତରୁଣ କୁମାର ଦାସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ପ୍ରେମରେ ବିଫଳ ହେବାରୁ ଯୁବକ ଜଣଙ୍କ ପ୍ରତିଶୋଧପରାୟଣ ହୋଇ ଏପରି କାଣ୍ଡ ଘଟାଇଥିବା ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିବା ପୋଲିସ କହିଛି। ଅନ୍ୟପକ୍ଷେ ଏହି ଘଟଣା ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ପୋଲିସ ତ୍ରିଲୋଚନଙ୍କ ମା'ଙ୍କୁ ଥାନାକୁ ନେଇଛି । ତାଙ୍କ ବାପାଙ୍କୁ ଗିରଫ କରିବାକୁ ଗାଁ ଲୋକେ ଅଡ଼ି ବସିଛନ୍ତି । ଯଦି ତାଙ୍କୁ ଗିରଫ କରା ନ କଲେ ସେମାନେ ସ୍ୱରସ୍ୱତୀଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଛାଡିବେ ନାହିଁ ବୋଲି ଜିଦ୍ ଧରିଛନ୍ତି । ପରିସ୍ଥିତିକୁ ଦୃଷ୍ଟିରେ ରଖି ଗାଁରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି।

ପୋଲିସର ସୂଚନା ଅନୁଯାୟୀ, ମାଳବାଡ ଗାଁର ସୁଧାକର ବିଶ୍ୱାଳ ଜଣେ ଅବସରପ୍ରାପ୍ତ ବିଦ୍ୟୁତ୍ କର୍ମଚାରୀ। ତାଙ୍କ ଝିଅଙ୍କ ସହ ପଡୋଶୀ ତ୍ରିଲୋଚନଙ୍କ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା । ହେଲେ ଏହି ସମ୍ପର୍କକୁ ସୁଧାକରଙ୍କ ପରିବାର ପକ୍ଷରୁ ସମ୍ମତି ମିଳି ନ ଥିଲା । ଫଳରେ ସେମାନଙ୍କ ବିବାହ ହୋଇ ପାରି ନ ଥିଲା। ଝିଅର ବିବାହ ଅନ୍ୟତ୍ର ହେବା ପରେ ସୁଧାକରଙ୍କ ପରିବାର ସହ ତ୍ରିଲୋଚନଙ୍କ ପରିବାର ମଧ୍ୟରେ ତିକ୍ତତା ବଢ଼ିଥିଲା। ବୁଧବାର ସନ୍ଧ୍ୟାରେ ତ୍ରିଲୋଚନ ସୁଧାକରଙ୍କ ଘରେ ପହଞ୍ଚିଥିଲେ। ସେତେବେଳେ ଘରେ ସୁଧାକରଙ୍କ ସ୍ତ୍ରୀ ସରସ୍ୱତୀ ଓ ମାନସିକ ଅନଗ୍ରସର ସାନଝିଅ ରଞ୍ଜୁ ଥିଲେ । ରକ୍ତମୁଖା ତ୍ରିଲୋଚନ ହଠାତ୍ ଏକ କାଠ ଫାଳିଆରେ ସ୍ୱରସ୍ୱତୀଙ୍କୁ ଆକ୍ରମଣ କରିଥିଲେ । ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିବାରୁ ସେ ଚିତ୍କାର କରି ସେଠାରେ ଟଳି ପଡିଥିଲେ । ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ସ୍ତ୍ରୀଙ୍କ ଚିତ୍କାର ଶୁଣି ସୁଧାକର ଘରେ ପହଞ୍ଚିଯିବାରୁ ତାଙ୍କୁ ମଧ୍ୟ ତ୍ରିଲୋଚନ ଆକ୍ରମଣ କରିଥିଲେ। ଏହି ସମୟରେ ଝିଅ ରଞ୍ଜୁ ବାପାଙ୍କୁ ବଞ୍ଚାଇବାକୁ ଉଦ୍ୟମ କରି ଦୌଡି ଆସିବାରୁ ସେ ମଧ୍ୟ ତ୍ରିଲୋଚନଙ୍କ ଆକ୍ରମଣରୁ ବର୍ତ୍ତି ନ ଥିଲେ । ଏପରି ଆକ୍ରମଣ ପରେ ତ୍ରିଲୋଚନ ଫେରାର ହୋଇଯିବାକୁ ଚେଷ୍ଟା କରୁଥିଲେ ।

ପାଟି ଶୁଣି ପଡୋଶୀମାନେ ତ୍ରିଲୋଚନଙ୍କୁ କାବୁ କରିନେଇଥିଲେ। ତୁରନ୍ତ ସୁଧାକର ଓ ରଞ୍ଜୁଙ୍କୁ ଆମ୍ବୁଲାନ୍ସ ଯୋଗେ ଚାନ୍ଦବାଲି ଡାକ୍ତରଖାନା ନିଆଯାଇଥିଲା । ସେଠାରେ ସୁଧାକରଙ୍କ ମୃତ୍ୟୁ ଘଟିଥିଲା। ରଞ୍ଜୁଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ଭଦ୍ରକ ଜିଲା ଡାକ୍ତରଖାନା ନିଆଯାଇଥିଲା । ସେଠାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ପୋଲିସ ତ୍ରିଲୋଚନଙ୍କୁ ଥାନାକୁ ନେଇ ପଚରାଉଚୁରା କରୁଛି । ସୂଚନାଯୋଗ୍ୟ, ତ୍ରିଲୋଚନଙ୍କ ବିରୋଧରେ ସୁଧାକରଙ୍କ ପରିବାର ପକ୍ଷରୁ ପ୍ରାୟ ବର୍ଷେ ତଳେ ଚାନ୍ଦବାଲିଥାନାରେ ଏକ ମାମଲା ରୁଜୁ କରାଯାଇଥିଲା। ଗାଁ ଲୋକଙ୍କ ମଧ୍ୟସ୍ଥତାରେ ଏହାର ଆପୋସ ସମାଧାନ କରାଯାଇଥିଲା।

■ ରେଳୱେରେ ଚାକିରି ନାଁରେ ଠକେଇ

# ୩ ଅଭିଯୁକ୍ତଙ୍କୁ ଗିରଫ କଲା ସିବିଆଇ

**ଓଡ଼ିଶା ସମେତ ୬ ସ୍ଥାନରେ ଚଢାଉ**

ଭୁବନେଶ୍ୱର, ୨୯।୮(ବ୍ୟୁରୋ)

ରେଳୱେରେ ଚାକିରି କରାଇଦେବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ କରୁଥିବା ଏକ ର୍‌ୟାକେଟର ପର୍ଦ୍ଦାଫାଶ କରିଛି ସିବିଆଇ। ଦିଲ୍ଲୀର ଏକ ସିବିଆଇ ଟିମ୍ ଭୁବନେଶ୍ୱର ସିବିଆଇ ଟିମ୍ ସହ ମିଶି ରାଉରକେଲା ଏବଂ କଟକରେ ଚଢାଉ କରି ର୍‌ୟାକେଟର ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଟକର କିଶୋର ଚନ୍ଦ୍ର ପ୍ରଧାନ, ପଶ୍ଚିମବଙ୍ଗର ନାରାୟଣ ପାତ୍ର ଓ ହାଓଡା ଅଞ୍ଚଳର ଗୋବିନ୍ଦ ସିହ୍ନା। ପୋଲିସ ଏମାନଙ୍କଠାରୁ ଏକାଧିକ ମୋବାଇଲ ଫୋନ ଓ ଲାପ୍‌ଟପ୍ ଜବତ କରିଛି। ଅଧିକ ପଚରାଉଚରା ପାଇଁ ଦିଲ୍ଲୀ ସିବିଆଇ ଟିମ୍ ସେମାନଙ୍କୁ ଦିଲ୍ଲୀ ନେଇଛି।

ଦିଲ୍ଲୀ ରେଳ ବିକାଶ ନିଗମ ଲିମିଟେଡ୍ ପକ୍ଷରୁ ରେଳୱେରେ ନିଯୁକ୍ତି ଦେବା ନାଁରେ ଏକ ର୍‌ୟାକେଟ ଠକେଇ କରୁଥିବା ସମ୍ପର୍କରେ ସିବିଆଇ ନିକଟରେ ଅଭିଯୋଗ ହୋଇଥିଲା। ସିବିଆଇ ଏହାର ତଦନ୍ତ କରି ଓଡିଶା, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ମହାରାଷ୍ଟ୍ରର ୬ ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଓଡ଼ିଶାରୁ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ରେଳ ବିକାଶ ନିଗମ ଲିମିଟେଡ ନାମରେ ଏକ ଜାଲ୍ ୱେବସାଇଟ ଖୋଲିଥିଲେ। ସେମାନେ ଟାର୍ଗେଟ କରୁଥିବା ଛାତ୍ରମାନେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ନେଇ ଜାଲ୍ ୱେବ୍‌ସାଇଟରେ ଦର୍ଶାଯାଉଥିଲା। ପରେ ସେମାନଙ୍କ ଚାକିରି ନିଶ୍ଚିତ କରିବା ନାଁରେ ସେମାନଙ୍କଠାରୁ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଉଥିଲା।




# ପୂର୍ବତନ ପ୍ରିନ୍ସିପାଲ୍ ଏଜି ଅମର ପଟ୍ଟନାୟକ ବିଜେଡିରେ ସାମିଲ

ଭୁବନେଶ୍ୱର,୨୯।୮(ବ୍ୟୁରୋ)

ପୂର୍ବତନ ପ୍ରିନ୍ସିପାଲ୍ ଆକାଉଣ୍ଟାଣ୍ଟ ଜେନେରାଲ ଅମର ପଟ୍ଟନାୟକ ବିଜୁ ଜନତା ଦଳ (ବିଜେଡି)ରେ ବୁଧବାର ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ସେ ଦଳରେ ଯୋଗ ଦେଇଥିବା କହିଛନ୍ତି। ଅମରଙ୍କୁ ବିଜେଡିରେ ସ୍ୱାଗତ କରିବା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଅମର ଚାକିରରୁ ସ୍ୱେଚ୍ଛାକୃତ ଅବସର ନେଇ ବିଜେଡିରେ ଯୋଗ ଦେଇଥିବାରୁ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ବିଜେଡି ନେତାଙ୍କ ସହ ପୂର୍ବତନ ପିଏଜି ଅମର ପଟ୍ଟନାୟକ।

■ ଅମରଙ୍କ ଯୋଗଦାନ ଦଳରେ ଶକ୍ତି ବୃଦ୍ଧି କରିବ: ମୁଖ୍ୟମନ୍ତ୍ରୀ

■ ତଥ୍ୟ, ପ୍ରମାଣ ଲୁଚାଇ ରଖିବା ପାଇଁ ପ୍ରୟାସ: କଂଗ୍ରେସ

■ କଳାକାରନାମାକୁ ଧଳା କରିବା ପାଇଁ ନୁହେଁ ତ: ଭାଜପା

ତାଙ୍କୁ ଧନ୍ୟବାଦ। ସେ ବହୁ ରାଜ୍ୟରେ କାର୍ଯ୍ୟ କରିଛନ୍ତି ଓ ତାଙ୍କର ବିପୁଳ ପ୍ରଶାସନିକ ଅଭିଜ୍ଞତା ରହିଛି। ତାଙ୍କ ଯୋଗଦାନ ଦଳରେ ଶକ୍ତି ବୃଦ୍ଧି କରିବ। ଅମର ଦଳର ଆଇଟି ସେଲ୍‌ର ମୁଖ୍ୟ ଭାବେ କାର୍ଯ୍ୟ କରିବେ ବୋଲି ନବୀନ କହିଛନ୍ତି।

ଯୋଗଦାନ ପରେ ଗଣମାଧ୍ୟମକୁ ଅମର କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ଼ ଓ ଦକ୍ଷ ନେତୃତ୍ୱ ଉପରେ ମୋର ବିଶ୍ୱାସ ରହିଛି । ମୋର ଯୋଗଦାନ ଆସ୍ଥା ଓ ପ୍ରତିବଦ୍ଧତାର ପ୍ରମାଣ । ମୁଁ ଯେତେବେଳେ ପ୍ରିନ୍ସପାଲ୍ ଏଜି ଥିଲି, ସେତେବେଳେ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା କରୁଥିଲି । ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସହିତ ମୋର ଦୀର୍ଘଦିନର ସମ୍ପର୍କ ରହିଥିଲା । ନବୀନ ନିବାସରେ ଅନୁଷ୍ଠିତ ଏହି ଯୋଗଦାନ ଉତ୍ସବରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଶଶୀଭୂଷଣ ବେହେରା, ଅଶୋକ ଚନ୍ଦ୍ର ପଣ୍ଡା, ସୂର୍ଯ୍ୟ ନାରାୟଣ ପାତ୍ର, ବିଧାୟକ ପ୍ରଣବ ପ୍ରକାଶ ଦାସ, ମୁଖପାତ୍ର ଡ. ସସ୍ମିତ ପାତ୍ରଙ୍କ ପ୍ରମୁଖ ଉପସ୍ଥିତ ଥିଲେ।

ଅମରଙ୍କ ବିଜେଡି ଯୋଗଦାନକୁ କିନ୍ତୁ ବିରୋଧୀମାନେ ଭିନ୍ନ ଦୃଷ୍ଟିରେ ଦେଖିଛନ୍ତି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ଅମର ପଟ୍ଟନାୟକ ଜଣେ ଉଚ୍ଚପଦସ୍ଥ ଅଧିକାରୀ ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କ ନିକଟରେ ରାଜ୍ୟ ସରକାରଙ୍କ ବିରୋଧରେ ବହୁ ତଥ୍ୟ ରହିଛି। ତେଣୁ ନିଜ ବିରୋଧରେ ଥିବା ସମସ୍ତ ତଥ୍ୟ, ପ୍ରମାଣ ଆଦିକୁ ଲୁଚାଇ ରଖିବା ପାଇଁ ଅଫିସରମାନଙ୍କୁ ଦଳରେ ସାମିଲ କରାଯାଉଛି । ସେହିପରି ଭାଜପା ଉପସଭାପତି ସମୀର ମହାନ୍ତି କହିଛନ୍ତି, ଅମର ବାବୁ ସାମ୍ବିଧାନିକ ପଦପଦବୀରେ ଥିବା ସମୟରେ ରାଜ୍ୟ ସରକାରଙ୍କ କଳାକାରନାମାର ପର୍ଦ୍ଦାଫାଶ କରିଥିଲେ। ତାଙ୍କର ବିଜେଡିରେ ଯୋଗଦାନ ଉକ୍ତ କଳାକାରନାମାକୁ ଧଳା କରିବା ପାଇଁ ନୁହେଁ ତ। ଯଦି ତାହା ତେବେ ତାଙ୍କୁ ଶୁଭେଚ୍ଛା ବୋଲି ସମୀର କହିଛନ୍ତି।




# ମହାନଦୀରେ ଜଳସ୍ତର ବୃଦ୍ଧିକୁ ନେଇ ରାଜନୀତି

■ ଛତିଶଗଡ଼କୁ ଦୋଷ ଦେଲା ବିଜେଡି

■ ସମାଧାନ ପାଇଁ ରାଷ୍ଟ୍ରମନ୍ତ୍ରୀଙ୍କ ପ୍ରତିଶ୍ରୁତି

ଭୁବନେଶ୍ୱର,୨୯।୮(ବ୍ୟୁରୋ)

ଉପରମୁଣ୍ଡରେ ବର୍ଷା କାରଣରୁ ମହାନଦୀର ଜଳସ୍ତର ବଢ଼ିଛି। ଛତିଶଗଡ ସରକାର ମଧ୍ୟ କେତେକ ଡ୍ୟାମ୍‌ର ଗେଟ୍ ଖୋଲିଛନ୍ତି। ଯାହାଦ୍ୱାରା ଓଡ଼ିଶାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଅପରପକ୍ଷରେ ଏହି ଘଟଣାକୁ ନେଇ ରାଜନୈତିକ ଆରୋପ-ପ୍ରତ୍ୟାରୋପ ଜାରି ରହିଛି।

ବିଜେଡି ନେତା ତଥା ବଡମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ, ମହାନଦୀ ବନ୍ୟା ପାଇଁ ଛତିଶଗଡ଼ ଦାୟୀ। ବିନା ସୂଚନାରେ ଛତିଶଗଡ଼ ମହାନଦୀରେ ପାଣି ଛାଡୁଛି। ଛତିଶଗଡ଼ ଏଭଳି କରିବ ବୋଲି ଆଶଙ୍କା କରୁଥିଲୁ ବୋଲି ଦେବୀ କହିଛନ୍ତି। ପୂର୍ବରୁ ରାଜ୍ୟ ଜଳସମ୍ପଦ ସଚିବ ପ୍ରଦୀପ ଜେନା ଏହି ପ୍ରସଙ୍ଗ ଉଠାଇଥିଲେ। ନିକଟରେ ବୁର୍ଲାଠାରେ ହୋଇଥିବା ଦ୍ୱିପାକ୍ଷିକ ଆଲୋଚନାରେ ମଧ୍ୟ ବିଭିନ୍ନ ବିଷୟ ଉପରେ ଆଲୋଚନା ହୋଇଥିଲା। ହେଲେ ପାଣି ଛାଡିବା ପୂର୍ବରୁ ଛତିଶଗଡ କୌଣସି ଯୋଗାଯୋଗ କରି ନ ଥିବା ଅଭିଯୋଗ କରାଯାଇଛି। ଛତିଶଗଡ ଜଳସମ୍ପଦ ମନ୍ତ୍ରୀ ବ୍ରିଜମୋହନ ଅଗ୍ରୱାଲ କହିଛନ୍ତି, ହୀରାକୁଦ ଡ୍ୟାମ୍ ଖୋଲାଯିବା ଦ୍ୱାରା ଛତିଶଗଡ ମଧ୍ୟ ପ୍ରଭାବିତ ହୋଇଥାଏ। ଏଣୁ ଦୁଇ ରାଜ୍ୟ ମଧ୍ୟରେ ସମନ୍ୱୟ ରଖିବା ଦ୍ୱାରା ହିଁ ଅସୁବିଧା ଦୂର ହୋଇପାରିବ।

ସେହିପରି ମହାନଦୀ ପ୍ରସଙ୍ଗର ସ୍ଥାୟୀ ସମାଧାନ ପାଇଁ ଚେଷ୍ଟା କରାଯିବ ବୋଲି ଦିନିକିଆ ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ର ଜଳ ସମ୍ପଦ ରାଷ୍ଟ୍ରମନ୍ତ୍ରୀ ଅର୍ଜ୍ଜୁନରାମ ମେଘୱାଲ କହିଛନ୍ତି। ମହାନଦୀ ଓ ଅନ୍ୟାନ୍ୟ ପୂର୍ବଭାରତୀୟ ନଦୀ ସମ୍ପର୍କିତ ଏକ ସମୀକ୍ଷା ବୈଠକରେ ଯୋଗଦେବା ପରେ ସେ ଏହି ମନ୍ତବ୍ୟ ରଖିଛନ୍ତି। ସେ ଆହୁରି କହିଛନ୍ତି, ସମୀକ୍ଷା ବୈଠକରେ ମହାନଦୀକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଲାଗି ରହିଥିବା ବିବାଦ ସମ୍ପର୍କରେ ଆଲୋଚନା କରାଯାଇଛି । ମହାନଦୀ ବନ୍ୟା ସମ୍ପର୍କରେ ଆଲୋଚନା କରି ବିଭିନ୍ନ ତଥ୍ୟ ନେଇଛୁ । ଏନେଇ ଛତିଶଗଡ଼ ସରକାରଙ୍କ ସହ ଶୀଘ୍ର ଆଲୋଚନା କରି ଓଡ଼ିଶା ଓ ଛତିଶଗଡ଼ ବିବାଦର ସ୍ଥାୟୀ ସମାଧାନ ପାଇଁ ସେ ଚେଷ୍ଟା କରିବେ ବୋଲି ମେଘୱାଲ କହିଛନ୍ତି । ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀ ନରାଜ ଯାଇ ସ୍ଥିତି ପରଖିବେ ବୋଲି ସୂଚନା ମିଳିଛି।




ଭ୍ରମାତ୍ମକ ଫୋନ କଲ୍/ଇମେଲ୍ ଏବଂ ମିଛ/ଶଠ ଅଫର୍ ପ୍ରତି ସାବଧାନ। ଆଇଆର୍‌ଡିଏଆଇ ସର୍ବସାଧାରଣଙ୍କୁ ସ୍ପଷ୍ଟ କରୁଛି ଯେ - ଆଇଆର୍‌ଡିଏଆଇ ବା ଏହାର କେହି ଅଧିକାରୀ କୌଣସି ପ୍ରକାରର ବୀମା ବା ଫାଇନାନ୍‌ସିଆଲ୍ ଉତ୍ପାଦ ବିକ୍ରି ଅଥବା ପ୍ରିମିୟମ୍ ବିନିଯୋଗ କରିବା ପରି କାର୍ଯ୍ୟକଳାପ କରନ୍ତି ନାହିଁ। ଆଇଆର୍‌ଡିଏଆଇ ବୋନସ ଘୋଷଣା କରେ ନାହିଁ। ଏଭଳି ଫୋନ୍ କଲ୍ ପାଇବା ବ୍ୟକ୍ତି ଉକ୍ତ ଫୋନ କଲ୍ ନମ୍ବର ସହିତ ପୋଲିସରେ ଅଭିଯୋଗ ଦାଏର କରିବାକୁ ଅନୁରୋଧ।

ଧରିତ୍ରୀ
DHARITRI
ଢେଙ୍କାନାଳ-ଅନୁଗୋଳ, ଗୁରୁବାର, ୩୦ ଅଗଷ୍ଟ, ୨୦୧୮



ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ଆକ୍ରମଣ ଜାରି ରହିଛି। ତେବେ ଏଠାକାର ଅସ୍ଥିର ରାଜନୈତିକ ସ୍ଥିତିରେ ମଧ୍ୟ ଅନେକ ଦୃଢ଼ ଇଚ୍ଛାଶକ୍ତି ବଳରେ ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିଛନ୍ତି। ବିଚ୍ଛିନ୍ନତାବାଦୀଙ୍କ ଗଡ଼ ଭାବେ ପରିଚିତ ଡାଉନ୍ ଟାଉନ୍‌ର ବାସିନ୍ଦା ୩୦ ବର୍ଷ ବୟସ୍କା ଇରମ୍ ହବିବ୍ ଖୁବ୍‌ଶୀଘ୍ର କମର୍ସିଆଲ ପାଇଲଟ ଭାବେ କାର୍ଯ୍ୟ ଆରମ୍ଭ କରିବାକୁ ଯାଉଛନ୍ତି। ଏହି ସୁନ୍ଦରୀ ପାଇଲଟ ଜଣଙ୍କୁ ନେଇ ଏବେ ସୋସିଆଲ ମିଡିଆରେ ଆରମ୍ଭ ହୋଇଛି ଚର୍ଚ୍ଚା।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଅର୍ଣ୍ଣବ୍
ପରିବାରବର୍ଗ


ଆରବ
ପରିବାରବର୍ଗ


ଦାଶରଥି
ପରିବାରବର୍ଗ


ନମନ
ପରିବାରବର୍ଗ


ନିର୍ଲିପ୍ତ
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## classified




**SALE**

Sale of Yamaha bike YZFR 15, 2013 run 15155km. expected price. Rs.- 67000. Contact: 9920600657. D-58690

Used car for sales. All models, attractive prices, spot finance, free accessories. Call: 9776900444, 9583011021. Conditions apply. D-64120




**SALE**

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

ଭୁବନେଶ୍ୱର ପିତାପଲ୍ଲୀ NH-5ରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି। 9583032439. D-63588

Duplex starting from 60 lacs* at Jharapada. Limited offer work in full swing. Call: 9583066080, 7008104326. D-64115

Ready to built 4250 sqft. plot available at Jamukoli Mouza, Sundarpada- Jatni Road right side. 9238846887, 9348897443. D-62125

କୋରଡ କଣ୍ଟା ମୌଜାରେ yellowzone ଘରବାରି ସହିତ plot ମିଳୁଛି। Contact: 8480447967. D-63080

**ଭୁବନେଶ୍ୱରର ଅରଗୁଳ IIT ଠାରେ ପିଚୁରୋଡ ସୁବିଧାଥାଇ ଘରବାରି ପ୍ଲଟ ସ୍ୱଳ୍ପମୂଲ୍ୟରେ କିଣନ୍ତୁ ଓ ଗୃହ ନିର୍ମାଣ କରନ୍ତୁ। Sanjay: 9861812258.** D-63585

କେଶୁରାରେ ଘରବାରି plot immediate ଘର କରି ରହିବା ପାଇଁ ମିଳୁଛି ଓ ଉତ୍ତରାଛକରୁ 5km. ଦୂରରେ ଘରବାରି boundary plot ମିଳୁଛି। D-63081




All type of massage and good therapy full body massage Sai herbal spa. 7609005923. D-64201

Madam Monalisa massage club-50% discount full body massage by hiprofile smart lady therapist. 9708545108. D-8085

BBSR opening newly ayurvedic full body massage ladies & gents. 7438851534, 7609923705. D-38526




Admission open medical registration BAMS, BHMS, BUMS, D. Pharma, Nursing. Contact: 9893869473. D-64112


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ଜନ୍ମଦିନ ଶୁଭେଚ୍ଛା




(Payal)

**JR. Ayusi**

ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋ ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: **ଜେଜେ, ବଇମା, ବାପା, ମମି, ଝୁନୁ ଦାଦା, ସିଲା ଖୁଡୀ, ପିଉସା, ପିଉସୀ, ବାପି ଦାଦା ଓ ଛୋଟୁ ନନା।** ଧ-୮୦୯୩

## ନମତରା ଗୁଳିକାଣ୍ଡ ମାମଲା

### ୮ ଜଣଙ୍କୁ କ୍ଷତିପୂରଣ ଦେବାକୁ ଓଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

କଟକ ଅଫିସ, ୨୯।୮- ନମତରା ଗୁଳିକାଣ୍ଡରେ କ୍ଷତିଗ୍ରସ୍ତ ୮ ଜଣଙ୍କୁ କ୍ଷତିପୂରଣ ଦେବାକୁ ଓଡ଼ିଶା ମାନବାଧିକାର କମିଶନ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ସସ୍ମିତା ଜେନା ନାମ୍ନୀ ମହିଳାଙ୍କୁ ଦେଢ ଲକ୍ଷ ଟଙ୍କା ଓ ଅନ୍ୟ ୭ ଜଣଙ୍କୁ ୫୦ହଜାର ଟଙ୍କା ଲେଖାଏ ଦେବାକୁ କମିଶନ ରାଜ୍ୟ ଗୃହ ବିଭାଗକୁ ନିର୍ଦ୍ଦେଶ ଜାରି କରିଛନ୍ତି। କ୍ଷତିପୂରଣ ପାଇବାକୁ ଥିବା ଅନ୍ୟ ୭ ଜଣ ହେଲେ ନମତରା ଗ୍ରାମର ବେଙ୍ଗଲତା ଜେନା, ରୀତାଞ୍ଜଳି ଜେନା, ରଶ୍ମିତା ଜେନା, ଦେବସ୍ମିତା ଜେନା, ପୂର୍ଣ୍ଣିମା ମଲ୍ଲିକ, ମନ୍ମଥ ଜେନା ଓ ମାୟାବତୀ ଜେନା। ନମତରା ଗୁଳିକାଣ୍ଡ ଘଟଣା ସମ୍ପର୍କରେ ଆଡଭୋକେଟ କ୍ଷୀରୋଦ ରାଉତ ଓ ପୂର୍ବତନ ବିଧାୟକ ପଦ୍ମଚରଣ ନାୟକ ମାନବାଧିକାର କମିଶନରେ ମାମଲା ରୁଜୁ କରିଥିଲେ।

### ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ସନ୍ଦିପ ମହାନ୍ତି**
ଭୁବନେଶ୍ୱର
ଆବିର୍ଭାବ: ୨୬।୧୧।୧୯୮୫
ତିରୋଧାନ: ୩୦।୦୮।୨୦୦୭

ଚାହୁଁ ଚାହୁଁ ବର୍ଷ ପରେ ବର୍ଷ ବିତି ଯାଉଛି। ତୋର ଅନୁପସ୍ଥିତି ଆମ ପରିବାରରେ ଏକ ଅପୂରଣୀୟ କ୍ଷତି ଓ ଶୂନ୍ୟସ୍ଥାନ ଭରିଦେଇଛି। ଆଜି ମଧ୍ୟ ଲାଗୁଛି ତୁ ଆମ ପାଖରେ ଅଛୁ ଓ କଲେଜ ଯାଇଛୁ, ଫେରି ଆସିବୁ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ତୋର ଶୋକସନ୍ତପ୍ତ: ବାବା, ମା, ବଡ଼ବାପା, ବଡବୋଉ, ଦାଦୁଖୁଡୀ, ଦେଈ, ଭାଇ, ପିଉସା, ପିଉସୀ, ମାମୁ, ମାଇଁ, ମଉସା, ମାଉସୀ ଓ ଆତ୍ମୀୟସ୍ୱଜନ। ଧ-୬୩୩୫

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମହାନଦୀରେ ମାଡ଼ି...

ବୈଠକରେ ସୂଚନା ଦିଆଯାଇଥିଲା ଯେ, ଛତିଶଗଡ଼ରୁ ଅଧିକ ମାତ୍ରାରେ ବନ୍ୟାଜଳ ଆସୁଥିବାରୁ ହୀରାକୁଦର ୨୫ଟି ଗେଟ୍ ଖୋଲାଯାଇଛି। ହୀରାକୁଦର ତଳିଆ ଅଞ୍ଚଳରେ ବିଭିନ୍ନ ନଦୀର ଜଳ ମିଶିଥିବାରୁ ବୁଧବାର ରାତି ଏବଂ ଗୁରୁବାର ସକାଳ ସୁଦ୍ଧା ମୁଣ୍ଡଳୀଠାରେ ୮.୫ ଲକ୍ଷ କ୍ୟୁସେକ ବନ୍ୟାଜଳ ପ୍ରବାହିତ ହେବ। ମହାନଦୀ ଅବବାହିକାରେ ଥିବା ସମ୍ବଲପୁର, ଅନୁଗୋଳ, ବୌଦ୍ଧ, ସୁବର୍ଣ୍ଣପୁର, ନୟାଗଡ଼, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, ଖୋର୍ଦ୍ଧା, ପୁରୀ ଆଦି ୧୧ଟି ଜିଲାରେ ବନ୍ୟା ଆଶଙ୍କା ଦେଖାଦେଇଛି। ସେହିସବୁ ଜିଲାର ଜିଲାପାଳମାନଙ୍କୁ ସମସ୍ତ ପ୍ରତିକାର ବ୍ୟବସ୍ଥା ସହ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଦୁର୍ବଳ ଓ ବିପଦସଙ୍କୁଳ ନଦୀବନ୍ଧର ସୁରକ୍ଷା, ଖାଲୁଆ ଅଞ୍ଚଳର ଲୋକଙ୍କ ସ୍ଥାନାନ୍ତର, ଖାଦ୍ୟ ,ପାନୀୟ ଜଳ, ଔଷଧ ଆଦି ବିଭିନ୍ନ ଜରୁରୀ ସାମଗ୍ରୀ ମହଜୁଦ ରଖିବା ପାଇଁ କୁହାଯାଇଛି। ଏଥିସହିତ ୩ଟି ଏନ୍‌ଡିଆର୍‌ଏଫ୍ ଓ ଦୁଇଟି ଓଡ୍ରାଫ ଟିମ୍ ମଧ୍ୟ ନିୟୋଜିତ ହୋଇଛନ୍ତି। ଏଥିସହିତ ୧୯୮ଟି ବୋଟ୍ ଏବଂ ୪୭୪ଟି ଆଶ୍ରୟସ୍ଥଳ ମଧ୍ୟ ପ୍ରସ୍ତୁତ ହୋଇଥିବା ବୈଠକରେ ସୂଚନା ଦିଆଯାଇଛି।

ବନ୍ୟା ପରିସ୍ଥିତି ନିୟନ୍ତ୍ରଣରେ ରହିଛି। ଖଇରାମାଳ, ମୁଣ୍ଡଳୀ ଓ ବରମୂଲଠାରେ ପ୍ରବାହିତ ଜଳସ୍ତର ଉପରେ ଆମେ ସତର୍କଦୃଷ୍ଟି ରଖିଛୁ। ଏବେ ମୁଣ୍ଡଳୀ ଦେଇ ପ୍ରାୟ ୬ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେଉଛି। ଏହା ଆହୁରି ୬.୫ ଲକ୍ଷ କ୍ୟୁସେକକୁ ବୃଦ୍ଧି ପାଇବ। ଏନ୍‌ଡିଆର୍‌ଏଫ୍ ଏବଂ ଓଡ୍ରାଫ ଟିମ୍‌କୁ ପ୍ରସ୍ତୁତ ରଖାଯାଇଛି। ଆବଶ୍ୟକ ପଡ଼ିଲେ ତଳିଆ ଅଞ୍ଚଳରୁ ଲୋକମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯିବ ବୋଲି ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀ କହିଛନ୍ତି। ଛତିଶଗଡ଼ରୁ ଆସୁଥିବା ବନ୍ୟାପାଣି ହ୍ରାସ ପାଇଥିବାରୁ ଆଉ ଅଧିକ ଗେଟ୍ ନ ଖୋଲିବାକୁ ଡ୍ୟାମ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜଳ ସମ୍ପଦ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି।

ହୀରାକୁଦରୁ ଜଳ ନିଷ୍କାସନ ହେଉଥିବାରୁ ବୌଦ୍ଧ ଏବଂ ସୁବର୍ଣ୍ଣପୁର ଜିଲାରେ ବନ୍ୟା ଆଶଙ୍କା ବଢ଼ିଯାଇଛି। ମହାନଦୀରେ ବନ୍ୟାଜଳ ବଢ଼ିବାରୁ ବୌଦ୍ଧ ସହରର ନିକଟ ହନୁମାନ ମନ୍ଦିର ଓ ସାହୁପଡ଼ାର କେତେକ ତଳିଆ ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରିଛି। ଜଗନ୍ନାଥ ସଡ଼କ ଉପରେ ୪ଫୁଟର ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ବୌଦ୍ଧ, କଣ୍ଟାମାଳ ଓ ହରଭଙ୍ଗା ବ୍ଲକର ୩୦ଟି ଗ୍ରାମରେ ବନ୍ୟାପାଣି ପ୍ରବେଶ କରିଛି। ମହାନଦୀର ଖଇରାମାଳଠାରେ ବନ୍ୟାପାଣି ବିପଦ ସଙ୍କେତ ସ୍ତର ୧୦୯ ମିଟର ଥିବା ବେଳେ ୧୦୫.୪୩ ମିଟର ଉପରେ ପ୍ରବାହିତ ହେଉଛି। ସେହିପରି ସୋନପୁର ଜିଲାର ମହାନଦୀ ଓ ତେଲନଦୀ ଫୁଲିବାରେ ଲାଗିଛି। କଟକ ଜିଲାର ମହାନଦୀ ପାଣି ବଡ଼ମ୍ବା ସହର ନିକଟରେ ଥିବା ଭଟ୍ଟାରିକା ମନ୍ଦିର ଭିତରକୁ ପ୍ରବେଶ କରିଥିବା ବେଳେ ସିମିଳିପୁର ଏବଂ ବିଲିପଡ଼ା ମଧ୍ୟରେ ରାସ୍ତା ସଂଯୋଗ ବିଚ୍ଛିନ୍ନ ହୋଇଛି। ନରାଜ ନିକଟରେ ମହାନଦୀ ବିପଦ ସଙ୍କେତକୁ ଅତିକ୍ରମ କରିଯାଇଛି। ସେଠାରେ ବିପଦ ସଙ୍କେତ ସ୍ତର ୨୫.୪୧ ମିଟର ଥିବା ବେଳେ ବନ୍ୟାଜଳ ୨୫.୫୨ ମିଟର ଉପରେ ପ୍ରବାହିତ ହେଉଛି। ସେହିପରି ଭଦ୍ରକ ଜିଲାର ସାଳନ୍ଦୀ ନଦୀର ବନ୍ୟାପାଣି ବିଲଣା, ବାରୋ ଏବଂ ତଳପୋକବିନ୍ଧା ଗ୍ରାମରେ ପ୍ରବେଶ କରିଛି। ହଦଗଡ଼ ଡ୍ୟାମ୍ ଗେଟ୍ ଖୋଲା ରହିଥିବାରୁ ସାଳନ୍ଦୀରେ ବନ୍ୟାଜଳ ବୃଦ୍ଧି ପାଇବାରେ ଲାଗିଛି।

### ୪ ପୋଲିସ ...

ଅନ୍ୟପକ୍ଷରେ ଅନନ୍ତନାଗ ଏନ୍‌କାଉଣ୍ଟର ପରେ ଆତଙ୍କବାଦୀମାନେ ପୋଲିସକୁ ଟାର୍ଗେଟ କରିଛନ୍ତି। ଶୋପିଆନ୍ ସହରରୁ ୨ କି.ମି. ଦୂର ଅର୍‌ହାମାରେ ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ ଗାଡ଼ି ଖରାପ ହୋଇଯାଇଥିଲା। ତାକୁ ସଜାଡ଼ିବା ପାଇଁ ଯାଇଥିବା ପୋଲିସ କର୍ମଚାରୀଙ୍କ ଉପରକୁ ଆତଙ୍କବାଦୀମାନେ ଆଖିବୁଜା ଗୁଳି ଚଳାଇଥିଲେ। ଏଥିରେ ଆହତ ହୋଇଥିବା ୪ ପୋଲିସ କର୍ମଚାରୀ ଶହୀଦ ହୋଇଛନ୍ତି। ସେମାନେ ହେଲେ କନଷ୍ଟେବଲ ଇଶଫାକ୍ ଅହମ୍ମଦ ମୀର, ଜାଭେଦ ଅହମ୍ମଦ ଭଟ, ମହମ୍ମଦ ଇକ୍‌ବାଲ ମୀର ଏବଂ ଏସ୍‌ପିଓ ଆଦିଲ ମଞ୍ଜୁର ଭଟ।

### ସାଧକ ହେଲେ...

ଅକ୍ତିଆର କରାଯାଇଛି। ଏ ନେଇ ପୁଣି ଆଗକୁ ଏକ ବିରାଟ ସମସ୍ୟା ସୃଷ୍ଟି ହୋଇପାରେ। ଏନ୍‌ଏଚ୍‌ଏଆଇ ଅଧିକାରୀ ଶିଶୁ ମୋହନଙ୍କୁ ଏ ସମ୍ପର୍କରେ ପଚରାଯିବାରୁ ସେ କହିଛନ୍ତି, ଯେଉଁ ବ୍ୟକ୍ତି ବା ଅନୁଷ୍ଠାନର ଜାଗାକୁ ନେଇ ସରକାରୀ ଆବଶ୍ୟକତା ପଡିଥାଏ ସେଥିପାଇଁ ସେମାନଙ୍କୁ ନିୟମ ଅନୁଯାୟୀ ଜାଗାର ମୂଲ୍ୟାୟନ କରାଯାଇ ପ୍ରାପ୍ୟ ଦିଆଯାଇଥାଏ। ଯଦି ଏହି ପ୍ରାପ୍ୟକୁ କେହି ଅଗ୍ରାହ୍ୟ କରି ଜାଗାକୁ ଜବରଦଖଲ କରି ରଖିଥାଏ, ଜାତୀୟ ରାଜପଥ ଆଇନ ୧୯୫୬ ଅନୁଯାୟୀ ଦଫା ୩(ଡି)ରେ ନୋଟିସ କରାଯିବା ସହ ଗଣମାଧ୍ୟମରେ ପ୍ରକାଶ ହେବା ପରେ ଏହା ସରକାରଙ୍କ ଅଧୀନକୁ ଚାଲିଯାଇଥାଏ। ଏହି ନିୟମ ସମସ୍ତଙ୍କ ପାଇଁ ବଳବତ୍ତର ରହିଛି। ଏହା ପରିବର୍ତ୍ତନଶୀଳ ନୁହେଁ। ଏନ୍‌ଏଚ୍‌ଏଆଇ ଟଙ୍କା ଦେବାରେ କୌଣସି ସମସ୍ୟା କରିନାହିଁ। କେହି ବ୍ୟକ୍ତି ବା ଅନୁଷ୍ଠାନ ଯଦି ନିଜ ସ୍ୱାର୍ଥଗତ କାରଣରୁ ଟଙ୍କା ନେବେନି ଓ ଜାଗାକୁ ଖାଲି କରିବେ ନାହିଁ, ସେ କ୍ଷେତ୍ରରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇ ଉକ୍ତ ସ୍ଥାନକୁ ଖାଲି କରାଯିବ। କୋଲକତା-ଚେନ୍ନାଇ ୫ନମ୍ବର ଜାତୀୟ ରାଜପଥ ଲୋକମାନଙ୍କୁ ସେବା ଯୋଗାଉଛି। ଇସ୍କନକୁ ୫ ବର୍ଷ ତଳୁ ନୋଟିସ ଜାରି କରାଯାଇଛି। ଇସ୍କନ ୩୮୨ ବର୍ଗଫୁଟ ଜାଗାର ପ୍ରାପ୍ୟ ପାଇବାକୁ ଥିବାବେଳେ ପାଖାପାଖି ୨୪୦୦ ବର୍ଗଫୁଟ ଜାଗା ଜବରଦଖଲ କରିଥିଲା। ଏଣୁ ତାହାକୁ ଉଚ୍ଛେଦ କରାଯିବା ସମୟରେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା।

ବିଡିଏର ଏନଫୋର୍ସମେଣ୍ଟ ଅଧିକାରୀ ପ୍ରମୋଦ କୁମାର ପାତ୍ରଙ୍କୁ ପଚାରିବାରୁ ସେ କହିଲେ, ଜବରଦଖଲ ଉଚ୍ଛେଦ ନେଇ ଦେଢ଼ବର୍ଷ ତଳୁ ଇସ୍କନକୁ ନୋଟିସ ଜାରି ହୋଇଥିଲା। ଉଚ୍ଛେଦ ପାଇଁ ନିର୍ଦ୍ଧାରିତ ତାରିଖରେ ପହଞ୍ଚିବାରୁ ଗୌର ଗୋବିନ୍ଦ ସ୍ୱାମୀ ମହାରାଜଙ୍କ ସମାଧିସ୍ଥଳ ସହିତ ଭଜନ କୁଟୀରକୁ ନ ଭାଙ୍ଗିବାକୁ ଇସ୍କନ ପକ୍ଷରୁ କୁହାଯିବା ସହ ନିଜେ ସମାଧି ଉଠାଇନେବେ ବୋଲି ଅଣ୍ଡରଟେକିଂ ଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ବାରମ୍ବାର ନୋଟିସ ପରେ ମଧ୍ୟ ଇସ୍କନ କର୍ତ୍ତୃପକ୍ଷ ଜାଗା ଖାଲି କରି ନ ଥିଲେ। ଲଗାଣବର୍ଷା ପରେ ଡ୍ରେନ ପୋତି ହୋଇ କୃତ୍ରିମ ବନ୍ୟା ସୃଷ୍ଟି ହେବାରୁ ବିଡିଏ ତରଫରୁ ଜୁଲାଇ ୨୬ରେ ଇସ୍କନକୁ ନୋଟିସ ଜାରି କରାଯାଇଥିଲା। ଜୁଲାଇ ୨୮ରେ ଜବରଦଖଲ ଉଚ୍ଛେଦ କରିବା ଲାଗି ସକାଳ ୧୦ଟା ବେଳକୁ ଇସ୍କନ ନିକଟରେ ପହଞ୍ଚିଥିଲୁ। ଆମକୁ ଦେଖି ପ୍ରଥମେ ଶତାଧିକ ସାଧକ ଉଚ୍ଛେଦ ସ୍ଥଳରେ ଭଜନକୀର୍ତ୍ତନ ଆରମ୍ଭ କଲେ। ଆମେ କେବେ ଭାବି ନ ଥିଲୁ କାର୍ଯ୍ୟାନୁଷ୍ଠାନ ନେବା ପରେ ସାଧକମାନେ ଏତେମାତ୍ରାରେ ହିଂସ୍ର ହୋଇ ଉଠିବେ। ଆମେ ଆଇନ ଅନୁଯାୟୀ ଆମ କର୍ତ୍ତବ୍ୟ କରୁଥିବା ବେଳେ ସେମାନେ ଆମ ଉପରକୁ ଟେକା ପଥର ମାଡ କଲେ। ଘଟଣାସ୍ଥଳରେ ବିଡିଏ ଏନଫୋର୍ସମେଣ୍ଟ ଅତିରିକ୍ତ କମିଶନର ଭବାନୀ ଶଙ୍କର ଚଇନିଙ୍କ ମୁଣ୍ଡରେ ଆଘାତ ଲାଗିଲା। ତାଙ୍କୁ ସୁରକ୍ଷା ଦେଉଥିବା ବେଳେ ଷଷ୍ଠ ବାଟାଲିୟନର ଏସ୍‌ଆଇ କୁଳମଣି ସ୍ୱାଇଁ ଢେଲା ପଥର ଆକ୍ରମଣର ଶିକାର ହୋଇ ଘଟଣାସ୍ଥଳରେ ଅଚେତ ହେଲେ। ଏହାପରେ ଅନେକ ପୋଲିସ କର୍ମଚାରୀ ଢେଲାପଥର ମାଡର ସମ୍ମୁଖୀନ ହୋଇ ହସ୍ପିଟାଲରେ ଭର୍ତ୍ତି ହେଲେ। ଏସ୍‌ଆଇ କୁଳମଣି ସ୍ୱାଇଁ ବର୍ତ୍ତମାନ ମଧ୍ୟ ଚିକିତ୍ସିତ ହେଉଛନ୍ତି।

ଏ ନେଇ ବିଡିଏ ପକ୍ଷରୁ ନୟାପଲ୍ଲୀ ଥାନାରେ ଏତଲା ଦିଆଯାଇଛି। କିନ୍ତୁ ଦୁଃଖର ବିଷୟ ଅଦ୍ୟାବଧି ଆକ୍ରମଣକାରୀ ସାଧକଙ୍କ ବିରୋଧରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ। ଅନ୍ୟପଟେ ଉଚ୍ଛେଦ ପରେ ପୁଣି ଥରେ ଉକ୍ତ ଜାଗାକୁ ଆବଦ୍ଧ କରାଯାଇଥିବା ନେଇ ପଚାରିବାରୁ ଅଧିକାରୀ କହିଛନ୍ତି, ଏହା ଉପରେ ସେଣ୍ଟ୍ରାଲ ମନିଟରିଂ କମିଟି ନଜର ରଖିଛି। ସାଧକମାନେ ସେଠାରେ ଥିବା ସମାଧି ସ୍ଥାନରେ ପୂଜା କରୁଛନ୍ତି। ସୁରକ୍ଷା ଦୃଷ୍ଟିକୋଣରୁ ତାହାକୁ ଆବଦ୍ଧ କରିଛନ୍ତି। ଡ୍ରେନ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲେ ତାହାକୁ ଖାଲି କରିଦିଆଯିବ ବୋଲି ଇସ୍କନ କର୍ତ୍ତୃପକ୍ଷ କହିଛନ୍ତି।

ନୟାପଲ୍ଲୀ ଥାନା ଅଧିକାରୀ ଉମାକାନ୍ତ ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, ଜବରଦଖଲ ଉଚ୍ଛେଦ କରିବା ପାଇଁ ବିଡିଏ, ବିଏମ୍‌ସି ଓ ପ୍ରଶାସନିକ ଅଧିକାରୀଙ୍କ ତରଫରୁ ନିର୍ଦ୍ଦେଶ ଜାରି କରାଯାଇଥିଲା। ଉଚ୍ଛେଦ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାରୁ ଘଟଣାସ୍ଥଳରେ ପହଞ୍ଚିଥିଲୁ। ମାତ୍ର ଟେକାପଥର ମାଡ ପରେ ପରିସ୍ଥିତି ନିୟନ୍ତ୍ରଣ ପାଇଁ ମୃଦୁ ଲାଠିଚାଳନା କରିବାକୁ ପଡିଥିଲା। ଏହି ଘଟଣାକୁ କେନ୍ଦ୍ରକରି ବିଡିଏ ପକ୍ଷରୁ ହୋଇଥିବା ଅଭିଯୋଗ ଅନୁଯାୟୀ ଦଫା ୧୪୩/୩୪୧/୨୯୪/୩୩୭/୩୫୩/୪୨୭/୧୪୯ରେ ଏକ ମାମଲା(୩୩୩/୧୮) ରୁଜୁ କରାଯାଇ ତଦନ୍ତ କରାଯାଉଛି। ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

ଇସ୍କନ ଲୋକ ସମ୍ପର୍କ ଅଧିକାରୀ ରାଧାକାନ୍ତ ଦାସ କହିଛନ୍ତି, ଏନ୍‌ଏଚ୍‌ଏଆଇକୁ ଆମେ କ୍ଷତିପୂରଣ ବାବଦରେ ସୁଧମୂଳ ସହିତ ୪୩ ଲକ୍ଷ ଟଙ୍କା ଦାବି କରିବା ସହ ୨୦୧୧ରୁ କୋର୍ଟରେ ମାମଲା ଚାଲିଛି। ଏ ନେଇ ଏନ୍‌ଏଚ୍‌ଏଆଇ କୌଣସି ପଦକ୍ଷେପ ନ ନେଇ ଆମକୁ ଉଚିତ କ୍ଷତିପୂରଣ ଦେବାରେ ଅବହେଳା କରୁଛି। ଘଟଣା ଘଟିବା ଦିନ କିଏ ଟେକା ମାଡ କରିଛି ତାହା ଆମେ ଜାଣିନାହୁଁ। ବୋଧହୁଏ ସରକାରୀ କର୍ମଚାରୀଙ୍କ ଧାର୍ମିକ ସଂସ୍ଥା ଉପରେ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ସ୍ଥାନୀୟ ସମର୍ଥକମାନେ ଟେକାପଥର ମାଡ କରିଥିବେ। ଏଥିରେ ଇସ୍କନ ସାଧକମାନଙ୍କର କୌଣସି ହାତ ନାହିଁ। ପୋଲିସ ଓ ପ୍ରଶାସନିକ ଅଧିକାରୀମାନଙ୍କ ଉପରକୁ ଟେକାମାଡ ହୋଇଥିବା ସେ ସ୍ୱୀକାର କରିଛନ୍ତି। ଜବରଦଖଲ ଉଚ୍ଛେଦ ସ୍ଥାନକୁ ପୁଣି କାହିଁକି ତାରଜାଲି ଘେରାଉ କରାଯାଇଛି ବୋଲି ପଚାରିବାରୁ ସେ କହିଲେ ଯେ ଉକ୍ତ ସ୍ଥାନରେ ଗୁରୁ ଗୌର ଗୋବିନ୍ଦ ସ୍ୱାମୀଙ୍କ ସମାଧି ରହିଥିଲା। ଆମେ ସେଠାରେ ପୂଜା କରୁଛୁ, ଗୋରୁ, କୁକୁର ପ୍ରବେଶ ନ କରିବା ଲାଗି ତାରଜାଲି ଘେରାଯାଇଛି। ଡ୍ରେନ କାର୍ଯ୍ୟ ଆରମ୍ଭ ହେଲେ ତାରବାଡ ହଟାଇ ଦିଆଯିବ।

ଆଇନଜୀବୀ ବିଜନ କୁମାର କର କୁହନ୍ତି, କେବଳ ଇସ୍କନ ନୁହେଁ, ରାଜଧାନୀରେ ଅନେକ ଧାର୍ମିକ ସଂସ୍ଥା ଧର୍ମ ଆଳରେ ସରକାରୀ ଜାଗାକୁ ଜବରଦଖଲ କରି ରଖିଛନ୍ତି। ରାଜଧାନୀରେ ଏପରି ଆହୁରି ୪ଟି ମନ୍ଦିର ସରକାରୀ ଜାଗାକୁ ଦଖଲ କରି ନିର୍ମାଣ ହୋଇଛି। ସେଠାରୁ ଉଚ୍ଛେଦ କରାଯାଉନାହିଁ। ଜନପଥ ରୋଡରେ ଥିବା ସନ୍ତୋଷୀମାତା ମନ୍ଦିର, ମାଷ୍ଟର କ୍ୟାଣ୍ଟିନ ଛକରେ ଥିବା ତାରିଣୀ ମନ୍ଦିର ଓ ଷ୍ଟେଶନ ରୋଡ ଏବଂ ଅଶୋକ ନଗରରେ ଦୁଇଟି ମନ୍ଦିର ରହିଛି। ଏପରିକି ଅନେକ ଡ୍ରେନ ଉପରେ ମଧ୍ୟ ନିର୍ମାଣ କାର୍ଯ୍ୟ ହୋଇଛି, ଯାହାଫଳରେ ବର୍ଷାଜଳ ନିଷ୍କାସିତ ହୋଇ ନ ପାରି କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ନୟାପଲ୍ଲୀ ଅଞ୍ଚଳରେ ଅନେକ ବିଲ୍‌ଡର ସରକାରୀ ଜାଗାକୁ ମାଡି ବସିଛନ୍ତି। ଜାତୀୟ ରାଜପଥ କଡରେ ଅନେକ ଶପିଂ ମଲ୍ ଓ ହୋଟେଲ ସରକାରୀ ଜାଗାକୁ ଅକ୍ତିଆର କରି ନିଜ କାମରେ ବ୍ୟବହାର କରୁଛନ୍ତି। ଏସବୁ ବେଆଇନ ଜବରଦଖଲକୁ ଉଚ୍ଛେଦ କରାଯାଇ ଯୋଜନା ମୁତାବକ ସ୍ୱେରେଜ, ଡ୍ରେନ ପ୍ରସ୍ତୁତ ହେଲେ ରାଜଧାନୀକୁ କୃତ୍ରିମ ବନ୍ୟାରୁ ରକ୍ଷା କରାଯାଇପାରିବ।

ନୟାପଲ୍ଲୀ ବେହେରା ସାହିର ବାସିନ୍ଦା ସୌରଭ ପ୍ରଧାନ କୁହନ୍ତି, ଲଗାଣ ବର୍ଷା ହେଲେ ପାଇଖାନା ପାଣିଠାରୁ ଆରମ୍ଭ କରି ଡ୍ରେନ ପାଣି ଆସି ଘରେ ପଶୁଛି। ଏହି ପରିସ୍ଥିତିକୁ ମୁକାବିଲା କରୁଥିବା ଲୋକ ହିଁ ଏହାର କଷ୍ଟକୁ ଅନୁଭବ କରିପାରିବ। ସ୍ୱେରେଜ ଓ ଡ୍ରେନେଜ ବ୍ୟବସ୍ଥାର ଅଭାବରୁ ଲଗାଣ ବର୍ଷାରେ କୃତ୍ରିମ ବନ୍ୟା ସୃଷ୍ଟି ହେଲା। ଘରେ ପାଣି ପଶି ଘରର ଆସବାବପତ୍ର ନଷ୍ଟ ହେବା ସହ ଗାଡି ମୋଟର ପାଣିରେ ବୁଡି ଲକ୍ଷ ଲକ୍ଷ ଟଙ୍କାର ଧନ ସମ୍ପତ୍ତି କ୍ଷୟକ୍ଷତି ହେଲା। ସମୂହ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜବରଦଖଲକାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯାଉ। ପାଣିପାଗ କଥା କିଏ ଜାଣେ, ବମ୍ବେ ପରି ରାଜଧାନୀବାସୀ ମଧ୍ୟ ବଡ କୃତ୍ରିମ ବନ୍ୟାର ସମ୍ମୁଖୀନ ନ ହେବେ ତାହା କହିହେବ ନାହିଁ। ଏଭଳି କିଛି ଘଟିବା ପୂର୍ବରୁ ତୁରନ୍ତ ପ୍ରଶାସନ ଏହାର ସମାଧାନ କରିବା ଆବଶ୍ୟକ।

ଡ୍ରେନେଜ ଡିଭିଜନର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଦୀପ ସାଗର ଦୁରିଆ କୁହନ୍ତି, ଇସ୍କନ ମନ୍ଦିର ସମ୍ମୁଖରେ ଡ୍ରେନ କାର୍ଯ୍ୟ ପାଇଁ ଯୋଜନା ମୁତାବକ ନକ୍ସା ପ୍ରସ୍ତୁତ ସରିଛି। ଅକ୍ଟୋବରରୁ ଡ୍ରେନ କାର୍ଯ୍ୟ ଆରମ୍ଭ କରାଯାଇ ଡିସେମ୍ବର ଶେଷ ସୁଦ୍ଧା ସମାପ୍ତ କରାଯିବ। ଏହାପରେ ଆଗକୁ ଏପରି କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେବନାହିଁ।

ଆମ ପ୍ରତିନିଧି ଇସ୍କନ ମନ୍ଦିର ପଛ ପାର୍ଶ୍ୱରେ ରହୁଥିବା ବାସିନ୍ଦାଙ୍କ ସହିତ ଆଲୋଚନା କରି ବୁଝିଲେ ଯେ, ଇସ୍କନ ଢେଲା ମାଡ ସମ୍ପର୍କରେ ଯେଉଁ ମନ୍ତବ୍ୟ ଦେଇଛି ତାହା ସମ୍ପୂର୍ଣ୍ଣ ମିଥ୍ୟା ଓ ଅସତ୍ୟ। ସେହି ଅଞ୍ଚଳର କୌଣସି ବାସିନ୍ଦା ପୋଲିସ କିମ୍ବା ବିଡିଏର ଅଧିକାରୀମାନଙ୍କ ଉପରେ ଟେକାପଥର ମାଡ କରି ନ ଥିଲେ। ଅପରପକ୍ଷରେ ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ଇସ୍କନ ଭକ୍ତମାନଙ୍କର ଗୁଣ୍ଡାମିରେ ସମସ୍ତେ ଅତିଷ୍ଠ ହୋଇପଡିଛନ୍ତି। ବିଡିଏ ତରଫରୁ ନୟାପଲ୍ଲୀ ଥାନାରେ ମାମଲା ଦାୟର କରାଯାଇଥିବା ସତ୍ତ୍ୱେ ଏ ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ଗିରଫ ହୋଇନାହାନ୍ତି। ନୟାପଲ୍ଲୀ ବାସିନ୍ଦା ମତ ଦେଇଥିଲେ ଯେ, ଏଭଳି ଅନ୍ତର୍ଜାତୀୟ ଅନୁଷ୍ଠାନ ଯେତେ ଅନ୍ୟାୟ ଘଟାଇଲେ ମଧ୍ୟ କୌଣସି ଆଇନଗତ ପ୍ରଭାବ ସେମାନଙ୍କ ଉପରେ ପଡୁନାହିଁ।

## ଖଟିରେ ଖଟିରେ...

### ଦୂରୁ ଜୁହାର

ନିର୍ବାଚନର ଢେର ପୂର୍ବରୁ ପାପୁଲି ଦଳର ପ୍ରାର୍ଥୀ ଘୋଷଣା କରାଯିବ। ଏକଥା ବର୍ତ୍ତମାନ ଦାଣ୍ଡରେ ପଡି ହାଟରେ ଗଡୁଛି। ଏହାକୁ ନେଇ ଭିନ୍ନ ରକମର ଚର୍ଚ୍ଚା ମଧ୍ୟ ଜମୁଛି। ବର୍ଷାଦିନରେ କେଶରୀ ଟକିଜ୍ ଛକରେ ସେଦିନ ଏକଥା ଭାରି ଜମିଥିଲା। ସେଠି ସବୁ ଦଳର ମେମ୍ବର ଥିଲେ, ହେଲେ ପାପୁଲି ଦଳର କୁହାଳିଆ ଲୋକ ଥିଲେ। ଜଣେ କହିଲେ, ଆଗୁଆ ଟିକେଟ୍ ଘୋଷଣା କି' ଲାଭ। ତିନି ଉପକୂଳିଆ ମାନ୍ୟବର ତ ଶଙ୍ଖ ଯୋଗସୂତ୍ରରେ। ଘୋଷଣା କଲା ପରେ ଯଦି ଦଳ ଛାଡ଼ିଲେ, ବାହାଘର ପୂର୍ବରାତିରେ କନ୍ୟା ଫେରାର ପରି ଘଟଣା। ଏଣୁ ମୁଖିଆ ସତର୍କ ହେବା ଦରକାର। ଆଉ ଜଣେ କହିଲେ, କୁଆଡେ ଏଯାଏ ସ୍କ୍ରିନିଂ କମିଟିକୁ ନା ଯାଇନି, ପ୍ରାର୍ଥୀ ବାଛୁଛି କିଏ। ଏକଥା ଶୁଣିବା ପରେ ଖଣି ମୁଖିଆ ସମର୍ଥକ ରାଗିପାଚି ଲାଲ। ଗାରୁ ଗାରୁ ହୋଇ ଅନ୍ୟମାନଙ୍କୁ କ'ଣ ଗୁଡାଏ କହିଦେଇଗଲେ। ଏକଥା ଶୁଣି ଜଣେ ପୂର୍ବତନ ପାପୁଲି ମୁଖିଆଙ୍କ ସମର୍ଥକ କହିଲେ, ରାଧା ନାଚିବ ନାଚିବ କହି କେତେ କିଏ ଘିଅ ଯୋଗାଡ଼ କଲେ। ହେଲେ ମାନ୍ୟବର ଥିଲା ବାଲାଙ୍କୁ ପାଖରେ ପୂରଉଛନ୍ତି, ନ ଥିଲା ବାଲାଙ୍କୁ ଦୂରୁ ଜୁହାର।

### ପାଇଲେ ବୋଧେ ଫିଙ୍ଗିଦେବେ

କେଇଦିନ ହେବ ଭାରି ଚର୍ଚ୍ଚା ହେଲାଣି, କୁଆଡେ ଆମ ରାଇଜ ରାସ୍ତାଘାଟ ତିଆରି ବିଭାଗର ଜଣେ ବରିଷ୍ଠ ବାବୁ ଏଥର ବିଧାୟକ ପ୍ରାର୍ଥୀ ହେବେ। ଶଙ୍ଖ ଦଳରୁ କୁଆଡେ ତାଙ୍କୁ ଏଥର ଟିକଟ ଖଣ୍ଡକ ଦେବେ ବୋଲି ଗ୍ରୀନ୍ ସିଗ୍‌ନାଲ୍ ଦେଇଛନ୍ତି। ଆଉ ବାବୁଙ୍କର ଉପର ମହଲାରୁ ନିଜ ବିଭାଗକୁ ଦିନ ଯାକରେ ଯେତିକି ଥର ଯାଆଆସ ହଉଛି ଯେକୌଣସି ଲୋକକୁ ବି ଏହା ସତ ଲାଗିବ। ହେଲେ ଏକଥାଟା ଚର୍ଚ୍ଚାକୁ ଆସିବାପରେ ବାବୁ ଆମର ମହାଗରମ। ବୁଧବାର ଜଣେ ମହାଶୟ ରାଇଜ ସରକାରୀ ମୁଖ୍ୟାଳୟରେ ଯେତେବେଳେ ବାବୁଙ୍କୁ ଏ ବାବଦରେ କିଛି କଥା ପଚାରିଦେଲେ, ସେ ଚାଉଁକିନା ରାଗିଗଲେ। ଏଭଳି ରାଗୁଛନ୍ତି କାହିଁକି ପଚାରିବାରୁ ବାବୁ କହିଲେ, ନାହିଁ ହୋ ରାଗିବି କାହିଁକି, ରାଗିଲେ ପରା ଲୋକେ ଭାବିବେ ସତରେ ବୋଧେ ମୁଁ ବିଧାୟକ ହବାକୁ ଭାରି ଆଗ୍ରହୀ। ଏତିକି କହି ଯେମିତି ବାବୁ ଚାଲିଯାଇଛନ୍ତି, ପ୍ରଶ୍ନ କରିଥିବା ମହାଶୟ କହିଲେ, ସତେ ଯେମିତି ଟିକଟ ଖଣ୍ଡକ ପାଇଲେ ଫିଙ୍ଗିଦେବେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଦୃଢ଼ ମନୋବଳ ନେଇ କର୍ମକ୍ଷେତ୍ରରେ କାର୍ଯ୍ୟହାସଲ କରିବେ। ଶୁକ୍ର ଓ ଚନ୍ଦ୍ରଙ୍କ ସମ୍ବନ୍ଧରୁ ପାରିବାରିକ କ୍ଷେତ୍ରରେ ମନୋମାଳିନ୍ୟକୁ ଦୂରେଇ ନେବା ପାଇଁ ପ୍ରଯତ୍ନ କଲେ ଉପକୃତ ହେବେ। ବନ୍ଧୁଙ୍କ ମିଥ୍ୟାଭିଯୋଗ ସକାଶେ ମାନସିକ ସ୍ତରରେ କ୍ରୋଧାନ୍ୱିତ ହୋଇପାରନ୍ତି। ଗତକାଲି ଠାରୁ ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ।

**ବୃଷ**
ମଙ୍ଗଳ ଧର୍ମଭାବରେ ରହି ବନ୍ଧୁଙ୍କ ସହ ଆଜିର ପ୍ରତ୍ୟୁଷ ଯାତ୍ରାକୁ ମଙ୍ଗଳମୟ କରିବେ। ନିକଟ ସମ୍ପର୍କୀୟଙ୍କ ସାହାଯ୍ୟ ଲାଭକରି ଆଶା ପୂରଣ କରିବେ। ନିର୍ମାଣ, ନୂତନ କର୍ମାରମ୍ଭ, ଯୋଗାଯୋଗ, ଆନୁଷ୍ଠାନିକ କାମରେ କୌଣସି ପ୍ରତିବନ୍ଧକ ରହିବ ନାହିଁ। ଆଲୋଚନା ପରିସରରେ ଆପଣ ଅନ୍ୟ ମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ।

**ମିଥୁନ**
ଚତୁର୍ଥସ୍ଥ ଶୁକ୍ର ପାରିବାରିକ ସୌଖ୍ୟ ପ୍ରଦାନ କରିବା ଦିଗରେ ସହାୟକ ହେବ। ଶିଳ୍ପ, ବାଣିଜ୍ୟ,ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ଶିକ୍ଷା, ପରୀକ୍ଷା, ଇଣ୍ଟରଭ୍ୟୁ ସରକାରୀ ସ୍ତରରେ କାମ ହାସଲରେ ଅକୃତକାର୍ଯ୍ୟ ହେବା ଯୋଗୁ ବ୍ୟସ୍ତ ରହିବେ। ଋଣ ପରିଶୋଧ କରିବା ପାଇଁ ଚାପର ବଶବର୍ତ୍ତୀ ହୋଇପାରନ୍ତି।

**କର୍କଟ**
ଶନି ଷଷ୍ଠଭାବସ୍ଥ ହେତୁ ସତର୍କତା ଅଭାବରୁ ଅନ୍ୟ ପାଇଁ ନିଜେ ସମସ୍ୟାଗ୍ରସ୍ତ ହୋଇପଡିବେ। ମତପାର୍ଥକ୍ୟ ଜନିତ ବାକ୍ ବିତଣ୍ଡା ସୃଷ୍ଟି ହେବାର ସୂଚନା ରହିଛି। ବନ୍ଧୁଙ୍କ ପରାମର୍ଶରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ନିଜ ସାଧନାର କୃତି ଓ କୃତିତ୍ୱର ଅଧିକାରୀ ହୋଇପାରନ୍ତି।

**ସିଂହ**
କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସାହାଯ୍ୟ ଓ ସହଯୋଗ ଲାଭକରି କାର୍ଯ୍ୟ ସାଧନ କରିବେ। ପାରିବାରିକ ଜୀବନରେ ଖଳଲୋକଙ୍କ କାନକୁହା କଥା ସୁଖ ସନ୍ତୋଷରେ ବାଧା ଉପୁଜାଇବ। ଗୁରୁତ୍ୱପୂର୍ଣ୍ଣ କାମଗୁଡିକ ନିର୍ଦ୍ଦିଷ୍ଟ ସମୟରେ ନ ହେବା କାରଣରୁ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ। ବ୍ୟବସାୟିକ ଦିଗଟି ବହୁତ ଭଲ ରହିବ।

**କନ୍ୟା**
ଆଜିର ଚନ୍ଦ୍ର ଓ ବୁଧଙ୍କ ସ୍ଥିତି କାର୍ଯ୍ୟ ହାସଲ ସହ ଆର୍ଥିକ ଉନ୍ନତି, ବନ୍ଧୁସମ୍ପର୍କ ଓ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟଲାଭ କରାଇବ। ପାରିବାରିକ କ୍ଷେତ୍ରର କୌଣସି କଥା ମନକୁ ବାରମ୍ବାର ଆଲୋଡିତ କରିପାରେ। ଅର୍ଥ ସମ୍ପର୍କକୁ ନେଇ ପରିବାରରେ ଭ୍ରାତୃବିବାଦ ଦେଖାଦେଇ ପାରେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବାଜନିତ ମନ ଉଦ୍‌ବେଗଯୁକ୍ତ ରହିପାରେ।

**ତୁଳା**
ଅଷ୍ଟମାଧିପତି ଶୁକ୍ର ଦ୍ୱାଦଶଭାବରେ ବିପରୀତର ରାଜଯୋଗ ସୃଷ୍ଟି କରୁଥିବାରୁ ସମସ୍ୟା ସମାଧାନ ହୋଇଯିବ। ପାରିବାରିକ ଜୀବନ ସୁଖଶାନ୍ତିରେ କଟିବା ସହ କୌଣସି ନୂଆ କାମଟିଏ ଆରମ୍ଭ କରିବେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ ଯାହାକି ସାମୟିକ ମାନସିକ ଦୁଶ୍ଚିନ୍ତାର କାରଣ ହୋଇପାରେ।

**ବିଛା**
କାର୍ଯ୍ୟସିଦ୍ଧି ସହ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବାର ଲକ୍ଷ୍ୟ କରି ସାମୟିକ ଆଶ୍ୱସ୍ତି ଲାଭ କରିବେ। ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ଆକସ୍ମିକ ଭାବରେ କୌଣସି ସମସ୍ୟା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ଉପରିସ୍ଥଙ୍କ ଆଦେଶାନୁସାରେ କିମ୍ବା ଘରୋଇ କାମରେ ହେଉନା କାହିଁକି ଆପଣଙ୍କୁ ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିବାକୁ ପଡିବ।

**ଧନୁ**
କର୍ମକ୍ଷେତ୍ରରେ କିମ୍ବା ସଭାସମିତିରେ ଆଲୋଚନା ଅସମାପ୍ତ ରହିପାରେ। ପରୋକ୍ଷ ଶତ୍ରୁତା କାରଣରୁ ପରିସ୍ଥିତିରେ ଅପମାନଜନକ ସ୍ଥିତି ଉପୁଜିପାରେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ମାନସିକ ଅସ୍ଥିରତା ସୃଷ୍ଟି ହେବ। କୌଣସି କ୍ଷେତ୍ରରେ ସାହାଯ୍ୟ ଓ ଅର୍ଥ ପାଇଁ ବନ୍ଧୁଙ୍କ ହାତକୁ ଚାହିଁ ବସିବେ। କ୍ରୀଡା, କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିପାରେ।

**ମକର**
ଶନି ଦ୍ୱାଦଶ ସ୍ଥାନରେ ରହିଥିବାରୁ ଅନିଦ୍ରାଜନିତ ରୋଗର ଶିକାର ହୋଇପାରନ୍ତି। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଅଂଶୀଦାର ବ୍ୟବସାୟୀମାନଙ୍କ ସହ ବ୍ୟବସାୟରେ ମାନମନାନ୍ତର ଦେଖା ଦେଇପାରେ। ଆକସ୍ମିକ କୌଣସି ସମସ୍ୟାର ସମ୍ମୁଖୀନ ହେବା କାରଣରୁ ଗସ୍ତ କାର୍ଯ୍ୟକ୍ରମ ବାତିଲ ହେବାର ସୂଚନା ରହିଛି।

**କୁମ୍ଭ**
ସ୍ଥଗିତ ରହିଯାଇଥିବା କେତେକ ପୁରୁଣା ବାକିଆ କାମ ଶେଷ କରିବାକୁ ବାଧ୍ୟ ହେବେ। ପ୍ରିୟଜନଙ୍କ ସାହାଯ୍ୟ ମାଧ୍ୟମରେ ଜମିଜମା ସମ୍ପର୍କିତ ବିବାଦର ଆଶୁ ସମାଧାନ ହୋଇଯିବ। ନିର୍ମାଣ, ଶିଳ୍ପ, ବାଣିଜ୍ୟାଦିରେ ଶୁଭଫଳ ପାଇବେ। କଳା,ସାହିତ୍ୟ, କ୍ରୀଡା, ଚଳଚ୍ଚିତ୍ରାଦିରେ ସମସ୍ୟା ସମାଧାନ ହୋଇଯିବ। ବିଭିନ୍ନ କାମରେ ବ୍ୟସ୍ତ ରହି ମୂଳଲକ୍ଷ୍ୟକୁ ପାଶୋରି ଦେଇପାରନ୍ତି।

**ମୀନ**
କର୍ମାଧିପ ଅଷ୍ଟମସ୍ଥ ହେତୁ ପ୍ରତ୍ୟେକ କ୍ଷେତ୍ରରେ ଆଗପଛ ବିଚାର କରି କାମ ନ କଲେ ଅପଦସ୍ଥ ହୋଇପାରନ୍ତି। ବନ୍ଧୁମାନଙ୍କ ଅସଂଯତ କାର୍ଯ୍ୟକଳାପ ଆପଣଙ୍କ ପାଇଁ ସମସ୍ୟାକୁ ବଢାଇ ଦେବାର ସୂଚନା ରହିଛି। ନିର୍ଦ୍ଦିଷ୍ଟ ସମୟରେ କାମଟି ସମ୍ପୂର୍ଣ୍ଣ ନ ହେବା କାରଣରୁ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

ଆଜି ଭାଦ୍ରବ କୃଷ୍ଣ ଚତୁର୍ଥୀ ଗୁରୁବାର, ଅଗଷ୍ଟ ୩୦ ତାରିଖ, ଲଘୁ ଉଦ୍ୟୋଗ ଦିବସ, ରାଶି ନକ୍ଷତ୍ର-ରେବତୀ/ମୀନ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୧।୦୯ମି. ଗତେ ଘ୧୨।୪୮ମି. ମଧ୍ୟେ, ଘ୨।୨୭ମି. ଗତେ ଘ୪।୦୬ମି. ମଧ୍ୟେ ଅମୃତ ବେଳା। ସକାଳ ଘ୬।୫୧ମି. ମଧ୍ୟେ ଘ୨।୨୭ମି. ଗତେ, ଘ୩।୦୬ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୧।୨୦ମି. ଗତେ. ଘ୨।୦୫ମି, ମଧ୍ୟେ ରାହୁକାଳ।



ଅଷ୍ଟ୍ରେଲିଆ ନ୍ୟୁ କେଲେଡୋନିଆ ଦ୍ୱୀପରେ ବୁଧବାର ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୭.୧ ଥିଲା ବୋଲି ଆମେରିକା ଭୂ-ବିଜ୍ଞାନ ସଂସ୍ଥା ପକ୍ଷରୁ ସୂଚିତ କରାଯାଇଛି। ଦକ୍ଷିଣ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଘଟିଥିବା ଏହି ଭୂକମ୍ପ ଯୋଗୁ ସୁନାମି ଆସିବାର ଆଶଙ୍କା ନ ଥିବା କୁହାଯାଇଛି।

**ସଂକ୍ଷେପରେ**

## ୨୨ରେ ଆସିବେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର, ୨୯।୮(ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ସେପ୍ଟେମ୍ବର ୨୨ରେ ଦିନିକିଆ ଓଡ଼ିଶା ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। କେନ୍ଦ୍ର ସରକାରଙ୍କ ଉଡାନ୍ ଯୋଜନାରେ ନିର୍ମାଣ ହୋଇଥିବା ଝାରସୁଗୁଡା ବିମାନବନ୍ଦର ଉଦ୍‌ଘାଟନୀ ଉତ୍ସବରେ ସେ ଯୋଗଦେବେ ବୋଲି ଜଣାପଡିଛି। ଏହାସହ ୧୬ଶହ କୋଟି ଟଙ୍କା ବ୍ୟୟରେ ତାଳଚେର ସାର କାରଖାନା ନବୀକରଣ ପାଇଁ ସେ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଭାଜପା କାର୍ଯ୍ୟାଳୟ କିମ୍ବା ପ୍ରଧାନମନ୍ତ୍ରୀଙ୍କ ଅଫିସ୍(ପିଏମ୍‌ଓ) ପକ୍ଷରୁ ଏନେଇ କୌଣସି ସୂଚନା ଦିଆଯାଇ ନ ଥିଲେ ମଧ ଦଳର କେତେଜଣ ନେତା ଏହା ପ୍ରକାଶ କରିଛନ୍ତି। ଅନ୍ୟପଟେ ନିକଟ ଅତୀତରେ ସମ୍ବଲପୁରଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ସରକାରଙ୍କ ୪୮ ମାସର ସଫଳତା ସମ୍ପର୍କରେ ମତ ରଖିବା ବେଳେ ଏନେଇ ସଙ୍କେତ ଦେଇଥିଲେ। ଜଣେ ଖବରଦାତା ମୋଦିଙ୍କ ଗସ୍ତ ସମ୍ପର୍କରେ ପ୍ରଶ୍ନ କରିବାରୁ ଧର୍ମେନ୍ଦ୍ର କହିଥିଲେ ଯେ, ଆଗକୁ ପ୍ରଧାନମନ୍ତ୍ରୀ ବାରମ୍ବାର ଓଡିଶା ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ଶିଳାନ୍ୟାସ ପାଇଁ ପ୍ରଧାନମନ୍ତ୍ରୀ ଏକାଧିକବାର ଆସିବେ। ଏହି ଅବସରରେ ସେ ଝାରସୁଗୁଡା ବିମାନବନ୍ଦରର କାର୍ଯ୍ୟ ଶେଷ ହେବା ନେଇ ମଧ ମତ ରଖିଥିଲେ। ଅଗଷ୍ଟ ଶେଷ ସୁଦ୍ଧା କାର୍ଯ୍ୟ ଶେଷ ହୋଇଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ଗସ୍ତବେଳେ ପ୍ରଧାନମନ୍ତ୍ରୀ ତାଳଚେରଠାରେ ଆୟୋଜିତ ଏକ ସାଧାରଣ ସଭାରେ ମଧ ଉଦ୍‌ବୋଧନ ଦେବେ ବୋଲି ଜଣାପଡିଛି। ଭାଜପା ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ଓଡିଶା ଗସ୍ତର କାର୍ଯ୍ୟକ୍ରମ ରହିଛି। ମାତ୍ର ତାଙ୍କ ଗସ୍ତ ନେଇ କୌଣସି ନିର୍ଦ୍ଦିଷ୍ଟ ତାରିଖ ସ୍ଥିର ହୋଇନାହିଁ।

■ 'ସାମ୍ପ୍ରଦାୟିକ ରାଜନୀତିର ବିପଦ ଓ ଆହ୍ୱାନ' ଶୀର୍ଷକ ରାଜ୍ୟସ୍ତରୀୟ ସମ୍ମିଳନୀ

# ସାମ୍ପ୍ରଦାୟିକ ମୌଳବାଦ ବିରୋଧରେ ଏକାଠି ହେବାକୁ ଆହ୍ୱାନ




ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର୍ସଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମ୍ମିଳନୀରେ ସ୍ୱାମୀ ଅଗ୍ନିବେଶ ଏବଂ ଅନ୍ୟ ବକ୍ତାମାନେ।

**ଭୁବନେଶ୍ୱର, ୨୯।୮(ବ୍ୟୁରୋ)**

ଜାତୀୟ ସଂହତି ମଞ୍ଚ ଓ ଅନ୍ୟାନ୍ୟ ନାଗରିକ ସଂଗଠନଗୁଡ଼ିକର ମିଳିତ ଉଦ୍ୟମରେ ବୁଧବାର ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇନିଞ୍ଜିନିୟର୍ସଠାରେ 'ସାମ୍ପ୍ରଦାୟିକ ରାଜନୀତିର ବିପଦ ଓ ଆହ୍ୱାନ' ଶୀର୍ଷକ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜାତି, ଧର୍ମ ନିର୍ବିଶେଷରେ ସମସ୍ତ ପ୍ରଗତିଶୀଳ ଓ ଗଣତାନ୍ତ୍ରିକ ଶକ୍ତି ଏକାଠି ହୋଇ ଦେଶକୁ ଭାଗ ଭାଗ କରୁଥିବା ସାମ୍ପ୍ରଦାୟିକ ମୌଳବାଦ ବିରୋଧରେ ଏକାଠି ହେବାକୁ ଉପସ୍ଥିତ ବକ୍ତାମାନେ ଆହ୍ୱାନ ଦେଇଛନ୍ତି। ସ୍ୱାମୀ ଅଗ୍ନିବେଶ ସମ୍ମିଳନୀରେ ଯୋଗଦେଇ ସମ୍ବିଧାନକୁ ସମ୍ମାନ ଦେବା ଉଚିତ ବୋଲି ମତବ୍ୟକ୍ତ କରିଛନ୍ତି। ଯଦି କେବେ କେଉଁ ଧର୍ମର ବ୍ୟକ୍ତିଙ୍କ ଉପରେ ଆକ୍ରମଣ ହେଉଛି ସେତେବେଳେ ସେ ଅନ୍ୟ ଧର୍ମ ଓ ଜାତିର ବୋଲି ଚିନ୍ତାଧାରା ରଖିବା ଉଚିତ ନୁହେଁ। ସମସ୍ତେ ଭାବିବା ଦରକାର ଯେ ଜଣେ ଭାରତୀୟକୁ ଆକ୍ରମଣ ହୋଇଛି। ଆମେ କୌଣସି ଧର୍ମର ବ୍ୟକ୍ତି ନୁହେଁ। ଆମେ ଭାରତୀୟ, ଏହା ସମସ୍ତଙ୍କ ଭାବନା ହେବା ଉଚିତ ବୋଲି ଅଗ୍ନିବେଶ କହିଛନ୍ତି।

ପ୍ରାରମ୍ଭରେ କନ୍ଧମାଳ ହିଂସା ପୀଡ଼ିତଙ୍କ ମଧ୍ୟରୁ ନିଜ ପରିବାରର ସମସ୍ତଙ୍କୁ ହରାଇଥିବା ପୁଷ୍ପାଞ୍ଜଳି ପଣ୍ଡା ଓ ନୁଙ୍ଗୁରୀ ପ୍ରଧାନ ସେମାନଙ୍କ ଦୁଃଖ ବର୍ଣ୍ଣନା କରିଥିଲେ। ଦୀର୍ଘ ୧୦ବର୍ଷ ପରେ ମଧ ସେମାନେ କିପରି ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି ତାହା ଜଣାଇଥିଲେ। ସୂଚନାଯୋଗ୍ୟ, ୧୦ବର୍ଷ ତଳେ ୨୦୦୮ ଅଗଷ୍ଟ ୨୫ରେ ହିନ୍ଦୁ ମୌଳବାଦୀ ଶକ୍ତିମାନଙ୍କ ଦ୍ୱାରା କନ୍ଧମାଳ ଜିଲାରେ ସଂଘଠିତ ସାମ୍ପ୍ରଦାୟିକ ହିଂସାରେ ସଂଖ୍ୟାଲଘୁ, ଆଦିବାସୀ ଓ ଦଳିତମାନେ ବିଶେଷ କ୍ଷତିଗ୍ରସ୍ତ ହୋଇ ଧନଜୀବନ ହରାଇଥିଲେ। ଏହି ସାମ୍ପ୍ରଦାୟିକ ହିଂସାରେ ପ୍ରାୟ ୧୦୦ ଜଣଙ୍କର ମୃତ୍ୟୁ ଘଟିଥିଲା। ୬୫୦୦ରୁ ଊର୍ଦ୍ଧ୍ୱ ସଂଖ୍ୟାଲଘୁ ଜନସାଧାରଣ ପ୍ରାଣ ଭୟରେ ଘରଦ୍ୱାର ଛାଡ଼ି ପଳାଇଥିଲେ ଓ ୧୨୦୦ରୁ ଊର୍ଦ୍ଧ୍ୱ ଶିଶୁ ଶିକ୍ଷା ଅଧିକାରରୁ ବଞ୍ଚିତ ହୋଇଥିଲେ। ଏବେ ମଧ ସେମାନଙ୍କ ମଧ୍ୟରୁ ଅନେକ ମୌଳବାଦୀ ଶକ୍ତିମାନଙ୍କ ଭୟରେ ଘରକୁ ଫେରି ନ ପାରି ଦେଶର ବିଭିନ୍ନ ସ୍ଥାନରେ ଦାଦନ ଶ୍ରମିକ ଭାବେ ବଞ୍ଚୁଛନ୍ତି। ଆଜି ମଧ କନ୍ଧମାଳର ସେହି ହିଂସା ପୀଡ଼ିତମାନେ ଭୟ ଓ ଆଶଙ୍କା ମଧ୍ୟରେ ରହିଛନ୍ତି। ନ୍ୟାୟ ପାଇବା ପାଇଁ ଗଣତାନ୍ତ୍ରିକ ଓ ନ୍ୟାୟିକ ସଂଘର୍ଷ ଜାରି ରଖିଛନ୍ତି। କନ୍ଧମାଳର ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଶାନ୍ତି, ସଦ୍‌ଭାବନା, ଭାଇଚାରା ପ୍ରତିଷ୍ଠା ଏବଂ ନ୍ୟାୟ ପାଇଁ ସଂଘର୍ଷକୁ ସମସ୍ତ ଗଣତାନ୍ତ୍ରିକ ଓ ପ୍ରଗତିଶୀଳ ଶକ୍ତି ସମର୍ଥନ କରୁଥିବା ବେଳେ ବର୍ତ୍ତମାନ ଦେଶବ୍ୟାପୀ ସୃଷ୍ଟି ହୋଇଥିବା ସାମ୍ପ୍ରଦାୟିକ ଭିନ୍ନମତ ଉପରେ ଆକ୍ରମଣକୁ ପ୍ରତିରୋଧ କରିବା ଆଜି ସମୟର ଆହ୍ୱାନ ବୋଲି ବକ୍ତାମାନେ ମତ ଦେଇଥିଲେ। ସେଥିପାଇଁ ବିଭିନ୍ନ ସଂଗଠନ ମଧ୍ୟରେ ଏକ ସର୍ବନିମ୍ନ ବିଚାରଗତ ଏକତା ପ୍ରତିଷ୍ଠା ଓ ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମ ଉପରେ ସମସ୍ତେ ଗୁରୁତ୍ୱାରୋପ କରିଥିଲେ। ସମ୍ମିଳନୀରେ ପରଞ୍ଜୟ ଗୁହା ଠାକୁରତା, ଡ. ରାମ ପୁନୀୟାନି, ହର୍ଷ ମନ୍ଦେରଙ୍କ ସମେତ ଜାତୀୟସ୍ତରର ବହୁ ବୁଦ୍ଧିଜୀବୀ ଓ ରାଜ୍ୟର ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଯୋଗଦେଇଥିଲେ।

■ କଟକରେ ଆଇନଜୀବୀଙ୍କୁ ମାଡ଼ ଘଟଣା

# ଉଗ୍ରରୂପ ନେଲା ଆଇନଜୀବୀ-ପୋଲିସ ବିବାଦ

- ■ଓକିଲଙ୍କ ହାଇକୋର୍ଟ ବର୍ଜନ
- ■ଟାୟାର ଜାଳି ରାସ୍ତା ଅବରୋଧ
- ■ଜଳିଗଲା ଭଦ୍ରକ ପୋଲିସ ଜିପ୍
- ■୧୮ ପ୍ଲାଟୁନ ଫୋର୍ସ ମୁତୟନ

**କଟକ ଅଫିସ, ୨୯।୮**

ମାଡ଼ ଘଟଣାକୁ ନେଇ କଟକରେ ଆଇନଜୀବୀ-ପୋଲିସ ମଧ୍ୟରେ ଉପୁଜିଥିବା ବିବାଦ ବୁଧବାର ଉଗ୍ରରୂପ ନେଇଛି। ଆଇନଜୀବୀମାନେ କୋର୍ଟ ବର୍ଜନ କରିବା ସହିତ ହାଇକୋର୍ଟ ସନ୍ନିକଟ କେନ୍ଦ୍ରାଞ୍ଚଳ ଆର୍‌ଡିସି ଅଫିସ ସାମ୍ନା ରାସ୍ତାରେ ଟାୟାର ଜାଳି ପ୍ରତିବାଦ କରିଛନ୍ତି। ଏହି ସମୟରେ ସେଠାରେ ଥିବା ଭଦ୍ରକ ପୋଲିସର ଏକ ଭ୍ୟାନ୍ ଜଳିଯାଇଛି। ତେବେ ଆଇନଜୀବୀମାନେ ପୋଲିସ ଜିପ୍‌ରେ ନିଆଁ ଲଗାଇ ଦେଇଥିବା ଚର୍ଚ୍ଚା ହେଉଥିବାବେଳେ ଏହାକୁ ସେମାନେ ଖଣ୍ଡନ କରିଛନ୍ତି। ଆଇନଜୀବୀମାନଙ୍କୁ ବଦନାମ କରିବା ପାଇଁ କେହି ଦୁର୍ବୃତ୍ତ ଏପରି କାର୍ଯ୍ୟ କରିଥିବା ସେମାନେ କହିଛନ୍ତି। ଥାନା ପୋଲିସ ଦେବୀ ପ୍ରସାଦଙ୍କୁ ମାଡ଼ ମାରିଥିବା ଅଭିଯୋଗ କରି ବହୁ ସଂଖ୍ୟକ ଆଇନଜୀବୀ ବିଳମ୍ବିତ ରାତି ଯାଏ ଥାନା ଘେରାଉ କରିଥିଲେ। ଏହି ଘଟଣାକୁ ନେଇ ବୁଧବାର ହାଇକୋର୍ଟରେ ଆଇନଜୀବୀଙ୍କ ସାଧାରଣ ପରିଷଦ ବୈଠକ ବସି କାର୍ଯ୍ୟବନ୍ଦ ଆନ୍ଦୋଳନ ନିଷ୍ପତ୍ତି ନିଆଯାଇଥିଲା। ପୋଲିସ ବିରୋଧୀ ନାରାବାଜି କରିବା ସହ ଟାୟାର ଜାଳି ହାଇକୋର୍ଟ ସାମ୍ନା ରାସ୍ତାରେ ପ୍ରତିବାଦକୁ ଓହ୍ଲାଇଥିଲେ ହାଇକୋର୍ଟର ବହୁ ସଂଖ୍ୟକ ଆଇନଜୀବୀ। ତେବେ ଏସବୁ ଭିତରେ ପୋଲିସ ଭ୍ୟାନରେ ନିଆଁ ଲାଗିବା ପରେ ପରିସ୍ଥିତି ଅଧିକ ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଥିଲା। ପୋଲିସ କମିଶନର



ପୋଡ଼ି ଦିଆଯାଇଥିବା ପୋଲିସ ଜିପ୍।

ମଙ୍ଗଳବାର ରାତିରେ କଟକ ଚାଉଳିଆଗଞ୍ଜ ଓଭରବ୍ରିଜ ନିକଟରେ ଏକ ଦୁର୍ଘଟଣା ଘଟିଥିଲା। ଦେବୀପ୍ରସାଦ ପଟ୍ଟନାୟକ ନାମକ ଜଣେ ଆଇନଜୀବୀଙ୍କ ବାଇକ୍ ଅନ୍ୟ ଏକ ବାଇକ୍ ସହିତ ଧକ୍କା ହୋଇଥିଲା। ଏହାକୁ ନେଇ ଦେବୀ ପ୍ରସାଦଙ୍କୁ ସ୍ଥାନୀୟ ଲୋକେ ଘେରି ଯାଇଥିବା ଖବର ପାଇ ଘଟଣାସ୍ଥଳରେ ଚାଉଳିଆଗଞ୍ଜ ଥାନା ପୋଲିସ ପହଞ୍ଚିଥିଲା। ହେଲେ ସେଠାରେ ପୋଲିସ ଓ ଦେବୀପ୍ରସାଦଙ୍କ ମଧ୍ୟରେ କଥା କଟାକଟି ହୋଇ ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ମାତ୍ର ଚାଉଳିଆଗଞ୍ଜ ସତ୍ୟଜିତ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ଓକିଲଙ୍କ ସହ ଆଲୋଚନା ଆରମ୍ଭ କରିଥିଲେ। ତେବେ ପରିସ୍ଥିତିକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ୧୮ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଆସନ୍ତାକାଲି ସହରରେ ୨୦ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ରାତି ପ୍ରାୟ ୮ଟାବେଳେ ପୋଲିସ ଫ୍ଲାଗ୍‌ମାର୍ଚ୍ଚ କରୁଥିବାବେଳେ ଆଇନଜୀବୀମାନେ ରାସ୍ତାକୁ ଓହ୍ଲାଇବାରୁ ପୁଣି ଉତ୍ତେଜନା ପ୍ରକାଶ ପାଇଥିଲା।

■ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ବଲାଙ୍ଗୀର ଅଶାନ୍ତ

# ଫୁଟିଲା ୪ ରାଉଣ୍ଡ ଗୁଳି, ଜଣେ ଗୁରୁତର

**ବଲାଙ୍ଗୀର ଅଫିସ,୨୯।୮**

ଆସନ୍ତା ୩୧ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗୀର ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷାକୁ ନେଇ ପୋଲିସ ତନାଘନା ଚଳାଇଥିବା ବେଳେ ଗସ୍ତର ଦିନକ ପୂର୍ବରୁ ସହରରେ ଗୁଳିକାଣ୍ଡ ଘଟଣା ଏଠାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ବୁଧବାର ଅପରାହ୍ନରେ ୨୬ନଂ ଜାତୀୟ ରାଜପଥର ସହର ଉପକଣ୍ଠ ବିଜାଖମନ୍ ଜିତୁ ଢାବା ନିକଟରେ ଜଣେ ଯୁବକଙ୍କୁ ଲକ୍ଷ୍ୟ କରି ୪ ରାଉଣ୍ଡ ଗୁଳିମାଡ଼ କରାଯାଇଛି। ଏଥିରେ ସମ୍ପୃକ୍ତ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ଜଣକ ରାମେଶ୍ୱରନଗରର ଦିଲୀପ ପଟ୍ଟନାୟକ। ତାଙ୍କୁ ବଲାଙ୍ଗୀର ସରକାରୀ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଛି। ତାଙ୍କ ଛାତି ଓ ଅଣ୍ଟାରେ ୨ଟି ଗୁଳି ବାଜିଛି। ତେବେ ଗୁଳିମାଡ଼ର କାରଣ ପୋଲିସ ସ୍ପଷ୍ଟ କରିନାହିଁ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ଅବ୍ୟବହିତ ପୂର୍ବରୁ ବଲାଙ୍ଗୀରରେ ଗୁଳିକାଣ୍ଡ ଘଟଣା ପୋଲିସର ଚିନ୍ତା ବଢ଼ାଇଦେଇଛି।






## ମୌସୁମୀ ଦୁର୍ବଳ

**ଭୁବନେଶ୍ୱର,୨୯।୮(ବ୍ୟୁରୋ)**

ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦୁର୍ବଳ ରହିଛି। ଫଳରେ ରାଜ୍ୟରେ ବର୍ଷା ପରିମାଣ ହ୍ରାସ ପାଇଛି। ବାୟୁମଣ୍ଡଳରେ ଜଳୀୟବାଷ୍ପ ରହୁଥିବାରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେତେକ ସ୍ଥାନରେ ଘଡ଼ଘଡି ସହ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଶୁକ୍ରବାରଠାରୁ ବର୍ଷା ପରିମାଣ ବଢିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅଗଷ୍ଟ ୩୧ ତାରିଖରେ ବରଗଡ, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ, କେନ୍ଦୁଝର, ଦେବଗଡ, ମୟୂରଭଞ୍ଜ, ବାଲେଶ୍ୱର ଆଦି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

## ନନ୍ଦନକାନନରେ ଆଫ୍ରିକୀୟ ସିଂହର ମୃତ୍ୟୁ

**ବାରଙ୍ଗ,୨୯।୮(ଡି.ଏନ୍.ଏ.)**

ନନ୍ଦନକାନନ ପ୍ରାଣୀଉଦ୍ୟାନରେ ବୁଧବାର ସକାଳ ପ୍ରାୟ ସାଢ଼େ ୮ଟାରେ ଏକ ଆଫ୍ରିକୀୟ ସିଂହର ମୃତ୍ୟୁ ଘଟିଛି। ସଫାରିରେ ରହୁଥିବା ୮ବର୍ଷର ଏହି ସିଂହ ମଙ୍ଗଳବାର ହଠାତ୍ ଅସୁସ୍ଥ ହୋଇପଡ଼ିଥିଲା। ଦୁର୍ବଳ ହୋଇଯିବା ସାଙ୍ଗକୁ ହାଲିଆ ହୋଇ ଠିକ୍ ଭାବେ ଚଲାବୁଲା କରିପାରି ନ ଥିଲା। ଚିକିତ୍ସା ସତ୍ତ୍ୱେ ତାକୁ ବଞ୍ଚାଇ ରଖାଯାଇପାରି ନ ଥିଲା। ଏହି ସିଂହ ୨୦୧୫ ନଭେମ୍ବର ୧୪ରେ ଅନ୍ୟ ୩ ସିଂହ ଓ ୪ ଜେବ୍ରା ସହ ଇସ୍ରାଏଲ ଚିଡ଼ିଆଖାନାରୁ ନନ୍ଦନକାନନକୁ ଉପହାର ଆକାରରେ ଆସିଥିଲା। ଏବେ ଏହାର ମୃତ୍ୟୁ ପରେ ନନ୍ଦନକାନନରେ ସିଂହ ସଂଖ୍ୟା ୧୨କୁ ହ୍ରାସ ପାଇଛି। ସେଥିମଧ୍ୟରେ ୭ ମାଈ ଓ ୫ ଅଣ୍ଡିରା ରହିଛନ୍ତି। ଗତ ୧୦ତାରିଖରେ ମଧ ଏଠାରେ ଏକ ସିଂହର ମୃତ୍ୟୁ ଘଟିଥିଲା। ଚଳିତ ମାସ ଦୁଇଟି ସିଂହଙ୍କ ମୃତ୍ୟୁ ଘଟଣା କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଓୟୁଏଟିର ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ମୃତଦେହ ବ୍ୟବଚ୍ଛେଦ ପରେ ସିଂହ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି।









❝ କେତେବେଳେ ମଣିଷ ଓ ଈଶ୍ୱରଙ୍କର ସାକ୍ଷାତ ସମ୍ବନ୍ଧ ହୁଏ ? ଯେତେବେଳେ ଈଶ୍ୱର ମଣିଷ ଭିତରକୁ ତାଙ୍କ ଆଡୁ ପ୍ରବେଶ କରନ୍ତି ଏବଂ ମଣିଷ ବି ଯେତେବେଳେ ଈଶ୍ୱରଙ୍କ ଭିତରକୁ ଝାସ ଦିଏ– ସେତିକି ବେଳେ।
–ଶ୍ରୀଅରବିନ୍ଦ



# ବିରାଡ଼ି ଗନ୍ଧ



## ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

କିଛିଦିନ ତଳେ ମୁମ୍ବାଇରୁ ଜଣେ ଲୋକ ମୋ ପାଖକୁ ଚିଠି ଲେଖିଥିଲେ। ସେ ଅଭିଯୋଗ କରିଥିଲେ ଯେ, ସେ ରହୁଥିବା ଫ୍ଲାଟ୍‌ର ପଡ଼ୋଶୀ ଅନେକ ବିରାଡ଼ି ରଖିଛନ୍ତି ଏବଂ ତାଙ୍କ ଘରୁ ବହୁତ ଦୁର୍ଗନ୍ଧ ଆସୁଛି। ଏ ବିଷୟରେ ଅନୁଧ୍ୟାନ କରିବା ପାଇଁ ମୁଁ କିଛି ଲୋକଙ୍କୁ ପଠାଇଲି। ମୋର ସନ୍ଦେହ ଥିଲା ଯେ ଭଦ୍ରବ୍ୟକ୍ତି ଜଣକ ହୁଏତ ଅନେକ ବିରାଡ଼ି ରଖି ତାଙ୍କୁ ଠିକ୍‌ଭାବେ ଖାଇବାକୁ ଦେଉ ନ ଥିବେ ଏବଂ ବିରାଡ଼ି ମରି ଦୁର୍ଗନ୍ଧ ଛାଡୁଥିବ। କିନ୍ତୁ ସେପରି କିଛି ନ ଥିଲା। ସେ ଜଣେ ଭଲ ଲୋକ ଥିଲେ, ଯାହାଙ୍କୁ ସମସ୍ତେ ସମ୍ମାନ କରୁଥିଲେ, ଏପରି କି ଅଭିଯୋଗ କରିଥିବା ମହିଳା ଜଣକ ବି। ବାସ୍ତବରେ ସେ ରୁଗ୍ଣ ଓ ଆହତ ପ୍ରାଣୀମାନଙ୍କୁ ଆଣି ତାଙ୍କର ସେବାଯତ୍ନ କରୁଥିଲେ। ସେମାନେ ସୁସ୍ଥ ହେଲା ପରେ ଅନ୍ୟମାନଙ୍କୁ ପାଳିବା ପାଇଁ ଦାନ କରିଦେଉଥିଲେ। ସେ ସବୁ ବିରାଡ଼ିଙ୍କର ବନ୍ଧ୍ୟାକରଣ କରିଥିଲେ, ତାଙ୍କୁ ସଫାସୁତୁରା ଓ ସୁସ୍ଥ ରଖିଥିଲେ। ତଥାପି ତାଙ୍କ ଘରୁ ଦୁର୍ଗନ୍ଧ ଆସୁଥିଲା। ଅଭିଯୋଗକାରିଣୀ ତାଙ୍କ ଅଭିଯୋଗ ପାଇଁ କ୍ଷମା ମାଗିଲେ କିନ୍ତୁ କହିଲେ ଯେ ସେ ଏପରି ଦୁର୍ଗନ୍ଧ ଭିତରେ ରହିପାରୁ ନାହାନ୍ତି।

ମୁମ୍ବାଇରୁ ବିରାଡ଼ି ଗନ୍ଧ ନେଇ ଅଭିଯୋଗ ପାଇବାରେ ଏହା ହେଉଛି ତୃତୀୟ ବା ଚତୁର୍ଥ ଘଟଣା। ଦୁଇ ଭଉଣୀ ବିରାଡ଼ି ରଖିଥିଲେ। ବିରାଡ଼ି ଗନ୍ଧକୁ ନେଇ ପାଖ ଘରେ ରହୁଥିବା ଘର ମାଲିକାଣୀ ଏତେ ରାଗିଗଲେ ଯେ, ରାତିରେ ଦୁଇ ଭଉଣୀ ଘରେ ନ ଥିବା ବେଳେ ତାଙ୍କ ଘରେ ପଶି ଭଙ୍ଗାରୁଜା କଲେ ଓ ବିରାଡ଼ିମାନଙ୍କୁ ବାହାରକୁ ଫୋପାଡ଼ିଦେଲେ। ସେମାନେ ଗୃହହୀନ ହୋଇପଡ଼ିଲେ। ବର୍ତ୍ତମାନ ଉକ୍ତ ଘରମାଲିକାଣୀଙ୍କୁ ପ୍ରାୟ ଏକ କୋଟି ଟଙ୍କା କ୍ଷତିପୂରଣ ଦେବାକୁ ପଡ଼ିବ।

ବିରାଡ଼ି ମୂତ୍ରର ଗନ୍ଧ ହେଉଛି ଏକ ସମସ୍ୟା। ଏଠାରେ ଏହାର କାରଣ ଓ ନିରାକରଣ ସମ୍ବନ୍ଧରେ କିଛି ଆଲୋଚନା କରୁଛି। ବିରାଡ଼ିମାନେ କୁକୁରଙ୍କ ପରି ଦଳବଦ୍ଧ ହୋଇ ଶିକାର କରନ୍ତି ନାହିଁ, ଖାଆନ୍ତି ନାହିଁ କି ଶୁଅନ୍ତି ନାହିଁ। ସେମାନେ ନିଜ ଅଞ୍ଚଳ ଚିହ୍ନଟ କରନ୍ତି ଏବଂ କେହି କାହା ଅଞ୍ଚଳକୁ ଯଥାସମ୍ଭବ ପ୍ରବେଶ କରନ୍ତି ନାହିଁ। ପରସ୍ପର ମୁହାଁମୁହିଁ ହୋଇ କୌଣସି ବିବାଦର ସମାଧାନ କରିବାର ବ୍ୟବସ୍ଥା ସେମାନଙ୍କର ନାହିଁ। ତେଣୁ ଏହାକୁ ଏଡ଼ାଇବା ପାଇଁ ସେମାନେ ପରସ୍ପର ଲାଗି ପରୋକ୍ଷ ବାର୍ତ୍ତା ଛାଡ଼ିଯାନ୍ତି। ପରିସ୍ରା ମାଧ୍ୟମରେ ଅଞ୍ଚଳ ଚିହ୍ନଟ ସେଥି ମଧ୍ୟରୁ ଗୋଟିଏ। କାହାର କେଉଁ ଅଞ୍ଚଳ ଓ ତାହା କେତେ କାଳ ପାଇଁ ଏବଂ କିଏ ସାଥୀ ଚାହୁଁଛି ନା ନାହିଁ ଇତ୍ୟାଦି ସେହି ପରୋକ୍ଷ ବାର୍ତ୍ତାରୁ ସେମାନେ ବୁଝିନିଅନ୍ତି।

ଯଦି ସେମାନଙ୍କ ଅଞ୍ଚଳ ନିର୍ଦ୍ଧାରିତ, ତା'ହେଲେ କୌଣସି ବିବାଦର ସମ୍ଭାବନା ରହିବ ନାହିଁ। ପୁଣି ଯଦି ସେମାନଙ୍କର ବନ୍ଧ୍ୟାକରଣ କରାଯାଇଥାଏ, ସେମାନଙ୍କ ପାଇଁ ସାଥୀ ଆବଶ୍ୟକ ପଡ଼ିବ ନାହିଁ। ତେଣୁ ସେମାନେ ପରିସ୍ରା ମାଧ୍ୟମରେ ଅଞ୍ଚଳ ଚିହ୍ନଟ କରିବା ବା ବାର୍ତ୍ତା ପ୍ରେରଣ କରିବାକୁ ଯିବେ ବା କାହିଁକି ? କିନ୍ତୁ ଯଦି ସେମାନେ ସାଥୀ ଆବଶ୍ୟକ କରୁଥିବେ ବା କୌଣସି ବିଷୟରେ ଆତୁର ଥିବେ, ତା'ହେଲେ ସେହି ଆତୁରତା ଦୂର କରିବା ପାଇଁ ଅଞ୍ଚଳ ଚିହ୍ନଟ କରିବେ।

ସେମାନେ ସାଧାରଣତଃ ଭୂଲମ୍ବ କାନ୍ଥ ବା ଗଛ ବା ଭୂଲମ୍ବ ଭାବେ ଥିବା ଘରର କୌଣସି ଆସବାବ ଇତ୍ୟାଦିରେ ପରିସ୍ରା ସିଞ୍ଚନ କରି ଅଞ୍ଚଳ ଚିହ୍ନଟ କରନ୍ତି। ଏହି ପରିସ୍ରା ଖୁବ୍ ଉତ୍କଟ ଗନ୍ଧ ଛାଡ଼େ କାରଣ ଏଥିରେ ଅତିରିକ୍ତ ବାର୍ତ୍ତାବାହୀ ରାସାୟନିକ ଥାଏ। ଘରେ ଯେତେ ଅଧିକ ବିରାଡ଼ି ରହୁଥିବେ, ସେମାନଙ୍କ ମଧ୍ୟରୁ ଅନ୍ତତଃ ଗୋଟିଏ ବିରାଡ଼ି ପରିସ୍ରା କରି ଅଞ୍ଚଳ ଚିହ୍ନଟ କରିବାର ସେତେ ଅଧିକ ସମ୍ଭାବନା ଥାଏ। ଘରେ କୌଣସି ପରିବର୍ତ୍ତନ ଘଟିଲେ, ଯଥା ଘରକୁ ନୂଆ ଲୋକ ବା ପ୍ରାଣୀ ଆସିଲେ, ରୋଷେଇଘରର ନବୀକରଣ କରାଗଲେ, ଘରେ ନୂଆ ପିଲା ଜନ୍ମ ହେଲେ ବା ଏପରି କି ଘରେ ନୂଆ ରଙ୍ଗ ଦିଆଗଲେ ବିରାଡ଼ିମାନଙ୍କର ଏପରି ବ୍ୟବହାର ଅଧିକ ଦେଖିବାକୁ ମିଳେ।

ଗୋଟିଏ ବିରାଡ଼ି ଆଉ ଗୋଟିଏ ବିରାଡ଼ିକୁ ଚ୍ୟାଲେଞ୍ଜ କରିପାରେନା। କିନ୍ତୁ ଅନୁପ୍ରବେଶକୁ ରୋକିପାରୁ ନ ଥିବାରୁ ସେ ମାନସିକ ଚାପଗ୍ରସ୍ତ ହୋଇପଡ଼େ। ଗୋଟିଏ ବିରାଡ଼ିକୁ ଅନ୍ୟକୁ ଏଡ଼ାଇ ଚାଲିବାକୁ ଯଦି ଦିଆ ନ ଯାଏ ତେବେ ସେ ଚାପଗ୍ରସ୍ତ ହୋଇ ଅଞ୍ଚଳ ଚିହ୍ନଟ କରେ। ଏହାର ପ୍ରତିକାର ସ୍ୱରୂପ ପ୍ରଥମେ ସବୁ ବିରାଡ଼ିଙ୍କ ବନ୍ଧ୍ୟାକରଣ କରନ୍ତୁ। ବିବାଦକୁ ଏଡ଼ାଇବା ପାଇଁ ସବୁ ବିରାଡ଼ିଙ୍କ ଲାଗି ଖାଇବା, ପିଇବା, ରହିବା ଇତ୍ୟାଦିର ବ୍ୟବସ୍ଥା ଘର ଭିତରେ ଅଲଗା ଅଲଗା ଜାଗାରେ କରନ୍ତୁ। ସେମାନଙ୍କର ଚଳପ୍ରଚଳ ଓ ବସିବାର ବ୍ୟବସ୍ଥା ଯଦି ଅଲଗା ଅଲଗା ଜାଗାରେ କରାଯିବ, ତେବେ ବିବାଦ ଉପୁଜିବ ନାହିଁ। ସେଥିପାଇଁ ମଲ୍‌ଟିପର୍ଚ୍ଚ କ୍ୟାଟ୍ ଟ୍ରି କିଣି ଘରେ ରଖାଯାଇପାରେ।

ବିରାଡ଼ିମାନେ ଘରର ଏଣେତେଣେ ଝାଡ଼ା ପରିସ୍ରା ନ କରିବା ପାଇଁ ପେଟ୍‌ଶପ୍‌ରୁ ଲିଟରବକ୍ସ କିଣି ଘରେ ରଖନ୍ତୁ। କିନ୍ତୁ ଯଦି ଲିଟରବକ୍ସଟି ବିରାଡ଼ିଙ୍କର ପସନ୍ଦଯୋଗ୍ୟ ନ ହୁଏ ଏବଂ ତାହା ଯଦି ସଫାସୁତୁରା ନ ରହେ, ତେବେ ସେମାନେ ତାହା ବ୍ୟବହାର କରିବେ ନାହିଁ। ତେଣୁ ପ୍ରତିଦିନ ମଇଳା ବାହାରେ ପକାଇ ଏହାକୁ ଗରମ ସାବୁନପାଣିରେ ସଫା କରନ୍ତୁ ଏବଂ ଶୁଖାଇ ରଖନ୍ତୁ। ଆମୋନିଆ–ଭିତ୍ତିକ କୌଣସି କ୍ଲିନର ବ୍ୟବହାର କରନ୍ତୁ ନାହିଁ। ଲିଟରବକ୍ସ ଗନ୍ଧ ନ ଛାଡ଼ିବା ପାଇଁ ଏଥିରେ ଦୈନିକ ଲିଟର ଡିଓଡରାଇଜର ସ୍ପ୍ରେ କରନ୍ତୁ। ନିୟମ ହେଉଛି ଆପଣଙ୍କ ଘରେ ଯେତିକି ବିରାଡ଼ି ଥିବେ ତା'ଠୁ ଗୋଟିଏ ଅଧିକ ଲିଟର ବକ୍ସ କିଣିବେ। ଘରର ଅଲଗା ଅଲଗା ସ୍ଥାନରେ ଲିଟରବକ୍ସଗୁଡ଼ିକୁ ରଖିବେ। ଛୋଟ ଆବଦ୍ଧ ସ୍ଥାନରେ ଯଥା ଛୋଟ ପାଇଖାନା, ଶିଡ଼ିଘରେ ଏହାକୁ ରଖନ୍ତୁ ନାହିଁ। ତା'ହେଲେ ଅଧିକ ଦୁର୍ଗନ୍ଧ ହେବ ଏବଂ ବିରାଡ଼ିକୁ ରୁନ୍ଧି ହେଲା ଭଳିଆ ଲାଗିବ। ବଡ଼ ଓ ବାୟୁଚଳାଚଳ କରୁଥିବା ସ୍ଥାନରେ ବିରାଡ଼ିଙ୍କ ଖାଦ୍ୟଠାରୁ ଦୂରରେ ଏହାକୁ ରଖନ୍ତୁ। ପ୍ରାୟ ୧୦ ପ୍ରତିଶତ ବିରାଡ଼ିଙ୍କର ମଳନିଷ୍କାସନଜନିତ ସମସ୍ୟା ଥାଏ। କେତେକ ଲିଟରବକ୍ସ ବ୍ୟବହାର କରିବା ପୂରାପୂରି ଛାଡ଼ିଦିଅନ୍ତି। କେତେକ କେବଳ ମଳତ୍ୟାଗ ବା କେବଳ ମୂତ୍ରତ୍ୟାଗ ପାଇଁ ତାହା ବ୍ୟବହାର କରନ୍ତି, ଉଭୟ ପାଇଁ ନୁହେଁ। ଯଦି ବିରାଡ଼ିଟି ଏହି ବକ୍ସ ବ୍ୟବହାରରେ ସ୍ୱାଚ୍ଛନ୍ଦ୍ୟ ଅନୁଭବ କରୁ ନ ଥିବ, ତେବେ ସେ ତାହା ବ୍ୟବହାର କରିବ ନାହିଁ।

ବିରାଡ଼ିର କିଛି ସ୍ୱାସ୍ଥ୍ୟ ସମସ୍ୟା ଯଥା ଡାଇବେଟିସ୍, କିଡ୍‌ନୀ ରୋଗ ବା ପରିସ୍ରା ନଳୀ ସଂକ୍ରମଣ ଅଛି କି ନାହିଁ ଦେଖନ୍ତୁ, ଯେଉଁ କାରଣରୁ ସେ ଲିଟରବକ୍ସ ବଦଳରେ ବାହାରେ ଝାଡ଼ାପରିସ୍ରା କରିବାକୁ ଚାହୁଁଥିବ। ବାକ୍ସ ଖୁବ୍ ଛୋଟ ହେଲେ ମଧ୍ୟ ବିରାଡ଼ି ତାହା ବ୍ୟବହାର କରିବାକୁ ପସନ୍ଦ କରିବ ନାହିଁ। ବାକ୍ସରେ ଲାଗିଥିବା ହୁଡ୍ ବା ଲାଇନର୍ ମଧ୍ୟ ତା' ପାଇଁ ବାଧକ ହୋଇପାରେ। ଅଧିକାଂଶ ବିରାଡ଼ି ବଡ଼ ବାକ୍ସ ପସନ୍ଦ କରନ୍ତି, ଯେଉଁଥିରେ ସେମାନେ ସହଜରେ ପ୍ରବେଶ କରିପାରିବେ। ଲିଟରବକ୍ସ ବ୍ୟବହାର କଲାବେଳେ ବିରାଡ଼ି ଯଦି କୌଣସି କାରଣରୁ ଭୟ ପାଏ, ତେବେ ପରେ ସେ ତାହା ବ୍ୟବହାର କରିବାକୁ ଡରିବ। ସେମିତି ହେଲେ ଲିଟରବକ୍ସକୁ ନେଇ ଅନ୍ୟ ଏକ ଭଲ ସ୍ଥାନରେ ରଖନ୍ତୁ। ଏହାକୁ ଏପରି ସ୍ଥାନରେ ରଖନ୍ତୁ, ଯେମିତି କି କିଛି ଅସୁବିଧା ଅନୁଭବ କଲେ ବିରାଡ଼ିଟି ସଙ୍ଗେ ସଙ୍ଗେ ବାହାରକୁ ପଳାଇଯାଇପାରିବ। ଲିଟରବକ୍ସ ଆଡ଼କୁ ଯିବା ବାଟରେ ବିରାଡ଼ି ପାଇଁ କିଛି ଲୋଭନୀୟ ଖାଦ୍ୟ ଓ ଖେଳନା ରଖନ୍ତୁ। କିନ୍ତୁ ଲିଟରବକ୍ସର ଅତି ପାଖରେ ଖାଦ୍ୟ ରଖନ୍ତୁ ନାହିଁ। କାରଣ ବିରାଡ଼ିମାନେ ନିଜ ଖାଦ୍ୟ ପାଖରେ ମଳତ୍ୟାଗ କରିବାକୁ ପସନ୍ଦ କରନ୍ତି ନାହିଁ।

ଯେତେବେଳେ ବିରାଡ଼ିଟି ଲିଟରବକ୍ସ ବାହାରେ ମଳତ୍ୟାଗ କରୁଛି, ତାକୁ ପାଟି ନ କରି ବା କୌଣସି ଦଣ୍ଡ ନ ଦେଇ ସଙ୍ଗେ ସଙ୍ଗେ ଟେକିନେଇ ଲିଟରବକ୍ସରେ ବସାଇ ଦିଅନ୍ତୁ। ଏହା ପ୍ରତିଥର କରନ୍ତୁ, ଯେତେବେଳେ ବି ସେ ବାହାରେ ମଳତ୍ୟାଗ କରିବାର ଦେଖିବେ। ଆଉ ସେ ଲିଟରବକ୍ସରେ ମଳତ୍ୟାଗ କରିବା ପରେ ତା' ପିଠି ଥାପୁଡ଼ାଇ ସାବାସି ଦିଅନ୍ତୁ। ତା'ହେଲେ ଲିଟରବକ୍ସ ବ୍ୟବହାର କରିବା ତା'ର ଅଭ୍ୟାସରେ ପଡ଼ିଯିବ। ତା' ସତ୍ତ୍ୱେ ଯଦି ବିରାଡ଼ିଟି ଏଣେତେଣେ ପରିସ୍ରା କଲା, ତା'ହେଲେ ଏକ କନାରେ ପରିସ୍ରାକୁ ପୋଛିନିଅନ୍ତୁ। ଦାଗକୁ ଘଷନ୍ତୁ ନାହିଁ। ଶୁଖିଯାଇଥିଲେ ଥଣ୍ଡା ପାଣି ଢାଳି ପୋଛନିଅନ୍ତୁ। ଅମୋନିଆ ଥିବା ଡିଟର୍ଜେଣ୍ଟ ବ୍ୟବହାର କରନ୍ତୁ ନାହିଁ। କାରଣ ତା'ହେଲେ ବିରାଡ଼ି ପୁଣି ସେହି ସ୍ଥାନକୁ ଚିହ୍ନଟ କରିବ। ପୁରୁଣା ଓ ନୂଆ ପରିସ୍ରା ଦାଗ ଛଡ଼ାଇବା ପାଇଁ ଭିନେଗାର ଦ୍ରବଣ ବ୍ୟବହାର କରନ୍ତୁ। ଦେଢ଼ କପ୍ ଉଷୁମ ପାଣିରେ ଅଧ କପ୍ ଭିନେଗାର ମିଶାଇ ଏହି ଦ୍ରବଣ ପ୍ରସ୍ତୁତ କରିପାରିବେ। ଏହି ଦ୍ରବଣକୁ ଦାଗ ଥିବା ସ୍ଥାନରେ ଅଳ୍ପ ଢାଳି ୩ରୁ ୫ ମିନିଟ୍ ଛାଡ଼ିଦିଅନ୍ତୁ। ଏହା ଶୁଖିଗଲା ପରେ ତା' ଉପରେ କିଛି ଖାଇବା ସୋଡ଼ା ପକାନ୍ତୁ। ତା' ପରେ କିଛି ଘଣ୍ଟା ଛାଡ଼ିଦିଅନ୍ତୁ। ସ୍ଥାନଟି ପୂରା ଶୁଖିଗଲା ପରେ ଉପରେ ପଡ଼ିଥିବା ଖାଇବା ସୋଡ଼ାକୁ ପୋଛିନିଅନ୍ତୁ। ଦାଗ ଛାଡ଼ିଯିବ। ତଥାପି ଯଦି କିଛି ଦାଗ ରହିଯାଏ, ତେବେ ଏହି ପ୍ରକ୍ରିୟାର ପୁନରାବୃତ୍ତି କରନ୍ତୁ।

Email: gandhim@nic.in

# ଖଣ୍ଡେ କାଗଜ



ଅଞ୍ଜନ ଚାନ୍ଦ

ବୁଢ଼ାଟି ପାଗଳ ନା କ'ଣ ? ଅବସର ପରେ ଆଉ କିଛି କାମ ନାହିଁ। ଘରେ ବସି କ'ଣ କରିବ ? ତେଣୁ ଏଠାକୁ ଆସି ଫାଲ୍‌ତୁ କାମରେ ମାତିଛି। ଷ୍ଟେଶନ ଛକ ଚା' ଖଟିରେ ଏଇ ସେଦିନର ଆଲୋଚ୍ୟ ବିଷୟ।

ପ୍ରତିଦିନ ସକାଳେ ପ୍ରାତଃଭ୍ରମଣକାରୀମାନେ ପୋଲିସ ପଡ଼ିଆରେ ଚକ୍କର ମାରିବା ପରେ ଷ୍ଟେଶନ ଛକ ସପନ ଚା' ଦୋକାନ ଓ ନନାଙ୍କ ପାନ ଦୋକାନରେ ଭିଡ କରନ୍ତି। ସେମାନଙ୍କ ପାଇଁ ବଉଳ ଗଛମୂଳ ପିଣ୍ଡିରେ ଦୈନିକ ଖବରକାଗଜ କେତୋଟି ରହିଥାଏ। ଯିଏ ଯେଉଁଟା ପାଆନ୍ତି ପଢ଼ନ୍ତି। ପଢିସାରି ଲୋଚାକୋଚା କରି ଫିଙ୍ଗିଦିଅନ୍ତି। ଯାହାଙ୍କ ବିଷୟରେ ସେଦିନ ଚର୍ଚ୍ଚା ସେଇ ବୃଦ୍ଧ ଜଣକ କାଗଜଗୁଡିକୁ ସଜାଡି ଯତ୍ନରେ ରଖୁଥାନ୍ତି ଓ ପ୍ରତିବଦଳରେ ପାଗଳ ଆଖ୍ୟା ପାଇଥାନ୍ତି। ମୁଁ ଭାବିଲି, ଏଇ ଶୃଙ୍ଖଳିତ ବୃଦ୍ଧ ଯଦି ପାଗଳ, ତାଙ୍କୁ ପାଗଳ କହୁଥିବା ଲୋକମାନଙ୍କୁ କ'ଣ କୁହାଯିବ ?

ସକାଳେ ଟ୍ରେନ୍ ଯାତ୍ରା କରିବାର ଥିଲେ ମୁଁ ପ୍ଲାଟ୍‌ଫର୍ମରୁ ଖବରକାଗଜ ଖଣ୍ଡେ କିଣେ। କାଗଜର ପ୍ରଥମ ଦାୟିତ୍ୱ ଝର୍କା ଭିତର ଦେଇ ସେ ସହଜରେ ବଗି ଭିତରେ ପଶିଯାଏ ଓ ମୁଁ ଉଠିବା ଆଗରୁ ମୋ ପାଇଁ ସିଟ୍‌ଟିଏ ରଖେ। ଦିନେ ଗାଁକୁ ଯାଉଛି। ଟ୍ରେନ୍‌ରେ ଉଠି ଦେଖିଲି ମୋ ପାଇଁ ସିଟ୍ ତ ଅଛି କିନ୍ତୁ ସିଟ୍ ରଖିଥିବା ଖବରକାଗଜଟି ସେଠାରେ ନାହିଁ। ପାଖରେ ବସିଥିବା ପଠନପ୍ରିୟ ଯାତ୍ରୀଗଣ ତାକୁ ଖୋଲି ଖଣ୍ଡେ ଖଣ୍ଡେ ଧରି ବସିଛନ୍ତି। କାମଟି ଯଦିଚ ଭଲ ଲାଗିଲା ନାହିଁ ତଥାପି ଭାବିଲି, ହଉ ପଢନ୍ତୁ। ସେମାନେ ପଢିସାରିବା ପରେ ଆଣି ଏକାଠି କରିବି।

କିନ୍ତୁ ସେମିତି ହେଲାନାହିଁ। କାଗଜଗୁଡିକ ହାତରୁ ହାତ ହୋଇ ବଗିସାରା ଘୂରିବୁଲିଲା। ଟ୍ରେନ୍ ଚାଲିଛି। ଗାଁ ଷ୍ଟେଶନ ପାଖେଇ ଆସୁଛି। ମୁଁ ମୁଣ୍ଡ ଟେକି କାଗଜଗୁଡିକୁ ନିଘା କରୁଛି। ସେଗୁଡିକ ଧୀରେ ଧୀରେ ଆଖି ଆଢୁଆଳକୁ ଚାଲିଯାଉଛି। ମୋ ଧୈର୍ଯ୍ୟ ରହୁନାହିଁ। ମୁଁ ବସିବା ଜାଗାରୁ ଉଠିପଡୁଛି। ଷ୍ଟେଶନ ଆସିବା ଆଗରୁ କାଗଜଗୁଡିକୁ ସଂଗ୍ରହ କରିବାକୁ ହେବ।

ବଗିର ଏ ମୁଣ୍ଡରୁ ସେ ମୁଣ୍ଡ ମୁଁ ବୁଲୁଛି। ଦେଖୁଛି ପଢିସାରିବା ପରେ କେତେଜଣ ଯାତ୍ରୀ କାଗଜଗୁଡିକ ଉପରେ ଭିନ୍ନ ଭିନ୍ନ କର୍ମସଂସ୍ଥାନ ଗଢିଛନ୍ତି। ଚାରିଜଣ ଯୁବକ ତା' ଉପରେ ତାସ୍ ପାଲି ପକାଇଛନ୍ତି। ବହୁସନ୍ତାନ ବିଶିଷ୍ଟ ଏକ ପରିବାର ମୁଢିମିକ୍ସଚର ଗୋଳାଇ ସାମୂହିକ ଭୋଜନ କରୁଛନ୍ତି। ଜଣେ ଚନ୍ଦାମୁଣ୍ଡିଆ ବିଜ୍ଞ ଲୋକ ସେଥିରେ କ'ଣ ସବୁ ଗାର ଟାଣି ସହଯାତ୍ରୀଙ୍କୁ ଗୁରୁତ୍ୱପୂର୍ଣ୍ଣ କିଛି ଗୋଟାଏ ବୁଝାଉଛନ୍ତି। ଶେଷ ଖଣ୍ଡିକ କିନ୍ତୁ ଏବେ ବି ନିରାପଦରେ ଅଛି। ଦଳେ ଲୋକ ତା' ଉପରକୁ ଝୁଙ୍କି ପଡିଛନ୍ତି। ଖୁବ୍ ଆଗ୍ରହରେ କ'ଣ ଗୋଟେ ଖବର ପଢୁଛନ୍ତି। ଗତ ରାତିରେ ବିଶେଷ ଘଟଣା କିଛି ଘଟିଛି କି ? ହତ୍ୟା, ଲୁଟ୍, ଘୋଟାଲା, ବଳାତ୍କାର ନା କେଉଁ ନାୟିକାର ତୃତୀୟ ବିବାହ ବିଚ୍ଛେଦ ?

ମୁଁ ଆଗ୍ରହରେ ନାକ ଗଳେଇଲି। ଦେଖିଲି ସେସବୁ ନୁହେଁ, ତାହା ଥିଲା ଗୋଟେ ସୁଲଭ ଶୌଚାଳୟର ଉଦ୍‌ଘାଟନ ଖବର। ସାମାନ୍ୟ ଖବରଟି ସେଇ ମୁହୂର୍ତ୍ତରେ ସେମାନଙ୍କ ପାଇଁ ଅସାମାନ୍ୟ ହୋଇପଡିଛି। ଏଇଥିପାଇଁ ଯେ, ଶୌଚାଳୟକୁ ଉଦ୍‌ଘାଟନ କରିଥିବା ନେତା ଜଣକ ସଫେଦ ଧୋତି ପଞ୍ଜାବି ପରିଧାନ କରି ସେଠାରେ ଉପସ୍ଥିତ ଅଛନ୍ତି। ଗମ୍ଭୀର ମୁହଁରେ ଏତିକି ମାତ୍ର ହସ ଧରି ରଖିଛନ୍ତି, ଯେଉଁଥିରୁ ଜାଣିହେବ ଏପରି ଜଣେ ଅସାଧାରଣ ଲୋକ ପାସେଞ୍ଜର ଟ୍ରେନ୍‌ର ସାଧାରଣ ବଗିରେ ଅତି ସାଧାରଣ ଲୋକଙ୍କ ସହିତ ଯାତ୍ରା କରିବାର ଉଦାରପଣ ଦେଖାଇପାରନ୍ତି।

ମୁଁ ଅପେକ୍ଷାକଲି। ଖବରଟି ପଢ଼ା ସରିବା ପରେ କହିଲି– ଆଜ୍ଞା, କାଗଜଟି ଦେବେ କି ? ଜଣେ ଦାଢ଼ିବନ୍ତ ବପୁବାନ୍ ଲୋକ ନଗଣ୍ୟ ଦୃଷ୍ଟିରେ ମୋତେ ଚାହିଁଲେ। କହିଲେ– ଯାଅ, କିଣିକରି ପଢ଼। କହିଲି– ଏଇ କାଗଜଟି ମୁଁ କିଣିଛି। କ'ଣ ହେଲା ସେଇଠୁ– ସେ ବିତଣ୍ଡା କଲେ। ସହଚରମାନେ ତାଙ୍କୁ ସମର୍ଥନ କରି ମୋ ଉପରେ ତେଜି ଉଠିଲେ। ନେତା ବୋଧହୁଏ ମୋତେ ଚିହ୍ନିଛନ୍ତି। ସହରର ସଭାସମିତିରେ ଦେଖିଛନ୍ତି। ପାଖ ଲୋକମାନଙ୍କୁ ଶାନ୍ତ କରି ସେ କହିଲେ– ଏଇ ତୁଚ୍ଛ କାଗଜଖଣ୍ଡ ପାଇଁ ଆପଣ ଯୁକ୍ତି କରୁଛନ୍ତି ? ମୁଁ କହିଲି– ଯୁକ୍ତିକୁ ଆପଣ ମୂଲ୍ୟହୀନ କହିପାରନ୍ତି କିନ୍ତୁ ଖବରକାଗଜକୁ ତୁଚ୍ଛ କୁହନ୍ତୁ ନାହିଁ। ଆମ ଘରର ତିନୋଟି ଖମ୍ବ ଏବେ ଦୁର୍ବଳ ହୋଇପଡିଛି। ଗୋଟିଏ ଖମ୍ବ ଘରର ଛାତକୁ ଧରି ରଖିବାକୁ ଚେଷ୍ଟା କରୁଛି। ସେଇ ଖମ୍ବଟି ଏଇ କାଗଜଖଣ୍ଡେରେ ହିଁ ତିଆରି ହୋଇଛି।

ସେମାନେ ଆଶ୍ଚର୍ଯ୍ୟରେ ମୋତେ ଚାହିଁଲେ। ମୋ କଥାର ଅର୍ଥବୁଝିବାକୁଚେଷ୍ଟାକରୁଥିଲେ।ସେତେବେଳେଗାଁଷ୍ଟେଶନରେ ଟ୍ରେନ୍ ଠିଆହେଲା ଏବଂ ମୁଁ ନୀରବରେ ତଳକୁ ଓହ୍ଲାଇଗଲି।

ଅଙ୍ଗାରଗାଡ଼ିଆ, ବାଲେଶ୍ୱର, ମୋ–୯୪୩୭୨୯୬୮୬୪

## ଏଇ ଭାରତରେ

ଅନ୍ତଃବର୍ଣ୍ଣ ବିବାହକୁ ସରକାରୀ ସ୍ୱୀକୃତି ମିଳିଛି। ଏପରି କି ଏପରି ବିବାହ କରୁଥିବା ଯୁବତୀଯୁବକଙ୍କୁ ପ୍ରୋତ୍ସାହନ ରାଶି ମଧ୍ୟ ମିଳୁଛି। କିନ୍ତୁ ସମାଜରେ ଏବେ ବି ଅନେକ ସ୍ଥାନରେ ଏହି ବିବାହକୁ ନେଇ ବିରୋଧାଭାସ ଦେଖାଯାଉଛି। ଏପରି କି ଭିନ୍ନ ଜାତିରେ ବିବାହ କରୁଥିବା ଯୁବତୀଯୁବକ ଏବଂ ସେମାନଙ୍କ ସମ୍ପର୍କୀୟଙ୍କୁ ଗାଁରୁ ବାସନ୍ଦ ମଧ୍ୟ କରିଦିଆଯାଉଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଛତିଶଗଡ଼ କାଙ୍କେର୍‌ର କୋରର୍ ଅଞ୍ଚଳରେ। ଗତ ମେ' ମାସରେ ଏଠାକାର ଜଣେ ଯୁବତୀ ଅନ୍ୟ ଜାତିର ଜଣେ ଯୁବକଙ୍କୁ ଭଲ ପାଇ ତାଙ୍କ ସହ ଚାଲିଯାଇଥିଲେ। ପରେ ଉଭୟେ ବିବାହ ମଧ୍ୟ କରିଛନ୍ତି। କିନ୍ତୁ କୋରର୍‌ର ହଟାରକସା ପଞ୍ଚାୟତବାସୀ ଏହାକୁ ସହଜରେ ଗ୍ରହଣ କରିପାରି ନାହାନ୍ତି। ଅନ୍ୟ ଜାତିରେ ବିବାହ ସମାଜ ଓ ଜାତି ପ୍ରତି କଳଙ୍କ ବୋଲି କହି ଯୁବତୀଙ୍କ ପରିବାର ଓ ସମ୍ପର୍କୀୟଙ୍କୁ ଗ୍ରାମରୁ ନିଆଁପାଣି ବାସନ୍ଦ କରାଯାଇଛି। ଏପରି କି ଗ୍ରାମରେ ସେମାନଙ୍କ ସହ ଯଦି କେହି କଥା ହୁଅନ୍ତି, ତେବେ ସେମାନଙ୍କୁ ଜରିମାନା ଦେବାକୁ ପଡ଼ିବ ବୋଲି ଘୋଷଣା କରାଯାଇଛି। ଅପରପକ୍ଷରେ ଗ୍ରାମରୁ ବାସନ୍ଦ ହୋଇ ୪୦ଜଣ ଲୋକ ଅତି କଷ୍ଟକର ଜୀବନ ବିତାଉଛନ୍ତି। ଯାହା ଭୁଲ୍ ହୋଇଛି ତାକୁ କ୍ଷମା କରିଦେବାକୁ ଗ୍ରାମବାସୀଙ୍କ ନିକଟରେ ନିବେଦନ କରି ବିଫଳ ହୋଇଛନ୍ତି। ତେଣୁ ଏବେ ସେମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜିଲାପାଳ ଏହି ସମସ୍ୟାର କିଛି ସମାଧାନ କରିବେ ବୋଲି ସେମାନେ ଆଶା ରଖିଛନ୍ତି।

## ଚିରନ୍ତନୀ

ସିନ୍ଧୁ ବ୍ୟବଧାନ କାଟି ମିଳନର ଛନ୍ଦେ ମାତି
ନିଭିଯିବ କେବେ ସତେ ଜୀବନେ ଜୀବନ
କେଉଁ ଦିନ ହୋଇବ ମିଳନ ।
(ବ୍ୟବଧାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 5 | | | | A | | | | | | | | E |
| 1 | | C | | | | | 7 | | | | 6 | | 0 | |
| | A | 6 | | | 3 | D | 5 | | | B | | | | |
| | | | | | A | | | E | D | 4 | | | 6 | |
| | B | E | | | | | | | 7 | 1 | | | 9 | |
| C | | | | 2 | | 5 | 3 | 9 | | E | | | A | |
| 0 | | | A | | 8 | 4 | | | C | | | | | |
| | 8 | | | | B | | 6 | | 5 | | 0 | | | |
| | | 2 | 6 | | | | C | | B | 9 | | | E | D |
| | | 4 | C | 9 | 5 | 8 | | | | 3 | | | | 7 |
| | 7 | | | 0 | | | | 3 | | 2 | | | 1 | |
| | | | | A | | 2 | | | 1 | 8 | | E | D | B |
| | | 3 | | 5 | 6 | | 8 | | E | | | | | |
| 2 | 9 | | | 7 | | 6 | | C | | A | | 8 | | |
| | | | 8 | | | | | 1 | | D | | | 2 | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 1 | 2 | A | 5 | B | 9 | 7 | 3 | D | 4 | E | C | 0 | 8 |
| 9 | 5 | E | D | 8 | 0 | 4 | B | C | 6 | 7 | A | 2 | 3 | 1 |
| 7 | D | 3 | E | C | 1 | A | 0 | 6 | 8 | 2 | B | 4 | 5 | 9 |
| A | 4 | 8 | 6 | 3 | 9 | 5 | E | 2 | 0 | C | 1 | D | 7 | B |
| B | 0 | C | 4 | 2 | 7 | D | 1 | 8 | 3 | 5 | 9 | A | 6 | E |
| C | A | 0 | 7 | E | D | 3 | 4 | 5 | 9 | 8 | 6 | B | 1 | 2 |
| 5 | 8 | 7 | C | B | 6 | 2 | 9 | A | 1 | E | D | 3 | 4 | 0 |
| 1 | 3 | B | 8 | 4 | 2 | 6 | D | E | C | A | 0 | 5 | 9 | 7 |
| 4 | E | 9 | 5 | 1 | A | B | 8 | 0 | 2 | 3 | 7 | 6 | C | D |
| D | 2 | 6 | 9 | 0 | 3 | 7 | C | 1 | 5 | B | 4 | 8 | E | A |
| 2 | 9 | 5 | 1 | 7 | 8 | 0 | A | D | 4 | 6 | C | E | B | 3 |
| 0 | B | D | 2 | 6 | 4 | E | 3 | 9 | A | 1 | 5 | 7 | 8 | C |
| E | C | 1 | 3 | A | 5 | 8 | 6 | B | 7 | 0 | 2 | 9 | D | 4 |
| 8 | 7 | A | 0 | D | E | C | 5 | 4 | B | 9 | 3 | 1 | 2 | 6 |
| 3 | 6 | 4 | B | 9 | C | 1 | 2 | 7 | E | D | 8 | 0 | A | 5 |

ଗତକାଲିର ଉତ୍ତର

# ଆସ ମଙ୍ଗଳରେ ଘର କରିବା



ଇଂ. ପ୍ରଦୀପ କୁମାର ସାହୁ

ଆବହମାନ କାଳରୁ ମହାକାଶକୁ ନେଇ ଅନେକ ଉତ୍କଣ୍ଠା ଓ ଜିଜ୍ଞାସା ଆମ ମନରେ ଉଙ୍କି ମାରିଛି। ମହାକାଶ ଗବେଷଣା ବି ବିଶ୍ୱରେ କ୍ଷିପ୍ରଗତିରେ ଆଗେଇ ଚାଲିଛି। ଆମ ଦେଶ ଭାରତ ବି ମହାକାଶ କ୍ଷେତ୍ରରେ ଅନେକ ମାଇଲଖୁଣ୍ଟ ଅତିକ୍ରମ କରିଚାଲିଛି। ଭାରତ ମଙ୍ଗଳ ଗ୍ରହକୁ ମଙ୍ଗଳଯାନ ପ୍ରେରଣ କରି ଗବେଷଣା ଜାରି ରଖିଛି। ସୌରମଣ୍ଡଳରେ ଥିବା ଗ୍ରହ ମଧ୍ୟରୁ କେବଳ ପୃଥିବୀ ଏକ ବାସୋପଯୋଗୀ ଗ୍ରହ ରୂପେ ପରିଚିତ। କାରଣ ଜନବସତି ପାଇଁ ଏଠାରେ ଉପଯୁକ୍ତ ତାପମାତ୍ରା, ବାୟୁମଣ୍ଡଳ ଓ ଜଳବାୟୁ ଉପଲବ୍ଧ। ତେବେ ଅନ୍ୟାନ୍ୟ ଗ୍ରହରେ ଜନବସତି ପାଇଁ ମଣିଷ ପରିକଳ୍ପନା କରିଆସିଛି। ଅନେକ ବର୍ଷର ଗବେଷଣା ଓ ପରୀକ୍ଷା ପରେ ଏବେ ପୃଥିବୀ ବ୍ୟତିରେକେ ମଙ୍ଗଳ ଗ୍ରହରେ ଜନବସତିର ସମ୍ଭାବନା ନେଇ ଆଶା ଉଦ୍ରେକ ହୋଇଛି।

ପୃଥିବୀର ନିକଟତର ଆଉ ୨ଟି ମହାକାଶୀୟ ପିଣ୍ଡ ଚନ୍ଦ୍ର ଓ ବୁଧ ଯାହା ଜନବସତି ପାଇଁ ଅନୁପଯୁକ୍ତ। କାରଣ ସେଠାରେ ତାପମାତ୍ରା ହାରାହାରି ୪୦୦ ଡିଗ୍ରୀ ଓ ଚାପ ୯୦୦ ପେସ୍କାଲ। ତେବେ ଆସନ୍ତୁ ଜାଣିବା ମଙ୍ଗଳ ଗ୍ରହରେ ଜନବସତି କାହିଁକି ସମ୍ଭବ। ମଙ୍ଗଳ ଗ୍ରହରେ ମାଟିରେ ଆର୍ଦ୍ରତା ଭରି ରହିଛି। ଏହା ଅଧିକ ଉଷ୍ମ କି ଅଧିକ ଶୀତଳ ନୁହେଁ। ସୌରଶକ୍ତି ପ୍ରଚୁର ମାତ୍ରାରେ ଉପଲବ୍ଧ। ମାଧ୍ୟାକର୍ଷଣ ଶକ୍ତି ପୃଥିବୀର ୩/୮ ଭାଗ, ଯାହା କି ମାନବ ବସତି ପାଇଁ ଉପଯୁକ୍ତ। ଏହାର ବାୟୁମଣ୍ଡଳ ସୌର ବିକିରଣ ଓ ମହାଜାଗତିକ ଅମ୍ଳ ବର୍ଷାରୁ ରକ୍ଷା କରିଥାଏ। ପୃଥିବୀ ପରି ଏଠାରେ ଦିନ–ରାତି ପ୍ରାୟ ସମାନ। ମଙ୍ଗଳ ଗ୍ରହରେ ଏହା ୨୪ ଘଣ୍ଟା ୩୯ ମିନିଟ୍ ୩୫ ସେକେଣ୍ଡ।

ଭାରତୀୟ ଅନ୍ତରୀକ୍ଷ ଗବେଷଣା ସଂସ୍ଥା (ଇସ୍ରୋ) ମହାକାଶକୁ ମଙ୍ଗଳଯାନ ପ୍ରେରଣ କରିଛି। ଏହା ଅନେକ ତଥ୍ୟ ପୃଥିବୀପୃଷ୍ଠକୁ ପ୍ରେରଣ କରିଛି। ତେଣୁ ଭାରତୀୟଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଦେଇଛି। ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା (ନାସା)ର ଇନ୍‌ସାଇଟ୍ ଲ୍ୟାଣ୍ଡର ଯୋଗେ ମଙ୍ଗଳ ଗ୍ରହକୁ ଯାତ୍ରା କରିବା ପାଇଁ ଏଯାବତ୍ ପ୍ରାୟ ୨୦ ଲକ୍ଷ ଲୋକ ଆବେଦନ କରିସାରିଲେଣି। ଆମ ଭାରତରୁ ମଧ୍ୟ ୧.୩ ଲକ୍ଷ ଆଗ୍ରହୀ ଲୋକ ମଙ୍ଗଳ ଗ୍ରହକୁ ଯିବା ପାଇଁ ଟିକଟ ସଂରକ୍ଷଣ କରିଛନ୍ତି। ଏଥିରୁ ଜଣାପଡୁଛି ପୃଥିବୀ ବ୍ୟତିରେକେ ଅନ୍ୟ ଗ୍ରହରେ ଜନବସତି ପାଇଁ ବିଶ୍ୱବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ଦେଖାଦେଇଛି। ଯେଉଁମାନେ ଆବେଦନ କରିଛନ୍ତି ସମସ୍ତଙ୍କୁ ବୋର୍ଡିଙ୍ଗ୍ ପାସ୍ ହସ୍ତାନ୍ତର କରାଯାଇଛି। ସେମାନଙ୍କ ନାମ ଗୋଟେ ଅତି କ୍ଷୁଦ୍ର ସିଲିକନ ଚିପ୍‌ରେ ସଂରକ୍ଷିତ କରି ରଖାଯାଇଛି ଓ ସ୍ଥାୟୀ ଭାବରେ ମଙ୍ଗଳ ଗ୍ରହରେ ଲିପିବଦ୍ଧ କରାଯାଇଛି।

ଆଗାମୀ ଦଶନ୍ଧି ମଧ୍ୟରେ ନାସା ମଙ୍ଗଳ ଗ୍ରହକୁ ଯିବା ପାଇଁ ଏକ ମହାକାଶ ଯାନ ବିକଶିତ କରିବାରେ ସକ୍ଷମ ହେବ, ଯାହା ଯାତ୍ରୀଙ୍କୁ ନେଇ ଯାତ୍ରା କରିପାରିବ। ଏହି ବିଶାଳକାୟ ୨୫୦୦ ଟନ୍ ଓଜନିଆ ମହାକାଶ ଯାନ ଓ ତତ୍‌ସଂଲଗ୍ନ ଓରିୟନ୍ କ୍ୟାପ୍‌ସୁଲ ସାହାଯ୍ୟରେ ପ୍ରଥମ ଥର ପାଇଁ ଏହା ସମ୍ଭବ ହେବ। ମଙ୍ଗଳ ଗ୍ରହରେ ପଦାର୍ପଣ କଲା ପରେ ଜଣେ ବଞ୍ଚିବା ପାଇଁ ବାୟୁ, ଜଳ, ଖାଦ୍ୟ ଓ ବିଜୁଳିଶକ୍ତି ଆବଶ୍ୟକ। ସ୍ୱଳ୍ପମିଆଦୀ ଯୋଜନା ମୁତାବକ ପୃଥିବୀରୁ ନେଇଥିବା ଅଥବା ସ୍ୱତନ୍ତ୍ର ମିଶନ ଯୋଗେ ପଠାଯାଇଥିବା ଜିନିଷ ବ୍ୟବହାର କରିହେବ। କିନ୍ତୁ ଦୀର୍ଘମିଆଦୀ ଯୋଜନା ଅନୁସାରେ ଏସବୁ ସେଠି ଉତ୍ପନ୍ନ ହେବା ଜରୁରୀ। ନାସାର ୨୦୨୦ ରୋଭର ଅଙ୍ଗାରକାମ୍ଳରୁ ଅମ୍ଳଜାନ ପ୍ରସ୍ତୁତ କରିବାରେ ସହାୟକ ହେବ। ଆଗରୁ ମଙ୍ଗଳ ଗ୍ରହରେ ହ୍ରଦ, ନଦୀ ଓ ସମୁଦ୍ର ଥିଲା। ଏବେ କେବଳ ବରଫ ସ୍ତୂପ ଅଛି। ଏହି ବରଫ ସ୍ତୂପରୁ ଜଳ ନିଷ୍କାସନ କରିହେବ ଓ ମଣିଷ ତାହା ବ୍ୟବହାର କରିପାରିବ। ମଙ୍ଗଳ ଗ୍ରହରେ ଖାଦ୍ୟ ଉତ୍ପାଦନ କରିବା ଏତେଟା ସହଜ ହେବନି। ତଥାପି ମାର୍ସ ସୋସାଇଟି ଏ ଦିଗରେ କିଛିଟା ସଫଳତା ପାଇଛି।

ଯେହେତୁ ମଙ୍ଗଳ ଗ୍ରହରେ ଗୋଟେ ମଣିଷ ସମାଜ ଗଢି ଉଠିବ, ତା'ର ସୁପରିଚାଳନା ପାଇଁ ସରକାର ବି ଗଠନ କରିବା ଜରୁରୀ। ଯେକୌଣସି ନୂତନ ସମାଜ ସୁଦୃଢ଼ ଅର୍ଥନୀତି ଓ ସୁପରିଚାଳନା ଆବଶ୍ୟକ କରିଥାଏ। ଏଥିପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ନିଯୁକ୍ତି, ଶିଶୁ ସୁରକ୍ଷା, ସାମାଜିକ ନିରାପତ୍ତା ଇତ୍ୟାଦି ଆବଶ୍ୟକ। ପ୍ରଥମ ଜନବସତି ପାଇଁ ବରଫକୁ ବ୍ୟବହାର କରି କ୍ୟାପ୍‌ସୁଲ ଘର ସଦୃଶ ଘର କରିହେବ, ଯାହାକି ଧୀରେ ଧୀରେ ଆହୁରି ଉନ୍ନତ ହୋଇପାରିବ। ପ୍ରଚଣ୍ଡ ସୌରରଶ୍ମି, ଉଦ୍‌ଜାନ ବିକିରଣ ଓ ଅତିବାଇଗଣୀ ରଶ୍ମିର କୁପ୍ରଭାବରୁ ରକ୍ଷା ପାଇବା ପାଇଁ ଏହି ବରଫ ହିଁ ପ୍ରକୃଷ୍ଟ। ଯେହେତୁ ମଙ୍ଗଳ ଗ୍ରହ ପଥୁରିଆ ମାଟିରେ ଆଚ୍ଛାଦିତ, ଆସ୍ତେ ଆସ୍ତେ ସେଠାକାର ଉପାଦାନ ବ୍ୟବହାର କରି ନୂଆ ଇଟା ଦ୍ୱାରା ଘର ଓ ଜନବସତି ଗଢ଼ିଉଠିବ।

ମଙ୍ଗଳ ଗ୍ରହକୁ ଯାତ୍ରା ସମୟରେ ଅନେକ କ୍ଷତିକାରକ ରଶ୍ମି ପ୍ରଭାବରେ ଯଦି ମଣିଷ ତା'ର ପ୍ରଜନନ କ୍ଷମତା ହରାଇ ନ ଥାଏ, ତେବେ ମଙ୍ଗଳ ଗ୍ରହରେ କିଛି ବାସିନ୍ଦା ବଂଶ ବିସ୍ତାର ପାଇଁ ଚେଷ୍ଟା କରିବେ। ତେଣୁ ଜନସଂଖ୍ୟା ବୃଦ୍ଧି ଓ ନିଜ ସଂସ୍କୃତି ଏବଂ ପରମ୍ପରା ବଜାୟ ରଖିବାରେ ଏହା ସହାୟକ ହୋଇପାରିବ।

ଆଉ ସେଦିନ ବେଶି ଡେରି ନାହିଁ। ମଣିଷ ବି ମଙ୍ଗଳ ଗ୍ରହରେ ବସବାସ କରିପାରିବ। ଯେମିତି ପଡୋଶୀ ରାଷ୍ଟ୍ର ମଧ୍ୟରେ ସବୁ କ୍ଷେତ୍ରରେ ଭାବର ଆଦାନ ପ୍ରଦାନ ହୋଇପାରୁଛି, ଠିକ୍ ସେମିତି ପୃଥିବୀ ଓ ମଙ୍ଗଳ ଗ୍ରହ ମଧ୍ୟରେ ବସବାସ କରୁଥିବା ସମାଜ ଭିତରେ ବି ଭାବର ଆଦାନ ପ୍ରଦାନ, ଚଳଣି ଓ ସଂସ୍କୃତି ବିନିମୟ ହୋଇପାରିବ। ପୃଥିବୀ ବ୍ୟତିରେକେ ଅନ୍ୟ ଗ୍ରହରେ ବସବାସ କରିବା ପାଇଁ ମଣିଷର ଦୀର୍ଘଦିନର ଆଶା ପୂରଣ ହୋଇପାରିବ।

ମୋ:୯୪୩୭୫୬୦୧୬୬,
pksaikrupa@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ମଲେ ଗଲେ

ମହାଶୟ,

ଧରିତ୍ରୀ (୨୨/୮)ର ସମ୍ପାଦକୀୟ 'ମଲେ ଗଲେ' ପାଇଁ ଧନ୍ୟବାଦ। ଆମ ପୋଲିସବାବୁମାନଙ୍କ ଶାରୀରିକ ମାନ ସମସ୍ତଙ୍କୁ ଉଣାଅଧିକେ ଜଣା। ଖାଲି ରିକ୍ରୁଟମେଣ୍ଟ ବେଳେ ଦୌଡାଇଲେ କ'ଣ ମିଳିବ ? ଥରେ ଚାକିରିରେ ପଶିଗଲେ ଫିଟ୍‌ନେସ୍ କଥାକୁ ସମସ୍ତେ ଭୁଲିଯାଆନ୍ତି। ଲେଡି ଡନ୍ ଓ ଝିଅପିଲାଙ୍କଠାରୁ ମାଡଖାଇ ପୋଲିସ ବାବୁ ନର୍ଦ୍ଦମାରେ ପଡିବା, ପୋଲିସକୁ ଧକ୍କା ଦେଇ ଅପରାଧୀମାନେ ବାରମ୍ବାର ଖସିଯିବା, ଜଣେ ୨୦–୨୨ ବର୍ଷୀୟ ସ୍ଥାନୀୟ ଦାଦାଙ୍କୁ କାବୁ କରିବା ପାଇଁ ୧୦–୧୨ ଜଣ ପୋଲିସ ଝାଳନାଳ ହେବା ଓ ଶେଷରେ ସେ ଚମ୍ପଟ୍ ମାରିବା ଭଳି କିଛି ଘଟଣାରୁ ଏକଥା ସ୍ପଷ୍ଟ। ଅନ୍ୟୂନ ୫୦ ବର୍ଷ ପର୍ଯ୍ୟନ୍ତ ଫିଟ୍‌ନେସ୍ ବଜାୟ ରଖିବା ପୋଲିସ ବାବୁମାନଙ୍କ ପାଇଁ ନିହାତି ଆବଶ୍ୟକ। ଏଥିପାଇଁ ନିୟମକାନୁନ୍‌ରେ ଆବଶ୍ୟକ ସଂଶୋଧନ କରାଯାଉ।

–ପ୍ରବୀଣ କୁମାର ଦାସ, ବ୍ରହ୍ମେଶ୍ୱର ବାଗ, ଭୁବନେଶ୍ୱର

### ଗ୍ରାମବାସୀଙ୍କୁ ସାଧୁବାଦ

ଧରିତ୍ରୀ(୬/୮)ରେ ପ୍ରକାଶିତ ଖବର 'ଏକାଦଶାହ ଭୋଜିକୁ ସମୂହ ବର୍ଜନ କଲେ ଗ୍ରାମବାସୀ' ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ରାଜନଗର ବ୍ଲକ୍ ନଗଡ ଗ୍ରାମରେ ଜୁଲାଇ ୨୮ରେ ଜଣେ ବୃଦ୍ଧ ନାରାୟଣ ମହାପାତ୍ରଙ୍କ ମୃତଦେହ ନିକଟସ୍ଥ ପୋଖରୀରୁ ଉଦ୍ଧାର ହୋଇଥିଲା। ଉଦ୍ଧାର ସମୟରେ ତାଙ୍କ ବେକରେ ୨ଟି ଗୋଡିବସ୍ତା ବନ୍ଧା ହୋଇଥିବା ଦେଖାଯାଇଥିଲା। ପୂର୍ବରୁ ଗ୍ରାମବାସୀ ନାରାୟଣ ମହାପାତ୍ରଙ୍କ ୩ ପୁଅ ସମେତ ସମସ୍ତ ପରିବାର ତାଙ୍କୁ ନିର୍ଯାତନା ଦେବା ନିଜ ଆଖିରେ ଦେଖିଛନ୍ତି। ତେଣୁ ସନ୍ଦେହ କରାଯାଉଛି ଯେ, ପରିବାର ଲୋକେ ବୃଦ୍ଧଙ୍କୁ ହତ୍ୟା କରିଛନ୍ତି। ୩ ପୁଅ ବାପାଙ୍କ ଏକାଦଶାହରେ ୮୦୦ ଲୋକଙ୍କ ପାଇଁ ଭୋଜିର ଆୟୋଜନ କରିଥିଲେ ମଧ୍ୟ ଜଣେ ହେଲେ କେହି ଯୋଗ ଦେଇ ନ ଥିଲେ। ଏହା ଏକ ଉଦାହରଣ ସୃଷ୍ଟି କରିବ ଓ ଅକୃତଜ୍ଞ ପୁଅମାନେ ଭବିଷ୍ୟତରେ ସତର୍କ ରହିବେ। ମୁଁ ଗ୍ରାମବାସୀଙ୍କୁ ଏଥିପାଇଁ ସାଧୁବାଦ ଜଣାଉଛି।

ଭଗବାନ ଦାସ, ଅବସରପ୍ରାପ୍ତ ଶିକ୍ଷକ, ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଜିଲା ଡାଏରୀ



### ବରଗଡ଼

### ସ୍ୱାଧୀନତା ଦିବସରେ ଅନଶନ

ଦେଶବାସୀ ସ୍ୱାଧୀନତା ଦିବସକୁ ବେଶ୍ ଆନନ୍ଦରେ ପାଳନ କରୁଥିବାବେଳେ କିଛି ଚାଷୀ ଅନଶନ କରି ଧାରଣାରେ ବସିବା ସମ୍ଭବତଃ ଜିଲାରେ ପ୍ରଥମ। ସେମାନଙ୍କ ଏକମାତ୍ର ଦାବି କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମାରାଶି ପ୍ରଦାନ। ନିୟମାନୁଯାୟୀ ଫସଲକ୍ଷତି ହେବାର ୬୦ଦିନ ମଧ୍ୟରେ ବୀମାରାଶି ମିଳିବା କଥା। କିନ୍ତୁ ଜିଲାର ବିଭିନ୍ନ ପଞ୍ଚାୟତରେ ଫସଲ କ୍ଷତି ହେବାର ୬ମାସ ବିତିଯାଇଥିଲେ ମଧ୍ୟ ଏଯାବତ୍ ବୀମାରାଶି ପ୍ରଦାନ କରାଯାଇ ନାହିଁ। ଶେଷରେ କୃଷକ ସଂଗଠନ ଓ ଜୟକିଷାନ ଆନ୍ଦୋଳନ ତରଫରୁ ଅଗଷ୍ଟ ୧୪ ତାରିଖ ପୂର୍ବାହ୍ନରୁ ୧୫ ତାରିଖ ଅପରାହ୍ନ ଯାଏ ସ୍ଥାନୀୟ ଗାନ୍ଧୀଛକରେ ଅନଶନ ଧାରଣାରେ ବସିଥିଲେ।

–ଶଙ୍କର ବଲ୍ଲଭ ମିଶ୍ର

## ୨୫ ବର୍ଷ ତଳର ଧରିତ୍ରୀ

୩୦ ଅଗଷ୍ଟ ୧୯୯୩

- ଗାଜାଷ୍ଟ୍ରିପ ଏବଂ ୱେଷ୍ଟବ୍ୟାଙ୍କର ଜେରିକୋ ଅଞ୍ଚଳ ଉପରେ ସୀମିତ ସ୍ୱୟଂଶାସନ ନିମନ୍ତେ ଇସ୍ରାଏଲ ଏବଂ ପାଲେଷ୍ଟାଇନ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- ଭାରତକୁ ରୁଷ କ୍ରାୟୋଜେନିକ କୌଶଳ ଯୋଗାଣ ବନ୍ଦ କରିବ ନାହିଁ। ରୁଷ ପ୍ରଧାନମନ୍ତ୍ରୀ ଚେର୍ନୋମିର୍ଦ୍ଦିନଙ୍କ ଘୋଷଣା।

### କାମାକ୍ଷାନଗର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ବଢୁଛି ଅବ୍ୟବସ୍ଥା

# ପଦବୀ ଖାଲି, ମିଳୁନି ସେବା

**କାମାକ୍ଷାନଗର, ୨୯।୮(ଡି.ଏନ୍.ଏ.)**

କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟର ସ୍ୱାସ୍ଥ୍ୟ ଭଲନାହିଁ। ଡାକ୍ତର ଡେପୁଟେଶନ, କର୍ମଚାରୀ ଅଭାବଜନିତ ସମସ୍ୟା ଡାକ୍ତରଖାନାର ରୋଗୀସେବାକୁ ବିପର୍ଯ୍ୟସ୍ତ କରିଦେଇଛି। ଉପଖଣ୍ଡ ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟସେବାର ଅନ୍ୟତମ ନିର୍ଭରଯୋଗ୍ୟ ଅନୁଷ୍ଠାନର ଏପରି ଦୁରବସ୍ଥା ଦେଖି ରୋଗୀ ମୁହଁଫେରାଇବା ଆରମ୍ଭ କଲେଣି।

କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ଉପରେ ନିର୍ଭର କରନ୍ତି ୪ ବ୍ଲକର ବାସିନ୍ଦା। କିନ୍ତୁ ସ୍ୱାସ୍ଥ୍ୟକେନ୍ଦ୍ରରେ ନାହାନ୍ତି ଆବଶ୍ୟକ ଡାକ୍ତର। ଏଠାରେ ନିଯୁକ୍ତ ହୋଇଥିବା ଆନାସ୍ଥେସିଆ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡେପୁଟେଶନରେ। ଉକ୍ତ ପଦବୀ ଫାଙ୍କା ପଡ଼ିଥିବାବେଳେ ବରିଷ୍ଠ ଚିକିତ୍ସକଙ୍କ ଅଭାବ ପରିଲକ୍ଷିତ ହେଉଛି। ସେହିପରି ୩ଜଣ ଟେକ୍ନିସିଆନ୍‌ଙ୍କ ସ୍ଥାନରେ ମାତ୍ର ଜଣକରେ କାମ ଚାଲିଛି। ଦୈନିକ ୨୫୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ମଳ, ମୂତ୍ର, ରକ୍ତ ପରୀକ୍ଷା କରାଯାଉଥିବାବେଳେ ଜଣେ କର୍ମଚାରୀରେ ତାହା ଅସମ୍ଭବ ହୋଇପଡୁଛି। କେବଳ ଏତିକି ନୁହେଁ, ଆବଶ୍ୟକ ସରଞ୍ଜାମ, ଆନୁଷଙ୍ଗିକ ଭିତ୍ତିଭୂମି ଥିବାସତ୍ତ୍ୱେ ପରିଚାଳନାଗତ ଅବ୍ୟବସ୍ଥା ଯୋଗୁ ରୋଗୀ ଚିକିତ୍ସାଳୟରେ ଉପଲବ୍ଧ ସୁବିଧାରୁ ବଞ୍ଚିତ ହେଉଛି। ବର୍ଷେ ହେବ ଲକ୍ଷାଧିକ ଟଙ୍କା ବ୍ୟୟରେ ଏଠାକୁ ଅଣାଯାଇଛି ଡେଙ୍ଗୁ ପରୀକ୍ଷଣ ମେଶିନ। ହେଲେ ପରୀକ୍ଷକ ନ ଥିବାରୁ ତାହା ଖତ ଖାଉଛି। ସୁବିଧା ନ ପାଇ ରୋଗୀ ଅନ୍ୟତ୍ର ଡେଙ୍ଗୁ ପରୀକ୍ଷା କରି ଖର୍ଚ୍ଚାନ୍ତ ହେଉଛନ୍ତି। ପରୀକ୍ଷା ଆଳରେ ଘରୋଇ ପାଥୋଲ୍ୟାବ ରୋଗୀଙ୍କୁ ଶୋଷଣ କରୁଛନ୍ତି। ହସ୍ତଗତ ହୋଇଥିବା ରିପୋର୍ଟ ଅନୁଯାୟୀ, ଗତ ୩ ମାସରେ ସ୍ୱାସ୍ଥ୍ୟକେନ୍ଦ୍ରରେ ୩୭ ଜଣ ଝାଡ଼ାବାନ୍ତିରେ ରୋଗୀ ଚିକିତ୍ସିତ ହୋଇଛନ୍ତି। ବର୍ଷାଦିନେ ସଂକ୍ରମଣ ଏବଂ ଦୂଷିତ ପାଣି କାରଣରୁ ବିଭିନ୍ନ ଅଞ୍ଚଳରେ ଏହି ରୋଗର ପ୍ରାଦୁର୍ଭାବ ଦେଖାଦେଇଛି। ହେଲେ ଡାଇରିଆ ୱାର୍ଡ ନ ଥିବାରୁ ରୋଗୀମାନେ ଏଠିସେଠି ଚିକିତ୍ସିତ ହେଉଛନ୍ତି। ଦୀର୍ଘବର୍ଷ ହେଲା ରେଡିଓଲୋଜିଷ୍ଟ ନ ଥିବାରୁ ଏକ୍ସ-ରେ ମେଶିନ ଭାଙ୍ଗିବାକୁ ବସିଲାଣି। ୨୦୦୮ ମାର୍ଚ୍ଚରୁ ଅଦ୍ୟାବଧି ସର୍ଜରି ବିଭାଗରେ ଡାକ୍ତର ପଦବୀ ଖାଲି ପଡ଼ିଛି। ଚିକିତ୍ସା ସୁବିଧା ନ ଥିବାରୁ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କୁ ଢେଙ୍କାନାଳ, କଟକ ପଠାଇ ଦିଆଯାଉଛି। ଶବ ସଂରକ୍ଷଣ ଗୃହ ନ ଥିବାରୁ ମୃତଦେହକୁ ସମ୍ମାନ ମିଳୁ ନ ଥିବା ଦେଖାଦେଇଛି। ମୃତକଙ୍କ ସମ୍ପର୍କୀୟ ଗଛ ମୂଳେ ମୃତଦେହ ରଖିବାକୁ ବାଧ୍ୟ ହେଉଛନ୍ତି। ଏହାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନେକ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ସ୍ୱାସ୍ଥ୍ୟ ବିଭାଗ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେଉ ନ ଥିବାରୁ ଦିନକୁ ଦିନ ରୋଗୀ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଏ ସମ୍ପର୍କରେ ଉପଖଣ୍ଡ ଚିକିତ୍ସାଧିକାରୀ ଡା. ରତ୍ନାକର ସାମଲ କୁହନ୍ତି, ସମୟକ୍ରମେ ସବୁ ସମସ୍ୟାର ସମାଧାନ ହେବ। ହେଲେ ଚିକିତ୍ସାଳୟ ମୁଖିଆଙ୍କ ଏପରି ଦାୟିତ୍ୱହୀନ ମନ୍ତବ୍ୟକୁ ନାପସନ୍ଦ କରିଛନ୍ତି ବୁଦ୍ଧିଜୀବୀ। ଏହାର ତୁରନ୍ତ ସମାଧାନ ନ ହେଲେ ଆନ୍ଦୋଳନ ମାଧ୍ୟମରେ ଜବାବ ଦିଆଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।


ଶବ ସଂରକ୍ଷଣ ଗୃହ ନ ଥିବାରୁ ମୃତଦେହ ଗଛମୂଳେ ରଖାଯାଇଛି।

**ପଦବୀ ପୂରଣ ପାଇଁ ପତ୍ର ଲେଖାଯାଇଛି**

"ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଡାକ୍ତରଙ୍କ ଡେପୁଟେଶନ କରାଯାଇଛି। ଖାଲି ପଡ଼ିଥିବା ପଦବୀ ପୂରଣ ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରେ ଅନ୍ୟ ଡାକ୍ତର ଅଛନ୍ତି। ସର୍ଜରି ବିଭାଗ ଡାକ୍ତର ପଦବୀ ପୂରଣ ପାଇଁ ଉଦ୍ୟମ ଚାଲିଛି। ଆବଶ୍ୟକସ୍ଥଳେ ନିଶ୍ଚେତକ ବିଭାଗ ବିଶେଷଜ୍ଞ ଢେଙ୍କାନାଳରୁ କାମାକ୍ଷାନଗର ଯାଉଛନ୍ତି।

—ବାସୁଦେବ ବେହେରା, ସିଡିଏମ୍‌ଓ

- ଦାଉସାଧୁଛି ଡାକ୍ତର ଡେପୁଟେଶନ
- ୨୦୦୮ରୁ ଖାଲି ପଡ଼ିଛି ସର୍ଜରି ବିଭାଗ
- ଜଣେ ଟେକ୍ନିସିଆନରେ ରୋଗୀ ପରୀକ୍ଷା
- ଖତ ଖାଉଛି ଡେଙ୍ଗୁ ପରୀକ୍ଷଣ ମେଶିନ
- ଡାଇରିଆ ୱାର୍ଡ କି ଶବ ସଂରକ୍ଷଣ ଗୃହ ନାହିଁ



ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ସଚେତନତା ବାର୍ତ୍ତା ବାଣ୍ଟୁଛନ୍ତି।

# ୪ନଂ. ୱାର୍ଡକୁ ଖୋଲା ଶୌଚମୁକ୍ତ ମାନ୍ୟତା

**ଭୁବନ, ୨୯।୮(ଡି.ଏନ.ଏ.)**

ଭୁବନ ଏନ୍‌ଏସି ୱାର୍ଡ ୪ ନମ୍ବର ୱାର୍ଡକୁ ବୁଧବାର ଖୋଲା ଶୌଚମୁକ୍ତ ମାନ୍ୟତା ମିଳିଛି। ଏହି ଅବସରରେ ଶାସନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ୱଚ୍ଛଭାରତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ, ସମ୍ମାନିତ ଅତିଥି କନିଷ୍ଠ ଯନ୍ତ୍ରୀ ଜଗଦୀଶ ନାୟକ ଏବଂ ପ୍ରଧାନ ଶିକ୍ଷକ ମନମୋହନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଅଞ୍ଚଳର ସମସ୍ତ ଏସ୍‌ଏଚ୍‌ଜି ସଦସ୍ୟ, ଛାତ୍ରୀଛାତ୍ର ଉପସ୍ଥିତ ରହି ଏନ୍‌ଏସିକୁ ଖୋଲାମଳ ମୁକ୍ତ କରିବାକୁ ସଂକଳ୍ପ ନେଇଥିଲେ। ସ୍କୁଲର ପିଲାଙ୍କୁ ନେଇ ଏକ ସଚେତନତା ରାଲି ନଗର ପରିକ୍ରମା କରିଥିଲା।

**FORM NO.13**

**BEFORE THE DEBTS RECOVERY TRIBUNAL, CUTTACK, ORISSA**

**C-71, SECTOR-7, CDA, CUTTACK, ODISHA**

**O.A. No. 394/2013**

**State Bank of India, Jagmohan Nagar Branch .............. Applicant**

**Versus**

**M/s. Nikshita Associates (P) Ltd. & Others .......... Defendant(s)**

To

**5/A, Sanghamitra Dash**, W/o- Late Sandeep Dash, At- Police Line Road, P.O- Puri, P.S- Kumbharapada, Dist.- Puri

**5/B, Nikshita Dash**, D/o- Late Sandeep Dash, C/o- Sanghamitra Dash, At- Police Line Road, P.O- Puri, P.S- Kumbharapada, Dist.- Puri

**SUMMONS BY PAPER PUBLICATION**

**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an O.A. No. 394/2013 in the court of the Debts of Recovery Tribunal, Cuttack for recovery of Rs. 10,85,812.00 only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an advocate or duly authorized agent, in support of their defence to show cause within 30 days from the date of publication or on 03.10.2018 at 10.30 AM as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this tribunal on this 18th day of Aug. 2018.

**Sd./- (Srikanta Kumar Maikap), Registrar**

### ନିଯୁକ୍ତି ଦାବିରେ ତାତିଲେ ଛାତ୍ରୀଛାତ୍ର

# ଆଇଜିଆଇଟି କଲେଜ ଗେଟ୍‌ରେ ତାଲା

**ପରଜଙ୍ଗ, ୨୯।୮(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସରାଙ୍ଗସ୍ଥିତ ଆଇଜିଆଇଟି କଲେଜରେ ବୁଧବାର ଛାତ୍ର ଅଶାନ୍ତି ଦେଖାଦେଇଛି। ପ୍ଲେସ୍‌ମେଣ୍ଟ ଦାବିରେ କଲେଜର ଉଭୟ ପାଖରେ ଥିବା ଗେଟରେ ଏମ୍‌ସିଏ, ବି.ଟେକ୍‌ର ଶେଷବର୍ଷ ଛାତ୍ରୀଛାତ୍ର ତାଲା ପକାଇ ଆନ୍ଦୋଳନ କରିଛନ୍ତି। ଛାତ୍ରୀଛାତ୍ରଙ୍କୁ ପ୍ରତିବର୍ଷ କ୍ୟାମ୍ପସ ଚୟନ ମାଧ୍ୟମରେ ନିଯୁକ୍ତି ଦିଆଯାଇଥାଏ। ଏଥିପାଇଁ କଲେଜ କର୍ତ୍ତୃପକ୍ଷ ବିଭିନ୍ନ କମ୍ପାନୀକୁ ଆମନ୍ତ୍ରଣ କରିଥାନ୍ତି। ହେଲେ ଚଳିତ ଶିକ୍ଷାବର୍ଷ ଶେଷ ହେବାକୁ ବସିଥିବାବେଳେ ବର୍ତ୍ତମାନ ସୁଦ୍ଧା କୌଣସି କମ୍ପାନୀ ସହ ଯୋଗାଯୋଗ କରାଯାଇନାହିଁ। ପରୀକ୍ଷାକୁ ଆଉ ମାତ୍ର ଅଳ୍ପ ମାସ ବାକି ଅଛି। ପ୍ଲେସ୍‌ମେଣ୍ଟ ନ ମିଳିଲେ ସେମାନେ ପାଠପଢ଼ା ପରେ ହାତବାନ୍ଧି ବସିବେ। ଏ ନେଇ କଲେଜ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଉ ନ ଥିବା ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି।

କଲେଜ ନିର୍ଦ୍ଦେଶକ ସତ୍ୟବ୍ରତ ମହନ୍ତ ଆନ୍ଦୋଳନକାରୀ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଛନ୍ତି। ଖୁବ୍‌ଶୀଘ୍ର ନିଯୁକ୍ତି ପାଇଁ ସରକାରୀ, ବେସରକାରୀ କମ୍ପାନୀକୁ ଆମନ୍ତ୍ରଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।



ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କ ସହ କଲେଜ ନିର୍ଦ୍ଦେଶକ ଆଲୋଚନା କରୁଛନ୍ତି।

Bank of Baroda
बैंक ऑफ़ बड़ौदा

ମୁଖ୍ୟ କାର୍ଯ୍ୟାଳୟ : ମାଣ୍ଡଭି, ବରୋଦା
କ୍ଷେତ୍ରୀୟ କାର୍ଯ୍ୟାଳୟ: ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨

**ଟେଣ୍ଡର ନୋଟିସ୍**

**ବିଭିନ୍ନ କାର୍ଯ୍ୟ ନିମନ୍ତେ ଭେଣ୍ଡରମାନଙ୍କ ତାଲିକାଭୁକ୍ତି ପାଇଁ ବିଜ୍ଞାପନ**

**ବ୍ୟାଙ୍କ ଅଫ୍ ବରୋଦା, ଭୁବନେଶ୍ୱର କ୍ଷେତ୍ର** ପକ୍ଷରୁ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର ବିଭିନ୍ନ ସ୍ଥାନରେ ଥିବା ବ୍ୟାଙ୍କର ଆବାସିକ ଏବଂ ବ୍ୟବସାୟିକ ଗୃହ ପରିସରରେ ସିଭିଲ, ଇଲେକ୍ଟ୍ରିକାଲ, ସାଜସଜ୍ଜା, ଶୀତତାପ ନିୟନ୍ତ୍ରଣ ଏବଂ କମ୍ପୋଜିଟ୍ କାର୍ଯ୍ୟ ପାଇଁ ଓଡ଼ିଶାରେ କାର୍ଯ୍ୟ କରୁଥିବା ପ୍ରତିଷ୍ଠିତ ଆର୍କିଟେକ୍ଟ, କଣ୍ଟ୍ରାକ୍ଟର, ଡିଲର ଏବଂ ଭେଣ୍ଡରମାନଙ୍କ ଠାରୁ ଦରଖାସ୍ତମାନ ଆହ୍ୱାନ କରାଯାଉଅଛି।
ଟେଣ୍ଡର କାଗଜପତ୍ର ବ୍ୟାଙ୍କର ୱେବ୍‌ସାଇଟ୍ :
**www.bankofbaroda.com** ରେ ଉପଲବ୍ଧ ଅଟେ।
ଦରଖାସ୍ତ ଦାଖଲର ଶେଷ ତାରିଖ ଓ ସମୟ : **୨୪.୦୯.୨୦୧୮ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ।**
କୌଣସି କାରଣ ନ ଦର୍ଶାଇ ଯେକୌଣସି ପ୍ରସ୍ତାବକୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିବାର ଅଧିକାର ବ୍ୟାଙ୍କ ସଂରକ୍ଷିତ ରଖିଛି।

ସ୍ଥାନ: ଭୁବନେଶ୍ୱର
ତା.୩୦.୦୮.୨୦୧୮
ଉପ-ମହାପ୍ରବନ୍ଧକ

**PENSION ADALAT BY INCOME TAX DEPARTMENT, ODISHA**

It has been decided to hold Pension Adalat in respect of pensioners / family pensioners on **18.09.2018** at 11 AM in Kalinga Conference Hall, 4th Floor, AAYAKAR Bhawan, Vani Vihar, Bhubaneswar to ventilate grievances relating to pension / family pension. The pensioners / family pensioners who are having grievance in the matter of pension may forward their grievances in the following format **to their respective Heads of Offices from where they have been paid pension / family pension with a copy to the office of the Pr. Chief Commissioner of Income Tax, AAYAKAR Bhawan, Vani Vihar, Bhubaneswar for facilitation.**

1. Name of the employee with address:
2. Name of the Pension / family pension holder:
3. PPO No. if any:
4. Mobile No. for communication:
5. Office from which retired / expired:
6. Details of grievance in brief:

It may kindly be noted that the following types of cases are excluded from the ambit of the Pension Adalat.

a. Cases involving purely legal points e.g. succession, etc.
b. Grievances involving policy matters.

**Sd./- (Narayan Nayak)**
**Income Tax Officer (Legal)**
**O/o the Pr. CCIT, Bhubaneswar**

INDIAN RAILWAYS

**ପୂର୍ବ ତଟ ରେଳପଥ**

**'ଇ' କ୍ରୟ ପ୍ରଣାଳୀ**

ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2018-19/12 ତା. 27.08.2018 ରିଖ

ଯୋଗାଣକାରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ଭାରତୀୟ ରେଳବାଇ ୱେବ୍‌ସାଇଟ୍ **www.ireps.gov.in** ଅବଲୋକନ କରନ୍ତୁ ଯେଉଁଥିରେ କି ଏହି ରେଳପଥ ସମ୍ବନ୍ଧୀୟ ଟେଣ୍ଡରଗୁଡ଼ିକ ପ୍ରକାଶ କରାଯାଇଛି ଏବଂ ଟେଣ୍ଡର ନଥିପତ୍ରଗୁଡ଼ିକ ଉପଲବ୍ଧ ଅଛି। ଏହି ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ପ୍ରସ୍ତାବ ମଧ୍ୟ ଜମା କରାଯାଇପାରିବ। ଇଚ୍ଛୁକ ଟେଣ୍ଡରଦାତାମାନେ ଏହି ସାଇଟ୍ ଅବଲୋକନ କରିବା ସହିତ ସେମାନଙ୍କ ପ୍ରସ୍ତାବ ଦାଖଲ କରିପାରିବେ।

PR-332/J/18-19
ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର

# ଭୁବନ ଏନ୍‌ଏସିରେ ଡେଙ୍ଗୁ ପଦଧ୍ୱନି

**ଭୁବନ, ୨୯।୮(ଡି.ଏନ୍.ଏ.)**

ଭୁବନ ଏନ୍‌ଏସି ୨ନଂ. ୱାର୍ଡରେ ଡେଙ୍ଗୁ ଆତଙ୍କ ଦେଖାଦେଇଛି। ଜଣେ ଯୁବକ ଏଥିରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ସମ୍ପୃକ୍ତ ଯୁବକଙ୍କୁ ୭ଦିନ ଧରି ଜ୍ୱର ଲାଗି ରହିବାରୁ ପରିବାର ଲୋକେ କଟକ ଏସ୍‌ସିବି ମେଡିକାଲ କଲେଜରେ ଭର୍ତ୍ତି କରିଥିଲେ। ରକ୍ତ ନମୁନାରୁ ସେ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା। ଉକ୍ତ ୱାର୍ଡରେ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଅଧିକାଂଶ ଡ୍ରେନ୍ ଆବର୍ଜନାରେ ଭର୍ତ୍ତି ହୋଇଛି। ଜନବସତି ଅଞ୍ଚଳରେ ନର୍ଦ୍ଦମା ପାଣି ଜମି ରହୁଛି। ଫଳରେ ଡେଙ୍ଗୁ କାୟା ମେଲାଉଥିବା ୱାର୍ଡବାସୀ ଅଭିଯୋଗ କରିଛନ୍ତି। ଡ୍ରେନ ସଫେଇ, ମଶାତେଲ ସିଞ୍ଚନ, ବ୍ଲିଚଂ ପାଉଡର ପକାଇ ପରିବେଶରେ ସ୍ୱଚ୍ଛତା ଫେରାଇ ଆଣିବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

ENERGY IS LIFE — BEE — CONSERVE IT

**OFFICE OF THE ENGINEER-IN-CHIEF, ELECTRICITY-CUM-PRINCIPAL CHIEF ELECTRICAL INSPECTOR (ODISHA)**
**POWER HOUSE SQUARE, UNIT-V, BHUBANESWAR**
TEL. NO.0674-2394873, Fax: 2391255/ 2391024
Email: sdaorissa@nic.in/eic-epcei@nic.in

Department of Energy

05-AA

INVITING LEADERS IN THE FIELD OF ENERGY CONSERVATION OF ODISHA

**Odisha State Energy Conservation Awards-2018**

The Department of Energy, Govt. of Odisha through the Office of Engineer-in-Chief cum Principal Chief Electrical Inspector as the State Designated Agency (SDA), Odisha invites applications from MSMEs, IT Industries, Hospitals, Educational Institutions, Commercial Buildings, Hotels and Power Generation Companies (IPP) of Odisha who have been making systematic attempts for efficient utilization and conservation of energy, for conferring State Energy Conservation Awards for 2018 based on their performance during Financial Year 2017-2018. The last date of receipt of completed applications is **5th November 2018.**

For further details and to download the application forms, please visit the website: eicelectricityodisha.nic.in Email-: sdaorissa@nic.in

The authority reserves the right to accept / reject any application without assigning any reasons thereof.

Sd/-
EIC E)-cum-PCEI & SDA (Odisha)

04004/11/0001/1819

**OFFICE OF THE DISTRICT JUDGE, GAJAPATI, PARALAKHEMUNDI**

**ADVERTISEMENT**

**Dated 29th August, 2018**

Application in the prescribed format given below is invited for filling up of the following Group "C" posts governed under the Orissa District & Sub-ordinate Courts" Non-Judical Staff Services (Method of Recruitment and Conditions of Services) Rules, 2008 read with Amendment Rules, 2010.

| Sl. No. | Name of the post | Group | Scale of pay & Grade Pay | CATEGORY ST | U.R. | S.E.B.C. | S.C. | Total |
|---|---|---|---|---|---|---|---|---|
| 1 | Junior Clerk / Copyist | C | Rs. 19900/- (Pre-revised scale of Rs. 5200-20200/- & Rs. 1900/-) | 07 (W-3) | 03 (W-2) | 05 (W-1) | 01 (W-1) | 16 |
| 2 | Stenographer Gr.III | C | Rs. 25500/- (Pre-revised Scale of Rs. 5200-20200/- & Rs. 2400/-) | 01 | 02 | 02 | -- | 05 |
| 3 | Junior Typist | C | Rs. 19900/- (Pre-revised Scale of Rs. 5200-20200/- & Rs. 1900/-) | 01(W) | 01(W) | 02 (W-1) | -- | 04 |
| 4 | Salaried Amin | C | Rs. 21700/- (Pre-revised Scale of Rs. 5200-20200/- & Rs. 2000/- | -- | 01 | -- | -- | 01 |

The reservation for Women / Physically Handicapped / Ex-Serviceman / Sports Person is as per rule. The number of posts in each cadre may increase or decrease in future. For details, please visit our official website i.e. **www.ecourts.gov.in/gajapati** and **www.gajapati.nic.in.**

**Warning:- The last date of receipt of application duly filled-in is 29.09.2018 during office hours. Applications received thereafter shall not be accepted.**

**Sd./- District Judge-cum-Chairman,**
**District Recruitment Committee, Gajapati**

सिंडिकेटबैंक SyndicateBank — विश्वसनीय. मैत्रीपूर्ण Faithful. Friendly — भारत सरकार का उपक्रम A Govt. of India Undertaking

**ସିଣ୍ଡିକେଟ୍ ବ୍ୟାଙ୍କ**
କ୍ଷେତ୍ରୀୟ କାର୍ଯ୍ୟାଳୟ-୨, ଭୁବନେଶ୍ୱର, ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ୍, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)
ଆକ୍ଟ (ରୁଲ୍ ୮(୧))ର ପରିଶିଷ୍ଟ ୪

ନିମ୍ନ ସ୍ୱାକ୍ଷରକାରୀ **ସିଣ୍ଡିକେଟ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ପକ୍ଷରୁ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ଏବଂ ସମ୍ପତ୍ତି ମାଲିକମାନଙ୍କୁ ଡିମାଣ୍ଡ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ସମସ୍ତ ଅର୍ଥ ସହିତ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ସମ୍ପତ୍ତି ମାଲିକମାନେ ଋଣ ପରିଶୋଧ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଓ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଉପରକଥିତ ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତା ପ୍ରୟୋଗକରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନଲିଖିତ ସମ୍ପତ୍ତିଗୁଡିକୁ ଦଖଲ ନେଇଛନ୍ତି ।

ଏତଦ୍‌ଦ୍ୱାରା ବିଶେଷକରି ସମ୍ପତ୍ତିମାଲିକ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହ ସେବାବଦ ସୁଧ ଏବଂ ଆଇନଗତ ଖର୍ଚ୍ଚ ପାଇଁ **ସିଣ୍ଡିକେଟ୍ ବ୍ୟାଙ୍କର ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା / ସମ୍ପତ୍ତି ମାଲିକ / ଗ୍ୟାରେଣ୍ଟିଦାତା(ମାନ)ଙ୍କ ନାମ ଓ ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ପରିମାଣ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ଇଞ୍ଜିନିୟରିଂ ସ୍କୁଲ, ବ୍ରହ୍ମପୁର ଶାଖା / ଋଣଗ୍ରହୀତା: ଶ୍ରୀମତୀ ଧରିତ୍ରୀ ଶତପଥୀ,** ସ୍ୱାମୀ: ଶଙ୍କର ପ୍ରସାଦ ଶତପଥୀ, ସା: ପ୍ରହଲ୍ଲାଦ ନଗର (ପୁରୁଣା ବ୍ରହ୍ମପୁର), ୫ମ ଲେନ୍, ଗଞ୍ଜାମ, ଓଡ଼ିଶା-୭୬୦୦୦୧ ଏବଂ **ସମ୍ପତ୍ତିର ମାଲିକ: ଶ୍ରୀମତୀ ଧରିତ୍ରୀ ଶତପଥୀ / ଗ୍ୟାରେଣ୍ଟିଦାତା: ଶ୍ରୀ ଶଙ୍କର ପ୍ରସାଦ ଶତପଥୀ,** ପିତା: ୰ ବାବାଜୀ ଶତପଥି, ସା: କୃପାସିନ୍ଧୁପୁର ଶାସନ, ଗୌଡ ଷ୍ଟ୍ରିଟ୍, ବୃନ୍ଦାବନପୁର, ଜିଲ୍ଲା: ଗଞ୍ଜାମ | ୧୪.୦୫.୨୦୧୮ / ୨୪.୦୮.୨୦୧୮ | ଟ.୧୨,୯୬,୫୧୪/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ମଧୁସୂଦନପୁର, ଖାତା ନଂ.: ୨୪୩/୪୫୩୦, ପ୍ଲଟ୍ ନଂ.: ୮୦୧/୨୩୩୧ ଏବଂ ୮୦୧/୨୭୫୮, କ୍ଷେତ୍ର: ଏକର୦.୦୩୩ଡିସିମିଲି, ଥାନା: ବଡବଜାର, ତହସିଲ: ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଲେନ୍, ପଶ୍ଚିମ: ଏମ୍‌ଓ ଫୁଟ୍ ଚଉଡା ରାସ୍ତା, ଦକ୍ଷିଣ: ଏମ୍. ପଦ୍ମାବତୀଙ୍କ ଜମି, ଉତ୍ତର: ନରସିଂହ ଜେନାଙ୍କ ଜମି |
| **ଇଞ୍ଜିନିୟରିଂ ସ୍କୁଲ, ବ୍ରହ୍ମପୁର ଶାଖା / ଋଣଗ୍ରହୀତା: ଶ୍ରୀ ଚୁକା ରବି କୁମାର,** ପିତା: ଚୁକା ସାରବନ୍ଧୁ, ସା: ମୋଚି ଷ୍ଟ୍ରିଟ୍, କର୍ପୋରେସନ୍ ରୋଡ୍, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୧ ଏବଂ **ସମ୍ପତ୍ତିର ମାଲିକ: ଶ୍ରୀ ଚୁକା ରବି କୁମାର / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଚୁକା ଲୀଳା,** ସ୍ୱାମୀ: ଚୁକା ରବି କୁମାର, ଉଭୟଙ୍କ ଠିକଣା- ସା: ମୋଚି ଷ୍ଟ୍ରିଟ୍, କର୍ପୋରେସନ୍ ରୋଡ୍, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୧ | ୧୩.୧୨.୨୦୧୭ / ୨୪.୦୮.୨୦୧୮ | ଟ.୭,୫୭,୩୮୯/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ସୁକୁଣ୍ଡା, ଖାତା ନଂ.: ୧୦୪/୧୧୦, ପ୍ଲଟ୍ ନଂ.: ୧୩୨/୯୭୭, କ୍ଷେତ୍ର: ଏକର୦.୦୨୧ଡିସିମିଲି, ଥାନା: ବ୍ରହ୍ମପୁର ଟାଉନ୍, ତହସିଲ: କୁକୁଡାଖଣ୍ଡି, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଇ. ଲକ୍ଷ୍ମୀ ନାରାୟଣ ପାତ୍ରଙ୍କ ଜମି, ପଶ୍ଚିମ: ଇ. ଲକ୍ଷ୍ମୀ ନାରାୟଣ ପାତ୍ରଙ୍କ ଜମି, ଦକ୍ଷିଣ: ଇ. ଲକ୍ଷ୍ମୀ ନାରାୟଣ ପାତ୍ରଙ୍କ ଜମି, ଉତ୍ତର: ରାସ୍ତା |
| **ଇଞ୍ଜିନିୟରିଂ ସ୍କୁଲ, ବ୍ରହ୍ମପୁର ଶାଖା / ଋଣଗ୍ରହୀତା: ଶ୍ରୀ ପ୍ରଶାନ୍ତ କୁମାର ବେହେରା,** ପିତା: ୰ ରାମହରି ବେହେରା, ସା: ସୀତାରାମ ଷ୍ଟ୍ରିଟ୍, ପୋ.: ପାଣିଗ୍ରାହୀ ପେଣ୍ଠ, ଥାନା: ବଡ ବଜାର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୧ ଏବଂ **ସମ୍ପତ୍ତିର ମାଲିକ: ଶ୍ରୀମତୀ ଅମୂଲ୍ୟା ବେହେରା, ଶ୍ରୀ ପ୍ରଶାନ୍ତ କୁମାର ବେହେରା ଏବଂ ଶ୍ରୀ ଶ୍ରୀକାନ୍ତ ବେହେରା / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ଅମୂଲ୍ୟା ବେହେରା,** ସ୍ୱାମୀ: ୰ ରାମହରି ବେହେରା, **୨) ଶ୍ରୀ ଶ୍ରୀକାନ୍ତ ବେହେରା,** ପିତା: ୰ ରାମହରି ବେହେରା, ଉଭୟଙ୍କ ଠିକଣା ସା: ସୀତାରାମ ଷ୍ଟ୍ରିଟ୍, ପୋ.: ପାଣିଗ୍ରାହୀ ପେଣ୍ଠ, ଥାନା: ବଡ ବଜାର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ | ୧୪.୦୫.୨୦୧୮ / ୨୪.୦୮.୨୦୧୮ | ଟ.୧୮,୪୧,୭୪୮.୯୯ + ସେବାବଦ ସୁଧ ଏବଂ ଖର୍ଚ୍ଚ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବଡ ବଜାର, ତହସିଲ: ବ୍ରହ୍ମପୁର, ଖାତା ନଂ.: ୩୯୦, ପ୍ଲଟ୍ ନଂ.: ୬୧୭, କିସମ: ଘରବାରୀ-୨, କ୍ଷେତ୍ର: ଏକର୦.୦୧୯ଡିସିମିଲି, ଥାନା: ବଡ ବଜାର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ମ୍ୟୁନିସ୍‌ପାଲ୍ ଲେନ୍, ପଶ୍ଚିମ: ରାଜ ଦାଣ୍ଡ, ଦକ୍ଷିଣ: ରାଧାମୋହନ ବେହେରାଙ୍କ ଗୃହ, ଉତ୍ତର: ହରିଶ ଚନ୍ଦ୍ର ଗୌଡଙ୍କ ଗୃହ |
| **ବି.କେ. ରୋଡ୍ ଶାଖା, କଟକ / ଋଣଗ୍ରହୀତା: ଶ୍ରୀ ଅକ୍ଷୟ କୁମାର ମହାରଣା,** ପିତା: ବେଣୁଧର ମହାରଣା, ସା: ନଦୀକୂଳ ସାହି, ପୋ.: ନୟାବଜାର, ଜିଲ୍ଲା: କଟକ ଏବଂ **ସମ୍ପତ୍ତିର ମାଲିକ: ଅକ୍ଷୟ କୁମାର ମହାରଣା / ଗ୍ୟାରେଣ୍ଟିଦାତାମାନେ: ୧) ବିଷ୍ଣୁପ୍ରିୟା ମହାରଣା,** ସ୍ୱାମୀ: ଅକ୍ଷୟ କୁମାର ମହାରଣା, ସା: ନଦୀକୂଳ ସାହି, ପୋ.: ନୟାବଜାର, ଜିଲ୍ଲା: କଟକ, **୨) ସେକ୍ ଜାଭେଦ,** ସା/ପୋ.: ନୟାପଡା, ଥାନା: ଟାଙ୍ଗୀ, ଜିଲ୍ଲା: କଟକ | ୧୪.୦୫.୨୦୧୮ / ୨୭.୦୮.୨୦୧୮ | ଟ.୨୪,୭୩,୬୮୧/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନଦୀକୂଳ ସାହି, ଖାତା ନଂ.: ୬୬୦/୧୧୦୪, ପ୍ଲଟ୍ ନଂ.: ୧୧୨/୮୮୨୫, କ୍ଷେତ୍ର: ୧୨୩୧.୨୫ ବର୍ଗଫୁଟ, ଶିଖରପୁର, ଥାନା: ଚାଉଳିଆଗଞ୍ଜ, ତହସିଲ: କଟକ ସଦର, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଗଙ୍ଗାଧର ମହାରଣା ଏବଂ ବିଜୟ କୁମାର ମହାରଣା, ଦକ୍ଷିଣ: ରାସ୍ତା, ପୂର୍ବ: ରାସ୍ତା, ପଶ୍ଚିମ: ରବିନ୍ଦ୍ର କୁମାର ମହାରଣା ଏବଂ ଅଶୋକ କୁମାର ମହାରଣା |

ସ୍ଥାନ : ଭୁବନେଶ୍ୱର
ତାରିଖ : ୨୯.୦୮.୨୦୧୮
କ୍ଷମତାପ୍ରାପ୍ତ ଅଧିକାରୀ
ସିଣ୍ଡିକେଟ୍ ବ୍ୟାଙ୍କ



ଦକ୍ଷିଣ ମେକ୍ସିକୋ ଉପକୂଳରେ ୩ ଶହରୁ ଅଧିକ ବିରଳ ପ୍ରଜାତିର କଇଁଛଙ୍କ ମୃତଦେହ ମିଳିଛି। କିଛି ଧୀବର ମାଛ ଧରୁଥିବାବେଳେ ମୃତ କଇଁଛଗୁଡ଼ିକ ଏଥିରେ ଧରାପଡ଼ିଥିଲେ। ମିଳିଥିବା କଇଁଛଗୁଡ଼ିକଙ୍କର କେଉଁ କାରଣରୁ ମୃତ୍ୟୁ ଘଟିଛି ସେ ନେଇ ପରିବେଶ ବିଜ୍ଞାନୀ ଚିନ୍ତା ପ୍ରକାଶ କରିଛନ୍ତି। ପୂର୍ବରୁ ଏକ ମାସ ତଳେ ୧୧୩ଟି ଏହି ପ୍ରଜାତିର କଇଁଛଙ୍କର ଏଠାରେ ମୃତ୍ୟୁ ଘଟିଥିଲା।



## ଦାମ ପଣ୍ଡାଙ୍କୁ ସଂସ୍କୃତି ବିଭାଗର ୫୦ ହଜାର ଟଙ୍କା ସହାୟତା

ଭୁବନେଶ୍ୱର,୨୯।୮(ବ୍ୟୁରୋ): ଓଡ଼ିଆ ଯାତ୍ରାପ୍ରଜଗତର ମେଗାଷ୍ଟାର ତଥା ଚର୍ଚ୍ଚିତ ଖଳନାୟକ ଓ ଚରିତ୍ର ଅଭିନେତା ଦାମ ପଣ୍ଡାଙ୍କ ଚିକିତ୍ସା ପାଇଁ ସହାୟତାର ହାତ ବଢ଼ାଇଛି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ। ଫୁସ୍‌ଫୁସ୍‌ଜନିତ କର୍କଟରେ ପୀଡ଼ିତ ହୋଇ ଏବେ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସିତ ହେଉଥିବା ପଣ୍ଡାଙ୍କ ଚିକିତ୍ସା ନିମନ୍ତେ ବିଭାଗ ପକ୍ଷରୁ ୫୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ବୁଧବାର ପୂର୍ବାହ୍ନରେ ସଂସ୍କୃତି ନିର୍ଦ୍ଦେଶାଳୟରେ ବିଭାଗୀୟ ନିର୍ଦ୍ଦେଶକ ବିଜୟ କୁମାର ନାୟକ ଯାତ୍ରା କଳାକାର ପଣ୍ଡାଙ୍କ ପୁତୁରା ଜଗବନ୍ଧୁ ପଣ୍ଡାଙ୍କୁ ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଅସୁସ୍ଥତା ଯୋଗୁ ଦାମ ପଣ୍ଡାଙ୍କୁ କିଛିଦିନ ତଳେ କଟକ ଏସ୍‌ସିବିରେ ଭର୍ତ୍ତି କରାଯାଇଥିବା ବେଳେ ଫୁସ୍‌ଫୁସ୍‌ରେ କ୍ୟାନ୍‌ସର ହୋଇଥିବା ପରୀକ୍ଷାରୁ ଜଣାପଡ଼ିଥିଲା। ଏହାପରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲ ଏବଂ ପରେ ସେଠାରୁ ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। ପଣ୍ଡା ଏବେ କର୍କଟର ଦ୍ୱିତୀୟ ଷ୍ଟେଜ୍‌ରେ ଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଥିବା ଡାକ୍ତର କହିଛନ୍ତି। ଉନ୍ନତମାନର ଚିକିତ୍ସା ଲାଗି ଅଧିକ ଅର୍ଥ ଆବଶ୍ୟକ ହେଉଥିବା ବେଳେ ଏତେ ଟଙ୍କା ଯୋଗାଡ଼ କରିବା ତାଙ୍କ ପରିବାର ପାଇଁ ସମସ୍ୟା ପାଲଟିଛି।

# ୫ରୁ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ

## ■ ଉଦ୍‌ଯାପନୀ ସମାରୋହରେ ଯୋଗଦେବେ ହେମାମାଳିନୀ


ଡ. ସଚ୍ଚି ଦାସ


ଲିଙ୍ଗରାଜ ବେହେରା



■ ଲିଙ୍ଗରାଜ, ସଚ୍ଚିଙ୍କୁ 'ନାଲ୍‌କୋ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର'

■ ୪ ଜଣଙ୍କୁ 'ନାଲ୍‌କୋ ଗୁରୁ କେଳୁଚରଣ ମହାପାତ୍ର ଯୁବ ପ୍ରତିଭା ସମ୍ମାନ'

■ ଏଥରର ଆକର୍ଷଣ ଓଡ଼ିଶୀ ନୃତ୍ୟନାଟିକା 'ମାଟି'

ଭୁବନେଶ୍ୱର,୨୯।୮(ବ୍ୟୁରୋ)

ଭାରତୀୟ ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତର ମହାକୁମ୍ଭ 'ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ' ଆସନ୍ତା ସେପ୍ଟେମ୍ବର ୫ରୁ ୯ତାରିଖ ପର୍ଯ୍ୟନ୍ତ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜନ ହେବ। ନୃତ୍ୟାନୁଷ୍ଠାନ 'ସୃଜନ' ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବରେ ଏଥର ଓଡ଼ିଶୀ ସହ କର୍ଣ୍ଣାଟକୀ ସଙ୍ଗୀତ, ବେହେଲା ବାଦନ, କୁଚିପୁଡ଼ି ଓ କଥକ ନୃତ୍ୟ, ମ୍ୟୁଜିକାଲ ବ୍ୟାଣ୍ଡ ଫ୍ୟୁଜନ୍ ଏବଂ ଓଡ଼ିଶୀ ନୃତ୍ୟନାଟିକା 'ମାଟି' ଆକର୍ଷଣ ରହିବ। ସେହିଭଳି ସବୁବର୍ଷ ପରି ଏ ବର୍ଷ ମଧ୍ୟ ନୃତ୍ୟ, ସଙ୍ଗୀତ, ମଞ୍ଚ ଏବଂ ସିନେମା କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ବ୍ୟକ୍ତିଙ୍କୁ ସୃଜନ ପକ୍ଷରୁ ସମ୍ମାନିତ କରାଯିବ। ପୁରୀ ଜିଲା ସାକ୍ଷୀଗୋପାଳରେ ଜନ୍ମିତ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ବିଶାରଦ ଗୁରୁ ଲିଙ୍ଗରାଜ ବେହେରା ଏବଂ ବରିଷ୍ଠ ନାଟ୍ୟବିତ୍ ଡ. ସଚ୍ଚି ଦାସଙ୍କୁ ଏଥର 'ନାଲ୍‌କୋ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର-୨୦୧୮' ପ୍ରଦାନ କରାଯିବ। ପୁରସ୍କାର ସ୍ୱରୂପ ସେମାନଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ଅର୍ଥରାଶି ସହ ମାନପତ୍ର ଏବଂ ଉପଢ଼ୌକନ ପ୍ରଦାନ କରାଯିବ। ସେହିପରି ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ ପାଇଁ ୪ଜଣ ଯୁବ କଳାକାରଙ୍କୁ 'ନାଲ୍‌କୋ ଗୁରୁ କେଳୁଚରଣ ମହାପାତ୍ର ଯୁବ ପ୍ରତିଭା ସମ୍ମାନ' ପ୍ରଦାନ କରାଯିବ। ଓଡ଼ିଶୀ ନୃତ୍ୟରେ ଭୁବନେଶ୍ୱରର ସୋନାଲି ମହାପାତ୍ର, କୋଲ୍‌କାତାର ସୁବିକାଶ ମୁଖାର୍ଜୀ, ନୂଆଦିଲ୍ଲୀର କଥକ ନୃତ୍ୟଶିଳ୍ପୀ ସ୍ୱାତୀ ସିହ୍ନା ଓ ଓଡ଼ିଶୀ ମର୍ଦ୍ଦଳରେ ମୁମ୍ବାଇର ରୋହନ ସୁରେଶ ଡାହାଲେଙ୍କୁ ଏହି ସମ୍ମାନ ପାଇଁ ମନୋନୀତ କରାଯାଇଛି। ଯୁବ ପ୍ରତିଭା ସମ୍ମାନ ବାବଦରେ କଳାକାରମାନଙ୍କୁ ୨୫ହଜାର ଟଙ୍କା ଲେଖାଏ ଅର୍ଥରାଶି ପ୍ରଦାନ କରାଯିବ ବୋଲି 'ସୃଜନ'ର ନିର୍ଦ୍ଦେଶକ ରତିକାନ୍ତ ମହାପାତ୍ର ଓ ଦେବୀପ୍ରସାଦ ମିଶ୍ର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ରାଜଶ୍ରୀ ପ୍ରହରାଜ ଓଡ଼ିଶୀ ନୃତ୍ୟ ପରିବେଷଣ କରିବେ। ଏହାସହ କର୍ଣ୍ଣାଟକୀ ସଙ୍ଗୀତରେ ବେହେଲା ଏବଂ ବୀଣାର ଯୁଗଳବନ୍ଦୀ ପରିବେଷଣ କରିବେ ଚେନ୍ନାଇର ବେହେଲା ବାଦକ ଆର୍. କୁମାରେଶ ଓ ବୀଣା ବାଦକ ଜୟନ୍ତୀ କୁମାରେଶ। ସେହିଭଳି ଦ୍ୱିତୀୟ ସନ୍ଧ୍ୟାରେ ପାର୍ଥସାରଥି ପାଣିଗ୍ରାହୀଙ୍କ ଗୀତଗୋବିନ୍ଦ ଏବଂ ବୈଜୟନ୍ତୀ କାଶୀ ଓ ପ୍ରତୀକ୍ଷା କାଶୀଙ୍କ କୁଚିପୁଡ଼ି ଅନନ୍ୟ ଆକର୍ଷଣ ସାଜିବ। ତୃତୀୟ ସନ୍ଧ୍ୟାରେ ବେଙ୍ଗାଲୁରୁର ଆଗମ ମ୍ୟୁଜିକ୍ ବ୍ୟାଣ୍ଡ ମ୍ୟୁଜିକାଲ୍ ଫ୍ୟୁଜନ୍ ପରିବେଷଣ କରିବେ, ଯାହାକି ଚଳିତବର୍ଷର ସବୁଠାରୁ ଆକର୍ଷଣୀୟ କାର୍ଯ୍ୟକ୍ରମ ହେବ। ଚତୁର୍ଥ ସନ୍ଧ୍ୟାରେ ଦିଲ୍ଲୀର ରାଜେନ୍ଦ୍ର ଗଣଗଣି କଥକ ଏବଂ ବେଙ୍ଗାଲୁରୁର ଅମ୍ବି ସୁବ୍ରମଣ୍ୟମ୍ କର୍ଣ୍ଣାଟକୀ ବେହେଲା ବାଦନ କରିବେ। ଶେଷ ସନ୍ଧ୍ୟାରେ 'ସୃଜନ' ପକ୍ଷରୁ ଗୁରୁ ରତିକାନ୍ତ ମହାପାତ୍ରଙ୍କ ନୃତ୍ୟ ସଂଯୋଜନାରେ ରାଧାମୋହନ ଗଡ଼ନାୟକଙ୍କ କାବ୍ୟଧାରା ଉପରେ ଆଧାରିତ ନୃତ୍ୟନାଟିକା 'ମାଟି' ମଞ୍ଚସ୍ଥ ହେବ। ଏଥିସହିତ ପଣ୍ଡିତ ନିତ୍ୟାନନ୍ଦ ମିଶ୍ରଙ୍କ ରଚିତ 'କିରବାଣୀ ମଧୁରିମା' ପରିବେଷଣ କରାଯିବ। ତେବେ ଚଳିତବର୍ଷ ସମ୍ମାନ ପ୍ରଦାନ ଉତ୍ସବର ଉଦ୍‌ଯାପନୀ ସମାରୋହରେ ପ୍ରସିଦ୍ଧ ଅଭିନେତ୍ରୀ ତଥା ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ ହେମାମାଳିନୀ ଯୋଗଦେବେ ବୋଲି ଗୁରୁ ରତିକାନ୍ତ ମହାପାତ୍ର ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମର ମିଡିଆ ପାର୍ଟନର 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ରହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଳି ଖୋଜୁଥାନ୍ତି କଳିହା ସ୍ତିରୀଏ**
**ଯତି ଖୋଜୁଥାନ୍ତି ହରି**
**ବିବେକୀ ପୁରୁଷ ନ୍ୟାୟ ଖୋଜୁଥାନ୍ତି**
**ଖୁଣ୍ଟ ଖୋଜୁଥାନ୍ତି ଚୋରି ।**

କଳିର ଯଥାର୍ଥ କାରଣ ନ ଥାଇ କଳିହା ପ୍ରକୃତିର ବ୍ୟକ୍ତି କଳି କରିବାକୁ ସଦା ଆଗଭର ହୋଇଥାନ୍ତି। କଣ୍ଟାବାଡ଼ରେ ଲୁଗା ପକେଇ କଳି କରିବା ସେମାନଙ୍କ ପ୍ରକୃତି ହୋଇଥାଏ। ମୁନି ଋଷି କାୟ ମନ ବାକ୍ୟରେ ଈଶ୍ୱରଙ୍କ ପ୍ରତି ଆସ୍ଥାପ୍ରକଟ କରିବା ସହ ଈଶ୍ୱରଙ୍କ କୃପାଲାଭ ନିମନ୍ତେ ଯଥାସାଧ୍ୟ ଉଦ୍ୟମ ଜାରି ରଖିଥାନ୍ତି। ବିବେକବାନ୍ ବ୍ୟକ୍ତି ଧର୍ମ ନ୍ୟାୟକୁ ସର୍ବଦା ଶ୍ରେଷ୍ଠ ମଣିଥାନ୍ତି। ସେହିପରି ଚୌର୍ଯ୍ୟ କାର୍ଯ୍ୟରେ ଲିପ୍ତ ବ୍ୟକ୍ତି ଖୁଣ୍ଟରେ ବନ୍ଧାହେବା ଥୟ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କେଉଁଠି ଘାଇମୁହଁରେ ଯାଉଛି**
**କେଉଁଠି ବାଲିଜଳା ବୁଜା ହେଉଛି ।**

କେଉଁଠି ଅଜସ୍ର ଖର୍ଚ୍ଚ ତ କେଉଁଠି ସାମାନ୍ୟ ଖର୍ଚ୍ଚ ଉପରେ ନାନା କଟକଣା। ଅନ୍ୟ ଦିଗରେ ବହୁତ ଖର୍ଚ୍ଚ ହେଲାବେଳେ ସାମାନ୍ୟ କଥାରେ କୃପଣତା ପ୍ରକାଶ କରିବା ମୂର୍ଖାମିର ଲକ୍ଷଣ ହୋଇଥିବା ବେଳେ ଅଜସ୍ର ଖର୍ଚ୍ଚକୁ ନ ରୋକି ସାମାନ୍ୟ ବ୍ୟୟ ପ୍ରତି କଟକଣା ଜାରି କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
ଫ୍ରେଣ୍ଡସ୍ ପବ୍ଲିଶର୍ସ

## ■ ନିମ୍ନମାନର ରାସ୍ତା କାମକୁ ବିରୋଧ

# ଗଛକାଟି ରାସ୍ତା ଅବରୋଧ କଲେ ମାଓବାଦୀ

ଭବାନୀପାଟଣା/ଲାଞ୍ଜିଗଡ଼,୨୯।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁରରୁ ବିଜେପୁରକୁ ସଂଯୋଗ କରୁଥିବା ହାତୀଶାଳ ଘାଟିରେ ବୁଧବାର ଗଛକାଟି ମାଓବାଦୀମାନେ ରାସ୍ତା ଅବରୋଧ କରିଛନ୍ତି। ସେହିପରି ଲାଞ୍ଜିଗଡରୁ ବନ୍ଧପାରିକୁ ସଂଯୋଗ କରିଥିବା ଆରଡି ରାସ୍ତାର ବାରବୁଲି ଗାଁ ନିକଟରେ ଗଛ ପକାଇବା ସହ ମାଓବାଦୀମାନେ ପୋଷ୍ଟର ମାରିଥିବା ଦେଖିବାକୁ ମିଳିଛି। ପୋଷ୍ଟରରେ ନିମ୍ନମାନର ରାସ୍ତାକାମକୁ ନେଇ ପିଡବ୍ଲ୍ୟୁଡି ଓ ଆରଡି ବିଭାଗର ଅଧିକାରୀଙ୍କୁ ଚେତାବନୀ ଦିଆଯାଇଛି।

ଗତ କିଛି ମାସ ତଳେ ଲାଞ୍ଜିଗଡରୁ ବେନ୍‌ଗାଁକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା କାମ କରୁଥିବା ସ୍ପେଶାଲକ୍ଲାସ ଠିକାଦାର ଶିବଶଙ୍କର ଦାସଙ୍କୁ ମାଓବାଦୀମାନେ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଥିଲେ। ଠିକାଦାର ଓ ବିଭାଗୀୟ ଅଧିକାରୀମାନେ ନ ସୁଧୁରିଲେ ସେମାନଙ୍କୁ ମଧ୍ୟ ପ୍ରଜାକୋର୍ଟରେ ଦଣ୍ଡିତ କରାଯିବ । ଶ୍ରମିକମାନଙ୍କୁ କମ୍ ମଜୁରି ଦିଆଯାଉଥିବାରୁ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମାଓବାଦୀମାନେ ଚେତାବନୀ ଦେଇଛନ୍ତି। ପୋଷ୍ଟର ତଳେ ବଂଶଧାରା ଘୁମୁସର ନାଗାବଳୀ ଡିଭିଜନ କମିଟି ବୋଲି ଉଲ୍ଲେଖ ରହିଛି । ମାଓବାଦୀଙ୍କ ଏହି ପୋଷ୍ଟର ପରେ ସେହି ଅଞ୍ଚଳରେ ଏକ ପ୍ରକାର କୋକୁଆଭୟ ସୃଷ୍ଟି ହୋଇଛି। ରାସ୍ତାରେ ଗଛ ପଡିଥିବା ଯୋଗୁ ଘାଟି ଅଞ୍ଚଳରେ ଥିବା ୮ଟି ପଞ୍ଚାୟତ ଜନସାଧାରଣ ବ୍ଲକ ସଦର ମହକୁମା ବିଶ୍ୱନାଥପୁରକୁ ଯାତାୟାତ କରିପାରୁ ନାହାନ୍ତି। ବିଶ୍ୱନାଥପୁର ଥାନା ଅଧିକାରୀ ଘଟଣାସ୍ଥଳକୁ ଯାଇ ପୋଷ୍ଟର ଜବତ କରି ଘଟଣାର ତଦନ୍ତ କରୁଥିବା ଜଣାପଡିଛି। ଏହି ରିପୋର୍ଟ ଲେଖା ଯିବା ପର୍ଯ୍ୟନ୍ତ ରାସ୍ତାରୁ ଗଛ ହଟା ଯାଇନାହିଁ।

# ଓପେପା ଅଧିକାରୀଙ୍କ ୬ କୋଟିର ସମ୍ପତ୍ତି ଠାବ

 କଟକ ଅଫିସ/ ଡେରାବିଶ (ସ୍ୱ.ପ୍ର)/ ଛତ୍ରପୁର, ୨୯।୮(ଡି.ଏନ୍.ଏ.)

**୭ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ**

ଭୁବନେଶ୍ୱରସ୍ଥିତ ଓଡ଼ିଶା ପ୍ରାଇମେରି ଏଜୁକେଶନ ପ୍ରୋଗ୍ରାମ ଅଥରିଟି (ଓପେପା)ର ଅର୍ଥ ପରାମର୍ଶଦାତା ତଥା ମୁଖ୍ୟ ପ୍ରଶାସନିକ ଅଧିକାରୀ ନଳିନୀ କୁମାରୀ ପୃଷ୍ଟି ଓ ତାଙ୍କ ସ୍ୱାମୀ ଛତ୍ରପୁର ତହସିଲ୍ ବିଜୟ କେତନ ସାହୁ (ଛତ୍ରପୁର ତହସିଲଦାର)ଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ପକ୍ଷରୁ ଜାରି ତଲାସି ୱାରେଣ୍ଟ ବଳରେ ଭିଜିଲାନ୍ସ ସେଲ୍ ପକ୍ଷରୁ ଉଭୟଙ୍କ ଅଫିସ ସମେତ ମୋଟ ୭ଟି ସ୍ଥାନରେ ବୁଧବାର ଏକକାଳୀନ ଯାଞ୍ଚ କରାଯାଇଛି। ଯାଞ୍ଚରୁ ମୋଟ ୬ କୋଟି ୮୭ ଲକ୍ଷ ୧୮ହଜାର ୯୩୯ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଠାବ ସମ୍ପତ୍ତିଗୁଡ଼ିକ ମଧ୍ୟରୁ ଅଧିକାଂଶ ନଳିନୀ କୁମାରୀ ପୃଷ୍ଟିଙ୍କ ନାମରେ ଥିବା ଭିଜିଲାନ୍ସ ସୂଚନା ଦେଇଛି।

ଭିଜିଲାନ୍ସ ଯାଞ୍ଚ କରିଥିବା ସ୍ଥାନଗୁଡ଼ିକ ମଧ୍ୟରେ ଭୁବନେଶ୍ୱର ମଧୁସୂଦନନଗରଠାରେ ଥିବା ଉତ୍କଳ ଭିଲ୍ଲାର ଦୁଇଟି ଫ୍ଲାଟ୍ (ବି୪୦୧ ଓ ୫୦୧), ପୁରୀ ଜିଲା କୁମ୍ଭାରପଡ଼ାଠାରେ ଥିବା ଗ୍ରାଣ୍ଡ ଏସିଆନା ଫ୍ଲାଟ୍, ଭୁବନେଶ୍ୱର ଚନ୍ଦ୍ରଶେଖରପୁରଠାରେ ଥିବା ଆବାସିକ କୋଠା, କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ବାଲିଆ ପଞ୍ଚାୟତ ଅରିଓ ଗ୍ରାମରେ ଥିବା ପୈତୃକ ଘର, ଚାନ୍ଦୋଳ ଓରଗଳାସ୍ଥିତ ସମ୍ପର୍କୀୟଙ୍କ ଘର ସମେତ ନଳିନୀଙ୍କ ଓ ବିଜୟଙ୍କ ଅଫିସ ଆଦି ରହିଛି। ଉତ୍କଳ ଭିଲ୍ଲାରେ ଥିବା ଦୁଇଟି ଫ୍ଲାଟ୍‌ର ମୂଲ୍ୟକୁ ୧କୋଟି ୮୦ ଲକ୍ଷ ଟଙ୍କାରେ ହିସାବ କରାଯାଇଥିବାବେଳେ ଏହାକୁ ସଜାଇବା ବାବଦରେ ୧ କୋଟି ୩୪ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ଭିଜିଲାନ୍ସ ସୂଚନା ଦେଇଛି। ପୁରୀର ଗ୍ରାଣ୍ଡ ଏସିଆନା ଫ୍ଲାଟ୍‌ର ମୂଲ୍ୟ ୨୧ ଲକ୍ଷ ୨୯ହଜାର ଟଙ୍କା ହୋଇଥିବା ବେଳେ ଚନ୍ଦ୍ରଶେଖରପୁରଠାରେ ତାଙ୍କର ଏକ ୩ ମହଲା କୋଠାର ମୂଲ୍ୟକୁ ୪୯ ଲକ୍ଷ ୬୦ହଜାର ୬୭୧ ଟଙ୍କାରେ ଭିଜିଲାନ୍ସ ହିସାବ କରିଛି। ଜଟଣୀରୁ ଠାବ ହୋଇଥିବା ୬ଟି ପ୍ଲଟର ମୂଲ୍ୟ ୫୮ ଲକ୍ଷ ୫୭ହଜାର ୩୧୨ ଟଙ୍କା ହେବ ବୋଲି ଭିଜିଲାନ୍ସ କହିଛି। ସେହିପରି କିଷାନ ବିକାଶ ପତ୍ରରେ ୬୦ହଜାର ଟଙ୍କା ଜମା ଥିବାବେଳେ ବଜାଜ ଆଲିଆନ୍ସ, ରୁରାଲ ଇଲେକ୍ଟ୍ରିଫିକେଶନ ବଣ୍ଡ ଓ ଏଲ୍‌ଆଇସି ବାବଦରେ ୭ ଲକ୍ଷ ୩୨ହଜାର ୪୦୭ ଟଙ୍କା ଜମା ରହିଛି। ଏହାବାଦ ଆଇସିଆଇସିଆଇ, ଏସ୍‌ବିଆଇ, ଇଣ୍ଡିଆନ ବ୍ୟାଙ୍କ ଓ ଓଡ଼ିଶା ଷ୍ଟେଟ୍ କୋଅପରେଟିଭ ବ୍ୟାଙ୍କରେ ୧ କୋଟି ୪ ଲକ୍ଷ ୫ହଜାର ୫୮୧ ଟଙ୍କା ଜମା ଥିବା ଭିଜିଲାନ୍ସ ଯାଞ୍ଚରୁ ଜଣାପଡ଼ିଛି। ସେହିପରି ପିପିଏଫ୍ ଆକାଉଣ୍ଟରେ ୬ ଲକ୍ଷ ୪୫ହଜାର ୨୫ଟଙ୍କା, ସେଭିଂ ବ୍ୟାଙ୍କ୍ ଆକାଉଣ୍ଟରେ ୨୨ ଲକ୍ଷ ୮୪ହଜାର ୬୧୦ ଟଙ୍କା, ଏସ୍‌ବିଆଇର ଟର୍ମ ଡିପୋଜିଟ ବାବଦରେ ୪ ଲକ୍ଷ ୭୦ହଜାର ଟଙ୍କା ଜମା ଥିବା ଭିଜିଲାନ୍ସ ସୂଚନା ଦେଇଛି। ନଳିନୀଙ୍କ ଘରୁ ନଗଦ ୫ ଲକ୍ଷ ୭୫ହଜାର ୧୭୦ ଟଙ୍କା, ୪୬ ଲକ୍ଷ ୧୯ହଜାର ୧୬୩ ଟଙ୍କାର ଆସବାବପତ୍ର, ୪୦ଲକ୍ଷ ଟଙ୍କା ମୂଲ୍ୟର ସୁନା ଓ ହୀରା ଭିଜିଲାନ୍ସ ଠାବ କରିଛି। ଏଥିସହ ତାଙ୍କର ଗୋଟିଏ କାର୍ (ନଂ. ଓଆର୍୦୨ଏଏସ୍-୬୯୪୩) ମୂଲ୍ୟ ୪ ଲକ୍ଷ ୫୦ହଜାର ଟଙ୍କା, ଗୋଟିଏ ସ୍କୁଟି (ନଂ. ଓଡି୩୩ଏଚ୍-୮୩୯୮)ର ମୂଲ୍ୟ ୬୦ହଜାର ଓ ଗୋଟିଏ ବାଇକ୍ (ନଂ. ସିଜି୦୪ଜେଡ୍‌ଭି-୬୪୮୪)କୁ ୭୦ହଜାର ଟଙ୍କାରେ ଭିଜିଲାନ୍ସ ହିସାବ କରିଛି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**TARIFF — MORE SPACE • SAME PRICE** (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FIRST FINANCE LIMITED
Regd No.- U6519TNI98PLC008555
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ। 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number: 7689937202

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number: 7302107165
odishafinance55@gmail.com

MONEY WIZZ FINANCE
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

JAGANNATH FINANCE COMPNAY

ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 1% ସୁଧ 50% ଛାଡ । ଘରେ ବସି ପାଆନ୍ତୁ ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025
8860754032

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ । ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

ସାରା ଭାରତରେ ଖୋଲା ଆହ୍ୱାନ, କଣ ଆପଣ ଚିନ୍ତିତ କି ?
9911436726, 8750311430


କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

Kuber Finance
(ଭାରତ ସରକାର) ରେଜିଷ୍ଟର୍ଡ କମ୍ପାନୀ 1980ରୁ ଆପଣଙ୍କ ସେବାରେ।
Regd. No. - ODI49/3468
କରୁଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ମାତ୍ର 12 ଘଣ୍ଟାରେ। 1% ସୁଧ, 50% ଛାଡ଼। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ -
7496011718
7496016879

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

(Registration Free)
Bhartiya Telecom Group
(Govt. Approved)
ଦ୍ୱାରା ନିଜର ଖାଲି ଜାଗା, ଛାତ, ଚାଷଜମି, ପ୍ଲଟରେ DIGITAL ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 60 ଲକ୍ଷ । ଭଡ଼ା 45000 + ଅନ୍ୟାନ୍ୟ ସୁବିଧା ସୁଯୋଗ। ଠକମାନଙ୍କ ପ୍ରତି ସାବଧାନ। (କାମ ଆମର, ବିଶ୍ୱାସ ଆପଣଙ୍କର) କେବଳ ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରନ୍ତୁ
7052176168
8808619133

BUSINESS
LIC Housing Finance HOME LOAN available at very low Investment rate.
ANYONE CAN APPLY FOR HOME LOAN
Call For More Information At
7606075949
8117848500

ମହାବୀର ଫାଇନାନ୍ସ
!! ବିନା ଗ୍ୟାରେଣ୍ଟର!!
ସ୍ୱରୋଜଗାର ପାଇଁ ଅଷ୍ଟମ/ଦଶମ ପାସ୍ ମହିଳା / ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ, 25% ରିହାତି
20 ବର୍ଷରେ ଫେରସ୍ତ
8750418810
9355438810

SMS JOBS DHAMAKA (PART/FULL TIME)

GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

LOAN
ଶିକ୍ଷିତ ଓ ବେରୋଜଗାରି ମାନେ ନିଜର ବ୍ୟବସାୟିକ, ବ୍ୟକ୍ତିଗତ, ଗୃହ, ପ୍ରପର୍ଟି, ସାର୍ଟିଫିକେଟ୍ ଓ ଶିକ୍ଷାର ସହାୟତାରେ କମ୍ପାନୀଠାରୁ ସାହାଯ୍ୟ ନିଅନ୍ତୁ।
7682891639
8018022748

ସୁବର୍ଣ୍ଣ ସୁଯୋଗ
କଣ ଆପଣ ବେରୋଜଗାର ଅଛନ୍ତି କି ?
ଆପଣଙ୍କର ଭବିଷ୍ୟତପାଇଁ କିଛି ଯୋଜନା ଅଛି କି ? ଏସବୁର ସମାଧାନପାଇଁ ଆମ Company ଠାରୁ କିଛି ସାହାଯ୍ୟ ନେଇ ଆତ୍ମନିର୍ଭରଶୀଳ ହୁଅନ୍ତୁ ।
ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ
7873395955

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ
୧00000-୯000000 ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339

ଋଣ ପାସ୍ ହେବା ପରେ ଜନକଲ୍ୟାଣ ଜନଧନ ଯୋଜନା ଅଧୀନରେ
Mahinder Finance
ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଏଜୁକେଶନ୍ ଓ ସମସ୍ତ ଋଣ 24 ଘଣ୍ଟାରେ 1% ସୁଧ, 40% ସବ୍‌ସିଡିରେ (ମହିଳା, ବିଦ୍ୟାର୍ଥୀ, ଚାଷୀଙ୍କ ପାଇଁ ବିଶେଷ ରିହାତି) ଠକମାନଙ୍କ ପ୍ରତି ସାବଧାନ। (କାମ ଆମର ବିଶ୍ୱାସ ଆପଣଙ୍କର)
9911250162
9953846186

SUHANA FINANCE
ଭାରତ ସରକାର ରେଜିଷ୍ଟଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପୋର୍ଟି, ମାର୍କସିଟ୍, ପର୍ସନାଲ୍, ହୋମ, ଜମି, ଏଜୁକେସନ୍, ବିଜ୍‌ନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି ବିଦ୍ୟାର୍ଥି ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର।
7325861595
7325861352

ଫାଇନାନ୍ସ
ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ମାତ୍ର 1250ରେ (1-90 ଲକ୍ଷ) ପର୍ଯ୍ୟନ୍ତ 0% ସୁଧ 60% ରିହାତି, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ରାଶନକାର୍ଡ, ଆଧାରକାର୍ଡ, ସମସ୍ତ ଋଣ 48 ଘଣ୍ଟାରେ
Dhanlaxmi Finance
9045324642
7417158225


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଢେଙ୍କାନାଳ-ଅନୁଗୋଳ, ଗୁରୁବାର, ୩୦ ଅଗଷ୍ଟ, ୨୦୧୮



## ସଂକ୍ଷେପରେ

### ସିଡିଏମ୍‌ଓଙ୍କୁ ଦାବିପତ୍ର ଦେଲେ ସାମାଜିକ କର୍ମୀ

ଅନୁଗୋଳ ଅଫିସ, ୨୯।୮- ଅନୁଗୋଳ ମେଡିକାଲରେ ଦୀର୍ଘ ଦିନ ହେବ ଲାଗି ରହିଥିବା ସମସ୍ୟା ଓ ଦୁର୍ନୀତିକୁ ନେଇ ମିଳିତ ସାମାଜିକ କର୍ମୀମାନେ ଜିଲା ମୁଖ୍ୟ ଚିକିତ୍ସାଧୀକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଡିଜିଟାଲ ଏକ୍ସ-ରେ ମେଶିନ କାର୍ଯ୍ୟକାରୀ କରିବାକୁ ବାରମ୍ବାର ଦାବି ହେଉଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ସେହିପରି ସ୍ଥାୟୀ ମେଡିସିନ ସପ୍ଲାଇଷ୍ଟ ଅଭାବରୁ ରୋଗୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭେଷଜ ଡାକ୍ତର ବି.କେ. ରାଉତଙ୍କ ଦେହାନ୍ତ ପରେ ତାଙ୍କ ସ୍ଥାନରେ ନୂତନ ଡାକ୍ତର ଆସିନାହାନ୍ତି। ଫଳରେ ରୋଗୀ ସେବା ବ୍ୟାହତ ହେଉଛି। ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗରେ ଲାଞ୍ଚ ନ ଦେଲେ ଘରୋଇ ନର୍ସିଂହୋମକୁ ପଠାଇ ଦିଆଯାଉଛି। ଏସବୁ ସମସ୍ୟାର ତୁରନ୍ତ ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ପ୍ରତାପ ମହାପାତ୍ର, ସୁବ୍ରତ କୁମାର ପ୍ରଧାନ, ସୁଶାନ୍ତ କୁମାର ତ୍ରିପାଠୀ, ଅମରେଶ କୁମାର ପ୍ରଧାନ, ଦିଲୀପ କୁମାର ସାହୁ, ସିଦ୍ଧାର୍ଥ ପ୍ରଧାନ, ଶୁଭେନ୍ଦୁ ସାହୁ, ଚିନ୍ମୟ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି।

### ରିଜିଓନାଲ ମେଧା ପ୍ରତିଯୋଗିତା




ତାଳଚେର, ୨୯।୮ (ନି.ପ୍ର.)- ଏନ୍‌ଟିପିସି କଣିହାଁ ପକ୍ଷରୁ ରିଜିଓନାଲ ମେଧା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏନ୍‌ଟିପିସି ଇଷ୍ଟର୍ନ ରିଜନ ୧ ଓ ୨ର ଜୁନିୟର, ମିଡିଲ ଗ୍ରୁପ୍, ସିନିୟର ଗ୍ରୁପ୍ ଏବଂ ଏମ୍ପ୍ଲୋଇଜ ଆଣ୍ଡ ସ୍ପାଉସସେସ୍ ଗ୍ରୁପ୍‌ର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରାମ କୁବେର ଯୋଗଦେଇ ସମସ୍ତ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇବା ସହ ସୃଜନଶୀଳତା ଓ ଜ୍ଞାନକୌଶଳ ପ୍ରଦର୍ଶନ କରିବାର ଏହା ଏକ ଭଲ ପ୍ଲାଟଫର୍ମ ବୋଲି ପ୍ରକାଶ କରିଥିଲେ। ଗ୍ରୁପ୍-୧ରେ ଏନ୍‌ଟିପିସି କଣିହାଁ, ଗ୍ରୁପ୍-୨ରେ ବାଙ୍ଗାଇଗାଓଁ, ଗ୍ରୁପ୍-୩ରେ ତାଳଚେର ଥର୍ମାଲ, ଗ୍ରୁପ୍-୪ରେ ଖାଲଗାଓଁ ବିଜୟୀ ହୋଇଥିଲେ। ଏହି ପ୍ରତିଯୋଗୀମାନେ ଏନ୍‌ଟିପିସିର ଜାତୀୟସ୍ତର ମେଧା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

### ଅତିଥି ଶିକ୍ଷକଙ୍କ ଛଟେଇର ପ୍ରତିବାଦ

ଛେଣ୍ଡିପଦା, ୨୯।୮ (ଡି.ଏନ.ଏ.)- ଛେଣ୍ଡିପଦା ବ୍ଲକ ସାପୋଇନାଳୀ ଗ୍ରାମ ସ୍ଥିତ ଶିମିଳିପାଳ ପଞ୍ଚାୟତ ହାଇସ୍କୁଲର ସଂସ୍କୃତି ବିଭାଗର ଅତିଥି ଶିକ୍ଷକଙ୍କୁ ଛଟେଇ କରାଯିବା ନିଷ୍ପତ୍ତିକୁ ନେଇ ସ୍କୁଲ ପରିଚାଳନା କମିଟି ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତୁରନ୍ତ ଏହି ନିଷ୍ପତ୍ତି ପ୍ରତ୍ୟାହାର କରାଯିବାକୁ କମିଟି ଦାବି କରିଛି। ଅଭିଯୋଗ ମୁତାବକ, ସମ୍ପୃକ୍ତ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଶିମିଳିପାଳ ହାଇସ୍କୁଲର ସଂସ୍କୃତ ବିଭାଗର ଅତିଥି ଶିକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିଲା। ହେଲେ ଜିଲା ପ୍ରଶାସନ ପକ୍ଷରୁ ଜିଲା ଖଣିଜ ପାଣ୍ଠି ସହାୟତାରେ ଅନ୍ୟ ଜଣେ ନୂତନ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇ ଅତିଥି ଶିକ୍ଷକଙ୍କୁ ଛଟେଇ କରାଯାଇଛି। ଏହାର ତଦନ୍ତ କରାଯାଇ ପଦକ୍ଷେପ ନେବାକୁ ଜିଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଦାବି କରାଯାଇଛି।

### ୧୫ ଏକର ଜମି ଜଳମଗ୍ନ

ଅନୁଗୋଳ ଅଫିସ, ୨୯।୮ (ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକରେ ବୁଧବାର ବନ୍ୟାଜଳ ପ୍ରବେଶ କରିଛି। ମହାନଦୀରୁ ପାଣି ଆସି ଜାମୁଡୋଲି ପଞ୍ଚାୟତର ପ୍ରାୟ ୧୫ ଏକର ଜମିକୁ ଜଳମଗ୍ନ କରିଛି। ଚାଷୀ ଅଚ୍ୟୁତା ପ୍ରଧାନ, ବସନ୍ତ ପ୍ରଧାନ, ଜ୍ଞାନ ରଞ୍ଜନ ଜେନା, ମାନ ରଞ୍ଜନ ପ୍ରଧାନ, ମନୋରଞ୍ଜନ ଜେନା, ପ୍ରଭାକର ପ୍ରଧାନ, ଉମାକାନ୍ତ ପ୍ରଧାନ, ବ୍ରହ୍ମାନନ୍ଦ ପ୍ରଧାନ, ଅଖଣ୍ଡ ପ୍ରଧାନ, ଧ୍ରୁବ ପ୍ରଧାନ, ଧର୍ମୁ ପ୍ରଧାନ, ରମେଶ ପ୍ରଧାନ, ବ୍ରଜବନ୍ଧୁ ପ୍ରଧାନ, କୈଳାସ ପ୍ରଧାନଙ୍କ ଜମିରେ ବନ୍ୟାଜଳ ପଶିବା ଯୋଗୁ ଚାଷ କ୍ଷତିଗ୍ରସ୍ତ ହେବା ନେଇ ସେମାନେ ଚିନ୍ତିତ ହୋଇପଡିଛନ୍ତି। ଅନେକ ଚାଷୀ ଋଣ କରି ଚାଷ କରିଥିବାରୁ ତୁରନ୍ତ ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ପାଇଁ ବ୍ୟବସ୍ଥା କରାଯିବାକୁ ଦାବି ହୋଇଛି।

■୩ ବର୍ଷ ହେଲା ସରୁନି ସ୍କୁଲ ଗୃହ ନିର୍ମାଣ କାର୍ଯ୍ୟ

# ପାଇଖାନା ପାଲଟିଛି ଷ୍ଟୋରରୁମ୍


ପାଇଖାନା ଗୃହରେ ସ୍କୁଲ ରେକର୍ଡ ପତ୍ର ଓ ମଧ୍ୟାହ୍ନ ଭୋଜନ ଚାଉଳ ରହିଛି।

ବଅଁରପାଳ, ୨୯।୮ (ଡି.ଏନ.ଏ.)

ଚାଳିଆ ଘରେ ଚାଲିଥିବା ସ୍କୁଲକୁ ଭାଙ୍ଗି ପକ୍କା କରାଗଲା। ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଏଥିପାଇଁ ୬ଲକ୍ଷ ୪୦ ହଜାର ଟଙ୍କା ବ୍ୟୟ କରାଗଲା। ହେଲେ ୩ବର୍ଷ ହେଲା କାର୍ଯ୍ୟ ଶେଷ ହେଉ ନ ଥିବାରୁ ନାନା ଅବ୍ୟବସ୍ଥାରେ ଚାଲିଛି ସ୍କୁଲ। ଚଟାଣ ଏଯାଏ ମେଜିଆ ହୋଇ ନ ଥିବାବେଳେ କବାଟ କି ଝରକା ଲାଗିନାହିଁ। କାର୍ଯ୍ୟାଳୟ ଗୃହ ଓ ଷ୍ଟୋର ରୁମ୍ ନ ଥିବାରୁ ମଧ୍ୟାହ୍ନ ଭୋଜନ ଚାଉଳ ସହ ବିଦ୍ୟାଳୟର କାଗଜପତ୍ର ପାଇଖାନା ଘରେ ରଖାଯାଉଛି। ବଅଁରପାଳ ବ୍ଲକ ନୂଆହତା ପଞ୍ଚାୟତରେ ଥିବା ବୀରବାହନପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଦେଖାଦେଇଥିବା ଏହି ସମସ୍ୟାକୁ ନେଇ ସୃଷ୍ଟି ହୋଇଛି ଅସନ୍ତୋଷ। ଏଥିପାଇଁ ସରକାରୀ ଉଦାସୀନତାକୁ ଦାୟୀ କରିଛନ୍ତି ସ୍ଥାନୀୟ ଲୋକେ।

■ମେଜିଆ ହୋଇନି ଚଟାଣ, ଲାଗିନି କବାଟ, ଝରକା

■ବାଲି ଉପରେ ପାଲ ପକାଇ ବସୁଛନ୍ତି ଛାତ୍ରୀଛାତ୍ର

୨୦୧୫ରେ ବିଦ୍ୟାଳୟର ପକ୍କା ଘର ନିର୍ମାଣ ଆରମ୍ଭ ହୋଇଥିଲା। ବର୍ଷକ ମଧ୍ୟରେ ଏହି କାର୍ଯ୍ୟ ଶେଷ ହୋଇଥିଲେ ଏଠାରେ ପ୍ରଥମରୁ ୫ମ ଶ୍ରେଣୀରେ ପଢୁଥିବା ୨୮ ଛାତ୍ରୀଛାତ୍ର ଉପକୃତ ହୋଇଥାନ୍ତେ। କିନ୍ତୁ ୩ ବର୍ଷ ବିତିଯାଇଥିଲେ ମଧ ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଗୃହର ପ୍ଲାଷ୍ଟର ହୋଇ ନ ଥିବା ବେଳେ କବାଟ ଝରକା ମଧ ଲାଗିପାରୁ ନାହିଁ। ଏପରି କି ଚଟାଣ ପ୍ଲାଷ୍ଟର ହୋଇପାରୁ ନ ଥିବାରୁ ଛାତ୍ରୀଛାତ୍ରମାନେ ବାଲି ଉପରେ ପାଲ ପକାଇ ବସି ପଢ଼ିବାକୁ ବାଧ ହେଉଛନ୍ତି। ସେହିପରି କାର୍ଯ୍ୟାଳୟ ଗୃହ ଓ ଷ୍ଟୋର ରୁମ୍ ନ ଥିବାରୁ ସ୍କୁଲର ଜରୁରୀ କାଗଜପତ୍ର ସହ ମଧ୍ୟାହ୍ନ ଭୋଜନ ଚାଉଳ ଖୋଲାମେଲାରେ ରଖା ନ ଯାଇ ପାଇଖାନା ଘରେ ଗ୍ରୀଲରେ ତାଲା ପକାଇ ରଖାଯାଉଛି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ନିରୋଜ କୁମାର ଗୋଚ୍ଛାୟତ କୁହନ୍ତି, ବର୍ଷେ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ହେବା କଥା। ମାତ୍ର ୩ ବର୍ଷ ହେଲା ସ୍କୁଲ ଗୃହ ଅଧାପନ୍ତରିଆ ହୋଇ ପଡ଼ିରହିଛି। କୋଠରି ଅଭାବରୁ ପାଇଖାନା ଘରେ ବିଭିନ୍ନ ଜିନିଷପତ୍ର ରଖାଯାଇଛି। ଜିଲା ପ୍ରକଳ୍ପ ସଂଯୋଜକ ନିରଞ୍ଜନ ସାହୁ କହିଛନ୍ତି, ସ୍କୁଲରେ କେଉଁ ସମସ୍ୟା ରହିଛି ରେକର୍ଡ ଦେଖିଲା ପରେ କହିବି। ଏ ନେଇ ଅନୁଧ୍ୟାନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ଟିକରପଡ଼ାର ୩ ଗ୍ରାମବାସୀ ଜଳବନ୍ଦୀ

ବନ୍ତଳା, ୨୯।୮ (ଡି.ଏନ.ଏ.)

ମହାନଦୀରେ ବନ୍ୟା ଯୋଗୁ ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟସ୍ଥିତ ଟିକରପଡ଼ା ପଞ୍ଚାୟତରେ ବନ୍ୟା ପରିସ୍ଥିତି ଉପୁଜିଛି। ବୁଧବାର ସନ୍ଧ୍ୟାସୁଦ୍ଧା ବନ୍ୟାଜଳ ଯୋଗୁ ଗଇଁଦି, ବେହେରା ସାହି ଓ ମଝିପଡ଼ା ଗ୍ରାମବାସୀ ଜଳବନ୍ଦୀ ହୋଇପଡ଼ିଛନ୍ତି। କରଡ଼ାପଡ଼ା-ଗଇଁଦି ପୂର୍ତ୍ତ ବିଭାଗ ରାସ୍ତା ଉପରେ ୬ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଥିବାରୁ ଉକ୍ତ ୩ଟି ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ସେହିପରି ନିକଟସ୍ଥ ଘାଟସାହିକୁ ପାଣି ପଶିବାର ଆଶଙ୍କା ଥିବାରୁ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। ଖବରପାଇ ଅତିରିକ୍ତ ତହସିଲଦାର ସାଗରିକା ସାହୁ, ବିମଳ କୁମାର ଲେଙ୍କା, ରାଜସ୍ୱ ଅଧିକାରୀ ପତିତପାବନ ସେନାପତିଙ୍କ ସହ ତହସିଲ କର୍ମଚାରୀ, ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଘନଶ୍ୟାମ ବେହେରା, ଜଗନ୍ନାଥପୁର ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ବିଜୟ ପ୍ରଧାନ, ବିପିଓ ମଧୁସ୍ମିତା ଦ୍ୱିବେଦୀ ପ୍ରମୁଖ ଘାଟସାହିକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିବା ସହ ଗ୍ରାମବାସୀ ତୁରନ୍ତ ସୁରକ୍ଷିତ ସ୍ଥାନକୁ ଯିବାକୁ ପରାମର୍ଶ ଦେଇଥିଲେ। ତେବେ ଗଇଁଦି ରାସ୍ତାରେ ପାଣି ଯୋଗୁ ସେଠାକୁ ଅଧିକାରୀମାନେ ଯାଇପାରି ନ ଥିଲେ। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିବା ସୂଚନା ଦିଆଯାଇଛି।

■୫ ମାସର ଦରମା ନ ପାଇ ହନ୍ତସନ୍ତ

## ଉପଜିଲାପାଳଙ୍କୁ ଭେଟିଲେ ଶିକ୍ଷୟିତ୍ରୀଶିକ୍ଷକ


ଅଭିଯୋଗ କରିବାକୁ ଆସିଥିବା ଶିକ୍ଷକମାନେ।

ଆଠମଲ୍ଲିକ, ୨୯।୮ (ଡି.ଏନ.ଏ.)

'ପରିବାର ଚଳାଇ ହେଉନି। ବୃଦ୍ଧ ମାତାପିତା, ପିଲାଛୁଆଙ୍କ ଆବଶ୍ୟକତା ପୂରଣ ହୋଇପାରୁନି। ଗାଡିରେ ତେଲ ପକାଇବାକୁ ପଇସା ନାହିଁ। ୫ ମାସ ଧରି ଦରମା ମିଳୁ ନ ଥିବାରୁ ଋଣ ଆଣି ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡିଲାଣି।' ଏହିଭଳି ଅଭିଯୋଗ ନେଇ ବୁଧବାର ଆଠମଲ୍ଲିକ ବ୍ଲକର ୭୨ ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପଜିଲାପାଳଙ୍କୁ ଭେଟିଛନ୍ତି। ତୁରନ୍ତ ସେମାନଙ୍କୁ ୫ ମାସର ଦରମା ଓ ୧୨ ମାସର ବକେୟା ପ୍ରଦାନ ପାଇଁ ଦାବି କରିଛନ୍ତି।

ଅଭିଯୋଗ ମୁତାବକ, ବ୍ଲକର ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ୭୨ ଶିକ୍ଷୟିତ୍ରୀ, ଶିକ୍ଷକ ୨୦୧୭ ମାର୍ଚ୍ଚରୁ ନିୟମିତ ହୋଇଛନ୍ତି। କିନ୍ତୁ ସେମାନଙ୍କୁ ଗତ ଏପ୍ରିଲଠାରୁ ଦରମା ଦିଆଯାଉ ନାହିଁ। ଏହାପୂର୍ବରୁ ୧୨ ମାସର ଦରମା ବକେୟା ରହିଛି। ଏପରି କି ଭବିଷ୍ୟନିଧି ପାଣ୍ଠିରୁ ମଧ ସେମାନେ ଟଙ୍କା ଉଠାଇ ପାରୁ ନାହାନ୍ତି। ବାରମ୍ବାର ବ୍ଲକ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କୋଣସି ସୁଫଳ ନ ମିଳିବାରୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ତୁରନ୍ତ ଦରମା ଓ ବକେୟା ପାଉଣା ପ୍ରଦାନ କରିବାକୁ ସଂଘ ସଭାପତି ଅନିଲ କୁମାର ସାହୁ, ସମ୍ପାଦକ ଉମେଶ ଚନ୍ଦ୍ର ପ୍ରଧାନ, ତରୁଣ କୁମାର ପ୍ରଧାନ, ବ୍ରଜ କୁମାର ପଧାନ, ସୁଧାଂଶୁ ଭୂଷଣ ନାଏକ ପ୍ରମୁଖ ଦାବି କରିଛନ୍ତି। ଅଭିଯୋଗ ପାଇବାପରେ ଏ ସଂକ୍ରାନ୍ତରେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ରିପୋର୍ଟ ମଗାଯିବା ସହ ତୁରନ୍ତ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ଉପଜିଲାପାଳ ସୁବାସ ଚନ୍ଦ୍ର ରାୟ କହିଛନ୍ତି।

## 'କ୍ଷମତା ନୁହେଁ, ଦେଶକୁ ଉର୍ଦ୍ଧ୍ୱରେ ରଖୁଥିଲେ'


ସର୍ବଦଳୀୟ ପ୍ରାର୍ଥନା ସଭାରେ ଉପସ୍ଥିତ ନେତା, ଜନସାଧାରଣ।

ଅନୁଗୋଳ ଅଫିସ, ୨୯।୮

କ୍ଷମତା ନୁହେଁ, ଦେଶକୁ ସର୍ବଦା ଉର୍ଦ୍ଧ୍ୱରେ ରଖୁଥିଲେ ବାଜପେୟୀ। ଅନୁଗୋଳ ମଦନମୋହନପଡ଼ାସ୍ଥିତ ମ୍ୟୁନିସିପାଲିଟି ଟାଉନ ହଲରେ ବୁଧବାର ଆୟୋଜିତ ସାର୍ବଜନୀନ ଓ ସର୍ବଦଳୀୟ ପ୍ରାର୍ଥନା ସଭାରେ ଯୋଗଦେଇ ଅତିଥିମାନେ ଏପରି ମତବ୍ୟକ୍ତ କରିଛନ୍ତି। ଏହି ପ୍ରାର୍ଥନା ସଭାରେ ରାଜ୍ୟ ସଭାର ପୂର୍ବତନ ସଦସ୍ୟ ରୁଦ୍ରନାରାୟଣ ପାଣି, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ, ତାମଡା ଅଧ୍ୟକ୍ଷ ଶକ୍ତିପ୍ରସାଦ ପଟ୍ଟନାୟକ, ମିନକେତନ ଅମାନ୍ତ, ଆଇନଜୀବୀ ଭୂପେଶ ପ୍ରଧାନ, ପ୍ରତିଭା ମିଶ୍ର, ଯଯାତି ମିଶ୍ର, ଦିଲୀପ ପ୍ରଧାନ, ଅଭୟ ରାୟ, ବସନ୍ତ ମଞ୍ଜରୀ ପ୍ରଧାନ, ବିଜୟ ମିଶ୍ର, ବାର୍ ଆସୋସିଏଶନ୍ ସଦସ୍ୟ ପ୍ରମୁଖଙ୍କ ସହ ସହରର ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ। ଭାଜପା ଜିଲା ସଭାପତି ଭାଗୀରଥି ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ରଞ୍ଜନ ବେହେରା ପରିଚାଳନା କରିଥିଲେ।

## ବାର୍ ଆସୋସିଏଶନ୍ ତରଫରୁ ଆଲୋଚନା ଚକ୍ର

ତାଳଚେର, ୨୯।୮ (ନି.ପ୍ର.)

ତାଳଚେର ବାର୍ ଆସୋସିଏଶନ୍ ତରଫରୁ 'କନ୍ୟା ସନ୍ତାନ ସମ୍ପତ୍ତିର ସହ ଉତ୍ତରାଧିକାରୀ' ଶୀର୍ଷକ ଏକ ଆଲୋଚନା ଚକ୍ର ମଧୁବାବୁ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ଚକ୍ରରେ ତାଳଚେର ଅତିରିକ୍ତ ଦୌରାଜଜ୍ ଲୁନା ମହାନ୍ତି, ସିଭିଲ୍ ଜଜ୍ ସିନିୟର ଡିଭିଜନ୍ ଶୁଭଶ୍ରୀ ପ୍ରିୟଦର୍ଶିନୀ, ଏସ୍.ଡି.ଜେ.ଏମ୍. ଜୀବନମୋହନ ପଟ୍ଟନାୟକ, ଜେ.ଏମ୍.ଏଫ୍.ସି. ଲିପାପୁଷ୍ପା ଖୁଣ୍ଟିଆ, ବରିଷ୍ଠ ଆଇନଜୀବୀ ଅରୁଣ ଶଙ୍କର ମିଶ୍ର, ଦେବୀ ପ୍ରସାଦ ରଥ, ଯଦୁମଣି ସାହୁ, କୁମୁଦ ରଞ୍ଜନ ମିଶ୍ର, ଅନୁପ ସେନ୍‌ଗୁପ୍ତା, ସନ୍ତୋଷ କୁମାର ସାହୁ ଓ ଅନ୍ୟ ଆଇନଜୀବୀ ପ୍ରମୁଖେ ଭାଗ ନେଇଥିଲେ। ସଂଘ ସଭାପତି ଦୟାସାଗର ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ସେମିନାର ସମ୍ପାଦକ ମହମଦ୍ ଇକବାଲ ପରିଚାଳନା କରିଥିଲେ। ଏଥିରେ ବହୁ ଓକିଲ ଯୋଗ ଦେଇଥିଲେ।

# ଜାତୀୟ କ୍ରୀଡ଼ା ଦିବସରେ ଶୋଭାଯାତ୍ରା


ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

ଅନୁଗୋଳ ଅଫିସ, ୨୯।୮

ଅନୁଗୋଳ ଜିଲାସ୍ତରରେ ଜାତୀୟ କ୍ରୀଡ଼ା ଦିବସ ବୁଧବାର ପାଳନ କରାଯାଇଛି। ଏହି ଅବସରରେ ବୁଧବାର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଏହାର ଶୁଭାରମ୍ଭ କରିଥିଲେ। ଅପରାହ୍ନରେ ଏକ ଆଲୋଚନାଚକ୍ର ସହ ପୋଲିସ ପ୍ରଶାସନ ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ରାଜ୍ୟ ମହିଳା ବରିଷ୍ଠ ପୋଲିସ ଏକାଦଶ ଏବଂ ଓଡ଼ିଶା ମହିଳା ଫୁଟବଲ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ସ୍ଥାନୀୟ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ଜିଲା କ୍ରୀଡ଼ା ଅଧିକାରୀ ମହେନ୍ଦ୍ର କୁମାର ସାହୁ ଏହାର ଆୟୋଜନ କରିଥିବାବେଳେ ବିଭିନ୍ନ ଶିକ୍ଷାନୁଷ୍ଠାନ ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ। ଏଥିରେ ଓଡ଼ିଶା ମହିଳା ଫୁଟବଲ ଏକାଦଶ ୧-୦ ଗୋଲରେ ବିଜୟୀ ହୋଇଥିଲା। ଜିଲା ଆରକ୍ଷୀ ଅଧୀକ୍ଷକ ମିତ୍ରଭାନୁ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ।

■କୋଶଳା ଯାତ୍ରାରେ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

# ସମାଧାନ ବେଳେ ପୋଲିସ ଭ୍ୟାନ ଚାବି ନେଇଗଲେ

ଛେଣ୍ଡିପଦା, ୨୯।୮ (ଡି.ଏନ.ଏ.)

ଛେଣ୍ଡିପଦା ଥାନା ଅଞ୍ଚଳରେ କୋଶଳା ଯାତ୍ରା ଚାଲିଥିବାବେଳେ ବୁଧବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଯାତ୍ରା ସମୟରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ସମାଧାନ କରିବାକୁ ଯାଇ ପୋଲିସକୁ ହଟହଟା ହେବାକୁ ପଡିଛି। ଉଭୟ ପକ୍ଷକୁ ବୁଝାଶୁଝାବେଳେ ଜଣେ ଯୁବକ ପୋଲିସ ଭ୍ୟାନ ଚାଳକଙ୍କଠାରୁ ଚାବି ଛଡାଇ ନେଇ ପଳାଇବାରୁ ଦୀର୍ଘ ସମୟ ଧରି ରାସ୍ତାରେ ଗାଡ଼ି ଛିଡା ହୋଇରହିଥିବା ଦେଖିବାକୁ ମିଳିଥିଲା।

ଘଟଣାରୁ ପ୍ରକାଶ, ରାତି ପ୍ରାୟ ୮ଟା ବେଳେ କୋଶଳା ଚନ୍ଦନନଗର ଛକଠାରେ କୌଣସି କାରଣରୁ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପୋଲିସ ପିସିଆର ଭ୍ୟାନ ସେଠାରେ ପହଞ୍ଚି ଉଭୟ ପକ୍ଷରୁ ବୁଝାଶୁଝା କରୁଥିବା ବେଳେ ଜଣେ ଯୁବକ ଚାଳକଙ୍କଠାରୁ ଭ୍ୟାନ ଚାବି ନେଇଯାଇଥିଲେ। ଫଳରେ ଦୀର୍ଘ ସମୟ ଧରି ରାସ୍ତାରେ ଭ୍ୟାନ ଛିଡା ହୋଇ ରହିଥିଲା। ପ୍ରାୟ ଦେଢ ଘଣ୍ଟା ପରେ ଯୁବକ ଜଣକ ସ୍ଥାନୀୟ କେତେଜଣ ଲୋକଙ୍କ ମାଧ୍ୟମରେ ଚାବି ପଠାଇବା ପରେ ଗାଡି ସେଠାରୁ ହଟିଥିଲା। ଘଟଣାରେ ପୋଲିସ ୪ ଜଣଙ୍କୁ ଅଟକ ରଖିଛି। ଗଣ୍ଡଗୋଳକାରୀ ଓ ସମ୍ପୃକ୍ତ ଯୁବକଙ୍କ ବିରୋଧରେ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ କହିଛି। ଅନ୍ୟପକ୍ଷରେ ଯାତ୍ରାରେ ଲୁଟେରାମାନେ ସକ୍ରିୟ ହୋଇଛନ୍ତି। ଭିଡ଼ରେ ଲୁଟ୍ କରିବାକୁ ସେମାନଙ୍କୁ ସୁବିଧା ହେଉଥିବାରୁ ବହୁ ଯାତ୍ରୀ ଲୁଟପାଟର ଶିକାର ହେଉଥିବା ଦେଖାଯାଇଛି। ମଙ୍ଗଳବାର କେତେଜଣ ମହିଳା ଶ୍ରଦ୍ଧାଳୁଙ୍କଠାରୁ ସୁନା ଗହଣା ଲୁଟ ହୋଇଥିବା ଅଭିଯୋଗ ହୋଇଥିଲା। ବୁଧବାର ମା' ରାମଚଣ୍ଡୀଙ୍କ ମନ୍ଦିର ବେଢ଼ାରେ ପ୍ରବଳ ଜନଗହଳିର ସୁଯୋଗ ନେଇ କେତେକ ଲୁଟେରା ୪/୫ଜଣ ମହିଳାଙ୍କଠାରୁ ଲୁଟ୍ କରିଥିବା ଜଣାପଡିଛି। ତେବେ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ସେହିପରି କୋଶଳା ସିଏମପିଡିଆଇ କ୍ୟାମ୍ପ ପରିସରରୁ ୪ଟି ଲୁହା ଜିଆଇ ପାଇପ ମଧ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଜଣାପଡିଛି। ଏ ନେଇ ବିଭାଗୀୟ ଅଧିକାରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ମରାମତି ହେଲା ସିପିପି ରାସ୍ତା

ବଅଁରପାଳ, ୨୯।୮ (ଡି.ଏନ.ଏ.)

୫୫ ନଂ. ଜାତୀୟ ରାଜପଥର ନାଲ୍‌କୋ ସିପିପି ଛକଠାରେ କଦର୍ଯ୍ୟ ହୋଇପଡିଥିବା ରାସ୍ତାର ମରାମତି କାମ ବୁଧବାର ଜୋରସୋରରେ ଆରମ୍ଭ କରାଯାଇଛି। ଯାତାୟାତରେ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେବାସହ ଏ ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଗତ ୨୭ ତାରିଖରେ ଅନୁଗୋଳ ଜିଲାପାଳ ଅନିଲ କୁମାର ସାମଲ ଓ ଏସ୍‌ପି ମିତ୍ରଭାନୁ ମହାପାତ୍ର ସିପିପି ଛକକୁ ଆସି ମରାମତି କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ୭ ମିଟର ଓସାର ଓ ୨୫୦ ମିଟର ଦୀର୍ଘ ରାସ୍ତାକୁ ୪୦ ଏମଏମ ମୋଟେଇରେ ନିର୍ମାଣ କରାଯିବ ବୋଲି ଜଣାପଡିଛି।

## ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ

ଅନୁଗୋଳ ଅଫିସ, ୨୯।୮

ଗାଡ଼ି ଚୋରି ଅଭିଯୋଗରେ ଅନୁଗୋଳ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ନିକଟରୁ ଗୋଟିଏ ଗାଡ଼ି (ନଂ. ଓଆର୦୫ଏୟୁ-୯୫୬୯) ଜବତ ହୋଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ଏ ନେଇ ନଂ. ୫୬୯/୧୮ରେ ମାମଲା ରୁଜୁ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଅନୁଗୋଳ ଉପକଣ୍ଠର ବିଶ୍ୱଜିତ ସାହୁ ଓ ସିଦ୍ଧାନ୍ତ ଗଡ଼ନାୟକ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

■ରାଜପଥ ପ୍ରଶସ୍ତୀକରଣରେ କ୍ଷତିଗ୍ରସ୍ତଙ୍କୁ ମିଳିବ କ୍ଷତିପୂରଣ

# ପ୍ରଶାସନକୁ ପ୍ରମାଣପତ୍ର ଦେବେ ଦୋକାନୀ


ବୈଠକରେ ଯୋଗ ଦେଇଥିବା କ୍ଷତିଗ୍ରସ୍ତ ଉଠାଦୋକାନୀମାନେ।

ବଇଣ୍ଡା, ୨୯।୮ (ଡି.ଏନ.ଏ.)

୫୫ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣରେ କିଶୋରନଗର ବ୍ଲକର କ୍ଷତିଗ୍ରସ୍ତ ଉଠାଦୋକାନୀଙ୍କୁ ମିଳିବ କ୍ଷତିପୂରଣ। ଏ ନେଇ ହାଇକୋର୍ଟରୁ ନିର୍ଦ୍ଦେଶନାମା ଜାରି ହୋଇଥିବାବେଳେ ତୁରନ୍ତ କ୍ଷତିଗ୍ରସ୍ତ ଦୋକାନୀ ଆବଶ୍ୟକ ପ୍ରମାଣ ପତ୍ର ପ୍ରଶାସନ ନିକଟରେ ଦାଖଲ କରିବାକୁ ବଇଣ୍ଡା କ୍ଷୁଦ୍ର ଓ ଉଠାଦୋକାନୀ ସଂଘ ପକ୍ଷରୁ କୁହାଯାଇଛି। ଏ ନେଇ ବୁଧବାର କିଶୋରନଗର ବ୍ଲକ ବଇଣ୍ଡା କଲ୍ୟାଣ ମଣ୍ଡପ ନିକଟରେ ସଂଘ ପକ୍ଷରୁ ଏକ ବୈଠକ ବସିଥିଲା। ସଂଘ ସଭାପତି ରଣଜିତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ବେଣୁଧର ଦେହୁରୀ, ଉପସଭାପତି ମଞ୍ଜୁଳ ସିଂ, ସରୋଜ ପ୍ରଧାନ, ପ୍ରକାଶ ଚନ୍ଦ୍ର ବାରିକ, ବାଳକୃଷ୍ଣ ସ୍ୱାଇଁ, ଲୟ ବେହେରା, ଦିଲୀପ ପ୍ରଧାନ, ଦିଲୀପ ବେହେରାଙ୍କ ସମେତ ୩ ଶହ ଉଠାଦୋକାନୀ ଯୋଗ ଦେଇଥିଲେ। ୫୫ ନଂ. ଜାତୀୟ ରାଜପଥ ୪ ଲେନ କରାଯାଉଛି। ଏଥିରେ କ୍ଷତିଗ୍ରସ୍ତ ହୋଇଥିବା ୩ ଶହରୁ ଉର୍ଦ୍ଧ୍ୱ ଉଠାଦୋକାନୀଙ୍କୁ ପ୍ରଶାସନ ପକ୍ଷରୁ କ୍ଷତିପୂରଣ ଯୋଗାଇ ଦେବାକୁ ଜିଲା ପ୍ରଶାସନ ସମେତ ଆର୍‌ଡିସି ସ୍ତରରେ ମଧ ଅଭିଯୋଗ କରାଯାଇଥିଲା। କୌଣସି ସୁଫଳ ନ ମିଳିବାରୁ ସଂଘ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲା। ପରେ ହାଇକୋର୍ଟ ଉଠାଦୋକାନୀଙ୍କ କେସ୍ ନମ୍ବର ୯୮୧୩/୨୦୧୮କୁ ବିଚାର କରାଯାଇ ଜିଲା ଭୂ ଅର୍ଜନ ଅଧିକାରୀଙ୍କୁ ୧୬/୮/୧୮ରେ ଏକ ନିର୍ଦ୍ଦେଶନାମା ଜାରି ହୋଇଥିବା ବୈଠକରେ ଜଣାଯାଇଥିଲା। ତୁରନ୍ତ ଉଠାଦୋକନୀଙ୍କ ସମସ୍ୟା ସମାଧାନ କରି ୬ ସପ୍ତାହ ମଧ୍ୟରେ କ୍ଷତିପୂରଣ ଯୋଗାଇଦେବାକୁ ଏଥିରେ ନିର୍ଦ୍ଦେଶ ରହିଛି। ତେଣୁ ତୁରନ୍ତ ଉଠାଦୋକାନୀମାନେ ସେମାନଙ୍କ ପ୍ରମାଣପତ୍ର ନେଇ ଜିଲା ପ୍ରଶାସନକୁ ଅବଗତ କରିବାକୁ ସଂଘ ସଭାପତି ବୈଠକରେ ପରାମର୍ଶ ଦେଇଛନ୍ତି।

ଧରିତ୍ରୀର ଢେଙ୍କାନାଳ - ଅନୁଗୋଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ- ୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ଗୋରୁ ଚାଲାଣରେ ସମ୍ପୃକ୍ତ ୩ ଡ୍ରାଇଭରଙ୍କ ଆତ୍ମସମର୍ପଣ

**ଢେଙ୍କାନାଳ ଅଫିସ, ୨୯।୮**

ଗଁଡିଆ ଥାନା ଅଞ୍ଚଳରେ ଅଗଷ୍ଟ ୧୯ରେ ଗୋରୁଚାଲାଣ ବେଳେ ୪ ଟ୍ରକ୍‌କୁ ଧରି ପୋଲିସ ଜିମା ଦେଇଥିଲେ ଅଞ୍ଚଳବାସୀ। ଘଟଣାରେ ସମ୍ପୃକ୍ତ ୪ ଟ୍ରକ୍ ଡ୍ରାଇଭର ଫେରାର ହୋଇଯାଇଥିଲେ। ସେମାନଙ୍କ ମଧ୍ୟରୁ ୩ଜଣ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ମନ୍ଦାର ଗ୍ରାମର ଅଜୟ ତରାଇ (୩୫), କାଳିନ୍ଦୀ ତରାଇ (୪୫) ଏବଂ ସୁକିନ୍ଦା ଥାନା ହରିପୁର ଗ୍ରାମର ସୁବାସ ବାଇ(୫୦)। ସେମାନଙ୍କୁ ଗିରଫ କରାଯାଇଥିବା ଥାନାଧିକାରୀ ନିରୁପମା ଜେନା ସୂଚନା ଦେଇଛନ୍ତି।

### ନାବାଳିକା ଅପହରଣ ମାମଲା, ଅଭିଯୁକ୍ତ ଗିରଫ

**ଢେଙ୍କାନାଳ ଅଫିସ, ୨୯।୮**

ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା ଅଞ୍ଚଳର ଜଣେ ନାବାଳିକା ଅପହରଣ ମାମଲାରେ ପୋଲିସ ନିଶ୍ଚିନ୍ତକୋଇଲି ଥାନା ବାରମାଣିଆ ଗ୍ରାମର କାହ୍ନୁ ବାରିକ(୨୪)ଙ୍କୁ ଗିରଫ କରିଛି। ୨୦୧୫ ଏପ୍ରିଲ ୩୦ରେ ସମ୍ପୃକ୍ତା ନାବାଳିକାଙ୍କୁ କାହ୍ନୁ ଅପହରଣ କରି ନେଇଥିଲେ। ଏ ନେଇ ନଂ. ୪୦/୧୫ରେ ମାମଲା ରୁଜୁ କରାଯାଇଥିଲା। ପରେ ପୀଡ଼ିତା ଏକ ସନ୍ତାନ ଜନ୍ମ ଦେଇଥିଲେ। ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ ହୋଇଥିଲା। ପରେ ସୌନ୍ଦର୍ଯ୍ୟା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ସ୍ମିତା ସାମଲ ଏଥିରେ ହସ୍ତକ୍ଷେପ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ଏସ୍‌ପି ସନ୍ତୋଷ କୁମାର ନାୟକଙ୍କ ନିର୍ଦ୍ଦେଶ ପରେ ଏସ୍‌ଡିପିଓ ଶେଖ ଅବଦୁଲ କରିମଙ୍କ ତତ୍ତ୍ୱାବଧାନରେ କାହ୍ନୁଙ୍କୁ ଗିରଫ କରାଯାଇଛି।

### ଟ୍ରେନ୍ ଧକ୍କାରେ ଗୋଡ଼ କଟିଲା

**ଓଡ଼ାପଡ଼ା, ୨୯।୮(ଡି.ଏନ.ଏ.)**

ଓଡ଼ାପଡ଼ା ବ୍ଲକ ମେରାମଣ୍ଡଳୀ ନିକଟରେ ବୁଧବାର ମାଲବାହୀ ଟ୍ରେନ ଧକ୍କାରେ କାଳିଆ ନାୟକ (୩୦)ଙ୍କ ଗୋଡ଼ କଟିଯାଇଛି। ମେରାମଣ୍ଡଳୀ ଗ୍ରାମର କାଳିଆ ରେଳଧାରଣା ଦେଇ ଚାଲି ଚାଲି ଯାଉଥିବା ବେଳେ ହଠାତ୍ ଏକ ମାଲବାହୀ ଟ୍ରେନ୍ ମାଡ଼ି ଆସିଥିଲା। କାଳିଆ ହଡ଼ବଡ଼େଇ ଯାଇ ଟ୍ରାକ୍‌ରେ ପଡ଼ିଯାଇଥିଲେ। ଟ୍ରେନ୍ ତାଙ୍କ ଗୋଡ଼ ଉପରେ ଚଢ଼ିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

### ଦୁର୍ଘଟଣାରେ ୪ ଆହତ

**କାମାକ୍ଷାନଗର/ ପରଜଙ୍ଗ, ୨୯।୮(ଡି.ଏନ.ଏ.)-**

କଙ୍କଡ଼ାହାଡ଼ ଥାନା ଦଣ୍ଡାଧର ଡ୍ୟାମ ନିକଟରେ ବୁଧବାର ସନ୍ଧ୍ୟାରେ ବାଇକ୍ ଦୁର୍ଘଟଣା ଘଟି ୩ଜଣ ଆହତ ହୋଇଛନ୍ତି। ସେମାନେ ହେଲେ କ୍ଷେଣ୍ଟସର ଗ୍ରାମର ବ୍ରଜକିଶୋର ଦେହୁରୀ (୩୦), ଶାନ୍ତିନଗର ଗ୍ରାମର ଫକୀର ଦେହୁରୀ (୪୦) ଏବଂ ତ୍ରିଲୋଚନ ଦେହୁରୀ (୩୫)। କରଗୋଳାରୁ ମାଛ ମାରିବାକୁ ଦଣ୍ଡାଧର ଡ୍ୟାମ୍ ଅଭିମୁଖେ ଯାଉଥିବାବେଳେ ବାଇକ୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସମସ୍ତଙ୍କୁ କାମାକ୍ଷାନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେହିପରି ପରଜଙ୍ଗ ଥାନା ବାରଘରିଆ ସାହି ନିକଟରେ ବାଇକ୍‌ରୁ ଖସିପଡ଼ି କନ୍ଦରସିଂହା ଖଳିବାହାଳ ସାହିର ଶୟନ୍ତ ନାଥ (୩୬) ଆହତ ହୋଇଛନ୍ତି। ସେ ବ୍ୟବସାୟ ସାରି ସାଆନ୍ଦାରୁ ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ଏକ ଗାଈ ସହିତ ପିଟି ହୋଇଯାଇଥିଲେ। ତାଙ୍କୁ ପ୍ରଥମେ ପରଜଙ୍ଗ ଏବଂ ପରେ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ବ୍ରାହ୍ମଣୀରେ ବିଲୀନ ବାଜପେୟୀ ଚିତାଭସ୍ମ

**ଢେଙ୍କାନାଳ ଅଫିସ, ୨୯।୮**

ବ୍ରାହ୍ମଣୀ ନଦୀର କମଗରା ଘାଟରେ ବୁଧବାର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କର ଚିତାଭସ୍ମ ବିସର୍ଜନ କରାଯାଇଛି। ପୂର୍ବାହ୍ନ ସାଢ଼େ ୧୦ଟାରୁ ସାଢ଼େ ୧୧ଟା ଯାଏ ଚିତାଭସ୍ମକୁ ଗୋପବନ୍ଧୁ ଟାଉନ୍ ହଲ୍‌ରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ ରଖାଯାଇଥିଲା। ଜିଲା ଭାଜପା ସଭାପତି ବିଭୂତି ଭୂଷଣ ପ୍ରଧାନ, ପୂର୍ବତନ ରାଜ୍ୟସଭା ସଦସ୍ୟ ରୁଦ୍ରନାରାୟଣ ପାଣି, ଓବିସି ମୋର୍ଚ୍ଚା ସଭାପତି କୃଷ୍ଣଚନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ଚିତାଭସ୍ମକୁ ଶୋଭାଯାତ୍ରାରେ କମଗରା ଘାଟକୁ ନିଆଯାଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ଲୋକେ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ନଦୀତୁଠରେ ପୂଜାର୍ଚ୍ଚନା ପରେ ଚିତାଭସ୍ମକୁ ବିସର୍ଜନ କରାଯାଇଥିଲା। ପୂର୍ବତନ ବିଧାୟକ ପ୍ରସନ୍ନ ପଟ୍ଟନାୟକ, ନଗରପାଳ ସୁଧାଂଶୁ ଦଳେଇ, ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର, ନରେଶ ମହାପାତ୍ର, ସୁନୀଲ ଶର୍ମା, ନବକିଶୋର ଗୁରୁ, ନୀରୋଜ ନଳିନୀ ମହାଲିକଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।

---

■ଜାତୀୟ କ୍ରୀଡ଼ା ଦିବସ ପାଳିତ

# ହକିକୁ ନୂଆ ଦିଶା ଦେଇଛନ୍ତି ଧ୍ୟାନଚାନ୍ଦ



ସ୍କୁଲ ପିଲାମାନଙ୍କୁ ନେଇ ଆୟୋଜିତ ଶୋଭାଯାତ୍ରା।



ପୂର୍ବତନ ହକି ଖେଳାଳି ହର୍ଷବର୍ଦ୍ଧନ ସିଂଦେଓଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଢେଙ୍କାନାଳ ଅଫିସ, ୨୯।୮**

ଢେଙ୍କାନାଳ ଜିଲା ପ୍ରଶାସନ, ସାଇ କ୍ରୀଡ଼ା ଛାତ୍ରାବାସ, ଜିଲା ହକି ସଂଘ, ଜିଲା କ୍ରୀଡା ସଂସଦର ମିଳିତ ସହଯୋଗରେ ବୁଧବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ସାମ୍ବାଦିକ ସଂଘ ସଭାପତି ତଥା ପୂର୍ବତନ କ୍ରୀଡ଼ାବିତ୍ ପ୍ରସନ୍ନ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ନଳିନୀ କୁମାର ଦାସ ପ୍ରମୁଖ ଯୋଗଦେଇ ହକି ଯାଦୁକର ମେଜର ଧ୍ୟାନଚାନ୍ଦଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଧ୍ୟାନଚାନ୍ଦଙ୍କ ପାଇଁ ଭାରତୀୟ ହକି ନୂଆ ଦିଶା ପାଇଛି। ତାଙ୍କ ଜୀବନ ହକି ପ୍ରତି ଉତ୍ସର୍ଗୀକୃତ ଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପୂର୍ବତନ ହକି ଖେଳାଳି ହର୍ଷବର୍ଦ୍ଧନ ସିଂଦେଓ, ଚନ୍ଦ୍ରକାନ୍ତ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲେ। ଏତଦ୍‌ବ୍ୟତୀତ ସିନିୟର ବାଳକଙ୍କ ମଧ୍ୟରେ ପ୍ରଦର୍ଶନୀ ହକି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି, ପୌରାଞ୍ଚଳ ବିଜୁ ଯୁବ ବାହିନୀ ସଂଯୋଜକ ପ୍ରକାଶ ଚନ୍ଦ୍ର ପ୍ରଧାନ, ଜିଲା ହକି ସଂଘ ସମ୍ପାଦକ ପ୍ରଣବ କୁମାର ଷଡଙ୍ଗୀ, ସଭ୍ୟ ଦୀନେଶ ସାହୁ, ସାଇପ୍ରସାଦ ଦଳେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ସକାଳ ୭ଟାରେ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। କ୍ରୀଡ଼ା ଓ ଯୁବସେବା ବିଭାଗର ଅବସରପ୍ରାପ୍ତ ସହକାରୀ ନିର୍ଦ୍ଦେଶକ ଗିରିଜାକାନ୍ତ ମହାନ୍ତି, ସାଇ ତାଲିମ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଅଜୈବ ସିଂ, କୁସ୍ତି ପ୍ରଶିକ୍ଷକ ରାଜେଶ କୁମାର, ଦିଲ୍ଲୀ ପବ୍ଲିକ ସ୍କୁଲର ଭାରପ୍ରାପ୍ତ ଅଧ୍ୟକ୍ଷ ଅନୁପ ସାଇକିଆ ବୋରା, ଜିଲା କ୍ରୀଡ଼ା ସଂସଦ ସହକାରୀ ସମ୍ପାଦକ ଗୌରାଙ୍ଗ ଚରଣ ସେଠୀ ଉପସ୍ଥିତ ଥିଲେ। ପୂର୍ବାହ୍ନ ୮ଟାରେ ମୁଖ୍ୟ ଷ୍ଟାଡିୟମରେ ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିସହ ସବ୍ ଜୁନିୟର ବାଳକଙ୍କୁ ନେଇ ବନ୍ଧୁତ୍ୱପୂର୍ଣ୍ଣ ହକି ମ୍ୟାଚ୍ ଖେଳାଯାଇଥିଲା। ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ନିରୀକ୍ଷକ ଜୟକୃଷ୍ଣ ପଟ୍ଟନାୟକ, ଫୁଟବଲ ରେଫରୀ ସଂଘର ସମ୍ପାଦକ ବୁବୁନା ମହାନ୍ତି କ୍ରୀଡ଼ା ପରିଚାଳନା କରିଥିଲେ।

---

■ଛାୟା ନାଏକ ହତ୍ୟା ମାମଲା

# ଅଭିଯୁକ୍ତ ବାପା, ପୁଅଙ୍କୁ ଆଜୀବନ କାରାଦଣ୍ଡ

**ଢେଙ୍କାନାଳ ଅଫିସ, ୨୯।୮**



ଢେଙ୍କାନାଳ ଜିଲା ରାସୋଳ ଥାନା କପିସାହି ଦଳିତ ବସ୍ତିର ଛାୟା ନାଏକ ହତ୍ୟା ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଅତିରିକ୍ତ ଜିଲା ଦୌରାଜଜ୍ ଲଲାଟେନ୍ଦୁ ଜେନା ଅଭିଯୁକ୍ତ ପ୍ରାଣବନ୍ଧୁ ନାଏକ ଏବଂ ତାଙ୍କ ପୁଅ ପ୍ରଶାନ୍ତ ନାଏକଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧୦ହଜାର ଟଙ୍କା ଲେଖାଏ ଜରିମାନା ଏବଂ ଅନାଦାୟେ ଅଧିକ ୬ମାସ ସଶ୍ରମ ଜେଲ୍‌ଦଣ୍ଡ ଭୋଗିବାକୁ କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ଅତିରିକ୍ତ ପିପି ବିମଳେନ୍ଦୁ ମହାପାତ୍ର ଏବଂ ଗଣେଶ୍ୱର ସାହୁ ମାମଲା ପରିଚାଳନା କରିଥିଲେ।

ମାମଲାର ବିବରଣୀ ଅନୁଯାୟୀ, ୨୦୧୪ ଏପ୍ରିଲ୍ ୨୯ରେ ସକାଳ ୫ଟାରେ ଛାୟା ଧଇରାତଇଳାସ୍ଥିତ ବଗିଚାକୁ କାଜୁ ସଂଗ୍ରହ କରିବାକୁ ଯାଇଥିଲେ। ପୂର୍ବାହ୍ନ ୮ଟାରେ ପ୍ରାଣବନ୍ଧୁ, ତାଙ୍କ ଦୁଇ ପୁଅ ପ୍ରଶାନ୍ତ ଏବଂ ପ୍ରଦୀପ ଟାଙ୍ଗିଆରେ ଛାୟାଙ୍କୁ ଆକ୍ରମଣ କରିଥିଲେ। ପ୍ରଶାନ୍ତ, ପ୍ରଦୀପ ମିଶି ଛାୟାଙ୍କୁ ଧରିଥିବାବେଳେ ପ୍ରାଣବନ୍ଧୁ ଟାଙ୍ଗିଆରେ ବେକ ପଛକୁ ହାଣି ଦେଇଥିଲେ। ଘଟଣାର ପ୍ରତ୍ୟକ୍ଷଦର୍ଶୀ ତଥା କାଜୁ ବଗିଚାରେ ଉପସ୍ଥିତ ଭାଗୀରଥି ନାଏକ ଏବଂ କାଳିନ୍ଦୀ ନାଏକ ଗୁରୁତର ଅବସ୍ଥାରେ ଛାୟାଙ୍କୁ ଗ୍ରାମକୁ ଆଣିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣା ସମ୍ପର୍କରେ କାହାରି ଆଗରେ ପ୍ରକାଶ କଲେ ପ୍ରତ୍ୟକ୍ଷଦର୍ଶୀଙ୍କୁ ଜୀବନରୁ ମାରିଦେବାକୁ ଅଭିଯୁକ୍ତମାନେ ଧମକ ଦେଇଥିଲେ। ଭୟଭୀତ ହୋଇ ସେମାନେ ଅଭିଯୁକ୍ତଙ୍କ ନାମ ପ୍ରକାଶ କରି ନ ଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିଥିଲା। ଏ ନେଇ ନଂ. ୪୬/୧୪, ଦଫା ୩୦୨ ଓ ୩୪ରେ ମାମଲା ରୁଜୁ କରାଯାଇଥିଲା। ଘଟଣାର ଦେଢ଼ମାସ ପରେ ପ୍ରାଣବନ୍ଧୁ ଏବଂ ପ୍ରଶାନ୍ତଙ୍କୁ ପୋଲିସ ଗିରଫ କରିଥିଲା। ପ୍ରଦୀପ ଅଦ୍ୟାବଧି ଫେରାର ଅଛନ୍ତି। ହତ୍ୟା ଅଭିଯୁକ୍ତ ଗିରଫ ହେବା ପରେ ଭାଗୀରଥି ଏବଂ କାଳିନ୍ଦୀ ସାହସ ବାନ୍ଧି ପୋଲିସ ଆଗରେ ବୟାନ ଦେଇଥିଲେ। ମାମଲାର ସିଟି ସେସନ୍ସ କେସ୍ ନଂ. ୧୬୯/୧୪ର ବିଚାରକରି ସମସ୍ତ ସାକ୍ଷ୍ୟପ୍ରମାଣ, ବ୍ୟବଚ୍ଛେଦ ରିପୋର୍ଟ ଆଧାରରେ ଅତିରିକ୍ତ ଜିଲା ଦୌରାଜଜ୍ ଏହି ରାୟ ଶୁଣାଇଛନ୍ତି।

---

# ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱ



ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

**ଭୁବନ, ୨୯।୮(ଡି.ଏନ.ଏ.)**

**ଭୁବନ ସମିତି ବୈଠକ**

ଢେଙ୍କାନାଳ ଜିଲା ଭୁବନ ବ୍ଲକ ସଭାଗୃହରେ ବୁଧବାର ୬ଷ୍ଠ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ ଅଧ୍ୟକ୍ଷତା କରିଥିଲେ। ବିଡିଓ ବସନ୍ତ କୁମାର ମାଝି, ବ୍ଲକ ଉପାଧ୍ୟକ୍ଷା ସୁଭଦ୍ରା ପାତ୍ର, ଏମ୍‌ପିଙ୍କ ପ୍ରତିନିଧି ସୁମିତ୍ରା ସେଠୀ, ବିଧାୟକଙ୍କ ପ୍ରତିନିଧି ରମେଶ ଚନ୍ଦ୍ର ସାହୁ ଅତିଥି ଭାବେ ଉପସ୍ଥିତ ଥିଲେ। ଜିପିଇଓ ଅଜୟ କୁମାର ନାଏକ ପୂର୍ବ ବୈଠକର ବିବରଣୀ ପାଠ କରିବା ସହିତ ବ୍ଲକ ଅଧୀନ ୧୮ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଜିଲା ପରିଷଦ ସଭ୍ୟ, ସରପଞ୍ଚ ଏବଂ ସମିତିସଭ୍ୟ ନିଜ ଅଞ୍ଚଳର ସମସ୍ୟା ଉପସ୍ଥାପନ କରିଥିଲେ। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ପରିମଳ, ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜନପ୍ରତିନିଧିମାନେ ଗୁରୁତ୍ୱ ଦେଇଥିଲେ। ଆଲୋଚନାରେ ଭାଗ ନେଇ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ସମିତିସଭ୍ୟ ଶତ୍ରୁଘ୍ନ ଜେନା କହିଲେ, ସରକାରଙ୍କ ପକ୍ଷରୁ ଆସୁଥିବା ଅନୁଦାନ ଅର୍ଥ ବାଟମାରଣା ହେଉଛି। ଉନ୍ନୟନ କାର୍ଯ୍ୟକୁ ମଞ୍ଜୁର କରିବା ପୂର୍ବର ସମିତିସଦସ୍ୟଙ୍କ ଦ୍ୱାରା ଅନୁମୋଦନ କରାଗଲେ ଏଥିରେ ସ୍ୱଚ୍ଛତା ଆସିପାରନ୍ତା। ଏଥିପ୍ରତି ବ୍ଲକ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସେ ଦାବି କରିଥିଲେ। ଜିଲା ପରିଷଦ ସଭ୍ୟ ପ୍ରବୋଧ କୁମାର ସାହୁ, ମାଳତୀ ନାଏକଙ୍କ ସମେତ ବହୁ ଜନପ୍ରତିନିଧି ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ସହକାରୀ ଯନ୍ତ୍ରୀ ଜଗବନ୍ଧୁ ବେହେରା ଧନ୍ୟବାଦ ଦେଇଥିଲେ।

---

# 'କମିନି ଲୋକ ସାହିତ୍ୟର ଆଦର'

**ପରଜଙ୍ଗ, ୨୯।୮(ଡି.ଏନ.ଏ.)**

ପରଜଙ୍ଗ କଲେଜ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ବୁଧବାର 'ଲୋକ ସାହିତ୍ୟ ଓ ସମାଜ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସମ୍ପ୍ରତି ଓଡ଼ିଆ ଭାଷା ସଙ୍କଟମୟ ପରିସ୍ଥିତି ଦେଇ ଗତି କରୁଛି। ତଥାପି ଲୋକସାହିତ୍ୟର ଆଦର କମିନି। ସମାଜିକ ସଂସ୍କାରରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ମତପ୍ରକାଶ ପାଇଥିଲା। କଲେଜ ଅଧ୍ୟକ୍ଷ ଡ. ସୁନୀଲ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଇଂଲିଶ ଅଧ୍ୟାପକ ପ୍ରବୋଧ ରଥ, ସମ୍ମାନିତ ଅତିଥି ଭାବେ ଇତିହାସ ବିଭାଗ ବରିଷ୍ଠ ଅଧ୍ୟାପକ ସନାତନ ରଥ, ରସାୟନ ବିଜ୍ଞାନ ମୁଖ୍ୟ ପ୍ରାଧ୍ୟାପିକା ସ୍ମିତାରାଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ପ୍ରସନ୍ନ ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଓଡ଼ିଆ ଅଧ୍ୟାପିକା ଦେବୀକୃପା ଦଳବେହେରାଙ୍କ ସମେତ ସମ୍ମାନ ବିଭାଗର ସମସ୍ତ ଛାତ୍ରୀଛାତ୍ର ପ୍ରବନ୍ଧ ଉପସ୍ଥାପନା କରିଥିଲେ। ଅଧ୍ୟାପକ ଅଞ୍ଜନ ମହାରଣା, ଅଧ୍ୟାପିକା ପ୍ରାଚୀପ୍ରଭା ସେଣ୍ଠ ଆଲୋଚନାରେ ଭାଗ ନେଇଥିଲେ। ସମ୍ପାଦିକ ଲୀନାରାଣୀ ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ।

---

# ମିଳିଲେ ନିଖୋଜ ଶିଶୁ ବିକାଶ

**ଢେଙ୍କାନାଳ ଅଫିସ, ୨୯।୮**



ନିଖୋଜର ୧୦ଦିନ ପରେ ରହସ୍ୟଜନକ ଭାବେ ଉଦ୍ଧାର ହୋଇଛନ୍ତି ୩ବର୍ଷର ଶିଶୁ ବିକାଶ ପଧାନ। ମୁଣ୍ଡନ ହୋଇଛନ୍ତି। କପାଳରେ ଲଗାଇଛନ୍ତି ଚନ୍ଦନ ଟିପା। ପିନ୍ଧିଛନ୍ତି ନୂଆ ସାର୍ଟପ୍ୟାଣ୍ଟ। ଖନେଇ ଖନେଇ କଥା କହୁଛନ୍ତି। ନିଖୋଜ ହେବା ପୂର୍ବରୁ ବିକାଶଙ୍କୁ ଦେଖିଥିବା ପାଖପଡ଼ୋଶୀଙ୍କ ପକ୍ଷେ ତାଙ୍କୁ ଚିହ୍ନିବା କଷ୍ଟକର ହୋଇପଡୁଛି। କେଉଁ ପରିସ୍ଥିତିରେ ଏବଂ କିଏ ବିକାଶଙ୍କୁ ଅପହରଣ କରିଥିଲା। ୧୦ ଦିନ ଧରି ସେ କେଉଁଠି ଥିଲେ ତାହା ଏବେ ବି ରହସ୍ୟାବୃତ ହୋଇ ରହିଥିବାବେଳେ ପୁଅକୁ ପାଇ ମା' ମାଳତୀଙ୍କ ଖୁସି କହିଲେ ନ ସରେ।

ଅଗଷ୍ଟ ୨୦ରେ ଗଁଦିଆ ଥାନା ଦେଓଗାଁ ପଞ୍ଚାୟତ ତୋଟାପଡ଼ା ଗ୍ରାମରୁ ବିକାଶଙ୍କୁ କେତେଜଣ କାଉଡିଆ ଅପହରଣ କରି ନେଇଯାଇଥିବା ଅଭିଯୋଗ ହୋଇଥିଲା। ମଙ୍ଗଳବାର ଅପରାହ୍ନରେ ତାଙ୍କୁ କେହି ଗ୍ରାମରେ ଆଣି ଛାଡ଼ି ପଳାଇଥିବା ଚର୍ଚ୍ଚା ହେଉଛି। ମହ୍ଲାର ଆଦିବାସୀ ସମ୍ପ୍ରଦାୟର ଶିଶୁ ବିକାଶଙ୍କ ନିଖୋଜ ଘଟଣା ପ୍ରଶାସନର ଚିନ୍ତା ବଢ଼ାଇଥିଲା। ଘଟଣାକୁ ଅତି ଗୁରୁତ୍ୱର ସହ ବିଚାରକୁ ନେଇଥିଲା ଜିଲା ଆଇନ ସେବା ପ୍ରାଧିକରଣ। ପ୍ରାଧିକରଣ ସଚିବ ଅରୁଣ କୁମାର ପଟ୍ଟନାୟକ, ତହସିଲଦାର ବରଣ୍ୟେନ୍ଦୁ ମହାନ୍ତି ଘଟଣାର ତଦନ୍ତ କରିବା ସହ ଶିଶୁକୁ ତୁରନ୍ତ ଉଦ୍ଧାର କରିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ଥାନାଧିକାରୀ ନିରୁପମା ଜେନା ଟାଙ୍ଗୀ ସମେତ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ମିଳି ନ ଥିଲା। ମଙ୍ଗଳବାର ଅପରାହ୍ନରେ ଅଚାନକ ବିକାଶଙ୍କୁ ଗ୍ରାମରୁ ଠାବ କରାଯାଇଥିଲା। ବୁଧବାର ପୁଅକୁ ନେଇ ମାଳତୀ ଥାନାଧିକାରୀଙ୍କୁ ଭେଟିଛନ୍ତି। ବିକାଶ ଉଦ୍ଧାର ହେବାପରେ ଆଶାଆଶଙ୍କାରେ ଥିବା ଗ୍ରାମବାସୀ ଆଶ୍ୱସ୍ତ ହୋଇଛନ୍ତି।

---

■୫୩ନଂ. ଜାତୀୟ ରାଜପଥ ମରଣଯନ୍ତା

# ଆନ୍ଦୋଳନକୁ ଓହ୍ଲାଇବ ବିଜେଡି

**ଭୁବନ, ୨୯।୮(ଡି.ଏନ.ଏ.)**



**ପ୍ରଶାସନକୁ ୭ଦିନ ସମୟ**

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଅନ୍ତର୍ଗତ ୫୩ନଂ. ଜାତୀୟ ରାଜପଥର ଅନନ୍ତପୁର ଛକଠାରୁ ଯମୁନାକୋଟ ପର୍ଯ୍ୟନ୍ତ ୨୫ କିମି ରାସ୍ତା ଖାଲଖମାରେ ଭର୍ତ୍ତି ହୋଇ ମରଣଯନ୍ତା ପାଲଟିଛି। ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଏହାର ମରାମତି ଦିଗରେ ସାମାନ୍ୟତମ ଧ୍ୟାନ ଦେଉନାହାନ୍ତି। ଏହାକୁ ନେଇ ଜନଅସନ୍ତୋଷ ବଢ଼ିଚାଲିଥିବାବେଳେ ଏହାକୁ ସମର୍ଥନ ଜଣାଇଛି ବିଜୁ ଜନତା ଦଳ (ବିଜେଡି)। ୭ଦିନ ମଧ୍ୟରେ ଏହାର ମରାମତି ଦିଗରେ ପଦକ୍ଷେପ ନିଆ ନ ଗଲେ ଦଳ ରାସ୍ତାକୁ ଓହ୍ଲାଇବ ବୋଲି ଏନ୍‌ଏସି ବିଜେଡି ସଭାପତି ନନ୍ଦକିଶୋର ସାହୁ ଚେତାବନୀ ଦେଇଛନ୍ତି।

ଗମନାଗମନର ଅନ୍ୟତମ ଲାଇଫ୍ ଲାଇନ ୫୩ନଂ. ଜାତୀୟ ରାଜପଥ। ବ୍ୟସ୍ତବହୁଳ ଏହି ସଡ଼କ ଉପରେ ଆଠଗଡ଼, ସମ୍ବଲପୁର, ତାଳଚେର, ରାଉରକେଲା ଏବଂ ବାଲେଶ୍ୱରକୁ ଦୈନିକ ଶତାଧିକ ଯାତ୍ରୀ ନିର୍ଭର କରିଥାନ୍ତି। ସେହିପରି ଉକ୍ତ ରାସ୍ତା ଦେଇ ଦୈନିକ ହଜାର ହଜାର ଭାରିଯାନ ମଧ୍ୟ ଚଳାଚଳ କରୁଛି। ଦୀର୍ଘଦିନରୁ ମରାମତି କରାଯାଉ ନ ଥିବାରୁ କାଳୀବଜାର ନିକଟରେ ରାସ୍ତା ଉପରେ ୨ରୁ ୩ ଫୁଟ ଗଭୀରର ଗର୍ତ୍ତ ସୃଷ୍ଟି ହୋଇଛି। ପଥଚାରୀ, ଛାତ୍ରୀଛାତ୍ର ଗାତରେ ପଡ଼ି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହାର ମରାମତି ଦାବିରେ ସ୍ଥାନୀୟ ବୁଦ୍ଧିଜୀବୀ, ରାଜନୈତିକ ଦଳ ରାସ୍ତାକୁ ଓହ୍ଲାଇଛନ୍ତି, ତଥାପି କୌଣସି ସୁଫଳ ମିଳୁନାହିଁ। କେହି ଗୁହାରି ନ ଶୁଣିବାରୁ ସ୍ଥାନୀୟ ଯୁବକମାନେ ମୋରମ ପକାଇ ଏହାକୁ ମରାମତି କରିଥିଲେ। ହେଲେ ପୁଣିଥରେ ମୋରମ ଉଠିଗଲାଣି। ତୁରନ୍ତ ରାସ୍ତା ମରାମତି ନ କଲେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ବିଜେଡି ନେତା ସୁଧାକର ସାହୁ, ବରିଷ୍ଠ କର୍ମକର୍ତ୍ତା ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ସେମାନେ ଜିଲାପାଳ ଏବଂ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀଙ୍କୁ ଲିଖିତ ଦାବିପତ୍ର ଦେଇଛନ୍ତି।

---

■୩ବର୍ଷ ହେଲା ବସିନି ଆର୍‌ପିଡିଏସି ବୈଠକ

# କମ୍ପାନୀ ସାଜିଛି ଭଗାରି

**(ଦୀନେଶ ଦାସ)**
**ଓଡ଼ାପଡ଼ା, ୨୯।୮**

■ଆଗ୍ରହ ଦେଖାଉନାହାନ୍ତି ଶିଳ୍ପାନୁଷ୍ଠାନ କର୍ତ୍ତୃପକ୍ଷ
■ଶୀତଳ ଭଣ୍ଡାରରେ ଶିଳ୍ପନୀତି
■ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି
■ବଢୁଛି ଶିଳ୍ପାଞ୍ଚଳ କ୍ଷତିଗ୍ରସ୍ତ, ବିସ୍ଥାପିତଙ୍କ ସମସ୍ୟା

ଶିଳ୍ପ ସମୃଦ୍ଧ ଢେଙ୍କାନାଳ। ଖଣି ଅଛି, ପାଣି ବି ଅଛି। ଆଉ ଶିଳ୍ପାନୁଷ୍ଠାନ ପାଇଁ ଭିଟାମାଟି ହରାଇଥିବା ହଜାର ହଜାର କ୍ଷତିଗ୍ରସ୍ତ ବି ଅଛନ୍ତି। ଶିଳ୍ପ ପାଇଁ ହାତରୁ ଯାଇଛି ଜମି। ପ୍ରତିବଦଳରେ ମିଳିଛି କେବଳ ବିକାଶର ମିଠା ପ୍ରତିଶ୍ରୁତି। ଭିଟାମାଟି ହାତେଇ ନେବାପରେ କମ୍ପାନୀ ବି ସାଜିଛି ଭଗାରି। କ୍ଷତିଗ୍ରସ୍ତଙ୍କ ସମସ୍ୟା ବଢୁଥିବାବେଳେ ଏହାର ସମାଧାନ ଦିଗରେ କେହି ଆଗ୍ରହ ଦେଖାଉନାହାନ୍ତି। ଏପରି କି, ୩ବର୍ଷ ହେଲା କୌଣସି କମ୍ପାନୀ ପକ୍ଷରୁ ରିହାବିଲିଟେଶନ ଆଣ୍ଡ୍ ପେରିଫେରାଲ ଡେଭେଲପମେଣ୍ଟ ଆଡଭାଇଜରୀ କମିଟି ବୈଠକ (ଆର୍‌ପିଡିଏସି) ବସିନାହିଁ। ଏଥିରୁ କ୍ଷତିଗ୍ରସ୍ତଙ୍କ ଉପରେ କମ୍ପାନୀ କର୍ତ୍ତୃପକ୍ଷଙ୍କ କେତେ ଚିନ୍ତିତ ତାହା ସ୍ପଷ୍ଟ ବାରି ହୋଇପଡୁଛି।

ଜିଲାରେ ଗଢ଼ିଉଠିଥିବା ଛୋଟବଡ଼ ଶିଳ୍ପାନୁଷ୍ଠାନଗୁଡ଼ିକ ପାର୍ଶ୍ୱବର୍ତ୍ତୀ ଗ୍ରାମରେ ସମସ୍ତ ପ୍ରକାର ଉନ୍ନୟନ କାର୍ଯ୍ୟରେ ଭାଗୀଦାରି ହେବାକୁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ୨୦୧୩ ଶିଳ୍ପନୀତିରେ ମଧ୍ୟ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ (ସିଏସ୍‌ଆର) କରିବାକୁ ନିୟମ ମଧ୍ୟ ରହିଛି। ହେଲେ ଏହାକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ୨୦୧୫ ପରଠୁ ଜିଲାରେ କୌଣସି କମ୍ପାନୀର ଆର୍‌ପିଡିଏସି ବୈଠକ ବସିନାହିଁ। ଫଳରେ ଶିଳ୍ପ ପ୍ରଭାବିତ ଗ୍ରାମଗୁଡ଼ିକରେ ଉନ୍ନୟନ କାର୍ଯ୍ୟ ଏକରକମ ଠପ୍ ହୋଇଯାଇଛି।

ଶେଷଥର ପାଇଁ ୨୦୧୨ ଅକ୍ଟୋବର ୧୨ରେ ଲାନ୍‌କୋ, ୨୦୧୪ ଫେବୃୟାରୀ ୨୪ରେ ନବଭାରତ, ୨୦୧୫ ନଭେମ୍ବର ୯ରେ ଜିଏମ୍‌ଆର, ବିଆରଜି ଓ ଭୂଷଣ ଷ୍ଟିଲର ଆରପିଡିଏସି ବୈଠକ ବସିଥିଲା।

ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ଜାରି କରାଯାଇଥିବା ଗେଜେଟ୍ ସଂଖ୍ୟା ୧୦୨୪/୨୧.୭.୨୦୧୬ରେ ଆରପିଡିଏସି ଗଠନ, କାର୍ଯ୍ୟକାରିତା ସମ୍ପର୍କିତ ନିୟମାବଳୀ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ଗେଜେଟ୍‌ର କ୍ରମିକ ସଂଖ୍ୟା ୪(ଏଚ୍)ରେ ପୁନର୍ବାସ, ଥଇଥାନ ଓ ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ତଦାରଖ କରିବା ପାଇଁ ଆରପିଡିଏସିକୁ କ୍ଷମତା ପ୍ରଦାନ କରାଯାଇଛି। ପ୍ରତି ୩ ମାସରେ କମିଟିର ବୈଠକ କରାଯିବାକୁ ନିୟମ ରହିଛି। ହେଲେ ଜିଲାରେ ୩ବର୍ଷ ମଧ୍ୟରେ ଆର୍‌ପିଡିଏସି ବୈଠକ ନ ବସିବା କାରଣରୁ ଶିଳ୍ପ କ୍ଷତିଗ୍ରସ୍ତ ଅଞ୍ଚଳର ବିକାଶ ଆଣ୍ଠେଇ ପଡ଼ିଛି।

ସେହିପରି ୫୦୦ କୋଟି ବା ତଦୂର୍ଦ୍ଧ୍ୱ ଟଙ୍କା ବ୍ୟୟରେ ପ୍ରତିଷ୍ଠିତ କାରଖାନା କିମ୍ବା ବାର୍ଷିକ ୧ହଜାର କୋଟି ବା ତଦୂର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ କରୁଥିବା କମ୍ପାନୀ ଅଥବା ବାର୍ଷିକ ୫ କୋଟି ବା ତା' ଠାରୁ ଅଧିକ ଲାଭ କରୁଥିବା କମ୍ପାନୀ ପ୍ରତି ଆର୍ଥିକ ବର୍ଷରେ ହାରାହାରି ଲାଭର ୨% ଅର୍ଥ ସିଏସ୍‌ଆର୍ କାର୍ଯ୍ୟରେ ଖର୍ଚ୍ଚ କରିବାକୁ ନିୟମ ରହିଛି। ହେଲେ ୨୦୧୩ ଶିଳ୍ପନୀତିକୁ କୌଣସି କମ୍ପାନୀ ପାଳନ କରୁ ନ ଥିବା ଅଭିଯୋଗ ହେଉଛି। ଅଞ୍ଚଳବାସୀ ବହୁ ସମସ୍ୟାରେ ଛନ୍ଦି ହୋଇ ରହିଥିଲେ ମଧ୍ୟ ସମାଧାନର ବାଟ ଫିଟୁନାହିଁ। ଦିନକୁ ଦିନ ପୁଞ୍ଜୀଭୂତ ଅସନ୍ତୋଷ ବଢୁଥିବାବେଳେ ଏହାକୁ ନେଇ ବଡ଼ଧରଣର ଆନ୍ଦୋଳନ କରିବାକୁ ସଜବାଜ ହେଉଛନ୍ତି କ୍ଷତିଗ୍ରସ୍ତ।

ଏ ସମ୍ପର୍କରେ ତହସିଲଦାର ତଥା ଜମି ଅଧିଗ୍ରହଣ ଅଧିକାରୀ ନିରଞ୍ଜନ ବେହେରା କୁହନ୍ତି, କମ୍ପାନୀଗୁଡ଼ିକର ବିସ୍ଥାପନ ସମସ୍ୟା ନ ଥିବାରୁ ଆର୍‌ପିଡିଏସି ବୈଠକ ବସୁନାହିଁ। ଏ ବାବଦରେ ଉଚ୍ଚ କର୍ତ୍ତୃପକ୍ଷ ଅଧିକ ତଥ୍ୟ ଦେଇପାରିବେ ବୋଲି କହି ସେ ପ୍ରସଙ୍ଗ ଏଡ଼ାଇ ଦେଇଥିଲେ।



ତ୍ରିପୁରା ଅଗରତାଲାର ଏକ ଘରୋଇ ସ୍କୁଲରେ ଜଣେ ୧୮ ବର୍ଷ ବୟସ୍କ ଯୁବକଙ୍କୁ ତାଙ୍କ ଗର୍ଲଫ୍ରେଣ୍ଡଙ୍କଠାରୁ ରାଖୀ ବାନ୍ଧିବାକୁ ବାଧ କରାଯାଇଥିଲା। ଉଭୟ ଯୁବକ ଏବଂ ଗର୍ଲଫ୍ରେଣ୍ଡ ଏହାକୁ ବିରୋଧ କରିଥିଲେ। ପରେ ଯୁବକ ଜଣକ ସ୍କୁଲ ବିଲ୍ଡିଂର ଦ୍ୱିତୀୟ ମହଲାରୁ ତଳକୁ ଡେଇଁ ଆତ୍ମହତ୍ୟା କରିଥିଲେ। ଯୁବକଙ୍କ ପରିବାର ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ଏହି ମାମଲାର ତଦନ୍ତ ଆରମ୍ଭ କରିଛି।

# ଜଟଣୀ ଫ୍ଲାଏଓଭର ନିର୍ମାଣରୁ ପଣ୍ଡା ଇନ୍‌ଫ୍ରା ବିଦା

**ଭୁବନେଶ୍ୱର,୨୯।୮(ବ୍ୟୁରୋ)**

ବହୁ ବାଦବିବାଦ ପରେ ପଣ୍ଡା ଇନ୍‌ଫ୍ରା ପ୍ରୋଜେକ୍ଟକୁ ରାଜ୍ୟ ସରକାର ଜଟଣୀ ଫ୍ଲାଏଓଭରବ୍ରିଜ ନିର୍ମାଣ କାର୍ଯ୍ୟରୁ ହଟାଇ ଦେଇଛନ୍ତି। ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ପରେ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ଭୁବନେଶ୍ୱରର ବମିଖାଲ ବ୍ରିଜ୍ ଭୁଶୁଡ଼ିବା ଘଟଣାରେ କଳା ତାଲିକାଭୁକ୍ତ ହୋଇଥିବା ଏହି ଠିକାସଂସ୍ଥା ଜଟଣୀ ବ୍ରିଜ୍ ନିର୍ମାଣରେ ନିମ୍ନମାନର କାର୍ଯ୍ୟ କରିବା ନେଇ ଅଭିଯୋଗ ହୋଇଆସୁଥିଲା । ମନ୍ଥରଗତି ଓ ନିମ୍ନମାନର କାର୍ଯ୍ୟ କରୁଥିବାରୁ ନିର୍ମାଣ ଦାୟିତ୍ୱରୁ ସମ୍ପୃକ୍ତ ଠିକା ସଂସ୍ଥାକୁ ବାଦ୍ ଦିଆଯାଇଥିବା ବୁଧବାର ପୂର୍ତ୍ତ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବ୍ରିଜ୍ ନିର୍ମାଣ କାର୍ଯ୍ୟରୁ ଠିକାସଂସ୍ଥାକୁ ବାଦ୍ ଦେବା ନିଷ୍ପତ୍ତିକୁ ଜଟଣୀ ବାସିନ୍ଦା ସ୍ୱାଗତ କରିଛନ୍ତି। ହେଲେ ଅଧପନ୍ତରିଆ ରହିଥିବା ଏହି ବ୍ରିଜ୍ ନିର୍ମାଣ କେବେ ଶେଷ ହେବ ସେ ସେନେଇ ଅଞ୍ଚଳବାସୀ ଅନିଶ୍ଚିତତା ମଧ୍ୟରେ ରହିଛନ୍ତି। ଖୋର୍ଦ୍ଧାରୁ ପିପିଲିକୁ ଯିବା ପାଇଁ ଥିବା ଏହି ପ୍ରମୁଖ ସଡ଼କ ପଥର ଜଟଣୀ ଅଣ୍ଡରଗ୍ରାଉଣ୍ଡରେ ଅଧିକାଂଶ ସମୟ ପାଣି ଜମିରହୁଥିଲା। ଏହା ଉପରେ ଏକ ଫ୍ଲାଏଓଭର ନିର୍ମାଣ କରିବା ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ୪୦ବର୍ଷ ଧରି ଦାବି ହୋଇଆସୁଥିଲା । ଏଥିପାଇଁ ଅନେକଥର ଆନ୍ଦୋଳନ ମଧ୍ୟ ହୋଇଛି । ଶେଷରେ ରାଜ୍ୟ ସରକାର ଏହାର ନିର୍ମାଣ ପାଇଁ ୫ ବର୍ଷ ପୂର୍ବେ ୫୫ କୋଟି ଟଙ୍କା ମଞ୍ଜୁର କରିଥିଲେ । ରେଲୱେ ତା'ର ଅଂଶ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ହୋଇଥିଲା । ସେଥିପାଇଁ ରାଜ୍ୟ ସରକାର ରେଲୱେକୁ ୧୭ କୋଟି ଟଙ୍କା ପ୍ରଦାନ କରିଥିଲେ । ଅବଶିଷ୍ଟ ୩୮ କୋଟି ଟଙ୍କାର କାର୍ଯ୍ୟ ପୂର୍ତ୍ତ ବିଭାଗ ତତ୍ତ୍ୱାବଧାନରେ ଠିକାସଂସ୍ଥା ପଣ୍ଡା ଇନ୍‌ଫ୍ରା କରୁଥିଲା । ତେବେ ପାଇଲଙ୍ଗ୍ କାର୍ଯ୍ୟରେ ୫୫ ଫୁଟ୍ ପରିବର୍ତ୍ତେ ୨୦ ଫୁଟ୍ ଗଭୀରରୁ ରଡ୍‌ଫ୍ରେମ୍ ଦେଇ ପିଲର ଉଠାଯାଉଥିବା ନେଇ ଜଟଣୀ ବ୍ୟବସାୟୀ ମହାସଂଘ ଅଭିଯୋଗ ଆଣିଥିଲା। ଏଥିସହ ଭିଜିଲାନ୍ସରେ ଅଭିଯୋଗ ସହିତ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ରୁଜୁ ହୋଇଥିଲା । ଏହାର ତଦନ୍ତ ଦାୟିତ୍ୱ ରାଉରକେଲା ଏନ୍‌ଆଇଟିକୁ ଦିଆଯାଇଛି। ବର୍ତ୍ତମାନ ଏହାର ତଦନ୍ତ ଚାଲିଛି। ବ୍ରିଜ ନିର୍ମାଣ କାର୍ଯ୍ୟରୁ ଠିକାସଂସ୍ଥାକୁ ବାଦ୍ ଦେବା ପରେ ପୁନଃ ଟେଣ୍ଡର କରି ଏହାକୁ ସମ୍ପୂର୍ଣ୍ଣ କରାଯିବ ବୋଲି ପୂର୍ତ୍ତ ବିଭାଗ ସୂଚନା ଦେଇଛି। ତେବେ ପୁନଃ ଟେଣ୍ଡର ଆହ୍ୱାନ, ଠିକାଦାର ଚୟନ ଓ କାର୍ଯ୍ୟ ଆରମ୍ଭ ଭଳି ପ୍ରକ୍ରିୟା ଶେଷ ହେବାକୁ କେତେଦିନ ଲାଗିବ ସେ ନେଇ ସ୍ପଷ୍ଟ କରାଯାଇ ନାହିଁ। ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ କହିଛନ୍ତି, ପୁନଃ ଟେଣ୍ଡର ହେଉ କି ବିଭାଗ ନିଜେ କରୁ ବ୍ରିଜ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରାଯାଉ ।


## OFFICE OF THE EXECUTIVE ENGINEER CUTTACK (R&B) DIVISION NO.I, CUTTACK

E-Mail I.D.: eepwdcuttack@gmail.com, Tel./ Fax No. (0671)-2304128

**GOVERNMENT OF ODISHA "e" procurement Notice**

No.418-B: **e-procurement Notice for Building works**

**Bid Identification No. E.E. CTC (R&B)-14 of 2018-19**

| | | | |
|---|---|---|---|
| 1. | Name of the Work | : | 3(Three) Nos. Building works |
| 2. | Estimated Cost | : | Rs. 13,76,686/- to 20,94,557/- |
| 3. | Period of completion | : | 3(Three) to 4(Four) calendar Months |
| 4. | Date & time of availability of bid document in the portal | : | From 31.08.2018 to 4 P.M. of 14.09.2018 |
| 5. | Last date/ time of receipt of bids in the portal | : | 4 P.M. of 14.09.2018 |
| 6. | Date & time of opening of bids | : | 11 A.M. of 15.09.2018 |
| 7. | Name and address of the officer Inviting | : | Executive Engineer, Cuttack (R&B) Division No.I, Cuttack |

Further details can be seen from the e-procurement portal "https://tendersorissa.gov.in.

Sd./- (Er. M.R. Khan)
Executive Engineer,
Cuttack (R&B) Division No.I

34091/11/0035/1819

## Food Corporation of India, Regional Office, Bhubaneswar

**NOTICE INVITING E-TENDERS**

The Assistant General Manager (CE/EM) FCI, Regional Office, Bhubaneswar invites on behalf of Food Corporation of India online item rate tenders under two bid system at **https://eprocure.gov.in/eprocure/app** for following works, whose Last time and date of submission of bid : **3:00 PM on 10.09.2018**

NIT No. E-02/2018-19 Name of Work : **Replacement of damaged AC sheet roofing by profile sheet Godown no. 2 at FSD Jaleswar,** Estimated Cost : **Rs. 12,73,542/-.** Earnest Money : **Rs. 25,471/-,** Period of Completion : **60 Days.**

NIT NO. E-03/2018-19. Name of Work : **Miscellaneous repair works at FSD Khurda Road, SH-1. Repair to weigh bridge approach, 2-Renovation to office building, 3-Gading of roof of watch man Qrs. And office Building & Rly. Gate),** Estimated Cost : **Rs. 4,53,571/-.** Earnest Money : **Rs. 9,071/-,** Period of Completion : **60 Days.**

NIT NO. E-04/2018-19. Name of Work : **Renovation to office Building, Canteen Block and Male cum Female Lav. Block at FSD Parlakhemundi,** Estimated Cost : **Rs. 3,32,154/-.** Earnest Money : **Rs. 6,643/-,** Period of Completion : **60 Days.**

NIT NO. E-05/2018-19. Name of Work : **Reconstruction of collapsed boundary wall at FSD Dhenkenal,** Estimated Cost : **Rs.3,89,951/-.** Earnest Money : **Rs. 7,799/-,** Period of Completion : **45 Days.**

NIT NO. E-06/2018-19. Name of Work : **Reconstruction of collapsed boundary wall at FSD Hirakud.** Estimated Cost : **Rs. 3,48,958/-.** Earnest Money : **Rs. 6,979/-,** Period of Completion : **45 Days.**

NIT NO. E-07/2018-19. Name of Work : **Plastering the gable wall of Godown 1 & 3 and painting to gable wall of Godown 1 & 2 & 3 and CGI sheet roof of Gd. No.-1 at FSD Jagannathur),** Estimated Cost : **Rs. 2,92,744/-.** Earnest Money : **Rs. 5,855/-,** Period of Completion : **45 Days.**

The bid forms and other details can be obtained from the website : **www.eprocure.nic.in** .

**Asstt. General Manager (Engg.)**

## GANGADHAR MEHER UNIVERSITY

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ

AMRUTA VIHAR
SAMBALPUR (ODISHA)-768004

Website: www.gmuniversity.ac.in. gmuniversitysbp@gmail.com Telephone & Fax No(0663) 2403413

No. 4378 /GMU Date: 29.8.18

**CORRIGENDUM**

In continuation to the notice No. 4221 /GMU dated 20.8.2018 for the advertisement No. 002/REC/GMU/NTS; Sambalpur dated 7th August 2018, some addition /modifications have been made in the advertisement with respect to the SL. No. of post 03,04,05 and 08 for the recruitment of non-teaching staff. Kindly visit the website(www.gmuniversity.ac.in.) for details.

*Sd./- REGISTRAR*

## ORISSA WATER SUPPLY & SEWERAGE BOARD

Office of the Project Engineer, Project Management Unit-I, OWSSB,
Satyanagar, Bhubaneswar -7, Odihsa
Ph : (0674) 2571365 (O), Email : pepmu1owssb@gmail.com

**NOTICE**

**Notice No.3411** **Dt. 29.08.2018**

ପ୍ରାପ୍ତେଷୁ -

୧ . ବିଦ୍ୟାଧର ମିଶ୍ର, ପି. ଅଲେଖ ମିଶ୍ର, ଜା. ବ୍ରାହ୍ମଣ , ବା. କାଦୁଆପଡା, ଜି. ଜଗତସିଂହପୁର

୨ . ବ୍ରଜବନ୍ଧୁ ମିଶ୍ର, ପି. ଦାଶରଥି ମିଶ୍ର, ଜା. ବ୍ରାହ୍ମଣ , ବା. ତାଳଚେର, ଜି. ଅନୁଗୁଳ

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ମୌଜା ମେହେର ପଲ୍ଲୀ ଖାତା ନଂ ୨୩୫ ରେ ଧୂଳେଶ୍ୱର ଜେନା ଓଗେର ନାମ ସହ ଆପଣଙ୍କ ନାମେ ରେକର୍ଡ ଅଛି । ଉକ୍ତ ମୌଜାର ଖାତା ନଂ ୨୩୫ରେ ଥିବା ପ୍ଲଟ ନଂ-୧୦୨୧ ଶାରଦ ଏକ ଏ୦.୨୦୪ସମ୍ବନ୍ଧରୁ ଦକ୍ଷିଣ ତରଫରୁ ଏ୦.୦୩୮ ଓଡିଶା ଜଳଯୋଗାଣ ଓ ପରିମଳ ପରିଷଦକୁ ଖାତା ରୟତ ଧୂଳେଶ୍ୱର ଜେନା, ସୁଦର୍ଶନ ଜେନା, କେତୁକା ଜେନା, ପି. ଦିନବଂଧୁ ଜେନା, ଜା. ଖଣ୍ଡାୟତ ବା. ଝାରପଡା ବିକ୍ରୟ କରିବା ନିମନ୍ତେ ଚାହୁଁଛନ୍ତି।

ଏଣୁ ଉକ୍ତ ପ୍ଲଟ ବିକ୍ରୟ କରିବାରେ ଯଦି ଆପଣଙ୍କର କୌଣସି ଆପତ୍ତି ଅଭିଯୋଗ ଥାଏ ତାହେଲେ ଉକ୍ତ ନୋଟିସ ପ୍ରକାଶନର ୭ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତି ରହି ମତାମତ ଦେବେ, ଅନ୍ୟଥା ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଭରତ ଚନ୍ଦ୍ର ଦଳାଇ
ପ୍ରକଳ୍ପ ଯନ୍ତ୍ରୀ
ଫୋନ୍ ନଂ. : 9437187027

At - Jala Bhawan, 3rd Floor,
WATCO, Near Rajib Bhawan

## अखिल भारतीय आयुर्विज्ञान संस्थान (एम्स), भुवनेश्वर ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR

(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.edu.in

File No. : AIIMS/BBSR/Engg./ 443 /2018-19 Dated : 29th Aug 2018

**NOTICE INVITING E-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for the Work **"Provision of Grills & Mosquito Net at all Windows, Replacement of Corridor Doors, Shed with Polycarbonate Sheet & Miscellaneous Civil works for Guest House at AIIMS, Bhubaneswar"** *(NIT No. : AIIMS/BBSR/ Engg./ 026/2018-19).* The detailed Tender Document along with Last Date & Time of Submission of Tender can be viewed & Downloaded from the website **www.aiimsbhubaneswar.edu.in, www.tenderwizard.com/ AIIMSBBSR & CPP Portal www.eprocure.gov.in.**

Sd/-
**Executive Engineer (Civil)**
**AIIMS, Bhubaneswar**

## Office of the Executive Engineer Harabhangi Irrigation Division, Adava, Dist.: Gajapati

**e-Procurement Notice No.05/2018-19**

No.432-A: Bid document consisting of work, estimated cost, cost of tender paper, EMD, Time of completion, Class of contractor, the set of terms and condition of contract and other necessary documents can be seen in e-procurement portal **http://tenderodisha.gov.in**.

| | | | |
|---|---|---|---|
| 1. | Type of the work | : | Improvement of road, Periphery development & Flood protection works |
| 2. | No. of works | : | 5 Nos. |
| 3. | Class of contractor | : | 'D' & 'C' class |
| 4. | Bid identification No. | : | EE-HID-No. 20 to 24/2018-19 |
| 5. | Estimated cost | : | Varies from Rs. 10.65 lakhs to 18.73 lakhs |
| 6. | Period of completion | : | 3 (Three) calendar months |
| 7. | Date & time of availability of bid documents in the portal | : | From 01.09.2018, 10.00 AM to 10.09.2018, 05.00 PM |
| 8. | Last date / time for receipt of bids in the portal | : | From 01.09.2018, 10.00 AM to 10.09.2018, 05.00 PM |
| 9. | Date of opening of bid | : | 11.09.2018 at 11.00 AM in the e-procurement cell, O/o Executive Engineer, Harabhangi Irrigation Division, Adava, Gajapati |
| 10. | Name of the officer inviting bid | : | Executive Engineer, Harabhangi Irrigation Division, Adava, Gajapati |

1) Any addendum / corrigendum / cancellation of tender can also be seen in the said website.
2) Further details can be seen from Government website- **http://tenderodisha.gov.in**.

**Executive Engineer**
**Harabhangir Irrigation Division,**
**Adava (Gajapati)**

32021/11/0011/1819

## Government of Odisha Office of the Engineer-in-Chief Rural Works, Bhubaneswar

No. 22258 Dt .27.08.2018

No.674-O: Chief Engineer, PMGSY on behalf of OSRRA invites Expression of Interest from interested Consultancy Firms/Agency for ENGAGEMENT OF PROJECT IMPLEMENTATION CONSULTANT (PIC) FOR RURAL CONNECTIVITY INVESTMENT PROGRAM IN ODISHA, ASSISTED BY ASIAN DEVELOPMENT BANK IN THE STATE OF ODISHA. Detailed notice & EOI documents can be downloaded from the website: **www.pmgsytenders.gov.in** from **dt.31.08.2018** at **11.00 A.M.** to **20.09.2018 upto 5.00 PM.**

25123/11/0032/1819 **Sd./- Chief Engineer, PMGSY**

## DISTRICT OFFICE, ANGUL

**(Social Welfare Section)**
**No. 1565 / SW Date: 27.08.18**
**(TENDER CALL NOTICE FOR WALL PAINTING AT G.P. LEVEL ON IYCF)**

Sealed tenders are invited from intending Registered Firms/ Agencies for **"WALL PAINTING AT G.P. LEVEL ON IYCF"** for 209 G.Ps of the Angul District.

The tender notice and terms and condition can be obtained from the office of the DSWO, Angul on payment of Rs. 2000/- (Two Thousand) only (non refundable) during the office hours on any working day **26.09.2018 by 1.00 P.M.**

The tender papers containing detailed terms and conditions, EMD other statutory requirement and Specification & Prototype regarding **"WALL PAINTING AT G.P. LEVEL ON IYCF"** can also be downloaded from the District website www.angul.nic.in and while submitting such tender paper a DD of Rs. 2000/- (Two Thousand) only in favour of DSWO, Angul payable at Angul is to be submitted, failing which the tender paper will be rejected. The tender cost of Rs. 2000/- (Rupees Two Thousand) only fixed is non refundable. Tender paper complete in all respect (technical & financial) along with all required documents are to be submitted superscribed for **"WALL PAINTING AT G.P. LEVEL ON IYCF"** to the DSWO, Angul on or before 28.09.2018, 2.00 P.M. by Registered/ Speed Post only. The tender will be opened on the same date at 3.00 P.M. by the Collector in presence of the members of Tender Committee and tenderers or their authorized representatives. The tender received beyond the scheduled date and time shall not be taken into consideration.

The Authority reserves the right to reject any or all the tenders without assigning any reason thereof and shall bear no liability whatsoever consequent upon such decision.

**Sd./- Collector, Angul**

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ମୁରିବାହାଲ

ପତ୍ର ସଂଖ୍ୟା ୧୬୫୮ ତା ୨୮.୮.୨୦୧୮

ଏତଦ୍ୱାରା ମୁରିବାହାଲ ପଞ୍ଚାୟତ ସମିତି ଅନ୍ତର୍ଗତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବିଭିନ୍ନ କାର୍ଯ୍ୟକାରୀ ସଂସ୍ଥା ଦ୍ୱାରା ତା ୦୧.୧୦.୨୦୧୭ରୁ ତା ୩୧.୦୩.୨୦୧୮ ରିଖ ପର୍ଯ୍ୟନ୍ତ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡିକର ସାମାଜିକ ସମୀକ୍ଷା ଗ୍ରାମସଭା ନିମ୍ନକାର୍ଯ୍ୟସୂଚୀ ଅନୁସାରେ ପ୍ରତ୍ୟେକ ଦିନ ଧାର୍ଯ୍ୟ ହୋଇଥିବା ପ୍ରତ୍ୟେକ ଗ୍ରାମପଞ୍ଚାୟତ ଗ୍ରାମଗୁଡିକରେ ସକାଳ ୯ ଘଟିକାରୁ ଆରମ୍ଭ ହେବ । ତେଣୁ ସର୍ବସାଧାରଣ ନାଗରିକ, କୁଶୀଳ, ଅର୍ଦ୍ଧକୁଶଳୀ ଓ ଅଣକୁଶଳୀ ଶ୍ରମିକ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଆଦିଙ୍କୁ ବହୁ ସଂଖ୍ୟାରେ ପ୍ରଦତ୍ତ କାର୍ଯ୍ୟସୂଚୀ ଅନୁସାରେ ଗ୍ରାମସଭା ଦିନ ନିଜ ଗ୍ରାମପଞ୍ଚାୟତରେ ଉପସ୍ଥିତ ରହିବାକୁ ଆହ୍ୱାନ କରାଯାଉଛି ।

| ସାମାଜିକ ସମୀକ୍ଷା ପର୍ଯ୍ୟାୟ | ଗ୍ରାମପଞ୍ଚାୟତର ନାମ | ସାମାଜିକ ସମୀକ୍ଷା | | | ଜନଶୁଣାଣି (ବ୍ଲକସ୍ତରୀୟ) | ନୋଡାଲ ଅଫିସର |
|---|---|---|---|---|---|---|
| | | ଆରମ୍ଭ ତାରିଖ | ଶେଷ ତାରିଖ | ଗ୍ରାମସଭା ତାରିଖ | | |
| ପ୍ରଥମ | ବେଲପଦର, ବିଟାବନ୍ଧ, ମାଲିଶିରା, ହଳଦୀ ପତ୍ରାପାଲି- ଖ. ତେନ୍ତୁଲିଖୁଣ୍ଟି | ୦୧.୦୯.୨୦୧୮ | ୦୭.୦୯.୨୦୧୮ | ୦୭.୦୯.୨୦୧୮ | ୨୬.୧୦.୨୦୧୮ | ବେଲପଦର-ଏ.ଇ, ବିଟାବନ୍ଧ- ଜେ.ଇ, ମାଲିଶିରା- ବି.ପି.ଏମ, ହଳଦୀ- ଜେ.ଇ, ପତ୍ରାପାଲି-ଖ-ଏ.ପି.ଓ., ତେନ୍ତୁଲିଖୁଣ୍ଟି-ବି.ଏଲ.ସି.(୧) |
| ଦ୍ୱିତୀୟ | ଗିଁରେଇ, ଗୋଇମୁଣ୍ଡ ଟୁପାରଡାର, ଲେବଡା ବାଙ୍କେଲ | ୧୧.୦୯.୨୦୧୮ | ୧୭.୦୯.୨୦୧୮ | ୧୭.୦୯.୨୦୧୮ | | ଗିଁରେଇ-ଜେ.ଇ, ଗୋଇମୁଣ୍ଡ-ଜି.ପି.ଟି.ଏ, ଟୁପାରଦାର- ଜି.ପି.ଟି.ଏ, ଲେବଡା- ବି.ଡି.ଓ, ବାଙ୍କେଲ- ଏ.ପି.ଓ, |
| ତୃତୀୟ | ମୁରିବାହାଲ, ଡଙ୍ଗରପଡା, ଲଖନା ଗଡଗଡବାହାଲ, ପତ୍ରାପାଲି | ୨୦.୦୯.୨୦୧୮ | ୨୬.୦୯.୨୦୧୮ | ୨୬.୦୯.୨୦୧୮ | | ମୁରିବାହାଲ- ବି.ଏଲ.ସି(୧), ଡଙ୍ଗରପଡା-ଜି.ପି.ଟି.ଏ, ଲଖନା-ବି.ଡି.ଓ., ଗରଗଡବାହାଲ- ଜେ.ଇ, ପତ୍ରାପାଲି- ବି.ପି.ଏମ |
| ଚତୁର୍ଥ | ଚଲକି, ଚଣାବାହାଲ, ଗୁଡିଘାଟ, ଇଚ୍ଛାପଡା, ବାନ୍ଧୁପଲା, ବଡସାଇମରା | ୨୮.୦୯.୨୦୧୮ | ୪.୧୦.୨୦୧୮ | ୦୪.୧୦.୨୦୧୮ | | ଚଲକି-ଜି.ପି.ଟିଏ, ଚଣାବାହାଲ-ଏ.ଇ, ଗୁଡିଘାଟ- ଏ.ପି.ଓ, ଇଚ୍ଛାପଡା-ବି.ଏଲ.ସି(୨), ବାନ୍ଧୁପଲା- ବି.ପି.ଏମ, ବଡସାଇମରା-ଜି.ପି.ଇ.ଓ |

*ସ୍ୱା/- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ମୁରିବାହାଲ*

## ZILLA SWASTHYA SAMITI, GAJAPATI

**TENDER CALL NOTICE**

Advt. No. 6309 Date : 28.08.2018

No.391-E: Sealed Quotations are invited from Transporters / Tour Operators / Travel Agents / Private Organisations / NGOs indivisuals situated / resident of Gajapati District or having its branch / office in Gajapati for engagement of vehicles registered within 02 years as on 01.08.2018 for hire on monthly rental basis to be used for the purpose of "DPMU Vehicle" of ZIlla Swasthya Samiti, Gajapati for a period of one year as per the terms and conditions mentioned in the Tender Paper available in the district Website www.gajapati.nic.in. The specification of the vehicles for each of the above categories is as mentioned below.

| Sl. No. | Purpose | Type of Vehicles | No. of Vehicles | Remarks |
|---|---|---|---|---|
| 01. | DPMU Vehicle | Scorpio / Tata Safari / Mahindra Xylo / Bolero etc. | 1 | No. of vehicles may vary in future depending upon the actual requirement of the undersigned. |

Here, the bidder should have sufficient number of latest models of vehicles. The bidders shall have to deposit an EMD of Rs. 5,000/- (Five Thousand only) in the form of crossed demand draft / pay order in favour of Zilla Swasthya Samiti, Gajapati with the application. Sealed quotations in the presecribed forms in two envelopes, one for technical bid and second for financial bid addressed to the CDM & PHO-cum-DMD, Gajapati and both the sealed covers should be put into a third outer cover duly superscribed as "QUOTATION FOR ENGAGEMENT OF VEHICLE FOR "DPMU Vehicle". Quotations shall be received through Speed Post/ Registered Post/ Courier only latest by 15.09.2018. The Technical bid will be opened on 18.09.2018 at 4.00 PM in the presence of the bidders or their authorised representatives at the Office of the CDM & PHO-cum-DMD, Gajapati. The agency having qualified in the technical bid will be considered for opening of the financial bid and the lowest bidder will be selected. Those bidders who have quoted more than approved rate for the purpose, shall be liable for rejection. The authority reserves the right to accept or reject any / all bids without assigning any reason thereof. The authority will not be held responsible for any postal delay.

10105/11/0016/1819 **Sd./- CDM & PHO-cum-DMD, Gajapati**

## 2018 ବର୍ଷ ପାଇଁ ବଣାଇଁ ବନଖଣ୍ଡ ତରଫରୁ ଚାରା ବଣ୍ଟନ ବିଜ୍ଞପ୍ତି / ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବଣାଇଁ ବନଖଣ୍ଡ ଅଧୀନରେ ନିମ୍ନଲିଖିତ ୨ (ନଅ) ଗୋଟି ଚାରା ଉତ୍ପାଦନ କେନ୍ଦ୍ରରେ ଉନ୍ନତମାନର ଶାଗୁଆନ, ଗମ୍ଭାରୀ, ବିଜା, ଜାମୁ, ଆମ୍ବ, ନିମ୍ବ, କରଞ୍ଜ, ଅର୍ଜୁନ, ପଣସ, ଅଁଳା, ହରିଡ଼ା, ବାହାଡ଼ା ଇତ୍ୟାଦି ଚାରା ଉପଲବ୍ଧ ଅଛି। ଆଗ୍ରହୀ ବ୍ୟକ୍ତି/ଅନୁଷ୍ଠାନଗୁଡ଼ିକ ସରକାରୀ ନିର୍ଦ୍ଧାରିତ ମୂଲ୍ୟରେ ଚାରା ବିକ୍ରୟ କେନ୍ଦ୍ରମାନଙ୍କରୁ ଚାରା ନେଇପାରିବେ। ନିମ୍ନରେ ଉଲ୍ଲେଖ କରାଯାଇଥିବା ଚାରା ବିକ୍ରୟ କେନ୍ଦ୍ର ପରିଚାଳକମାନଙ୍କୁ ଫୋନ ଦ୍ୱାରା ଯୋଗାଯୋଗ କରିପାରିବେ।

ବି.ଦ୍ର.:- ସର୍ବସାଧାରଣଙ୍କ ପାଇଁ ଚାରା ପ୍ରତି ଟ.1/- ଧାର୍ଯ୍ୟ ହୋଇଛି।

| ଚାରା ବିକ୍ରୟ କେନ୍ଦ୍ରର ନାମ | | ଉପଲବ୍ଧ (ପରିମାଣ) | କେନ୍ଦ୍ର ପରିଚାଳକଙ୍କ ନାମ ଓ ଦୂରଭାଷ ନମ୍ବର |
|---|---|---|---|
| 1. | ଧରଣୀଧରପାଲି (ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର) | 6200 | ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାହୁ, ବନପାଳ 9437687250 |
| 2. | ବ୍ରାହ୍ମଣୀ (ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର) | 3070 | ଶ୍ରୀ ସଦାଶିବ ପାତ୍ର, ବନପାଳ 8763433100 |
| 3. | ଗଡ଼ରୁଆଁ (ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର) | 30700 | ଶ୍ରୀ କୈଳାଶ ଚନ୍ଦ୍ର କିସାନ, ବନପାଳ 9178123103 |
| 4. | ଡଲେଇସରା (ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର) | 31000 | ଶ୍ରୀ କିଶୋରୀ ପାତ୍ର, ବନପାଳ 9438226173 |
| 5. | ବନେଇକେଲା (ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର) | 7000 | ଶ୍ରୀ କିଶୋର କୁମାର ଠାକୁର, ବନପାଳ 8763648987 |
| 6. | ବାଦିବାହାଲ (ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର) | 10256 | ଶ୍ରୀ ସୁକାନ୍ତ କୁମାର ବ୍ରହ୍ମ, ବନପାଳ 8895833250 |
| 7. | ଠାକୁରପାଲି (ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର) | 44777 | ଶ୍ରୀ ପ୍ରତାପ କିଶୋର ସାହୁ, ବନପାଳ 7325933777 |
| 8. | ବରସୁଆଁ (ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର) | 2100 | ଶ୍ରୀ ନାରାୟଣ ଚନ୍ଦ୍ର ବେହେରା, ବନପାଳ 9437757937 |
| 9. | ତେହେରାଇ (ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର) | 23500 | ଶ୍ରୀ ତାପସ କୁମାର ଶତପଥୀ, ବନପାଳ 9438490662 |
| ସମୁଦାୟ | | **158603** | |

ସ୍ୱା./- ବନଖଣ୍ଡ ଅଧିକାରୀ, ବଣାଇଁ ବନଖଣ୍ଡ, ବଣାଇଁଗଡ଼

See Career Appointment on every **Wednesday & Saturday**

## OFFICE OF THE EXECUTIVE ENGINEER RWS&S DIVISION, PURI – 752002

Phone: (06752) 251276, Fax :- (06752) 251276, E-mail:-eerwss_puri@nic.in

**NATIONAL COMPETITIVE BIDDING THROUGH E-PROCUREMENT**

**Bid Identification No. RWSSPURI 35 /2018-19**

No.649-O: The Executive Engineer, RWS&S Division, Puri on behalf of Governor of Odisha invites Lump Sum rate price bids through e-procurement in double cover system according to the norms of e-procurement system, in on-line mode from eligible contractors.

| Sl. No. | Nature of work: | Piped Water Supply Scheme |
|---|---|---|
| 1. | No. of works: | 1(ONE) |
| 2. | Time for completion: | Six months |
| 3. | Cost of bidding document: | Rs 10,000 /- |
| 4. | Class of Contractors eligible: | B & A |
| 5. | Availability of bids on-line: | From 17 hour of 01.09.2018 to 17.00 hours of 15.09.2018 |
| 6. | Last date and time for seeking clarification: | 17.00 hours of 10.09.2018 |
| 7. | Date & time of opening of technical bids: | On dt 17.09.2018 at 12.00 Hours in the office of the Executive Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 8. | Date and time of opening of financial bids: | To be decided |

Further details can be seen from the website **https://www.tendersorissa.gov.in**.

**Executive Engineer,**
**RWS&S Division, Puri**

25017/11/0053/1819

## GOVT. OF ODISHA OFFICE OF THE ENGINEER-IN-CHIEF, WATER RESOURCES ODISHA, BHUBANESWAR

No.442-A

**'e' Procurement Notice No.CELMB 21 OF 2018-19**

1. Name of the work : **Restoration and protection to scoured bank on Genguti left from Govindagadia to Rameswarpur under NABARD Assistance RIDF - XXIV.**
2. Amount put to Tender : Rs.8,77,91,471.00
3. Bid Document Cost : Rs.10, 000.00 (online)
4. E.M.D : Rs.8,78,000.00 (online)
5. Class of Contractor : Special Class & Super Class
6. Period of Completion : 15 calendar months (456 Days)
7. Other details are as follows

| Procurement Officer | Bid Identification No. | Availability of Tender On- line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer FC & Basin Manager, LMB, Bhubaneswar | CELMB JPD 03 OF 2018-19 | 01.09.2018 10.00hrs | 18.09.2018 17.00hrs | 19.09.2018 11.00 hrs |

8. e-mail Id : celmbbbsr@yahoo.co.in

Further detail conditions can be seen from the Govt. website **www.tendersorissa.gov.in**.

32252/11/0023/1819 **Sd./- Chief Engineer FC & Basin Manager, Lower Mahanadi Basin**

## OFFICE OF THE COLLECTORATE, RAYAGADA

**Quotation Call Notice No.: 01/2018-19 Dated 29.08.2018**
**Letter No. 422 / I&PR Section, date 29.08.2018**

1. The District Information and Public Relation Officer, Rayagada on behalf of Government of Odisha invites Sealed quotation in prescribed schedule for "mounting of Hording, IEC Activities on Biju Swasthya Kalyan Yojana of various sizes including Supplying, Mounting/fitting, fixing, complete in all respect, in different places of ULBs, Dist. Head Quarters, Sub-divisional Head Quarters and GP Head Quarters and other prominent places of Rayagada District."
2. The Detailed quotation call notice can be obtained from the office of the District Information and Public Relation Officer, Rayagada from 11.00 hours of 30.08.2018 to 05.09.2018 hours of 16.30 and also can be downloaded from NIC portal.
3. The quotation shall be received during the office hours from 30.08.2018 to 05.09.2018 upto 16.30 hrs. and will be opened at 17.00 hours of on date 05.09.2018 in the office of the District Information and Public Relation Officer, Rayagada.
4. EMD @1% of quoted value should be deposited in form of TDR or NSC duly pledged in favour of District Information and Public Relation Officer, Rayagada at the time of submission of quotation.
5. The authorized manufacturer, dealers/Suppliers should have a valid GSTIN, PAN. The Quotationer should quote the price for each of the items separately in the enclosed format indicating the price inclusive of all taxes, mounting, transportation and other related charges.
6. The authority reserves the right to accept or cancel the above quotation without assigning any reason thereof.
7. Subsequent corrigendum/addendum/cancellation, if required, shall only be available in the Dist. website.
8. The other details can be seen in the Detailed Quotation call notice in the Dist. portal (www. rayagada.nic.in).

Yours Faithfully,

**Sd./- D.I & PRO, Rayagada**



ଦୀପକ-ପିଙ୍କି

## ନୂଆ ସିନେମା

# ଜୋର୍ କା ଝଟକା

**ଦୀ**ପକ-ପିଙ୍କି ପ୍ରିୟଦର୍ଶିନୀ ଯୋଡିକୁ ପ୍ରଥମେ ଦେଖିବାକୁ ମିଳିଥିଲା ଓଡ଼ିଆ ସିନେମା 'ସପନର ନାୟିକା'ରେ। ଏକ୍ସେଲ ମୁଭିଜ ବ୍ୟାନରରେ ତଥା ରବୀନ୍ଦ୍ର ପଣ୍ଡାଙ୍କ ପ୍ରଯୋଜିତ ଏହି ଫିଲ୍ମଟି ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଥିଲା। ବର୍ତ୍ତମାନ ଏହି ଯୋଡିକୁ ବ୍ୟାକ୍-ଟୁ-ବ୍ୟାକ୍ ଦୁଇଟି ସିନେମାରେ ଦେଖିବାକୁ ମିଳିବ। ପ୍ରଥମଟି ହେଲା 'ତୁ ମୋ ନୀଳନୟନା'। ଦ୍ୱିତୀୟ ଚଳଚ୍ଚିତ୍ର ହେଲା ରବୀନ୍ଦ୍ର ପଣ୍ଡାଙ୍କ ନିବେଦିତ 'ଜୋର୍ କା ଝଟକା', ଯାହାର ମିଳିତ ପ୍ରଯୋଜନା କରୁଛନ୍ତି ଶିବାନୀ ବେହେରା ଏବଂ ଅଶୋକ କୁମାର ବେହେରା। ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳୁଛନ୍ତି ପିନୁ ନାୟକ। ଗୀତଗୁଡିକୁ ସ୍ୱର ଦେଉଛନ୍ତି ଅଭିଜିତ ମଜୁମଦାର। ନିରଞ୍ଜନ ଦାଶଙ୍କ ସହ ପ୍ରଯୋଜନାରେ ନିର୍ମିତ ହେବାକୁ ଯାଉଥିବା ଏହି ଫିଲ୍ମରେ ଦୀପକ-ପିଙ୍କିଙ୍କ ବ୍ୟତୀତ ଅଭିଜିତ ରଥ, ହରିହର ମହାପାତ୍ରଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଏହାର ଶୁଟିଂ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ଗୁରୁ ଖୋଜୁଛନ୍ତି ଦବଙ୍ଗ ଗର୍ଲ



ସୋନାକ୍ଷୀ

**ଦ**ବଙ୍ଗ ଗର୍ଲ ସୋନାକ୍ଷୀ ଏବେ ଗୁରୁ ଖୋଜିବାରେ ବ୍ୟସ୍ତ । ହେଲେ ହଠାତ୍ ଏମିତି ଗୁରୁଙ୍କର କ'ଣ ଆବଶ୍ୟକତା ପଡିଲା ? କଥା କ'ଣ କି ସେ କୁଆଡେ ଏଣିକି କମେଡି ଭୂମିକାକୁ ଅଧିକ ଗୁରୁତ୍ୱ ଦେବେ। ହେଲେ ତା' ପୂର୍ବରୁ କମେଡି ଶିଖିବା ଦରକାର। ତେଣୁ ସେ ଜଣେ ଭଲ କମେଡି ଗୁରୁ ସନ୍ଧାନରେ ଅଛନ୍ତି। 'ଏବେ ତ ପ୍ରାୟ ଅଧିକାଂଶ ଫିଲ୍ମରେ କମେଡି ଫ୍ଲେବର ରହୁଛି। ତେଣୁ ମୁଁ ଏଭଳି ଭୂମିକାକୁ ଗୁରୁତ୍ୱ ଦେବି। ସେଥିପାଇଁ ଜଣେ କମେଡି ଗୁରୁ ସନ୍ଧାନରେ ରହିଛି ବୋଲି କହିଛନ୍ତି ସୋନାକ୍ଷୀ ସିହ୍ନା। ତେବେ ସେ କାହାକୁ କମେଡି ଗୁରୁ ଭାବରେ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## ପରଦାରେ

# 'ବ୍ଲାକମେଲ୍'

**ଚ**ଳିତ ମାସ ୩୧ରେ ପରଦା ଉପରକୁ ଆସୁଛି ସସପେନ୍ସ ଥ୍ରୀଲର ଓଡ଼ିଆ ସିନେମା 'ବ୍ଲାକମେଲ'। ପ୍ରଯୋଜକ -କମ-ଅଭିନେତା ଅର୍ଦ୍ଧେନ୍ଦୁ ସାହୁ ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ସସପେନ୍ସ ଥ୍ରୀଲର ବିଶିଷ୍ଟ ଏହି ଫିଲ୍ମରେ ସେ ଡବଲ ରୋଲ୍‌ରେ ଦର୍ଶକଙ୍କ ସାମନାକୁ ଆସିବେ। ଖାସ୍ କଥା ହେଲା ଏହି ଫିଲ୍ମରୁ ଅନ୍ୟତମ ଆଗଧାଡିର କୋରିଓଗ୍ରାଫର ଅମିତ ନାୟକ ନିଜର ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରୁଛନ୍ତି। ଏଥିରେ ଅର୍ଦ୍ଧେନ୍ଦୁଙ୍କ ଅପୋଜିଟ୍‌ରେ ଅଛନ୍ତି ତମନ୍ନା ଏବଂ ଆହାନା। ଏମାନଙ୍କ ବ୍ୟତୀତ ସିଦ୍ଧାନ୍ତ ମହାପାତ୍ର, ମନୋଜ ମିଶ୍ର, ରତନ ମେହେର, ଜର୍ଜ ତିଆଡି, ପ୍ରତିଭା ପଣ୍ଡା ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ପ୍ରେମ ଆନନ୍ଦଙ୍କ ସ୍ୱର ସଂଯୋଜନାରେ ଏଥିରେ ସଂଯୋଜିତ ଗୀତଗୁଡିକ ମଧ୍ୟରୁ 'ହାଏ ତୋ ପ୍ରେମର ରଙ୍ଗୋଲି' ଏବଂ 'ବୋଉ ମାରିବ' ଭାଇରାଲ ହୋଇସାରିଛି। ତେବେ ଅର୍ଦ୍ଧେନ୍ଦୁଙ୍କ ଅଭିନୀତ ଏହି ଚତୁର୍ଥ ଚଳଚ୍ଚିତ୍ର ଦର୍ଶକଙ୍କୁ କେତେ ଏଣ୍ଟରଟେନ୍ କରୁଛି ତାହା ଫିଲ୍ମଟି ରିଲିଜ ପରେ ହିଁ ଜଣାପଡିବ।

## ବଲିଉଡ୍ ହାଲଚାଲ

■ସୁଶାନ୍ତ ସିଂ ରାଜପୁତ ଏବଂ କ୍ରିତି ସାନନଙ୍କ ଭିତରେ ଚାଲିଥିବା ପ୍ରେମ ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପଡିଛି। କାରଣ ଏବେ କ୍ରିତିଙ୍କ ନାଁ ଶୁଣିଲା ବେଳକୁ ସୁଶାନ୍ତ ଡେଉଁଛନ୍ତି।

■ମଲାଇକା ଆରୋରା ଖାଁ ଏକ ଆଇଟମ ନମ୍ବରରେ ନାଚିବେ। ଫିଲ୍ମଟି ହେଲା ବିଶାଲ ଭରଦ୍ୱାଜଙ୍କ 'ପଟାକା' ଏବଂ ଗୀତଟି ହେଉଛି 'ହ୍ୟାଲୋ ହ୍ୟାଲୋ'।

■ମିଲନ୍ଦ ସୋନମଙ୍କର ଏବେ ମନ ଦୁଃଖ। କାରଣ ସେ ବଡ ପରଦାରେ ପୁଣି ଥରେ ନିଜ ମୁହଁ ଦେଖାଇବାକୁ ଚାହୁଁଛନ୍ତି ହେଲେ କୌଣସି ପ୍ରଯୋଜକ ତାଙ୍କୁ ଅଫର ଦେଉନାହାନ୍ତି।

■ନିକଟରେ ବରୁଣ ଧାୱନଙ୍କୁ ଗୋଟିଏ ଶଟ୍ ପାଇଁ ଦଶ ଥର ଟେକ୍ ଦେବାକୁ ପଡିଥିଲା। ଏକ ଗହଳିପୂର୍ଣ୍ଣ ବସ୍‌ରେ ତାଙ୍କୁ ଚଢ଼ିବାର ଥିଲା। ହେଲେ ସେ ପୋଜ୍ ଅନୁସାରେ ଚଢ଼ିବା ପାଇଁ ୧୦ ଥର ଶଟ ଦେବାକୁ ପଡିଥିଲା। ଯଶରାଜ ଫିଲ୍ମସ ବ୍ୟାନରେ ନିର୍ମିତ ହେଉଥିବା ଏହି ଫିଲ୍ମଟି ହେଲା 'ସୁଇ ଧାଗା', ଯାହାର ମେଲ୍ ଲିଡ୍‌ରେ ବରୁଣ ଅଭିନୟ କରୁଛନ୍ତି।

# ଶୁଟିଂ ରସ୍ତୁ

**ଚ**ଳିତ ବର୍ଷ ଅଗଷ୍ଟ ଶେଷ ସପ୍ତାହ ସୁଦ୍ଧା ୧୫ଟି ସିନେମା ମୁକ୍ତିଲାଭ କରିସାରିଛି। ଅନ୍ୟପକ୍ଷରେ ଏବେ ଏକାଥରେ ୮ଟି ଓଡ଼ିଆ ସିନେମାର ଶୁଟିଂ ଚାଲୁ ରହିଛି। ବିନ୍ନି ସାମଲଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହେଉଛି 'ସାଥୀ ତୁ ଫେରିଆ'। ସୁଧାକର ବସନ୍ତଙ୍କ ନିର୍ଦ୍ଦେଶନାରେ ଚିତ୍ରର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ଜ୍ୟୋତି ନାୟକ, ଅନୁଭା ସୌର୍ଯ୍ୟା, ଶୁଭାଶିଷ, ଅନୀଷା, ଶ୍ରୀତମ୍ ପ୍ରମୁଖ କଳାକାର। କେ. ମୁରଲୀକ୍ରିଷ୍ଣାଙ୍କ ନିର୍ଦ୍ଦେଶନାରେ 'ଚାମ୍ପିୟନ୍'ର ଶୁଟିଂ ଶେଷ ପର୍ଯ୍ୟାୟରେ ପହଞ୍ଚିଛି, ଯାହାର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ଅର୍ଚ୍ଚିତା। ପ୍ରଯୋଜକ ଶଚ୍ଚିକାନ୍ତ ଜେନା ଏବଂ ନିର୍ଦ୍ଦେଶକ ବିନ୍ନି ପଟ୍ଟନାୟକଙ୍କ କାର୍ଯ୍ୟକାରୀ ପ୍ରଯୋଜନାରେ ନୂଆ ଓଡ଼ିଆ ସିନେମା 'ଲଭ୍ ଏକ୍ସପ୍ରେସ୍'ର ଅର୍ଦ୍ଧାଧିକ ଶୁଟିଂ ଶେଷ ହୋଇଛି। ସୀତାରାମ ଅଗ୍ରୱାଲଙ୍କ ପ୍ରଯୋଜିତ ତଥା ସ୍ୱରାଜ-ସନମୀରାଙ୍କୁ ନେଇ ପ୍ରସ୍ତୁତ ହେଉଥିବା ଏହି ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି ରମେଶ ରାଉତ। ଅନୁଭବ ମହାନ୍ତି, ଶିବାନୀ, ତମନ୍ନାଙ୍କୁ ନେଇ ତରଙ୍ଗ ସିନେ ପ୍ରଡକ୍ସନ ବ୍ୟାନରରେ 'ପ୍ରେମ କୁମାର'ର ଶୁଟିଂ ଶେଷ ପର୍ଯ୍ୟାୟରେ। ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି ତାପସ ସରଘରିଆ। ରତ୍ନା ଫିଲ୍ମ ଏବଂ ତରଙ୍ଗ ସିନେ ପ୍ରଡକ୍ସନର ମିଳିତ ପ୍ରଯୋଜନାରେ 'ଇସ୍କ ତୁ ହି ତୁ'ର ଯୋଡି ଅରିନ୍ଦମ-ଏଲିନାଙ୍କୁ ନେଇ ନୂଆ ସିନେମା 'ଇସ୍କ ପୁଣି ଥରେ'ର ଶୁଟିଂ ଚାଲୁରହିଛି। ଅରିନ୍ଦମଙ୍କ ପ୍ରଯୋଜିତ ଏହି ଫିଲ୍ମଟି ଚଳିତବର୍ଷ ଗଣେଶ ପୂଜାରେ ରିଲିଜ ହେବାର ଯୋଜନା ରହିଛି। ରେଞ୍ଚ ରୟାଲ ସିନେ ଲାବ୍ ବ୍ୟାନରରେ ତଥା ରାଜେଶ ଟଚ୍‌ରିଭରଙ୍କ ନିର୍ଦ୍ଦେଶନାରେ ଏକ ସତ୍ୟ ଘଟଣା ଉପରେ ଆଧାରିତ ଦ୍ୱିଭାଷୀ ଫିଲ୍ମ (ଓଡ଼ିଆ, ତାମିଲ) 'ପାଟଣାଗଡ'ର ଶୁଟିଂ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଶ୍ରୀଧର ମାର୍ଥାଙ୍କ ପ୍ରଯୋଜନାରେ ଫିଲ୍ମର ମୁଖ୍ୟ ଭୂମିକାରେ ମନୋଜ ମିଶ୍ର ଏବଂ ବଲିଉଡ୍ ଅଭିନେତା ଅତୁଲ କୁଲକର୍ନି ଅଭିନୟ କରୁଛନ୍ତି। ଅନ୍ୟପକ୍ଷରେ ନିରଞ୍ଜନ ବେହେରାଙ୍କ ନିର୍ଦ୍ଦେଶନାରେ 'ପ୍ରେମ ପାଇଁ ମହାଭାରତ' (ସମ୍ବିତ, ରିୟା, ଆରିଏନ୍) ଏବଂ 'ମୁଁ ଦେବଦାସ' (ଅସୀତ, ଭୂମିକା ଦାଶ)ର ଶୁଟିଂ ଚାଲୁ ରହିଛି।



'ପ୍ରେମ ପାଇଁ ମହାଭାରତ' ରେ ସମ୍ବିତ-ରିୟା



ତମନ୍ନା-ଅର୍ଦ୍ଧେନ୍ଦୁ



ପରିଣିତି

# କାହିଁକି ମନା କଲେ ପରିଣିତି

**ପ**ରିଣିତି ଚୋପ୍ରା ଏକ ବଡ ବ୍ୟାନରରୁ ମିଳିଥିବା ଅଫରକୁ ହାତଛଡା କରିଛନ୍ତି। ଯଦିଓ ଏହାର କାହାଣୀ ଏବଂ ମିଳିଥିବା ଭୂମିକା ତାଙ୍କୁ ପ୍ରଭାବିତ କରିଥିଲା ହେଲେ ଫିଲ୍ମଟିକୁ ଛାଡିବାକୁ ବାଧ ହୋଇଛନ୍ତି। ହେଲେ କାରଣ କ'ଣ ? ଏହି ଅନଟାଇଟଲ୍‌ଡ ଫିଲ୍ମରେ ନାୟକ ଭାବରେ ଅଭିନୟ କରିଥାଆନ୍ତେ ହ୍ରିତିକ ରୋଶନ। ଏକଥା ଶୁଣିବା ପରେ ପରିଣିତି କୁଆଡେ ରାଜି ହୋଇ ନ ଥିଲେ। ତେବେ ଏହି କଥା ପଛରେ କେତେ ସତ୍ୟତା ରହିଛି ତାହା ପରିଣିତିଙ୍କୁ ହିଁ ଜଣା।

## ଅପେରା ହାଲ୍‌ଚାଲ୍

# କମେଡି ଦେଇଛି ପରିଚୟ

**ସ**ରୋଜିନୀ ନାୟକ! ସମସ୍ତେ ଶ୍ରଦ୍ଧାରେ ଡାକନ୍ତି ଜିନା। ଜଗତ୍‌ସିଂହପୁର ଜିଲାର ଅପଣ୍ଡ୍ରା ଗାଁରେ ଜନ୍ମହୋଇଥିବା ଜିନାଙ୍କର ପିଲାବେଳୁ ନାଚିବାରେ ରୁଚି ଥିଲା। ରୁଚି ଦେଖି ବାପାମା' ତାଙ୍କୁ ଓଡ଼ିଶୀ ଶିଖେଇଲେ। ଦଶମ ଶ୍ରେଣୀରେ



ଜିନା

ପଢୁଥାନ୍ତି ଜିନା। ଜଣେ ଡ୍ୟାନ୍ସର ଭାବରେ ଯୋଗଦେଲେ ତାରିଣୀ ଗଣନାଟ୍ୟରେ। ପ୍ରଥମେ ପ୍ରଥମେ ବେଖାପ ଲାଗୁଥିଲେ ବି କ୍ରମଶଃ ଯାତ୍ରାକୁ ଆପଣେଇ ନେଲେ ଜିନା। ତା'ପରେ ଜଣେ ଡ୍ୟାନ୍ସର ଭାବରେ ସେ ଯଥାକ୍ରମେ ଓମ୍‌ଶ୍ରୀ, ଶିବାନୀ, ତୁଳସୀ ଏବଂ ବିଶ୍ୱ ଦରବାରରେ ଯୋଗଦେଲେ। ଡ୍ୟାନ୍ସର ଭାବରେ କାମ କରୁଥିଲେ ବି ଅଭିନୟ କରିବାକୁ ତାଙ୍କ ଭିତରେ ପ୍ରବଳ ଇଚ୍ଛା ଥିଲା। ସେହି ସୁଯୋଗ ତାଙ୍କୁ ମିଳିଲା ଯାତ୍ରାଶ୍ରୀ ବିଶ୍ୱଦରବାରରେ। ପ୍ରଥମେ କମେଡ଼ି ଚରିତ୍ରରେ ଅଭିନୟ କଲେ ଜିନା। ନାଟକ ଥିଲା 'ଗୁପ୍ତ ସମ୍ପର୍କ'। କମେଡିଷ୍ଟାରରୁ ନାୟକ ପାଲଟିଥିବା ଦୟାନିଧି ଉପାଧ୍ୟାୟ ହେଲେ ତାଙ୍କର ଗଡ଼ ଫାଦର ଏବଂ ଗୁରୁ। ଆଉ ତାଙ୍କୁ ଅଭିନେତ୍ରୀ ହେବାର ତାଲିମ୍ ପ୍ରଦାନ କଲେ। ଚଳିତ ବର୍ଷ ଇନ୍ଦ୍ର ମହଲରେ ଯୋଗ ଦେଇଛନ୍ତି ଜିନା। ଭେଟେରାନ୍ ହର ବାରିକଙ୍କ ରଚିତ ଏବଂ ନିର୍ଦ୍ଦେଶିତ 'ବଡ଼ଲୋକକୁ ଉତ୍ତର ନାହିଁ'ରେ ବର୍ଷା (କମେଡି), ସୁକାନ୍ତ ମଲ୍ଲିକଙ୍କ ରଚିତ ଏବଂ ଯୋଗେନ୍ଦ୍ର ମଲ୍ଲିକ ନିର୍ଦ୍ଦେଶିତ 'ଉର୍ବଶୀ ଆସୁଛନ୍ତି ଇନ୍ଦ୍ରମହଲ୍'ରେ ସାନ ଉର୍ବଶୀ (କମେଡି), ଅରୁଣ ବାରିକ ରଚିତ ତଥା ଲିଟିଲ୍ ମାଷ୍ଟର ବିନୋଦ ରାଉତଙ୍କ ନିର୍ଦ୍ଦେଶିତ 'ଗଙ୍ଗା ପାପକଲେ ଧୋଇବ କିଏ' ଭାନୁ (କମେଡି)ରେ ଅଭିନୟ କରିଥିବା ବେଳେ ଡାଇନାମିକ୍ ଡାଇରେକ୍ଟର ତାପସ ସ୍ୱାଇଁ ନିର୍ଦ୍ଦେଶିତ ତଥା ନିହାର ମହାନ୍ତିଙ୍କ ରଚିତ ନାଟକ 'ଶ୍ରୀକୃଷ୍ଣ ମୋର ଶେଷ ସାକ୍ଷୀ'ରେ ତାଙ୍କୁ ମିଳିଛି ପାର୍ଶ୍ୱନାୟିକା ଭୂମିକା। ଏଥିରେ ସେ ଜିନା ନାମରେ ଦର୍ଶକଙ୍କ ସାମ୍ନାକୁ ଆସିବେ। ଯାତ୍ରା 'ଇନ୍ଦ୍ରଭୁବନ'ର କି' ବୋର୍ଡ ପ୍ଲେୟାର ଦୀପୁଙ୍କ ପ୍ରେରଣାରେ ଆଗକୁ ଆଗଉଥିବା ଜିନାଙ୍କର ସ୍ୱପ୍ନ ଭବିଷ୍ୟତରେ ସେ ଜଣେ ଭଲ ନାୟିକା ହେବେ।



"ରିଲାଏନ୍ସ ଇନ୍‌ଫ୍ରାଷ୍ଟ୍ରକ୍ଚର ଋଣ ୭୫ ବିଲିୟନକୁ ହ୍ରାସ ପାଇଛି । ଆସନ୍ତା ବର୍ଷ ଏହା ଋଣମୁକ୍ତ ହୋଇଯିବ ।
– ଅନିଲ ଅମ୍ବାନୀ, ଅଧ୍ୟକ୍ଷ ରିଲାଏନ୍ସ ଇନ୍‌ଫ୍ରା



"ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ଯୋଗୁ ଦେଶରେ ପେଟ୍ରୋଲ ଓ ଡିଜେଲ ଦର ବଢ଼ିଥିଲେ ହେଁ ଏହା ସାମୟିକ।
– ସୁଭାଷ ଚନ୍ଦ୍ର ଗର୍ଗ, କେନ୍ଦ୍ର ଆର୍ଥିକ ବ୍ୟାପାର ସଚିବ

## ସଂକ୍ଷେପରେ

### ରେକର୍ଡ ନିମ୍ନ ସ୍ତରରେ ଟଙ୍କା

**ନୂଆଦିଲ୍ଲୀ,୨୯-୮ (ପି.ଟି):** ବିଗତ କିଛି ଦିନ ଧରି ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ହ୍ରାସ ପରିଲକ୍ଷିତ ହୋଇଛି। ବୁଧବାର ଟଙ୍କା ମୂଲ୍ୟ ୪୯ ପଇସା ହ୍ରାସ ହୋଇଛି। ଏହା ଫଳରେ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ରେକର୍ଡ ନିମ୍ନ ସ୍ତର ୭୦.୬୯ ଟଙ୍କାକୁ ଖସିଛି। ଡଲାର ଚାହିଦା ଏବଂ ବିଦେଶୀ ପୁଞ୍ଜି ପ୍ରତ୍ୟାଗମନ ଫଳରେ ବଜାରରେ ଏଭଳି ସ୍ଥିତି ଉପୁଜିଛି। ଟଙ୍କା ୪୯ ପଇସା ହ୍ରାସ (୦.୭୦%) ଘଟି ୭୦.୬୫ ସ୍ତରରେ ରହିଛି। ଅଗଷ୍ଟ ୧୩ ପରଠାରୁ ଟଙ୍କା ମୂଲ୍ୟ ୧୦୧ ବା ୧.୬% ହ୍ରାସ ଘଟିଛି। ସୋମବାର ଟଙ୍କାର ନିମ୍ନ ସ୍ତର ୭୦.୧୬ ଟଙ୍କା ରହିଥିଲା। ଘରୋଇ ବଜାରର ବାଣିଜ୍ୟ ନିଅଣ୍ଟ ମଧ୍ୟ ଟଙ୍କା ମୂଲ୍ୟକୁ ପ୍ରଭାବିତ କରୁଛି। ବାଣିଜ୍ୟ ନିଅଣ୍ଟ ଗତ ପାଞ୍ଚ ବର୍ଷର ସର୍ବୋଚ୍ଚ ସ୍ତରରେ ରହି ୧୮ ବିଲିୟନ ଡଲାର ଛୁଇଁଛି। ବୁଧବାର ବିଦେଶୀ ପୁଞ୍ଜି ନିବେଶକମାନେ ବଜାରରୁ ୧୪୧୫ କୋଟି ପ୍ରତ୍ୟାହାର କରି ନେଇଛନ୍ତି। ମଙ୍ଗଳବାର ଟଙ୍କା ମୂଲ୍ୟରେ ୬ ପଇସା ସୁଧାର ଆସି ଡଲାର ତୁଳନାରେ ଏହାର ବିନିମୟ ମୂଲ୍ୟ ୭୦.୧୦ ଟଙ୍କା ରହିଥିଲା। ବୁଧବାର ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜ ବଜାର ଟଙ୍କା ୭୦.୩୨ ସ୍ତରରୁ କାରବାର ଆରମ୍ଭ କରିଥିଲା। ଏହା ପୂର୍ବରୁ ଟଙ୍କା ୭୦.୧୦ ସ୍ତରରୁ କାରବାର ଆରମ୍ଭ କରିଥିଲା। ମଧ୍ୟାହ୍ନ ସମୟରେ ଟଙ୍କା ମୂଲ୍ୟରେ ୫୫ ପଇସା ହ୍ରାସ ହେବା ଯୋଗୁ ଏହା ୭୦.୬୫ ଟଙ୍କା ଛୁଇଁଥିଲା।

### ପହିଲାରେ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଶୁଭାରମ୍ଭ

**ନୂଆଦିଲ୍ଲୀ,୨୯-୮(ପି.ଟି):** ସେପ୍ଟେମ୍ବର ପହିଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୋଷ୍ଟ ପେମେଣ୍ଟ ବ୍ୟାଙ୍କକୁ ଶୁଭାରମ୍ଭ କରିବେ। ଉକ୍ତ ବ୍ୟାଙ୍କରେ ୬୫୦ ଶାଖା ଏବଂ ୩୨୫୦ ଆକ୍ସେସ ପଏଣ୍ଟ ରହିବ। ସଞ୍ଚୟ, କରେଣ୍ଟ ଆକାଉଣ୍ଟ, ମନି ଟ୍ରାନ୍ସଫର, ସୁବିଧାର ପ୍ରତ୍ୟକ୍ଷ ହସ୍ତାନ୍ତର(ଡିବିଟି), ବିଲ୍, ୟୁଟିଲିଟି ପେମେଣ୍ଟ, ଏଣ୍ଟରପ୍ରାଇଜ୍, ମର୍ଚ୍ଚାଣ୍ଟ ପେମେଣ୍ଟ ଭଳି ବିଭିନ୍ନ ଆର୍ଥିକ ସୁବିଧା ଉକ୍ତ ବ୍ୟାଙ୍କରେ ଉପଲବ୍ଧ ହେବ। ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ୮୦% ଅତିରିକ୍ତ ଖର୍ଚ୍ଚ(୧୪୩୫ କୋଟି ଟଙ୍କା)କୁ କେନ୍ଦ୍ର କ୍ୟାବିନେଟ ବୁଧବାର ମଞ୍ଜୁରୀ ପ୍ରଦାନ କରିଥିବା ଜଣାଯାଇଛି। ବଜାରର ଅନ୍ୟ ପେମେଣ୍ଟ ବ୍ୟାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତାକୁ ନଜରରେ ରଖି ପୋଷ୍ଟ ପେମେଣ୍ଟ ବ୍ୟାଙ୍କରେ ୮୦୦ କୋଟି ପରିବର୍ତ୍ତେ ୧୪୩୫ କୋଟି ଟଙ୍କା ପୁଞ୍ଜି ବିନିଯୋଗ ଲାଗି ସରକାର ଯୋଜନା ଧାର୍ଯ୍ୟ କରିଛନ୍ତି। ବ୍ୟାଙ୍କ ଶୁଭାରମ୍ଭ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେବେ। ଏହି ଅବସରରେ ନୂଆଦିଲ୍ଲୀର ତଲକାତୋରା ଷ୍ଟାଡିୟମରେ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି।

### ଏୟାର ଇଣ୍ଡିଆରୁ ଏବେ ପୁଞ୍ଜି ପ୍ରତ୍ୟାହାର ହେବନି

**ନୂଆଦିଲ୍ଲୀ,୨୯-୮:** ଭାରି ଋଣବୋଝ ମୁଣ୍ଡାଇଥିବା ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆରୁ ନିକଟ ଭବିଷ୍ୟତରେ ପୁଞ୍ଜି ପ୍ରତ୍ୟାହାର ହେବ ନାହିଁ ବୋଲି କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି। ବରିଷ୍ଠ ଟିଏମ୍‌ସି ସାଂସଦ ଡେରେକ ଓ'ବ୍ରାଏନ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ପରିବହନ,ପର୍ଯ୍ୟଟନ ଓ ସଂସ୍କୃତି ସମ୍ପର୍କିତ ସଂସଦୀୟ କମିଟି ସମ୍ମୁଖରେ ହାଜର ହୋଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଏୟାର ଇଣ୍ଡିଆ ସମ୍ପର୍କରେ ସରକାରଙ୍କ ସ୍ଥିତି ସ୍ପଷ୍ଟ କରିଛନ୍ତି। ତେବେ ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀର ଆର୍ଥିକ ସ୍ଥିତିକୁ ସଜାଡ଼ିବା ଲାଗି ସରକାର କେତେ ପୁଞ୍ଜିନିବେଶ କରିଛନ୍ତି ତାହା କମିଟି ଜାଣିବାକୁ ଚାହିଁଥିଲେ। କମିଟି ସମ୍ମୁଖରେ ହାଜର ହୋଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ସଚିବ ଆର୍. ଏନ୍. ଚୌବେ କହିଛନ୍ତି ଯେ, ଏୟାର ଇଣ୍ଡିଆରୁ ଏବେ କିମ୍ବା ନିକଟ ଭବିଷ୍ୟତରେ ପୁଞ୍ଜି ପ୍ରତ୍ୟାହାର କରାଯିବନି। ଉପା ସରକାରଙ୍କ ସମୟରେ ଏୟାର ଇଣ୍ଡିଆକୁ ଲାଭଜନକ କରିବା ନେଇ ପ୍ରସ୍ତୁତ ଏକ ଯୋଜନାକୁ ଅନୁମୋଦନ କରାଯାଇଥିଲା।

### ଇଜ୍ ଅଫ୍ ଡୁଇଂ ବିଜନେସ୍ ର୍ୟାଙ୍କିଙ୍ଗ୍‌ରେ ପରିବର୍ତ୍ତନ ଆସିପାରେ

**ନୂଆଦିଲ୍ଲୀ,୨୯-୮(ପି.ଟି):** ଚଳିତ ଆର୍ଥିକବର୍ଷରେ ଭାରତର ଇଜ୍ ଅଫ୍ ଡୁଇଂ ବିଜନେସ୍ ର୍ୟାଙ୍କରେ ପରିବର୍ତ୍ତନ ଆସିପାରେ। ବିଶ୍ୱବ୍ୟାଙ୍କ ପକ୍ଷରୁ ହେଉଥିବା ଉକ୍ତ ର୍ୟାଙ୍କିଂରେ ଭାରତର ସ୍ଥିତିରେ ଉନ୍ନତି ଆସିବ ବୋଲି ସରକାର ଆଶା ରଖିଛନ୍ତି। ଏହି ରିପୋର୍ଟ ଅକ୍ଟୋବରରେ ଆସିବ। ରିପୋର୍ଟରେ ଭାରତର ପ୍ରଦର୍ଶନ ଭଲ ହେବା ସହ ଏଥିରେ ଉନ୍ନତି ଆସିବା ନେଇ ଆଶାବାଦୀ ରହିଥିବା ତାଇୱାନ୍ ଇଣ୍ଡିଆ ବିଜନେସ୍ କୋଲାବରେଶନ ସମିଟ୍ ଅବସରରେ ଶିଳ୍ପ ନୀତି ଓ ପ୍ରୋତ୍ସାହନ ବିଭାଗ ସଚିବ ରମେଶ ଅଭିଶେକ ସୂଚନା ଦେଇଛନ୍ତି। ଗତ ବର୍ଷ ପ୍ରକାଶିତ ଇଜ୍ ଅଫ୍ ଡୁଇଁ ବିଜନେଶ ତାଲିକାରେ ଭାରତ ୩୦ଟି ସ୍ଥାନକୁ ଉନ୍ନତି ହେବା ସହ ୧୦୦ରେ ରହିଛି।

# ବ୍ୟାଙ୍କ ମିଶ୍ରଣ ଲାଗି ସଜବାଜ

**ନୂଆଦିଲ୍ଲୀ,୨୯-୮**

### ତାଲିକା ତିଆରି କରିବ ଆର୍‌ବିଆଇ

- ୪-୫ଟି ବୃହତ୍ ବ୍ୟାଙ୍କ ପ୍ରତିଷ୍ଠା କରିବା ଲକ୍ଷ୍ୟ
- ୨୧ଟିରୁ ୧୧ଟି ବ୍ୟାଙ୍କ ଏବେ ଆର୍‌ବିଆଇର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହେଉଛି
- ଘରୋଇ ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷରେ ପ୍ରାୟ ୭୦ ପ୍ରତିଶତ ଜମା ସଂଗ୍ରହ କରିବାରେ ସଫଳ




ଦେଶର ୨୧ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ମିଶାଇ ଦେବା ଲାଗି ଏକ ତାଲିକା ପ୍ରସ୍ତୁତ କରିବାକୁ କେନ୍ଦ୍ର ସରକାର ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି। ଏନପିଏ ସମସ୍ୟାରୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ମୁକ୍ତି ଦେବା ଲାଗି ସରକାର ଏଭଳି ପଦକ୍ଷେପ ନେବାକୁ ଯାଉଛନ୍ତି ବୋଲି ଜଣେ ସରକାରୀ ଅଧିକାରୀ କହିଛନ୍ତି।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଚଳିତ ମାସ ଆରମ୍ଭରେ ରିଜର୍ଭ ବ୍ୟାଙ୍କ ଅଧିକାରୀଙ୍କ ସହ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ବୈଠକ ବସିଥିଲା। ମିଶ୍ରଣ ପାଇଁ ଏକ ସମୟସୀମା ନିର୍ଦ୍ଧାରଣ କରିବାକୁ ଅର୍ଥ ମନ୍ତ୍ରଣାଳୟ ଆର୍‌ବିଆଇକୁ ନିର୍ଦ୍ଦେଶ ଦେଇଛି। ଉଲ୍ଲେଖ କରାଯାଇପାରେ ଯେ, ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ତଥା ବିଶ୍ୱ ସ୍ତରର ୪-୫ଟି ବୃହତ ବ୍ୟାଙ୍କ ପ୍ରତିଷ୍ଠା କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ଆଗେଇ ଚାଲିଛନ୍ତି। ଏହି କ୍ରମରେ ଗତ ବର୍ଷ ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସବିଆଇ) ସହ ୬ଟି ବ୍ୟାଙ୍କର ମିଶ୍ରଣ ହୋଇଥିଲା। ଭାରତ ବିଶ୍ୱର ୧୦ ବୃହତ୍ ଅର୍ଥନୀତି ମଧ୍ୟରେ ଇଟାଲୀ ପରେ ଦ୍ୱିତୀୟ ସ୍ଥାନରେ ରହିଛି। ତେବେ ତ୍ରୁଟିପୂର୍ଣ୍ଣ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଯୋଗୁ ସର୍ବାଧିକ ଏନପିଏ ସୃଷ୍ଟି ହୋଇଛି। ୨୧ଟିରୁ ୧୧ଟି ବ୍ୟାଙ୍କ ଏବେ ଆର୍‌ବିଆଇର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହେଉଛନ୍ତି। ସେମାନଙ୍କୁ ଋଣ ପ୍ରଦାନରୁ ରୋକାଯାଇଛି। ଘରୋଇ ବ୍ୟାଙ୍କ ସେମାନଙ୍କର ବଜାର ଅଂଶ ଉପରେ କବ୍ଜା କରି ନିଅନ୍ତୁ ଏହା ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡ଼ିକ ଚାହୁଁନାହାନ୍ତି ବୋଲି ବ୍ୟାଙ୍କ ଅଫ ବରୋଦାର ବିଦାୟୀ ଅଧ୍ୟକ୍ଷ ରବି ଭେଙ୍କଟେଶନ ପ୍ରକାଶ କରିଛନ୍ତି। ଘରୋଇ ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷରେ ପ୍ରାୟ ୭୦ ପ୍ରତିଶତ ଜମା ସଂଗ୍ରହ କରିବାରେ ସଫଳ ହୋଇଥିବା ବେଳେ ପ୍ରାୟ ୮୦ ପ୍ରତିଶତ ଋଣ ଦେଇଛନ୍ତି। ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ କେନ୍ଦ୍ର ସରକାରଙ୍କ ୫୧ ପ୍ରତିଶତ ଶେୟାର ରହିଥିବାରୁ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ଲାଗି ସେମାନେ ସରକାରଙ୍କ ଉପରେ ଭରସା କରିବାକୁ ବାଧ୍ୟ ହେଉଛନ୍ତି।

# ଡାଲମିଆ ଡିଏସ୍‌ପି ସିମେଣ୍ଟ ୟୁନିଟର ଭିତ୍ତିପ୍ରସ୍ତର ସ୍ଥାପନ

**ଭୁବନେଶ୍ୱର,୨୯-୮**



ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ୍‌ର ପ୍ରମୁଖ କମ୍ପାନୀ ଓସିଏଲ୍ ଇଣ୍ଡିଆ ପକ୍ଷରୁ ରାଜଗାଙ୍ଗପୁରଠାରେ ତୃତୀୟ ସମନ୍ୱିତ ସିମେଣ୍ଟ କାରଖାନାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହି ନୂଆ ୟୁନିଟର ନାମ ଡାଲମିଆ ଡିଏସ୍‌ପି ୟୁନିଟ୍ ରହିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ସଚିବାଳୟରୁ ଭିଡିଓକନଫରେନ୍ସ ଯୋଗେ ଉକ୍ତ ୟୁନିଟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ଡାଲମିଆ ଭାରତ ସିମେଣ୍ଟର ଗ୍ରୁପ୍ ସିଇଓ ମହେନ୍ଦ୍ର ସିଂଘି, ଓସିଏଲ୍ ଇଣ୍ଡିଆର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଅମନଦୀପ, କର୍ପୋରେଟ ବ୍ୟାପାର(ପୂର୍ବ) ମୁଖ୍ୟ ଜୟରାମ ମିଶ୍ର ଉପସ୍ଥିତ ଥିଲେ। ସେହିଭଳି ରାଜଗାଙ୍ଗପୁରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କମ୍ପାନୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମାନୁଫାକଚରିଂ (ପୂର୍ବ) ସୁନୀଲ ଗୁପ୍ତା ଏବଂ ଜିଲା ପ୍ରଶାସନର ଉଚ୍ଚ ପଦାଧିକାରୀମାନେ ଯୋଗ ଦେଇଥିଲେ। ପୂର୍ବଭାରତର ଭିତ୍ତିଭୂମି ଅଭିବୃଦ୍ଧି ଯୋଗୁ ସିମେଣ୍ଟ ଚାହିଦାରେ ବୃଦ୍ଧି ହେଉଛି। ଉକ୍ତ ଚାହିଦାକୁ ପୂରଣ କରିବା ତଥା ନୂଆ ୟୁନିଟ ଜରିଆରେ ନୂତନ କ୍ଷମତାକୁ ଉପଯୋଗ କରିବା ଦିଗରେ ନୂଆ ୟୁନିଟ ବିଶେଷ ଭାବେ ସହାୟକ ହେବ ବୋଲି ସିଂଘି ସୂଚନା ଦେଇଛନ୍ତି।

# ଅଭିବୃଦ୍ଧି ୭.୪% ଛୁଇଁବ

### ଆର୍‌ବିଆଇ ବାର୍ଷିକ ରିପୋର୍ଟ




**ମୁମ୍ବାଇ,୨୯-୮(ପି.ଟି)**

ଚଳିତ ଆର୍ଥିକ ବର୍ଷରେ ଘରୋଇ ବଜାରର ଜିଡିପି ଅଭିବୃଦ୍ଧି ୭.୪% ଛୁଇଁବ ବୋଲି ଆଶା କରାଯାଉଛି। ଶିଳ୍ପ କ୍ଷେତ୍ରରେ ଉନ୍ନତ ଅବସ୍ଥା ତଥା ମୌସୁମୀ ସ୍ଥିତିରେ ଉନ୍ନତି ହେବା ଯୋଗୁ ଜିଡିପି ଅଭିବୃଦ୍ଧି ଉନ୍ନତ ହେବ। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପକ୍ଷରୁ ଏଭଳି ଆକଳନ କରାଯାଇଛି। ଆର୍‌ବିଆଇ ପକ୍ଷରୁ ପ୍ରକାଶିତ ଏହାର ବାର୍ଷିକ ରିପୋର୍ଟରେ ଏଭଳି ପ୍ରସଙ୍ଗ ସ୍ଥାନିତ ହୋଇଛି। ଖୁଚୁରା ମୁଦ୍ରାସ୍ଫୀତିକୁ ମଧ୍ୟବର୍ତ୍ତିକାଳୀନ ସମୟ ଲାଗି ୪%ରେ ସୀମିତ ରଖିବା ଲାଗି କେନ୍ଦ୍ରୀୟ ବ୍ୟାଙ୍କ ଯୋଜନା ରହିଛି। ସେହିଭଳି ଏହି ଆଧାରରେ ମୁଦ୍ରାନୀତି ସଂକ୍ରାନ୍ତ ଯୋଜନା ଧାର୍ଯ୍ୟ ହେବ। ଅଭିବୃଦ୍ଧିକୁ ସୁହାଇଲା ଭଳି କେନ୍ଦ୍ରୀୟ ବ୍ୟାଙ୍କ ବିଭିନ୍ନ ଯୋଜନା ଉପରେ ଧ୍ୟାନ ଦେଉଥିବା କହିଛି।

ବିଶ୍ୱ ବଜାରର ସ୍ଥିତି ଘରୋଇ ବଜାରରେ ନକାରାତ୍ମକ ପ୍ରଭାବ ପକାଉଥିବା ବେଳେ ଚଳନ୍ତି ଖାତା ନିଅଣ୍ଟକୁ ନିୟନ୍ତ୍ରଣ କରିବା ଲାଗି ପଦକ୍ଷେପ ଉପରେ ଏହା ଗୁରୁତ୍ୱାରୋପ କରିଛି। ଚଳନ୍ତି ଖାତା ନିଅଣ୍ଟ ମୋଟ ଜିଡିପିର ୨% ରହିବ ବୋଲି ଆକଳନ କରାଯାଇଛି। କୃଷି ଉତ୍ପାଦନରେ ଉନ୍ନତି, ଶିଳ୍ପ ଅଭିବୃଦ୍ଧି, ମାନୁଫାକଚରିଂ, ଖଣି କାର୍ଯ୍ୟରେ ଉନ୍ନତି ସହ ସେବା କ୍ଷେତ୍ରରେ ଉନ୍ନତିଧାରା ଲାଗି ରହିବ ବୋଲି ଏହା ରିପୋର୍ଟରେ ପ୍ରକାଶ କରିଛି। ଇନସଲଭେନ୍ସି ବ୍ୟାଙ୍କରପ୍ସି କୋଡ, ବ୍ୟାଙ୍କ ପୁଞ୍ଜିକରଣ ଭଳି ବିଭିନ୍ନ ପଦକ୍ଷେପ ଅର୍ଥନୀତି ଉପରେ ଭଲ ପ୍ରଭାବ ପକାଇବ ବୋଲି ଆର୍‌ବିଆଇ କହିଛି।

#### ୨୦୧୯ରେ ଏନ୍‌ପିଏ ବୃଦ୍ଧି ଘଟିବ

ବ୍ୟାଙ୍କଗୁଡିକ ଲାଗି ଅନାଦାୟ ଋଣ(ଏନ୍‌ପିଏ) ଏକ ପ୍ରମୁଖ ସମସ୍ୟା ହୋଇଥିବା ବେଳେ ଏହା ହ୍ରାସ ହେବାର ନାଁ ଧରୁ ନାହିଁ। ଚଳିତ ଆର୍ଥିକ ବର୍ଷରେ ଘରୋଇ ବଜାରରେ ଅବସ୍ଥା ଭଲ ନ ଥିବା ବେଳେ ଏନପିଏ ବୃଦ୍ଧି ଘଟିବ ବୋଲି ଆର୍‌ବିଆଇ ରିପୋର୍ଟରେ ପ୍ରକାଶ ପାଇଛି। ଏନପିଏ ବୃଦ୍ଧି ବ୍ୟାଙ୍କଗୁଡିକର ଲାଭ ଉପରେ ପ୍ରଭାବ ପକାଉଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

#### ସରକାରଙ୍କୁ ଆର୍‌ବିଆଇ ଦେଇଛି ୫୦,୦୦୦ କୋଟି

୨୦୧୮ ଜୁନ ୩୦ରେ ଶେଷ ହୋଇଥିବା ଆର୍ଥିକ ବର୍ଷ ଶେଷ ସୁଦ୍ଧା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ସରକାରଙ୍କୁ ୫୦,୦୦୦ କୋଟି ଟଙ୍କା ପ୍ରଦାନ କରିଛି। ଆରବିଆଇ ପ୍ରଦାନ କରୁଥିବା ଉକ୍ତ ଅର୍ଥରେ ୬୩.୦୮% ବୃଦ୍ଧି ଘଟିଛି। ୨୦୧୬-୧୭ ଆର୍ଥିକ ବର୍ଷରେ ଆରବିଆଇ ୩୦,୬୫୯ କୋଟି ଟଙ୍କା ପ୍ରଦାନ କରିଥିଲା।

#### ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରେ ଅଧିକ ଠକେଇ

ଦେଶର ଘରୋଇ ବ୍ୟାଙ୍କ ତୁଳନାରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରେ ଅଧିକ ଠକେଇ ହେଉଛି। ବ୍ୟାଙ୍କଗୁଡିକରେ ହେଉଥିବା ମୋଟ ଠକେଇ ପରିମାଣ ମଧ୍ୟରୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ଅଂଶ ୯୨.୯% ରହିଥିବା ଆର୍‌ବିଆଇ ରିପୋର୍ଟରେ ପ୍ରକାଶ ପାଇଛି। ଘରୋଇ ବ୍ୟାଙ୍କରେ ଏହା ୬% ରହିଛି। ଗତ ୧୦ ବର୍ଷ ମଧ୍ୟରେ ବ୍ୟାଙ୍କଗୁଡିକରେ ୪୫୦୦ ଠକେଇ ସାମ୍ନାକୁ ଆସିଥିବା ବେଳେ ୨୦୧୭-୧୮ରେ ଏହା ୫୮୩୫କୁ ବୃଦ୍ଧି ଘଟିଛି। ୨୦୧୭-୧୮ ଆର୍ଥିକ ବର୍ଷରେ ବ୍ୟାଙ୍କ ଠକେଇରେ ୪୧୦ ବିଲିୟନ ଅର୍ଥ କ୍ଷତି ହୋଇଥିବା ଜଣାପଡ଼ିଛି।

#### ବଜାରରେ ୫୦ ଓ ୧୦୦ ଟଙ୍କିଆ ଜାଲ୍ ନୋଟ୍ ବୃଦ୍ଧି

ଦେଶରେ ୫୦ ଏବଂ ୧୦୦ ଟଙ୍କିଆ ଜାଲ୍ ନୋଟ୍ ଧରାପଡିଛି। ୨୦୧୭-୧୮ ଆର୍ଥିକ ବର୍ଷରେ ଏଥିରେ ବେଶ୍ ବୃଦ୍ଧି ପରିଲକ୍ଷିତ ହୋଇଛି ବୋଲି ରିଜର୍ଭ ବ୍ୟାଙ୍କ ରିପୋର୍ଟରେ ଦର୍ଶାଯାଇଛି। ବୁଧବାର ଆର୍‌ବିଆଇ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ୨୦୧୭-୧୮ରେ ୨୩,୪୪୭ ଜାଲ୍ ୫୦ ଟଙ୍କିଆ ନୋଟ୍ ଧରାପଡିଛି, ଯାହାକି ପୂର୍ବବର୍ଷ ତୁଳନାରେ ୧୫୪.୩ ପ୍ରତିଶତ ଅଧିକ। ୨୦୧୬-୧୭ରେ ଏହା ୯,୨୨୨ ଓ ୨୦୧୫-୧୬ରେ ୬୪୫୩ ଜାଲ୍ ନୋଟ୍ ଧରାପଡିଥିଲା। ସେହିଭଳି ଆଲୋଚ୍ୟ ବର୍ଷରେ ଦେଶରେ ୩୫% ହାରରେ ୧୦୦ ଟଙ୍କିଆ ଜାଲ୍ ନୋଟ୍ ଧରାପଡିଛି। ଏହି ସମୟରେ ୨,୩୯,୧୮୨ଟି ଜାଲ୍ ୧୦୦ ଟଙ୍କିଆ ନୋଟ୍ ଜବତ ହୋଇଛି। ତେବେ ଅଚଳ ହୋଇଥିବା ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍‌ର ଜବତ ପରିମାଣ ଯଥାକ୍ରମେ ୫୯.୭ ପ୍ରତିଶତ ଓ ୫୯.୬ ପ୍ରତିଶତ ହ୍ରାସ ପାଇଛି।

#### ୬୪,୧୦୬ କୋଟି ଟଙ୍କାର ଏନ୍‌ପିଏ ହ୍ରାସ

ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ୨୦୧୭-୧୮ ଆର୍ଥିକ ବର୍ଷରେ ସେମାନଙ୍କ ମୋଟ୍ ଅନାଦାୟ ଋଣ ମଧ୍ୟରୁ ୬୪,୧୦୬ କୋଟି ଟଙ୍କା ହ୍ରାସ କରିଛନ୍ତି। ଋଣ ଆଦାୟ ଦ୍ୱାରା ବ୍ୟାଙ୍କ ଗୁଡିକ ଏନ୍‌ପିଏ ହ୍ରାସ କରିଥିବା ଜଣା ପଡିଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରେ ଏନ୍‌ପିଏ ୮.୯୫ ଲକ୍ଷ କୋଟି ଟଙ୍କା ରହିଥିବାରୁ ଏହି ଆଦାୟ ଅପେକ୍ଷାକୃତ ନଗଣ୍ୟ। ସୂଚନା ଅଧିକାର ଆଇନରେ ମଗାଯାଇଥିବା ତଥ୍ୟରୁ ଏହା ସାମ୍ନାକୁ ଆସିଛି। ୨୦୧୫-୧୬ ଏବଂ ୨୦୧୬-୧୭ ଆର୍ଥିକ ବର୍ଷରେ ଯଥାକ୍ରମେ ୫୩,୨୫୦ କୋଟି ଏବଂ ୪୦,୯୦୨ କୋଟି ଏନ୍‌ପିଏ ଆଦାୟ ହୋଇଥିବା ଆରବିଆଇ ତଥ୍ୟରୁ ଏହା ସାମ୍ନାକୁ ଆସିଛି। ୨୧ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଗ୍ରସ୍ ଏନ୍‌ପିଏ ୨୦୧୫-୧୬ ଆର୍ଥିକ ବର୍ଷରେ ୫.୩୯ ଲକ୍ଷ କୋଟି ଟଙ୍କା ଥିବା ବେଳେ ଏହା ୨୦୧୬-୧୭ ଆର୍ଥିକ ବର୍ଷରେ ୬.୮୪ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ଘଟିଛି।

# ଓଡ଼ିଶା ୟୁନିଟର ସମ୍ପ୍ରସାରଣ କରିବ ଶ୍ରୀ ମାଲାନି ଗ୍ରୁପ୍

**ଭୁବନେଶ୍ୱର,୨୯-୮**



କମ୍ଫର୍ଟ ଓ ବେଡିଂ ଶିଳ୍ପ କ୍ଷେତ୍ରରେ ପ୍ରମୁଖ କମ୍ପାନୀ ଶ୍ରୀ ମାଲାନୀ ଗ୍ରୁପର ଅଂଶ ଶ୍ରୀ ମାଲାନୀ ଫୋମସ୍ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଏହାର ଖୋର୍ଦ୍ଧାସ୍ଥିତ ଉତ୍ପାଦନ ୟୁନିଟର ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି। ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓକନଫରେନ୍ସ ଯୋଗେ ଉକ୍ତ ୟୁନିଟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସିଦ୍ଧାର୍ଥ ମାଲାନି, ଇଡ୍‌କୋ ସମେତ ଅନ୍ୟାନ୍ୟ ସରକାରୀ ଏଜେନ୍ସିର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ୧୮.୫ ଏକର ପରିମିତ ସ୍ଥାନରେ ନିର୍ମାଣ ହେବାକୁ ଥିବା ଉକ୍ତ ପ୍ଲାଣ୍ଟରେ ୫୫ କୋଟି ବିନିଯୋଗ ଲାଗି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ୟୁନିଟର ବାର୍ଷିକ କ୍ଷମତା ୬ ହଜାର ଟନ୍ ରହିବ। ଏହି ୟୁନିଟ ଦ୍ୱାରା କମ୍ପାନୀ ଓଡ଼ିଶା ସମେତ ପୂର୍ବ ଭାରତରେ ଏହାର ଉପସ୍ଥିତିକୁ ଦୃଢ କରିବାକୁ ଲକ୍ଷ୍ୟ ରଖିଛି। ୟୁନିଟ କାର୍ଯ୍ୟକାରୀ ହେଲେ ୧୫୦ ଜଣ ଲୋକଙ୍କୁ ପ୍ରତ୍ୟକ୍ଷ ଭାବେ ନିଯୁକ୍ତି ସୁଯୋଗ ମିଳିବ। ସେହିଭଳି ପରୋକ୍ଷ ଭାବେ ୫୦୦ ଲୋକ ଏଠାରେ କର୍ମନିଯୁକ୍ତି ପାଇବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ୨୦୧୫ରେ ମାଲାନୀ ଗ୍ରୁପ ଖୋର୍ଦ୍ଧାଠାରେ ଏହାର ଏକ ୟୁନିଟ ସ୍ଥାପନ କରିଥିବା ବେଳେ ଏଠାରେ ସେଞ୍ଚୁରୀ ମ୍ୟାଟ୍ରେସ ଉତ୍ପାଦନ କରୁଛି। ଅଭିବୃଦ୍ଧି ରଣ ନୀତିରେ ଉକ୍ତ ୟୁନିଟ୍ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କମ୍ପାନୀର ଅଧ୍ୟକ୍ଷ ପୁରୁଷୋତ୍ତମ ମାଲାନି ସୂଚନା ଦେଇଛନ୍ତି।

# ବଡ଼ ପାଣ୍ଠି ଗଠନ ଲାଗି ଠିକ୍ ସ୍କିମ୍‌ରେ ନିବେଶ ଜରୁରୀ

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER[CM]
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**ପ୍ର: ମୋର ସ୍ୱଳ୍ପ ରୋଜଗାର ଓ ବୟସ ୪୧ ବର୍ଷ ଏବଂ ୬ ପ୍ରାଣୀଙ୍କୁ ନେଇ ମୋ ପରିବାରର ମାସିକ ଖର୍ଚ୍ଚ ୯୦୦୦/– ଟଙ୍କା । ସ୍ୱଳ୍ପ ଆୟ ହେତୁ କୌଣସି ପ୍ରକାରର ସଞ୍ଚୟ ନାହିଁ। ଜମି ବିକି ଏବେ ୯ ଲକ୍ଷଟଙ୍କା ପାଇଛି। ଏହି ଅର୍ଥକୁ କେଉଁ ପ୍ରକାର ସ୍କିମ୍‌ରେ ନିବେଶ କରିବି? ନିରାପଦରେ ବାର୍ଷିକ ସୁଧ ପାଇପାରିବି ଓ ପରିବାରର ଗୁଜୁରାଣ ମେଣ୍ଟାଇ ପାରିବି? ଆପଣ ମୋତେ ନିର୍ଭରଯୋଗ୍ୟ ପରାମର୍ଶ ଦେବା ପାଇଁ ଅନୁରୋଧ।**

**– ସନାତନ ମାଝି, ନୟାଗଡ଼**

ଉ: ଆପଣଙ୍କ ପରିସ୍ଥିତିକୁ ଦୃଷ୍ଟିରେ ରଖି ସମୁଦାୟ ପାଣ୍ଠିକୁ ସୁରକ୍ଷିତ ସ୍କିମରେ ନିବେଶ କରିବା ଉଚିତ୍ ହେବ। କୌଣସି ରିସ୍କ ବା କ୍ଷତି ହେବା ଭଳି ସ୍କିମ୍‌ରେ ନିବେଶ କରିବେ ନାହିଁ। ନିବେଶ ପୂର୍ବରୁ ନିବେଶ ସମ୍ପର୍କିତ ସମସ୍ତ ତଥ୍ୟ ଭଲ ଭାବରେ ବୁଝିବା ନିହାତି ଆବଶ୍ୟକ ଓ ଜରୁରୀ ମଧ୍ୟ। ଅଧିକ ସୁଧ ପାଇବା ଆଶାରେ କୌଣସି ଚିଟ୍‌ଫଣ୍ଡ ବା କମ୍ପାନୀରେ ନିବେଶ ନ କରିବା ପାଇବା ପାଇଁ ଆମର ପରାମର୍ଶ। ଆପଣ ଏହି ପାଣ୍ଠିର କିଛି କୌଣସି ବ୍ୟାଙ୍କରେ ସ୍ଥାୟୀଜମା କରିବା ଉଚିତ ହେବ। କିଛି ଟଙ୍କା ଡାକଘର ମାସିକ ଆୟ ଯୋଜନା(ପିଓ-ଏମ୍‌ଆଇଏସ୍) ସ୍କିମରେ ଜମା କରିବେ ଯାହାର ସୁଧହାର ବାର୍ଷିକ ୭.୩% ଅଛି। ଯଦି ୫ ଲକ୍ଷ ଟଙ୍କା ଏହି ସ୍କିମରେ ରଖନ୍ତି ତେବେ ୫ ବର୍ଷ ପର୍ଯ୍ୟନ୍ତ ସୁଧରାଶି ପାଇବେ ଓ ୫ ବର୍ଷ ପରେ ମୂଳଧନ ଫେରି ପାଇବେ।

ଯେହେତୁ ଆପଣଙ୍କ ଉପରେ ଏକ ବଡ ପରିବାର ଆର୍ଥିକ ଦୃଷ୍ଟିକୋଣରୁ ନିର୍ଭର କରୁଛି ଆପଣ ଏକ ଛୋଟ ଟର୍ମ ପ୍ଲାନ୍ ବା ଖାଣ୍ଟି ଜୀବନବୀମା କିଣିନେବା ଉଚିତ ହେବ। ଦେଖନ୍ତୁ, ଯେହେତୁ ଆପଣଙ୍କର ନିୟମିତ ଆୟ ନାହିଁ ତେଣୁ ଦୀର୍ଘକାଳୀନ ହିସାବରେ ପଲିସି ନେବେ ନାହିଁ। ଯଦି ସୁବିଧା ହେଉଛି ତେବେ ଗୋଟିଏ ମାତ୍ର ପ୍ରିମିୟମ ଦେବା ଭଳି (ସିଙ୍ଗଲ ପ୍ରିମିୟମ) ଏକ ଛୋଟ ପଲିସି କିଣିବା ଉଚିତ୍ ହେବ।

ଆମର ପରାମର୍ଶ ଆପଣ ଅଧିକ ସୁଧ ବା ଲାଭ ପାଇବା ଆଶାରେ କୌଣସି ଖରାପ ସ୍କିମରେ ନିବେଶ କରିବେ ନାହିଁ। ଯଦି ସ୍କିମ ବିଷୟରେ ସନ୍ଦେହ ଆସୁଛି ତେବେ ସମସ୍ତ ବିଷୟ ପଚାରି ବୁଝିବାକୁ ଚେଷ୍ଟା କରିବେ ଏବଂ କୌଣସି ହାତ ଉଧାରି ସ୍କିମରେ ରଖିବେ ନାହିଁ। ଆପଣଙ୍କ ପରିସ୍ଥିତି ଓ ଆର୍ଥିକ ଅବସ୍ଥାକୁ ଦୃଷ୍ଟିରେ ରଖି ଆପଣଙ୍କ ପାଇଁ ପ୍ରଥମତଃ ଓ ମୁଖ୍ୟ ଦିଗ ହେଉଛି ମୂଳଧନର ସୁରକ୍ଷା।

**ପ୍ର: ମୋର ବୟସ ୩୦ ବର୍ଷ ଏବଂ ଏକ ଛୋଟ ଦୋକାନ କରିଛି। ମୋର ବୁଢ଼ା ବୟସ ଖର୍ଚ୍ଚ ପାଇଁ କିଛି ବି ସଞ୍ଚୟ କରିନାହିଁ। ମୋର କୌଣସି ପେନ୍‌ସନ ନାହିଁ। ଯେହେତୁ ବ୍ୟବସାୟ କରୁଛି ପ୍ରତିଦିନ କିଛି ଟଙ୍କା ସଞ୍ଚୟ କରି ଏକ ପାଣ୍ଠି ଗଠନ କରିପାରିବି କି? ମୋର ଅନୁରୋଧ ଆପଣ ଏ ବିଷୟରେ ପରାମର୍ଶ ଲେଖିବେ।**

**– ଗୋଲକ ସ୍ୱାଇଁ, ବ୍ରହ୍ମପୁର**

ଉ: ଅନେକ ଲୋକଙ୍କର ଧାରଣା ଯେ ଏକ ବଡ ପାଣ୍ଠି ଗଠନ କରିବା ପାଇଁ ଅଧିକ ଟଙ୍କା ନିବେଶ କରିବା ଆବଶ୍ୟକ। ଯେତେବେଳେ ଆମେ ବହୁତ ବଡ ପାଣ୍ଠି ଗଠନ କଥା ଚିନ୍ତା କରିଥାଉ ସେତେବେଳେ ଆମେ ଭାବିଥାଉ ଯେ, ବହୁତ ଗୁଡାଏ ଟଙ୍କା ହେଲେ ହେଁ ଏକ ପାଣ୍ଠି ବା ସମ୍ପଦ ବା ଧନଶାଳୀ ସମ୍ଭବ ହେବ ଯାହାକି ଏକଦମ୍ ଭୁଲ୍ ଧାରଣା। ପ୍ରକୃତରେ ଏହା ବହୁତ ସହଜ ଓ ଆମ ଚିନ୍ତାଧାରାର ସମ୍ପୂର୍ଣ୍ଣ ଓଲଟା।

ଯଦିଆପଣ ଦୈନିକ ୪୦ ଟଙ୍କା ସଞ୍ଚୟ କରନ୍ତି ତେବେ ମଧ୍ୟ ଅବସରକାଳୀନ ପାଣ୍ଠି ଗଠନ କରିପାରିବେ। ଉପରୋକ୍ତ ଟେବୁଲକୁ ଦୃଷ୍ଟି ଦେଲେ ବୁଝିପାରିବେ। ଦୈନିକ ୪୦ ଟଙ୍କା ହିସାବରେ ଆପଣ ମାସିକ ୧୨୦୦ଟଙ୍କା ଓ ବାର୍ଷିକ ୧୪୬୦୦/– ସଞ୍ଚୟ କରି ଏକ ବଡ ପାଣ୍ଠି ଗଠନ କରିପାରିବେ। ଆପଣଙ୍କୁ ପରାମର୍ଶ ନିୟମିତ ଓ ଶୃଙ୍ଖଳିତ ଭାବରେ ଠିକ୍ ସ୍କିମରେ ନିବେଶ କରନ୍ତୁ ଓ ନିଜ ପାଇଁ ଏକ ବଡ଼ ପାଣ୍ଠି ଗଠନ କରିପାରିବେ।

**ଯଦି ଆସନ୍ତା ୩୦ ବର୍ଷ ପର୍ଯ୍ୟନ୍ତ ସଞ୍ଚୟ ବା ନିବେଶ କରାଯାଏ**

| ସଞ୍ଚୟ ବା ନିବେଶ ସ୍କିମ | ଦୈନିକ ମାତ୍ର ୪୦/–ଟଙ୍କା ସଞ୍ଚୟ ବା ନିବେଶ |
|---|---|
| ପବ୍ଲିକ ପ୍ରୋଭିଡେଣ୍ଟଫଣ୍ଡ(ପିପିଏଫ) (ବର୍ତ୍ତମାନ ବାର୍ଷିକ ସୁଧହାର ୭.୬%) | ୧୫,୩୭,୪୩୨/– |
| ସେନସେକ୍ସ ଧରି ନେବା ବାର୍ଷିକ୧୨% ସୁଧହାର | ୩୫,୨୩,୪୫୭/– |
| ମ୍ୟୁଚୁଆଲ ଫଣ୍ଡ– ଡାଇଭର୍ସିଫାଏଡ ଇକ୍ୟୁଟି ଫଣ୍ଡ ଧରିନେବା ବାର୍ଷିକ ୧୫/– ସୁଧହାର | ୬୩,୪୭,୨୭୯/– |

**ପ୍ର: ମୁଁ ୧ କୋଟି ଟଙ୍କର ଏକ ଟର୍ମ ପ୍ଲାନ୍ କିଣିବା ପାଇଁ ଇଚ୍ଛୁକ । କେଉଁ କମ୍ପାନୀର କିଣିଲେ ଭଲ ହେବ? କେଉଁ ଦିଗ ପ୍ରତି ଦୃଷ୍ଟି ଦେବା ନିହାତି ଜରୁରୀ? ଏ ବିଷୟରେ ପରାମର୍ଶ ଦେବେ।**

**– ଅମର ସାହୁ, ଝାରସୁଗୁଡା**

ଉ: ଖାଣ୍ଟି ଜୀବନବୀମା କିଣିବା ବେଳେ ଜୀବନବୀମା କମ୍ପାନୀର ମୃତ୍ୟୁକାଳୀନ ବୀମା ରାଶି ପରିଶୋଧ ଅନୁପାତ (କ୍ଲେମ୍ ସେଟେଲମେଣ୍ଟ ରେସିଓ)କୁ ଦୃଷ୍ଟିଦେବା ନିହାତି ଜରୁରୀ। ବିଗତ ୧୦ ବର୍ଷର ମୃତ୍ୟୁକାଳୀନ ଜମାରାଶି ପରିଶୋଧ ଅନୁପାତକୁ ଦେଖିବା ଆବଶ୍ୟକ। ଆପଣ ଆଇଆର୍‌ଡିଏ ରିପୋର୍ଟ ଦେଖିପାରିବେ। ଯେଉଁ କମ୍ପାନୀ ବିଗତ ୧୦ ବର୍ଷରେ ସର୍ବାଧିକ ଅଛି ସେହି କମ୍ପାନୀର ପ୍ଲାନ କିଣି ପାରିବେ।

**ଆମ ଠିକଣା**
ବିଜ୍‌ନେସ ଧରିତ୍ରୀ
ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ,
ଭୁବନେଶ୍ୱର – ୧୦

# ସିଲ୍‌ଭର ଗର୍ଲ

**ତାରକା ମହିଳା ସ୍ପ୍ରିଣ୍ଟର ତଥା ଦେଶର ଦ୍ରୁତତମ ଧାବିକା ଦୂତୀ ଚାନ୍ଦଙ୍କ ପାଇଁ ଚଳିତ ଏସିଆନ୍ ଗେମ୍ସ ବେଶ୍ ଭାଗ୍ୟଶାଳୀ ସାବ୍ୟସ୍ତ ହୋଇଛି। ନିଜର ଫେଭରାଇଟ୍ ଇଭେଣ୍ଟ ୧୦୦ ଓ ୨୦୦ମିଟର ଦୌଡରେ ଦୂତୀ ଦମ୍‌ଦାର ପ୍ରଦର୍ଶନ କରି ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ଅସାଧାରଣ ସଫଳତା ତାଙ୍କ କ୍ୟାରିୟର ପାଇଁ ଆଉ ଏକ ମାଇଲଖୁଣ୍ଟ ସଦୃଶ ହୋଇଛି। ଏଥିପାଇଁ ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟିଛି।**



ରୌପ୍ୟ ପଦକ ସହ ଦୂତୀ ଚାନ୍ଦ ।

ଜାକର୍ତ୍ତା, ୨୯।୮ (ପି.ଟି.)

ନିଜକୁ ଦେଶର ଦ୍ରୁତତମ ଧାବିକା ଭାବେ ପୂର୍ବରୁ ପ୍ରମାଣ କରିଥିବା ତାରକା ମହିଳା ସ୍ପ୍ରିଣ୍ଟର ଦୂତୀ ଚାନ୍ଦ ପୁଣି ଥରେ ଦେଶ ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି। ଇଣ୍ଡୋନେସିଆରେ ଚାଲିଥିବା ୧୮ତମ ଏସିଆନ ଗେମ୍ସରେ ଦୂତୀ ୧୦୦ ମିଟର ଦୌଡରେ ରୌପ୍ୟ ପଦକ ହାସଲ କରିବା ପରେ ୨୦୦ ମିଟର ଦୌଡରେ ମଧ୍ୟ ଅନୁରୂପ ସଫଳତା ହାସଲ କରିଛନ୍ତି। ଏହି କ୍ରୀଡ଼ା ମହାକୁମ୍ଭର ୧୧ତମ ଦିବସରେ ଦୂତୀ ୨୩.୨୦ ସେକେଣ୍ଡ ସମୟ ନେଇ ୨୦୦ ମିଟର ଦୌଡରେ ଦ୍ୱିତୀୟସ୍ଥାନ ଅଧିକାର କରି ରୌପ୍ୟ ଜିତିଛନ୍ତି। ପ୍ରଥମଥର ପାଇଁ ସେ ଏଭଳି ମେଜର ଇଭେଣ୍ଟରେ ଦ୍ୱୈତ ସଫଳାତା ପାଇଛନ୍ତି।

ଆନ୍ତର୍ଜାତିକ କ୍ରୀଡ଼ାରେ ଦୂତୀ ସଫଳତା ହାସଲ କରିବା ଆଦୌ ନୂଆ ନୁହଁ। ଯଦିଓ ପୂର୍ବରୁ ସେ ଏସିଆନ ଗେମ୍ସରେ ଏଭଳି ଭାବେ ସଫଳତା ପାଇନାହାନ୍ତି। ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚକା ଗୋପାଳପୁର ଗାଁରୁ ଅସିଥିବା ଦୂତୀ ଜୁନିୟରଠାରୁ ସିନିୟରସ୍ତର ପର୍ଯ୍ୟନ୍ତ ସବୁ ପ୍ରକାର ସଫଳତା ଅର୍ଜନ କରିଛନ୍ତି। ଏକ ସାଧାରଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ଦୂତୀ ଭାରତୀୟ ଆଥଲେଟିକ୍ସର ଶୀର୍ଷରେ ପହଞ୍ଚି ପାରିଛନ୍ତି। ଜାମାଇକା କିମ୍ବଦନ୍ତୀ ଧାବକ ଉସେନ ବୋଲ୍ଟଙ୍କୁ ନିଜର ଆଦର୍ଶ ମାନୁଥିବା ଦୂତୀ କିଟ୍ ବିଶ୍ୱବିଦ୍ୟାଳୟରେ ଦ୍ୱିତୀୟ ବର୍ଷରେ ଆଇନ ପଢୁଛନ୍ତି। ଚିତ୍ତରଞ୍ଜନ ମହାପାତ୍ର, ନୀଳମାଧବ ଦେଓ ଓ ପରେ ନାଗପୁରୀ ରମେଶଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଇ ଦୂତୀ ଆଜି ସଫଳତାର ଶୀର୍ଷକୁ ଛୁଇଁଛନ୍ତି। ରାଜ୍ୟ, ଜୋନ, ଜାତୀୟ ଓ ଆନ୍ତର୍ଜାତିକସ୍ତରରେ ଦୂତୀ ନିଜ ପ୍ରତିଭାର ପ୍ରମାଣ ଦେଇଛନ୍ତି। ରାଜ୍ୟ ଓ ଜାତୀୟସ୍ତର ପ୍ରତିଯୋଗିତାଗୁଡିକରେ ଅପ୍ରତିଦ୍ୱନ୍ଦ୍ୱୀ ମନେ ହେଉଥିବା ଦୂତୀ ୨୦୧୩ରେ ସଫଳତାର ସହ ଆନ୍ତର୍ଜାତିକ ପଦାର୍ପଣ କରିଥିଲେ। ଜୁଲାଇ ୭ ତାରିଖରେ ପୁନେରେ ଆୟୋଜିତ ହୋଇଥିବା ୨୦ତମ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ମହିଳା ୨୦୦ ମିଟର ଇଭେଣ୍ଟରେ ବ୍ରୋଞ୍ଜ୍ ପଦକ ହାସଲ କରି ଆନ୍ତର୍ଜାତିକ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ଆଉ ପଛକୁ ଫେରି ଚାହିଁନାହାନ୍ତି। ଗୋଟିଏ ପରେ ଗୋଟିଏ ଆନ୍ତର୍ଜାତିକ ଇଭେଣ୍ଟ ପଦକ ହାସଲ କରି ସେ ନିଜକୁ ଅନ୍ୟତମ ଶ୍ରେଷ୍ଠ ମହିଳା ସ୍ପ୍ରିଣ୍ଟରଭାବେ ପ୍ରମାଣିତ କରିଛନ୍ତି।

ଦୂତୀ ଚଳିତ ଏସିଆନ ଗେମ୍ସ ସମେତ ଏସିଆନ ଆଥଲେଟିକ ଚାମ୍ପିୟନଶିପ, ଏସିଆନ ଇନ୍‌ଡୋର ଆଥଲେଟିକ ଚାମ୍ପିୟନଶିପ୍, ଏସିଆନ ଜୁନିୟର ଆଥଲେଟିକ ଚାମ୍ପିୟନଶିପ୍‌ରେ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ୨୦୧୬ ରିଓ ଅଲିମ୍ପିକ୍ସ ପାଇଁ ଦୂତୀ ଯୋଗ୍ୟତା ହାସଲ କରିବା ମଧ୍ୟ ସେତେବେଳେ ଏକ ବଡ଼ ସଫଳତା ବିବେଚିତ ହୋଇଥିଲା। ଦୀର୍ଘ ୩୬ ବର୍ଷ ପରେ ଅଲିମ୍ପିକ୍ସରେ ସେ ଦେଶର ତୃତୀୟ ମହିଳାଭାବେ ୧୦୦ମିଟର ଦୌଡରେ ଅଂଶଗ୍ରହଣ କରିବାର ସୁଯୋଗ ହାସଲ କରିଥିଲେ। ତେବେ ସେ ୧୧. ୬୯ ସେକେଣ୍ଡ ସମୟ ନେଇ ହିଟ୍ ଅତିକ୍ରମ କରିପାରି ନ ଥିଲେ। ରିଓ ଅଲିମ୍ପିକ୍ସ ପରେ ସେ ହାଇଦ୍ରାବାଦରେ ଅଲିମ୍ପିକ୍ସ ରୌପ୍ୟ ପଦକ ବିଜୟିନୀ ପି.ଭି. ସିନ୍ଧୁଙ୍କ ସମେତ ଅନ୍ୟ ଯୁବ ଆଥଲେଟମାନଙ୍କ ସହ ପ୍ରଶିକ୍ଷଣ ନେଇ ଆସୁଥିଲେ। ୨୦୧୨ରେ ଦୂତୀ ୧୮ ବର୍ଷରୁ କମ୍ ପ୍ରତିଯୋଗିତାରେ ଜାତୀୟ ଚାମ୍ପିୟନ ବିବେଚିତ ହୋଇଥିଲେ। ସେ ୧୦୦ ମିଟର ଇଭେଣ୍ଟରେ ୧୧.୮ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ଜିତିଥିଲେ। ୨୦୧୩ରେ ସେ ୧୦୦ ଓ ୨୦୦ ମିଟର ଦୌଡରେ ଜାତୀୟ ଚାମ୍ପିୟନ ହୋଇଥିଲେ। ସେ ୧୧.୭୩ ଓ ୨୩. ୭୩ ସେକେଣ୍ଡ ସମୟ ନେଇ ଯଥାକ୍ରମେ ୧୦୦ ଓ ୨୦୦ ମିଟରରେ ବାଜି ମାରିଥିଲେ।

ପୁରୁଷ ହରମୋନ ହାଇପରଆଣ୍ଡ୍ରୋଜିନିଜମ୍ ବିବାଦରେ ଦୂତୀ ଛନ୍ଦି ହୋଇ ପଡିଥିଲେ ଓ ଆନ୍ତର୍ଜାତିକ ଆଥଲେଟିକ୍ସରେ ଅଂଶଗ୍ରହଣ କରିବାରୁ ବଞ୍ଚିତ ହୋଇଥିଲେ। ତେବେ କୋର୍ଟ ଅଫ ଅର୍ବିଟ୍ରେଶନ ଫର ସ୍ପୋର୍ଟ୍ସ (କାସ)ର ସହାୟତାରେ ଦୂତୀ ପ୍ରତ୍ୟାବର୍ତ୍ତନ କରି ଆହୁରି ଉନ୍ନତ ପ୍ରଦର୍ଶନ କରିଥିଲେ। ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥଲେଟିକ ଫେଡେରେଶନ (ଆଇଏଏଏଫ) ଆଣ୍ଡ୍ରୋଜିନିଜମ୍ ନେଇ ଗତ ଏପ୍ରିଲରେ ନୂଆ ନିୟମ ଘୋଷଣା କରିବା ପରେ ଦୂତୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଏବେ ଏହି ନିୟମ ୪୦୦, ୮୦୦, ୧୫୦୦ ମିଟର ଦୌଡ ପାଇଁ ପ୍ରଯୁଜ୍ୟ। ଫଳରେ ଦୂତୀଙ୍କୁ ଏହି ନୂଆ ନିୟମ ସମସ୍ୟାରେ ପକାଇବ ନାହିଁ। ଅଲିମ୍ପିକ୍ସ ଓ ବିଶ୍ୱଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଦକ୍ଷିଣ ଆଫ୍ରିକା ମହିଳା ତାରକା ସ୍ପ୍ରିଣ୍ଟର କାଷ୍ଟରଙ୍କୁ ହାଇପର ଆଣ୍ଡ୍ରୋଜିନିଜମ ନେଇ ଦୂତୀ ସମର୍ଥନ କରି ବେଶ୍ ଚର୍ଚ୍ଚିତ ହୋଇଥିଲେ। ଏବେ ୨୩ ବର୍ଷରେ ପଦାର୍ପଣ କରିଥିବାରୁ ଦୂତୀ ଆଗାମୀ କିଛିବର୍ଷ ଆଥଲେଟିକ୍ସରେ ବେଶ୍ ସକ୍ରିୟ ରହିବେ ଓ ଅବସର ନେବା ପୂର୍ବରୁ ବିଭିନ୍ନ ବିଶ୍ୱସ୍ତରୀୟ ଇଭେଣ୍ଟ ସମେତ ଅଲିମ୍ପିକ୍ସ ପଦକ ହାସଲ କରିବେ ବୋଲି ଆଶା କରାଯାଉଛି।

## ଆର୍ଥିକ ପୁରସ୍କାର ରାଶି ଘୋଷଣା

କଟକ ଅଫିସ,୨୯।୮

ଜାକର୍ତ୍ତାଠାରେ ଚାଲିଥିବା ଏସିଆନ ଗେମ୍ସରେ ଦୁଇଟି ପଦକ ବିଜୟୀ ହୋଇଥିବା ଓଡ଼ିଆ ଝିଅ ଦୂତୀ ଚାନ୍ଦଙ୍କୁ ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ(ଓଏଏ) ପକ୍ଷରୁ ଶୁଭେଚ୍ଛା ଜଣାଯିବା ସହ ୫୦ହଜାର ଟଙ୍କାର ଆର୍ଥିକ ପୁରସ୍କାର ରାଶି ଦିଆଯିବ ବୋଲି ସମ୍ପାଦକ ଆଶୀର୍ବାଦ ବେହେରା ଘୋଷଣା କରିଛନ୍ତି । ପୂର୍ବରୁ ୧୦୦ମିଟର ଦୌଡ଼ରେ ଦୂତୀ ରୌପ୍ୟ ବିଜୟୀ ହେବା ପରେ ଓଏଏ ପକ୍ଷରୁ ୫୦ହଜାର ଟଙ୍କା ଦିଆଯିବ ବୋଲି ମଧ୍ୟ ଘୋଷଣା ହୋଇଥିଲା। ଅନ୍ୟପକ୍ଷରେ ବୁଧବାରର ସଫଳତା ପରେ ଓଡ଼ିଶା ଅଲିମ୍ପିକ ଆସୋସିଏଶନ ପକ୍ଷରୁ ମଧ୍ୟ ୫୦ହଜାର ଟଙ୍କା ଆର୍ଥିକ ପୁରସ୍କାର ଦିଆଯିବ ବୋଲି ସମ୍ପାଦକ ଏମ.ଏ ଆଲମ କହିଛନ୍ତି ।

## ସଂକ୍ଷେପରେ ...



ପୂରା ନାମ: ଦୂତୀ ଚାନ୍ଦ
ଜନ୍ମ: ଚକା ଗୋପାଳପୁର, ଯାଜପୁର
ବୟସ: ୨୨ ବର୍ଷ (୩ ଫେବୃୟାରୀ, ୧୯୯୬)
ପିତା: ଚକ୍ରଧର ଚାନ୍ଦ
ମାତା: ଅଖୁଜି ଚାନ୍ଦ
ଉଚ୍ଚତା: ୫ ଫୁଟ୍ ୩ ଇଞ୍ଚ୍
ଓଜନ: ୫୦ କେ.ଜି.
ସ୍ପୋର୍ଟ୍ସ: ଆଥଲେଟିକ୍ସ
ଇଭେଣ୍ଟ: ୧୦୦, ୨୦୦ ମିଟର
ଶ୍ରେଷ୍ଠ ପ୍ରଦର୍ଶନ: ୧୦୦ ମିଟର (୧୧.୨୪), ୨୦୦ ମିଟର (୨୩.୦୦), ୪x ୧୦୦ମିଟର ରିଲେ (୪୩.୪୨)

**ମେଡାଲ ରେକର୍ଡ**

ଏସିଆନ ଗେମ୍ସ: ୧୦୦, ୨୦୦ ମିଟରରେ ରୌପ୍ୟ(୨୦୧୮ ଜାକର୍ତ୍ତା)।
ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍: ୨୦୦ ମିଟରରେ ବ୍ରୋଞ୍ଜ (୨୦୧୩ ପୁନେ), ୧୦୦ ମିଟରରେ ବ୍ରୋଞ୍ଜ୍ (୨୦୧୭ ଭୁବନେଶ୍ୱର), ୪x୪୦୦ ମିଟରରେ ବ୍ରୋଞ୍ଜ (୨୦୧୭ ଭୁବନେଶ୍ୱର)।
ଏସିଆନ ଇନ୍‌ଡୋର୍ ଆଥଲେଟିକ୍ସ ଚାମ୍ପିୟନଶିପ୍: ୬୦ ମିଟରରେ ବ୍ରୋଞ୍ଜ(୨୦୧୬ ଦୋହା)
ଏସିଆନ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍: ୨୦୦ ମିଟର ଓ ୪x ୪୦୦ ମିଟରରେ ରିଲେରେ ସ୍ୱର୍ଣ୍ଣ (୨୦୧୪ ତାଇପେ)।

## ଅଭିନନ୍ଦନର ସୁଅ

ଭୁବନେଶ୍ୱର, ୨୯।୮ (କ୍ରୀଡ଼ା ପ୍ରତିନିଧି)

ଜାକର୍ତ୍ତାରେ ଚାଲିଥିବା ଏସିଆନ ଗେମ୍ସର ମହିଳା ୨୦୦ ମିଟରରେ ରୌପ୍ୟ ପଦକ ଜିତିଥିବା ଓଡ଼ିଶାର ଦୂତୀ ଚାନ୍ଦଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିଛି। ଦୂତୀଙ୍କ ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟେଲିଫୋନ୍ କରି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, କ୍ରମାଗତଭାବେ ୧୦୦ ଏବଂ ୨୦୦ ମିଟର ଦୌଡରେ ପଦକ ଆଣି ଦୂତୀ ସାରା ଦେଶ ପାଇଁ ଗୌରବ ଆଣିଛନ୍ତି। ତାଙ୍କର ଏହି ସଫଳତା ପାଇଁ ସାରା ଓଡିଶାବାସୀ ଖୁସୀ। ତାଙ୍କର ଏହି ଗୌରବମୟ ଅଧ୍ୟାୟ ଆଗକୁ ମଧ୍ୟ ଜାରି ରହିବ ବୋଲି ସେ କହିଛନ୍ତି। କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା କହିଛନ୍ତି ଯେ ଦୂତୀ ଭାରତର ଗୌରବ ବୃଦ୍ଧି କରିବା ସହ କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶା ପାଇଁ ଇତିହାସ ସୃଷ୍ଟି କରିଛନ୍ତି। ତାଙ୍କର ଏହି ସଫଳତା ରାଜ୍ୟକୁ ଗୌରବାନ୍ୱିତ କରିଛି। ଭବିଷ୍ୟତରେ ଦୂତୀ ଅଲିମ୍ପିକ୍ସରେ ମଧ୍ୟ ପଦକ ଜିତିପାରିବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। କେବଳ ମୁଖ୍ୟମନ୍ତ୍ରୀ ଏବଂ କ୍ରୀଡ଼ାମନ୍ତ୍ରୀ ନୁହନ୍ତି, ଦୂତୀଙ୍କ ଏହି ସଫଳତା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା, ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓ, ବିଜେଡି ରାଜ୍ୟ ସମ୍ପାଦକ ବିଜୟ କୁମାର ନାୟକ ମଧ୍ୟ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

**୨୦୦ ମିଟର ରେସ୍ ଫାଇନାଲ ଷ୍ଟାଣ୍ଡିଂ**

| ଆଥଲେଟ୍ | ଦେଶ | ସମୟ |
|---|---|---|
| ଓଡିଅଙ୍ଗ ଇଡିଡିଅଙ୍ଗ | ବାହାରିନ୍ | ୨୨.୯୬ |
| ଦୂତୀ ଚାନ୍ଦ | ଭାରତ | ୨୩.୨୦ |
| ୱେଇ ୱେଙ୍ଗଲି | ଚାଇନା | ୨୩.୨୭ |
| ନିଗିନା ଶାରିପୋଭା | ଉଜବେକିସ୍ତାନ | ୨୩.୩୨ |
| ଓଲ୍‌ଗା ସାଫ୍ରୋନୋଭା | କାଜାଖସ୍ତାନ | ୨୩.୪୩ |
| ନଟ୍ କ୍ରିଷ୍ଟିନା ମାରି | ଫିଲିପାଇନ୍ସ | ୨୩.୫୧ |
| କୋଙ୍ଗ ଲିଙ୍ଗୱେଇ | ଚାଇନା | ୨୩.୫୧ |
| କ୍ୱାଚ୍ ଥି ଲାନ | ଭିଏତନାମ | ୨୩.୭୭ |

# ଅର୍ପିନ୍ଦର, ସ୍ୱପ୍ନାଙ୍କୁ ସ୍ୱର୍ଣ୍ଣ



ଅର୍ପିନ୍ଦର ସିଂ



ସ୍ୱପ୍ନା ବର୍ମନ

ଜାକର୍ତ୍ତା, ୨୯।୮ (ପି.ଟି.)

ଏସିଆନ ଗେମ୍ସର ଏକାଦଶ ଦିବସରେ ଭାରତୀୟ ଆଥଲେଟମାନେ ଆଉ ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ବୁଧବାର ହେପ୍ଟାଥଲନରେ ସ୍ୱପ୍ନା ବର୍ମନ ଭାରତ ପାଇଁ ପ୍ରଥମ ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ଟ୍ରିପଲ ଜମ୍ପରେ ଅର୍ପିନ୍ଦର ସିଂ ବାଜି ମାରି ୪୮ ବର୍ଷ ପରେ ପ୍ରଥମସ୍ଥାନ ଅଧିକାର କରିବା ସହ ସ୍ୱର୍ଣ୍ଣ ଜିତି ଇତିହାସ ସୃଷ୍ଟି କରିଛନ୍ତି। ଏଥିସହିତ ଭାରତ ୧୧ସ୍ୱର୍ଣ୍ଣ, ୨୦ ରୌପ୍ୟ ଓ ୨୩ ବ୍ରୋଞ୍ଜ୍ ପଦକ ସହ ମୋଟ ଉପରେ ୫୪ଟି ପଦକ ହାସଲ କରି ଗତ ସଂସ୍କରଣଠାରୁ ଅପେକ୍ଷାକୃତ ଭଲ ପ୍ରଦର୍ଶନ ଲକ୍ଷ୍ୟରେ ରହିଛି।

ଦାନ୍ତରେ ଆଘାତ ପାଇବା ସହ ସଂକ୍ରମଣର ଶିକାର ହୋଇଥିଲେ ମଧ୍ୟ ହେପ୍ଟାଥଲେଟ୍ ସ୍ୱପ୍ନା ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ତାଙ୍କ ମୁହଁକୁ ପ୍ଲାଷ୍ଟର କରାଯାଇଥିଲା। ତେବେ ଏହା ସତ୍ତ୍ୱେ ସେ ପ୍ରଥମଥର ପାଇଁ ସ୍ୱର୍ଣ୍ଣ ଜିତି ଐତିହାସିକ ସଫଳତା ହାସଲ କରିଛନ୍ତି। ଜଣେ ରିକ୍ସା ଚାଳକଙ୍କ ଝିଅ ସ୍ୱପ୍ନା ଦୁଇଦିନ ଧରି ଚାଲିଥିବା ଏହି ୭ଟି ଇଭେଣ୍ଟରେ ମୋଟ ୬୦୨୬ ପଏଣ୍ଟ ହାସଲ କରିଥିଲେ। ୧୦୦୩ ପଏଣ୍ଟ କରି ହାଇଜମ୍ପରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ସେହିପରି ଜାଭେଲିନ୍ ଥ୍ରୋରେ ସେ ୮୭୨ ପଏଣ୍ଟ ସ୍କୋର କରି ଶୀର୍ଷରେ ରହିଥିବା ବେଳେ ଶଟ୍‌ପୁଟ୍ ଓ ଲଙ୍ଗଜମ୍ପ୍‌ରେ ଯଥାକ୍ରମେ ୭୦୭ ଓ ୮୬୫ ପଏଣ୍ଟ ସ୍କୋର କରି ସେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ତେବେ ସେ ୧୦୦ ମିଟରରେ ୯୮୧ ପଏଣ୍ଟ ସ୍କୋର କରି ପଞ୍ଚମ ଓ ୨୦୦ ମିଟରରେ ୭୯୦ ପଏଣ୍ଟ ସ୍କୋର କରି ସପ୍ତମ ସ୍ଥାନରେ ରହିଥିଲେ। ତେବେ ମୋଟାମୋଟି ପ୍ରଦର୍ଶନ ଭଲ ରହିବା କାରଣରୁ ସେ ସ୍ୱର୍ଣ୍ଣ ଜିତିଥିଲେ।

ଅପରପକ୍ଷରେ ପଞ୍ଜାବର ଅର୍ପିନ୍ଦର ୪୮ ବର୍ଷ ପରେ ଏସିଆନ ଗେମ୍ସ ଟ୍ରିପଲ ଜମ୍ପରେ ସ୍ୱର୍ଣ୍ଣ ଜିତିଛନ୍ତି। ପୂର୍ବରୁ ୧୯୭୦ରେ ମୋହିନ୍ଦର ସିଂ ଗିଲ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଫାଇନାଲ୍ସରେ ଅର୍ପିନ୍ଦର ଆଧିପତ୍ୟ ଜାହିର କରି ତୃତୀୟ ପ୍ରୟାସରେ ୧୬. ୭୭ ମିଟର ଜମ୍ପ କରିଥିଲେ। ଅନ୍ୟ କୌଣସି ପ୍ରତିଯୋଗୀ ତାଙ୍କୁ ଚ୍ୟାଲେଞ୍ଜ୍ କରିବାକୁ ସକ୍ଷମ ହୋଇ ନ ଥିଲେ। ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ବ୍ରୋଞ୍ଜ୍ ପଦକ ଜିତିଥିଲେ। ଏହି ଇଭେଣ୍ଟରେ ଉଜବେକିସ୍ତାନର ରସଲାନ କୁର୍ବାନୋଭ ୧୬. ୬୨ ମିଟର ଡେଇଁ ରୌପ୍ୟ ଓ ଚାଇନାର ଶୁଓ କାଓ ୧୬. ୫୬ ମିଟର ଡେଇଁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି।

**ପଦକ ତାଲିକା**

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୧୦୨ | ୬୭ | ୫୦ | ୨୧୯ |
| ଜାପାନ | ୫୨ | ୪୭ | ୬୩ | ୧୬୨ |
| ଦକ୍ଷିଣ କୋରିଆ | ୩୭ | ୪୨ | ୫୦ | ୧୨୯ |
| ଇଣ୍ଡୋନେସିଆ | ୩୦ | ୨୨ | ୩୬ | ୮୮ |
| ଇରାନ | ୧୯ | ୧୬ | ୧୭ | ୫୨ |
| ଚାଇନିଜ୍ ତାଇପେ | ୧୩ | ୧୭ | ୨୧ | ୫୧ |
| ଉଜବେକିସ୍ତାନ | ୧୨ | ୧୭ | ୧୬ | ୪୫ |
| ଉତ୍ତର କୋରିଆ | ୧୨ | ୮ | ୧୧ | ୩୧ |
| ଭାରତ | ୧୧ | ୨୦ | ୨୩ | ୫୪ |
| ଥାଇଲାଣ୍ଡ | ୯ | ୧୩ | ୩୬ | ୫୮ |
| ବାହାରିନ | ୯ | ୩ | ୬ | ୧୮ |

# ୨୦ ବର୍ଷ ପରେ ଫାଇନାଲରେ ଭାରତୀୟ ମହିଳା ହକି ଦଳ

ଜାକର୍ତ୍ତା, ୨୯।୮ (ପି.ଟି.)

ଦୀର୍ଘ ୨୦ବର୍ଷ ପରେ ଭାରତୀୟ ମହିଳା ହକି ଦଳ ଏସିଆନ ଗେମ୍ସ ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ୩ଥର ଚାମ୍ପିୟନ ହୋଇଥିବା ଚାଇନାକୁ ହରାଇ ଭାରତ ଏହି ସଫଳତା ହାସଲ କରିଛି। ବୁଧବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ସେମିଫାଇନାଲରେ ଭାରତ ୧-୦ ଗୋଲରେ ଚାଇନାକୁ ହରାଇ ଫାଇନାଲକୁ ଉଠିଛି। ଫାଇନାଲରେ ଭାରତ ଏବେ ଜାପାନକୁ ଭେଟିବ। ଜାପାନ ଦ୍ୱିତୀୟ ସେମିଫାଇନାଲରେ ୫ଥର ଚାମ୍ପିୟନ ଦକ୍ଷିଣ କୋରିଆକୁ ୨-୦ ଗୋଲରେ ହରାଇ ଫାଇନାଲକୁ ଉଠିଛି। ଭାରତ ପକ୍ଷରୁ ୫୨ତମ ମିନିଟରେ ମିଳିଥିବା ଏକ ପେନାଲ୍ଟି କର୍ନର ସହାୟତାରେ ଗୁରୁଜିତ କୌର ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ। ଏହି ହାଇପ୍ରୋଫାଇଲ ସେମିଫାଇନାଲରେ ଉଭୟ ଭାରତ ଓ ଚାଇନା ସୁଯୋଗ ସୃଷ୍ଟି କରିବାରେ ବିଫଳ ହୋଇଥିଲେ। ଭାରତ ଅଷ୍ଟମ ମିନିଟରେ ପେନାଲ୍ଟି କର୍ନର ପାଇଥିଲା। ତେବେ ଗୁରୁଜିତଙ୍କ ଶଟ୍ ଜାପାନ ଗୋଲ କିପର ରୋକିବାକୁ ସକ୍ଷମ ହୋଇଥିଲେ। ଏହି ମ୍ୟାଚ୍‌ରେ ଭାରତ ଏକାଧିକ ପେନାଲ୍ଟି କର୍ନର ସୁଯୋଗ ପାଇଥିଲେ ମଧ୍ୟ ଏହାକୁ ଗୋଲରେ ପରିଣତ କରିବାରେ ବିଫଳ ହୋଇଥିଲା। ୧୯୯୮ ପରେ ଭାରତ ପ୍ରଥମଥର ପାଇଁ ଫାଇନାଲ ଖେଳିବାକୁ ଯାଉଛି। ଭାରତ ୧୯୮୨ରେ ପ୍ରଥମଥର ପାଇଁ ଏସିଆନ ଗେମ୍ସ ଟାଇଟଲ ଜିତିଥିଲା ଓ ପଦାର୍ପଣରେ ହିଁ ଏହି ସଫଳତା ପାଇଥିଲା।

ବିଜୟ ସତ୍ତ୍ୱେ ଭାରତୀୟ କୋଚ୍ ଜୋଏର୍ଡ ମାରିଜନେ ନିଜ ଅସନ୍ତୋଷ ଛୁପାଇ ପାରି ନ ଥିଲେ। ପ୍ରଥମାର୍ଦ୍ଧରେ ଆମେ ଦକ୍ଷତା ଅନୁରୂପ ଖେଳି ନ ଥିଲୁ। ଫାଇନାଲରେ ଜାପାନକୁ ହରାଇବା ନିଶ୍ଚିତ ଭାବେ କଷ୍ଟକର ହେବ। ତେବେ ଏଥିପାଇଁ ଆମେ ଯୋଜନା ପ୍ରସ୍ତୁତ କରିବୁ ବୋଲି ସେ କହିଛନ୍ତି।



ଚାଇନାକୁ ହରାଇବା ପରେ ଉଲ୍ଲସିତ ଭାରତୀୟ ମହିଳା ହକି ଦଳର ଖେଳାଳିମାନେ ।

ଧରିତ୍ରୀ
DHARITRI
ଢେଙ୍କାନାଳ–ଅନୁଗୋଳ, ଗୁରୁବାର, ୩୦ ଅଗଷ୍ଟ,୨୦୧୮





> ଅଧିନାୟକ ଭାବେ କୋହଲିଙ୍କ ପ୍ରଦର୍ଶନ ବହୁତ ଭଲ ରହିଛି। ଭବିଷ୍ୟତରେ ସେ ଭାରତର ଅନ୍ୟତମ ଶ୍ରେଷ୍ଠ ଅଧିନାୟକ ହୋଇପାରିବେ।
> –ବୀରେନ୍ଦ୍ର ସେହ୍ୱାଗ, ପ୍ରାକ୍ତନ ଭାରତୀୟ କ୍ରିକେଟର



> ଅଭିଜ୍ଞ ଇଂଲଣ୍ଡ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନଙ୍କଠାରୁ ବହୁତ କିଛି ଶିଖିବାର ଅଛି।
> –ମହମ୍ମଦ ସାମି, ଭାରତୀୟ ଦ୍ରୁତ ବୋଲର

## ସଂକ୍ଷେପରେ

### ଶିବ ସୁନ୍ଦରଙ୍କୁ ମ୍ୟାଚ୍ ରେଫରି ଯୋଗ୍ୟତା

**କଟକ ଅଫିସ,୨୯।୮:** ଓଡ଼ିଶାର ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଶିବ ସୁନ୍ଦର ଦାସ ମ୍ୟାଚ୍ ରେଫରି ଯୋଗ୍ୟତା ହାସଲ କରିଛନ୍ତି । ଚଳିତ ମାସରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପକ୍ଷରୁ ହୋଇଥିବା ମ୍ୟାଚ୍ ରେଫରି ପରୀକ୍ଷାରେ ଶିବସୁନ୍ଦର କୃତକାର୍ଯ୍ୟ ହୋଇଥିବା ଜଣାପଡ଼ିଛି । ଏହି ପରୀକ୍ଷାରେ ଶିବସୁନ୍ଦରଙ୍କୁ ମିଶାଇ ରାଜ୍ୟର ଅନ୍ୟଜଣେ ପୂର୍ବତନ କ୍ରିକେଟର ପ୍ରଦୀପ ଦାସ ମଧ ପରୀକ୍ଷା ଦେଇଥିଲେ । ମାତ୍ର ପ୍ରଦୀପ ଅକୃତକାର୍ଯ୍ୟ ହୋଇଛନ୍ତି ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ଶିବସୁନ୍ଦରଙ୍କୁ ମିଶାଇ ଓଡ଼ିଶାରେ ୪ଜଣ ବିସିସିଆଇ ଯୋଗ୍ୟତା ପ୍ରାପ୍ତ ମ୍ୟାଚ୍ ରେଫରି ହୋଇଛନ୍ତି। ପୂର୍ବରୁ ପ୍ରଶାନ୍ତ ମହାପାତ୍ର, ସଞ୍ଜୟ ରାଉଳ, ଓ ପି. ଜୟଚନ୍ଦ୍ର ଏହି ତାଲିକାରେ ରହିଛନ୍ତି। ଶିବସୁନ୍ଦରଙ୍କୁ ଏ ସମ୍ପର୍କରେ ପଚାରିବାରୁ, ବର୍ତ୍ତମାନ ପର୍ଯ୍ୟନ୍ତ ମ୍ୟାଚ୍ ରେଫରି ଦାୟିତ୍ୱ ତୁଲାଇବାକୁ କୌଣସି ଯୋଜନା ନାହିଁ ବୋଲି ପ୍ରତିକ୍ରିୟାରେ କହିଛନ୍ତି।

### ଇଣ୍ଡିଆ ବି' ଚାମ୍ପିୟନ

**ବେଙ୍ଗାଲୁରୁ, ୨୯।୮(ପି.ଟି.):** ଅଷ୍ଟ୍ରେଲିଆ ଏ'କୁ ୯ ଉଇକେଟ୍‌ରେ ପରାସ୍ତ କରି ମନିଷ ପାଣ୍ଡେଙ୍କ ନେତୃତ୍ୱାଧୀନ ଇଣ୍ଡିଆ ବି' ଏଠାରେ ଅନୁଷ୍ଠିତ ଚତୁଃରାଷ୍ଟ୍ରୀୟ ସିରିଜ କ୍ରିକେଟ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଛି। ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ଏ' ୪୭.୫ ଓଭରରେ ୨୨୫ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଦଳ ପକ୍ଷରୁ ଓପନର୍ ଡି ଆର୍ସି ଶର୍ଟ (୭୨) ଓ ଉଇକେଟ୍‌କିପର ଆଲେକ୍ସ କେରୀ (୫୩) ଅର୍ଦ୍ଧଶତକ ହାସଲ କରିଥିଲେ। ଇଣ୍ଡିଆ ବି' ତରଫରୁ ଶ୍ରେୟାସ ଗୋପାଳ ୩ଟି ଏବଂ ସିଦ୍ଧାର୍ଥ କାଉଲ, ନବଦୀପ୍ ସାଇନି ଓ ଦୀପକ ହୁଡା ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଇଣ୍ଡିଆ ବି' ୮୧ଟି ବଲ୍ ଓ ୯ଟି ଉଇକେଟ୍ ସୁରକ୍ଷିତ ଥାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଅଧିନାୟକ ମନିଷ ପାଣ୍ଡେ ୭୩ ଓ ଯୁବ ତାରକା ଶୁବମନ ଗିଲ ୬୬ ରନ କରି ଅପରାଜିତ ରହିଥିଲେ। ଓପନର୍ ମୟଙ୍କ ଅଗ୍ରୱାଲ (୬୯ ରନ, ୬୭ ବଲ୍) ଏକମାତ୍ର ବ୍ୟାଟ୍ସମ୍ୟାନ ଭାବେ ଆଉଟ୍ ହୋଇଥିଲେ।

### ଦ୍ୱିତୀୟ ରାଉଣ୍ଡରେ ଫେଡେରର

**ନ୍ୟୁୟର୍କ,୨୯।୮(ଏଏଫ୍‌ପି):** ପାଞ୍ଚ ଥର ଚାମ୍ପିୟନ ରୋଜର ଫେଡେରର ଚଳିତ ୟୁଏସ୍ ଓପନର ୨ୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ରାଉଣ୍ଡରେ କିମ୍ବଦନ୍ତୀ ଖେଳାଳି ୬-୨, ୬-୨, ୬-୪ ସେଟ୍‌ରେ ଜାପାନର ୟୋଶିହିତୋ ନିଶିଓକାଙ୍କୁ ପରାସ୍ତ କରିଛନ୍ତି। ସୁଇଜରଲାଣ୍ଡ ଖେଳାଳି ଫେଡେରର କ୍ରମାଗତ ୧୮ଟି ସଂସ୍କରଣରେ ପ୍ରଥମ ରାଉଣ୍ଡ ମୁକାବିଲାକୁ ଜିତି ରେକର୍ଡ କରିଛନ୍ତି। ଭାରତର ୟୁକି ଭାମ୍ବ୍ରି ପ୍ରଥମ ରାଉଣ୍ଡରୁ ହାରି ବିଦାୟ ନେଇଛନ୍ତି।

# ବାଜିଲା ହକି ବିଶ୍ୱକପ ବିଗୁଲ

- ୯୦ ଦିନିକିଆ ଅବଗଣନା ଆରମ୍ଭ
- ହକି ପାଇଁ ମୋ ହୃଦୟ ସ୍ପନ୍ଦିତ ହେଉଛି ଅଭିଯାନର ଶୁଭାରମ୍ଭ






ହକି ବିଶ୍ୱକପ୍‌ର ୯୦ ଦିନିଆ ଅବଗଣନା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳିଙ୍ଗ ଷ୍ଟାଡିୟମ ପରିସରରେ 'ହକି ପାଇଁ ମୋ ହୃଦୟ ସ୍ପନ୍ଦିତ ହେଉଛି'' ଅଭିଯାନର ଶୁଭାରମ୍ଭ କରୁଛନ୍ତି।

ଭୁବନେଶ୍ୱର, ୨୯।୮(କ୍ରୀଡ଼ା ପ୍ରତିନିଧି)

ଜାତୀୟ କ୍ରୀଡ଼ା ଦିବସ ଅବସରରେ ବୁଧବାର ଭୁବନେଶ୍ୱରରେ ବାଜିଛି ହକି ବିଶ୍ୱକପ ବିଗୁଲ। ଏଥିସହିତ ଏହି ମେଗା ପ୍ରତିଯୋଗିତା ପାଇଁ ଆରମ୍ଭ ହୋଇଛି ଅବଗଣନା। ହକି ବିଶ୍ୱକପ ଆଉ ୯୦ ଦିନ ରହିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅବଗଣନା ଘଣ୍ଟାକୁ ବୁଧବାର କଳିଙ୍ଗ ଷ୍ଟାଡିୟମ ପରିସରରେ ଉନ୍ମୋଚନ କରିଛନ୍ତି। ଏହି ଅବସରରେ 'ହକି ପାଇଁ ମୋ ହୃଦୟ ସ୍ପନ୍ଦିତ ହେଉଛି, ଆଉ ଆପଣଙ୍କର'' ଅଭିଯାନର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ। ଏଥିସହ ନିଜର ବାର୍ତ୍ତା ମାଧ୍ୟମରେ ହକି ବିଶ୍ୱକପକୁ ସ୍ୱାଗତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି ଅତିଥିମାନେ। ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେବ ଏହି ହକି ମହାକୁମ୍ଭ।

''ହକି ପାଇଁ ମୋ ହୃଦୟ ସ୍ପନ୍ଦିତ ହେଉଛି ଏବଂ ଅବଗଣନା ଘଣ୍ଟାକୁ ଉନ୍ମୋଚନ କରି ମୁଁ ବେଶ୍ ଆନନ୍ଦିତ। ହକି ବିଶ୍ୱକପ ଆଉ ୯୦ ଦିନ ରହିଲା ବୋଲି ଅବଗଣନା ଘଣ୍ଟା ସୂଚନା ଦେଉଛି। ଏହି ମେଗା କ୍ରୀଡ଼ା ଇଭେଣ୍ଟ ପାଇଁ ଏବେ ଓଡ଼ିଶା ଓ ସମଗ୍ର ଭାରତର ହୃଦୟ ସ୍ପନ୍ଦିତ ହେବାରେ ଲାଗିଛି। ଜାତୀୟ କ୍ରୀଡ଼ା ଦିବସରେ ଆମେ ଆଜି କିମ୍ବଦନ୍ତୀ ଖେଳାଳି ଧ୍ୟାନ ଚାନ୍ଦଙ୍କର ଜନ୍ମଦିବସ ମଧ ପାଳନ କରୁଛୁ। କୋଟି କୋଟି ହକି ପ୍ରେମୀଙ୍କ ହୃଦୟରେ ସ୍ଥାନ ପାଇଥିବା ଏବଂ ଆଦର୍ଶର ଉତ୍ସ ହୋଇଥିବା ଏହି କିମ୍ବଦନ୍ତୀ ଖେଳାଳିଙ୍କୁ ମୁଁ ଶ୍ରଦ୍ଧାଞ୍ଜଳି ଜଣାଉଛି। ଭୁବନେଶ୍ୱରରେ ହେବାକୁ ଯାଉଥିବା ହକି ବିଶ୍ୱକପ ପାଇଁ ଭଲପାଇବା ବଢ଼ାଇବା ଏବଂ ଏଥିପ୍ରତି ଆକୃଷ୍ଟ କରିବା ଏହି ଅଭିଯାନର ଉଦ୍ଦେଶ୍ୟ। 'ହକି ପାଇଁ ମୋ ହୃଦୟ ସ୍ପନ୍ଦିତ ହେଉଛି, ଆଉ ଆପଣଙ୍କର' କହିବା ସହ ହକିପ୍ରତି ସମର୍ଥନ ଜଣାଇବାକୁ ଏହି ଅଭିଯାନ ମାଧ୍ୟମରେ ସମସ୍ତଙ୍କୁ ଅନୁରୋଧ କରାଯାଉଛି। ଓଡ଼ିଶା କ୍ରୀଡ଼ା ଇତିହାସରେ ହକି ଏକ ପ୍ରମୁଖ ସ୍ଥାନ ଦଖଲ କରିଛି। ଓଡ଼ିଶାରୁ ସୃଷ୍ଟି ହୋଇଥିବା ଅନେକ ହକି ଖେଳାଳି ଚମତ୍କାର ପ୍ରଦର୍ଶନ ମାଧ୍ୟମରେ ଅନ୍ତର୍ଜାତୀୟ ସ୍ତରରେ ଦେଶପାଇଁ ସୁନାମ ଆଣିଛନ୍ତି। ବିଶ୍ୱକପ ହେଉଛି ହକିର ସର୍ବଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍ ଟୁର୍ଣ୍ଣାମେଣ୍ଟ। ଏହି ପ୍ରତିଯୋଗିତାକୁ ସ୍ମୃତିମଧୁର ଏବଂ ସଫଳତାର ସହ ସମ୍ପନ୍ନ କରାଇବା ପାଇଁ ମୋ ସରକାର ସମସ୍ତ ପଦକ୍ଷେପ ନେଉଛି। ଏହି ଅବସରରେ ବିଜୁପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଥିବା ସମସ୍ତ ବ୍ୟକ୍ତିଙ୍କୁ ମୁଁ ଅଭିନନ୍ଦନ ଜଣାଉଛି'' ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ହକିକୁ ପ୍ରୋତ୍ସାହନ ପାଇଁ ଓଡ଼ିଶା ସରକାରଙ୍କ ଉଦ୍ୟମ ସମ୍ପର୍କରେ ସୂଚନା ଦେଇଥିଲେ। ଓଡ଼ିଶା ସରକାର ଉଭୟ ମହିଳା ଓ ପୁରୁଷ ହକି ଦଳର ପ୍ରାୟୋଜକ ହୋଇ ଉଦାହରଣ ସୃଷ୍ଟି କରିଛି। ହକି ବିଶ୍ୱକପ ଆୟୋଜନ ପାଇଁ ଆମେ ଆଗ୍ରହର ସହିତ ଅପେକ୍ଷା କରିଛୁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଓ ଦିଗ୍‌ଦର୍ଶନରେ ଆଜି ଓଡ଼ିଶାରେ କ୍ରୀଡ଼ା ନିମନ୍ତେ ଅତ୍ୟନ୍ତ ଅନୁକୂଳ ଓ ଆକର୍ଷଣୀୟ ବାତାବରଣ ସୃଷ୍ଟି ହୋଇ ପାରିଛି। ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍ ଆୟୋଜନରେ ଆମକୁ ସାରା ବିଶ୍ୱ ପ୍ରଶଂସା କରିଛି। ପ୍ରଥମଥର ପାଇଁ ଆମେ ଜନଜାତି କ୍ରୀଡ଼ା ଆୟୋଜନ କରି ଜାତୀୟସ୍ତରରେ ମାନ୍ୟତା ଅର୍ଜନ କରିଛୁ। ଆମ କ୍ରୀଡ଼ାବିତ୍‌ମାନେ ଏବେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବେଶ୍ ସୁନାମ ଆଣିବାରେ ସକ୍ଷମ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମ ଫଳରେ ସମଗ୍ର ପୂର୍ବ ଭାରତରେ ଓଡ଼ିଶା ଏକ ସ୍ପୋର୍ଟ୍ସ ହବ୍‌ରେ ପରିଣତ ହୋଇପାରିଛି। ପୁରୁଷ ହକି ବିଶ୍ୱକପ ଓଡ଼ିଶା କ୍ରୀଡ଼ା ଇତିହାସରେ ଏକ ମାଇଲଖୁଣ୍ଟ। ଭବିଷ୍ୟତରେ ଏହା ଆମର ଖେଳାଳି ଓ ଜନତାଙ୍କୁ ଉଦ୍‌ବୁଦ୍ଧ କରିବ। ଆମ ରାଜ୍ୟରେ ହକି ଜୀବନର ଅଙ୍ଗ ପାଲଟିଛି। ଓଡ଼ିଶା ହେଉଛି ହକିର ପ୍ରୟୋଗଶାଳା। ହକି ବିଶ୍ୱକପ ଆୟୋଜନ ପରେ ଓଡ଼ିଶା ସାରା ବିଶ୍ୱର ହୃଦୟ ଜୟ କରିବ। ହକି ପାଇଁ ମୋ ହୃଦୟ ସ୍ପନ୍ଦିତ ହେଉଛି। ଆପଣମାନଙ୍କର ମଧ ସ୍ପନ୍ଦନ ଓ ସହଯୋଗ ଆବଶ୍ୟକ କରୁଛୁ ବୋଲି ଚନ୍ଦ୍ରସାରଥି କହିଛନ୍ତି।

ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, କ୍ରୀଡ଼ା ସଚିବ ବିଶାଲ ଦେବ, ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା, ପଦ୍ମଶ୍ରୀ ଦିଲୀପ ତିର୍କୀ, ଏମପି ପ୍ରସନ୍ନ ପାଟଶାଣୀ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ଅନେକ କ୍ରୀଡ଼ାବିତ୍ ଓ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ।

## ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର

ଭୁବନେଶ୍ୱର, ୨୯।୮
(କ୍ରୀଡ଼ା ପ୍ରତିନିଧି)

ଜାତୀୟ କ୍ରୀଡ଼ା ଦିବସ ଅବସରରେ ବୁଧବାର ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଛି। ଶ୍ରେଷ୍ଠ କ୍ରୀଡ଼ାବିତ୍‌ଭାବେ ଯୁଗ୍ମଭାବେ ଏଥର ପୁରସ୍କାର ପାଇବାକୁ ଥିବା ହକି ଖେଳାଳି ସୁନୀତା ଲାକ୍ରା ଓ ଅମିତ ରୋହି ଦାସ ସମ୍ପ୍ରତି ଜାକର୍ତ୍ତାରେ ଏସିଆନ ଗେମ୍ସରେ ଖେଳୁଥିବାରୁ ଅନୁପସ୍ଥିତ ଥିଲେ। ସେମାନଙ୍କ ନିକଟକୁ ୨ ଲକ୍ଷ ଟଙ୍କା ପୁରସ୍କାର ରାଶି, ଫଳକ ଓ ମାନପତ୍ର ପଠାଇ ଦିଆଯିବ ବୋଲି ପ୍ରକାଶ କରାଯାଇଛି। କ୍ରୀଡ଼ାର ପ୍ରଚାର ଓ ପ୍ରସାର ପାଇଁ ବିଶେଷ ଅବଦାନ ରଖିଥିବା ୨ଟି ଅନୁଷ୍ଠାନକୁ ପୁରସ୍କୃତ କରାଯାଇଥିଲା। ବ୍ରହ୍ମପୁରର ବୀର ହନୁମାନ ଅନୁଷ୍ଠାନ ପକ୍ଷରୁ ଓଡ଼ିଶା ଭାରୋତ୍ତୋଳନ ସଂଘର ସମ୍ପାଦକ ନାରାୟଣ ସାହୁଙ୍କୁ ୧ ଲକ୍ଷ ଟଙ୍କା, ଫଳକ ଏବଂ ମାନପତ୍ର ଦିଆ ଯାଇଥିଲା। ସମାନ ପୁରସ୍କାର ଦିଆଯାଇ ଓଡ଼ିଶା ମାଇନିଂ କର୍ପୋରେଶନକୁ ମଧ ସମ୍ମାନିତ କରାଯାଇଥିଲା। ଶ୍ରେଷ୍ଠ କୋଚ୍‌ଭାବେ ସଞ୍ଜୟ ଗଡ଼ନାୟକଙ୍କୁ ୧ ଲକ୍ଷ ଟଙ୍କା, ଫଳକ, ମାନପତ୍ର ଏବଂ ଶ୍ରେଷ୍ଠ କ୍ରୀଡ଼ା ଖବରଦାତାଭାବେ ସୁଜିତ କୁମାର ଦାସଙ୍କୁ ୫୦ ହଜାର ଟଙ୍କା, ଫଳକ ଓ ମାନପତ୍ର ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ଏହି ଅବସରରେ ମମତା ଦଳାଇ, ପଙ୍କଜ କୁମାର ମହନ୍ତ ଓ ବିଶ୍ୱଜିତ ପୁହାଣଙ୍କୁ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ସମସ୍ତଙ୍କୁ ୧ ଲକ୍ଷ ଟଙ୍କା, ପଦକ ଓ ମାନପତ୍ର ଦିଆ ଯାଇଥିଲା। ସମାଜ ସେବା ପାଇଁ ପୂର୍ଣ୍ଣ ଚନ୍ଦ୍ର ବେହେରା, ପ୍ରିୟବ୍ରତ ପଣ୍ଡା, ଏନ.ସନ୍ତୋଷ କୁମାର ଓ କ୍ଷୀରୋଦ ସାହୁଙ୍କୁ ୨୫,୦୦୦ଟଙ୍କା ଲେଖାଏ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ୨୦୧୮ ଜାନୁୟାରୀରେ ଅନୁଷ୍ଠିତ ଦୃଷ୍ଟିହୀନ କ୍ରିକେଟ ବିଶ୍ୱକପ ଭାରତୀୟ ଦଳର ସଦସ୍ୟ ଥିବା ଦୁଇ ଓଡ଼ିଆ ଖେଳାଳି ଜାଫର ଇକବାଲ ଓ ପଙ୍କଜ ଭୁଏଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ଏଭରେଷ୍ଟ ଆରୋହଣ କରିଥିବା ପତିପତ୍ନୀ ପ୍ରଦୀପ ସାହୁ ଓ ଚେତନା ସାହୁ ମଧ ପୁରସ୍କାର ପରିସରରେ ରହିଥିଲେ। ପ୍ରଦୀପ ସାହୁ ମୃତ୍ୟୁବରଣ କରିଥିବାରୁ ତାଙ୍କ ପତ୍ନୀ ଚେତନା ଆର୍ଥିକ ପୁରସ୍କାର ଗ୍ରହଣ କରିଥିଲେ।



ସଞ୍ଜୟ ଗଡ଼ନାୟକ



ସୁଜିତ କୁମାର ଦାସ

# ବିଜୟଧାରା ବଜାୟ ଲକ୍ଷ୍ୟରେ ଭାରତ

**ଚତୁର୍ଥ ଟେଷ୍ଟ ଆଜିଠାରୁ**

ସାଉଥାମ୍ପଟନ, ୨୯।୮(ପି.ଟି.)

ଇଂଲଣ୍ଡ ବିପକ୍ଷ ହାଇ ପ୍ରୋଫାଇଲ ଟେଷ୍ଟ ସିରିଜରେ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିବା ଭ୍ରମଣକାରୀ ଭାରତ ଏବେ ତା'ର ବିଜୟଧାର ବଜାୟ ରଖିବା ଲକ୍ଷ୍ୟରେ ରହିଛି। ପ୍ରଥମ ଦୁଇଟି ଟେଷ୍ଟରେ ପରାସ୍ତ ହେବା ପରେ ଭାରତ ତୃତୀୟ ଟେଷ୍ଟକୁ ବୃହତ୍ ବ୍ୟବଧାନରେ ହାତେଇବା ସହ ସିରିଜକୁ ବଞ୍ଚାଇ ରଖିବାକୁ ସକ୍ଷମ ହୋଇଥିଲା। ଗୁରୁବାର ସ୍ଥାନୀୟ ରୋଜ ବଲ ଗ୍ରାଉଣ୍ଡରେ ଚତୁର୍ଥ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବାକୁ ଯାଉଛି। ସିରିଜରେ ଭାରତ ୨–୧ରେ ପଛରେ ପଡିଥିବା ବେଳେ ଏହି ମ୍ୟାଚ ଉଭୟ ଦଳ ପାଇଁ ବେଶ୍ ମହତ୍ତ୍ୱ ରଖୁଛି। ଇଂଲଣ୍ଡ ଏହି ମ୍ୟାଚ୍‌ରେ ବିଜୟୀ ହୋଇ ସିରିଜ ହାତେଇବା ଲକ୍ଷ୍ୟରେ ରହିଛି।

ଏଜବାଷ୍ଟନରେ ପ୍ରଥମ ମ୍ୟାଚରେ ଭାରତ ୩୧ ରନରେ ପରାସ୍ତ ହେବା ପରେ ଲର୍ଡ୍ସରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ଇନିଂସ ପରାଜୟବରଣ କରିଥିଲା। ତେବେ ନିଟିଂହାମ୍‌ରେ ଭାରତ ଦମ୍‌ଦାର ପ୍ରଦର୍ଶନ କରି ୨୦୩ରେ ରନରେ ଇଂଲଣ୍ଡକୁ ତୃତୀୟ ଟେଷ୍ଟରେ ପରାସ୍ତ କରିଥିଲା। ଏବେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ସାର ଡନ୍ ବ୍ରାଡମ୍ୟାନଙ୍କ ଅଷ୍ଟ୍ରେଲିଆ ଦଳର ଆଶେସ ସିରିଜ ବିଜୟକୁ ଦୋହରାଇବ ବୋଲି କୁହାଯାଉଛି। ୧୯୩୬ରେ ଅଷ୍ଟ୍ରେଲିଆ ୦–୨ରେ ପଛରେ ପଡିଥିଲେ ମଧ ଶେଷରେ ସିରିଜ ହାତେଇ ନେଇଥିଲା।

ତୃତୀୟ ମ୍ୟାଚରେ ଭାରତୀୟ ଦ୍ରୁତ ବୋଲରମାନେ ଇଂଲଣ୍ଡ ଟପ୍ ଅର୍ଡରର ବ୍ୟାଟିଂ ଦୁର୍ବଳତାକୁ ପଦାରେ ପକାଇଥିଲା। ପୁଣି କୋହଲି ଟେଷ୍ଟ ବ୍ରିଜ୍‌ରେ ପ୍ରଥମ ଇନିଂସରେ ୯୭ ଓ ଦ୍ୱିତୀୟ ଇନିଂସରେ ୧୦୩ ରନ କରି ଇଂଲଣ୍ଡ ବୋଲରଙ୍କ ନିଦ ହଜାଇଛନ୍ତି। ସିରିଜରେ ଏପର୍ଯ୍ୟନ୍ତ ଦ୍ରୁତ ବୋଲରମାନେ ୪୬ରୁ ୩୮ଟି ଉଇକେଟ ଅକ୍ତିଆର କରିଛନ୍ତି। ଗତ ଦକ୍ଷିଣ ଆଫ୍ରିକା ଗସ୍ତରେ ମଧ ଭାରତୀୟ ଦ୍ରୁତ ବୋଲରମାନେ ଏହିଭଳି କମାଲ କରିଥିଲେ। ଚତୁର୍ଥ ଟେଷ୍ଟରେ ମଧ ଏକ ସବୁଜ ଉଇକେଟ ଉପରେ ଖେଳାଯିବ। ଫଳରେ ଭାରତୀୟ ଦ୍ରୁତ ବୋଲର ପୁଣି ଦମ୍ ଦେଖାଇବା ଆଶା କରାଯାଉଛି।

ଗତ ୪୫ଟି ଟେଷ୍ଟରେ ଭାରତୀୟ ଦଳରେ ଅଦଳବଦଳ ଲକ୍ଷ୍ୟ କରାଯାଇଆସୁଅଛି। ତେବେ ଏଥର ଦଳରେ ଅଧିନାୟକ କୋହଲି ଓ କୋଚ୍ ରବି ଶସ୍ତ୍ରୀ ସେଭଳି କୌଣସି ପରିବର୍ତ୍ତନ ନ କରିବା ମନେହୁଏ। ତେବେ ଯଦି ବି କୌଣସି ପରିବର୍ତ୍ତନ କରାଯାଏ ତାହାଲେ ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ମଙ୍ଗଳବାର ନେଟ୍ସରେ ଭାରତୀୟ କ୍ରିକେଟରମାନେ ଝାଳ ବୁହାଇଛନ୍ତି। ତାରକା ଦ୍ରୁତ ବୋଲରମାନେ ବ୍ୟାଟିଂ ଅଭ୍ୟାସ କରିଥିଲେ ମଧ ଯଶପ୍ରୀତ ବୁମରା ପ୍ୟାଡ ପିନ୍ଧି ନ ଥିଲେ। ଉମେଶ ଯାଦବ, ଇଶାନ୍ତ ଶର୍ମା ଓ ମହମ୍ମଦ ସାମି ନେଟ୍ସରେ ଅଭ୍ୟାସ କରିଥିଲେ ଓ ଦଳକୁ ଫେରିବାର ସୂଚନା ଦେଇଛନ୍ତି। ସାଉଥାମ୍ପଟନରେ ଘାସୁଆ ଉଇକେଟ ଥିବାରୁ ଉମେଶ ଦଳକୁ ଫେରିବାର ସମ୍ଭାବନା ରହିଛି। ଭାରତୀୟ ଦଳରେ ପରିବର୍ତ୍ତନ ହେବ ନାହିଁ ବୋଲି କୋହଲି ସ୍ପଷ୍ଟ କରିଛନ୍ତି। ଇଂଲଣ୍ଡର ସମସ୍ୟା ଅଧିକଥିବା ପରି ମନେହେଉଛି। ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କଲେ ଏହି ମ୍ୟାଚ ବେଶ୍ ମଜାଦାର ହେବ ବୋଲି ଆଶା କରାଯାଉଛି।



ପୃଥ୍ୱୀ ଶ'

**ସମୟ: ଅପରାହ୍ଣ ୩.୩୦**
**ସ୍ଥାନ: ରୋଜ ବଲ ଗ୍ରାଉଣ୍ଡ, ସାଉଥାମ୍ପଟନ**
**ପ୍ରସାରଣ: ସୋନୀ ନେଟୱର୍କ**

- **ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ପୃଥ୍ୱୀ ଶ, ଲୋକେଶ ରାହୁଲ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ, ଦୀନେଶ କାର୍ତ୍ତିକ, ରିଷଭ ପନ୍ତ, କରୁନ ନାୟାର, ହାର୍ଦ୍ଦିକ ପାଣ୍ଡ୍ୟା, ଆର. ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ହନୁମା ବିହାରୀ, ଇଶାନ୍ତ ଶର୍ମା, ଉମେଶ ଯାଦବ, ଶାର୍ଦ୍ଦୁଳ ଠାକୁର, ମହମ୍ମଦ ସାମି ଓ ଯଶପ୍ରୀତ ବୁମରା।
- **ଇଂଲଣ୍ଡ ଦଳ:** ଜୋ ରୁଟ (ଅଧିନାୟକ), ଆଲିଷ୍ଟର କୁକ, କିଟନ ଜେନିଙ୍ଗ୍ସ, ଜନି ବେୟାରଷ୍ଟୋ,ଜୋଶ ବଟଲର, ଓଲିଭର ପୋପ୍, ମୋଇନ ଅଲୀ, ଆଦିଲ ରସିଦ, ସାମ କୁରାନ, ଜେମ୍ସ ଆଣ୍ଡରସନ, ଷ୍ଟୁଆର୍ଟ ବ୍ରୋଡ୍, କ୍ରିସ୍ ୱୋକ୍ସ, ବେନ୍ ଷ୍ଟୋକ୍ସ ଓ ଜେମ୍ସ ଭିନ୍ସି।

**■ ଏଫ୍‌ଆଇଏଚ୍ ଇଣ୍ଟରନ୍ୟାଶନାଲ ଟେକ୍‌ନିକାଲ୍ ଅଫିସର**

## ବିଶ୍ୱରଞ୍ଜନ ପ୍ରଥମ ଓଡ଼ିଆ

ଭୁବନେଶ୍ୱର, ୨୯।୮(ସ୍ପୋର୍ଟ୍ସ ବ୍ୟୁରୋ)

ଏଫ୍‌ଆଇଏଚ୍ (ଅନ୍ତର୍ଜାତୀୟ ହକି ଫେଡେରେଶନ) ଇଣ୍ଟରନ୍ୟାଶନାଲ ଟେକ୍‌ନିକାଲ ଅଫିସର ପାହ୍ୟାକୁ ପଦୋନ୍ନତି ପାଇଥିବା ଓଡ଼ିଶାର ବିଶ୍ୱରଞ୍ଜନ ଷଡ଼ଙ୍ଗୀଙ୍କୁ ବୁଧବାର ହକି ଇଣ୍ଡିଆ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି। ବିଶ୍ୱ ହକିର ସର୍ବୋଚ୍ଚ ସଂସ୍ଥା ଏଫ୍‌ଆଇଏଚ୍ ପକ୍ଷରୁ ବିଶ୍ୱରଞ୍ଜନଙ୍କ ପଦୋନ୍ନତି ନେଇ ମଙ୍ଗଳବାର ଘୋଷଣା କରାଯାଇଥିଲା। ପୂର୍ବରୁ ଚଳିତ ବର୍ଷ ପ୍ରାରମ୍ଭରେ ବ୍ୟାଙ୍କକ୍‌ରେ ଅନୁଷ୍ଠିତ ହୋଇଥିବା ପୁରୁଷ ୟୁଥ୍ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା ଲାଗି ବିଶ୍ୱରଞ୍ଜନଙ୍କୁ ଜଜ୍ ଭାବେ ନିଯୁକ୍ତ କରାଯାଇଥିଲା। ସେହିଭଳି ଚଳିତ ବର୍ଷ ମାର୍ଚ୍ଚରେ ମାଲେସିଆର ଇପୋଠାରେ ଖେଳାଯାଇଥିବା ସୁଲତାନ ଆଜଲାନ ଶାହ କପ୍ ହକି ପ୍ରତିଯୋଗିତାର ୨୭ତମ ସଂସ୍କରଣ ଲାଗି ତାଙ୍କୁ ଟେକ୍‌ନିକାଲ୍ ଅଫିସିଆଲ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଓଡ଼ିଶାର ପ୍ରଥମ ଅଫିସିଆଲ ଭାବେ କଟକର ବିଶ୍ୱରଞ୍ଜନ ଏଫ୍‌ଆଇଏଚ୍ ଇଣ୍ଟରନ୍ୟାଶନାଲ ଟେକ୍‌ନିକାଲ ଅଫିସିଆଲ୍ ପଦରେ ନିଯୁକ୍ତ ପାଇଛନ୍ତି। '୨୦୧୫ରେ ହୋଇଥିବା ହକି ଇଣ୍ଡିଆ ଲିଗ୍ ଟେକ୍‌ନିକାଲ ଅଫିସିଆଲଭାବେ ମୋତେ ଉପରକୁ ନେବାରେ ସହାୟକ ହୋଇଥିଲା। ଏହାପରେ ଘରୋଇ ଅନ୍ତର୍ଜାତୀୟସ୍ତରରେ ଅନେକ ମ୍ୟାଚ୍‌ରେ ଅଫିସିଆଲ ଦାୟିତ୍ୱ ତୁଲାଇଛି। ହକି ଇଣ୍ଡିଆ ଅମ୍ପାୟର ଓ ମୋ ପରିବାର ମୋତେ ବହୁତ ସାହାଯ୍ୟ କରିଛନ୍ତି' ବୋଲି ବିଶ୍ୱରଞ୍ଜନ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।



ବିଶ୍ୱରଞ୍ଜନ ଷଡ଼ଙ୍ଗୀ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ-ଅନୁଗୋଳ, ଗୁରୁବାର, ଅଗଷ୍ଟ ୩୦ /୨୦୧୮ Dhenkanal-Angul, Thursday, August 30 / 2018

## ସଂକ୍ଷେପରେ

### ଅଧାରୁ ସରିଲା କାଉନ୍‌ସିଲ ବୈଠକ

ଅନୁଗୋଳ ଅଫିସ, ୨୯।୮- ଅନୁଗୋଳ ପୌରପରିଷଦ ବୈଠକରେ ବୁଧବାର ଇକୋ ପାର୍କରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ମୂର୍ତ୍ତି ଲଗାଯିବା ନେଇ ଅସନ୍ତୋଷ ଦେଖାଦେଇଥିଲା। ଏପରି କି ବିରୋଧୀ ବିଜୁ ଜନତା ଦଳର କାଉନସିଲରମାନେ ବୈଠକ ଅଧାରୁ ଉଠି ଆସିଥିଲେ। ଏପରି ବିରୋଧ ଯୋଗୁ ବୈଠକରେ ଅଧିକ କିଛି ଆଲୋଚନା ହୋଇପାରି ନ ଥିଲା। ଏ ନେଇ ନଗରପାଳ ଅକ୍ଷୟ ସାମନ୍ତ କହିଛନ୍ତି, ପୂର୍ବରୁ ଇକୋ ପାର୍କ ଇନ୍ଦିରା ପାର୍କ ନାମରେ ନାମିତ ଥିଲା। କିନ୍ତୁ ପରେ ଏହାକୁ ଇକୋ ପାର୍କ କରାଯାଇଛି। ତେଣୁ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଲାଗିବାରେ କୌଣସି ଆପତ୍ତି ନାହିଁ। ଏ ନେଇ ମଧ ପୂର୍ବରୁ କାଉନସିଲ ବୈଠକରେ ରିଜୋଲେସନ୍ ପାସ୍ ହୋଇଛି।

### ନୂଆହତାରୁ କାର ଚୋରି

ବଅଁରପାଳ, ୨୯।୮(ଡି.ଏନ.ଏ.)- ବଅଁରପାଳ ଥାନା ନୂଆହତା ଗ୍ରାମରୁ ମଙ୍ଗଳବାର ରାତିରେ ସୁମନ୍ତ ଦଳବେହେରାଙ୍କ କାର (ନଂ. ଓଡି-୦୨ ୯୦୨୨)କୁ କେହି ଚୋରି କରି ନେଇଛି। ଏ ନେଇ ସୁମନ୍ତ ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ରାତି ପ୍ରାୟ ୯ଟାରେ ଚାଳକ ଗ୍ୟାରେଜରେ କାର ରଖିଥିଲେ। ହେଲେ ସକାଳେ ସେଠାରେ କାର ନ ଥିବା ଦେଖିବାକୁ ପାଇଥିଲେ।

### ଟ୍ୟାଙ୍କର ଧକ୍କାରେ ଜଣେ ଗୁରୁତର

ବଅଁରପାଳ, ୨୯।୮(ଡି.ଏନ.ଏ.)- ବଅଁରପାଳ ଥାନା ୫୫ ନଂ. ଜାତୀୟ ରାଜପଥର ଗଣେଶ ବଜାର ନିକଟରେ ଏକ ଗ୍ୟାସ୍ ଟ୍ୟାଙ୍କର ଧକ୍କାରେ ବୁଧବାର ଜଣେ ସ୍କୁଟି ଚାଳକ ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସ୍କୁଟି ଚାଳକ ଅନୁଗୋଳରୁ ବଅଁରପାଳ ଆଡ଼କୁ ଆସୁଥିବାବେଳେ ଅପରପାର୍ଶ୍ୱରୁ ଆସୁଥିବା ଟ୍ୟାଙ୍କରଟି ତାଙ୍କୁ ଧକ୍କା ଦେଇଥିଲା।

## ■ବଡ଼ମୂଳକୁ ରାଜସ୍ୱ ଗ୍ରାମ ମାନ୍ୟତା

# ବନବାସୀରୁ ହେଲେ ଗ୍ରାମବାସୀ

ଅନୁଗୋଳ ଅଫିସ, ୨୯।୮

ଦୀର୍ଘ ୫୦ ବର୍ଷ ପରେ ପୂରଣ ହୋଇଛି ସ୍ୱପ୍ନ। ପାରମ୍ପରିକ ବନବାସୀରୁ ରାଜସ୍ୱ ଗ୍ରାମବାସୀ ପାଲଟିଛନ୍ତି ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ବଡ଼ମୂଳ ଲୋକେ। ସମ୍ପୂର୍ଣ୍ଣ ଜଙ୍ଗଲ

■ପୂରଣ ହେଲା ପଚାଶ ବର୍ଷର ସ୍ୱପ୍ନ

■ରାଜ୍ୟରେ ପ୍ରଥମ, ଗ୍ରାମବାସୀ ଖୁସି

ଜମିରେ ଗଢ଼ିଉଠିଥିବା କୌଣସି ଗାଁକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତନ କରାଯିବା ରାଜ୍ୟରେ ପ୍ରଥମ ଘଟଣା ହୋଇଥିବା ବେଳେ ଏ ନେଇ ଢେର ଖୁସି ବ୍ୟକ୍ତ କରିଛନ୍ତି ସମ୍ପୃକ୍ତ ଗ୍ରାମବାସୀ।

ପ୍ରକାଶ ଯେ, ୧୯୬୧ରେ ଡେରଜାଙ୍ଗ ମଧ୍ୟମ ଜଳସେଚନ ପ୍ରକଳ୍ପ ପ୍ରତିଷ୍ଠା ପରଠାରୁ ୭୪ଟି ପରିବାର ବଡ଼ମୂଳ ଜଙ୍ଗଲ ଜମିରେ ୧୯୬୮ରୁ ବସବାସ କରି ଆସୁଥିଲେ। ରାଜସ୍ୱ ଗ୍ରାମ ହୋଇ


Board of Revenue, Odisha, Cuttack
(LR&S Wing)

By e-Despatch

Notification No. 3567 /LR&S dated 27/08/2018
VI-26/18

NOTIFICATION

In exercise of powers conferred under section 2(14) of OSS Act of 1958 and in pursuance of section 3(1)(h) of the Scheduled Tribes and other Traditional Forest Dwellers (Recognition of Forest Right) Act 2006, Forest village Badamul under Chhendipada Tahasil of Angul District is hereby declared as a Revenue Village.

Director,
Land Records & Surveys

Memo No. 3568 dated 27/08/2018
Copy forwarded to the Principal Secretary to Govt., R&DM Department, Odisha, Bhubaneswar.
It is recommended for notifying the village under section 3(1) of OS&S Act, 1958 of the OS&S Act, 2012 in the official gazette.

Director,
Land Records & Surveys

Memo No. 3569 dated 27/08/2018
Copy forwarded to the Panchayati Raj Department, Odisha, Bhubaneswar for information and necessary action.

Director,
Land Records & Surveys

Memo No. 3570 dated 27/08/2018
Copy forwarded to the Chief Electoral Officer, Odisha for kind information and necessary action.

Director,
Land Records & Surveys

Memo No. 3571 dated 27/08/2018
Copy forwarded to the Secretary, State Election Commission, Odisha for kind information and necessary action.

Director,
Land Records & Surveys

ରାଜସ୍ୱ ପରିଷଦ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି।

ନ ଥିବାରୁ ସେମାନେ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେଉଥିଲେ। ଏ ନେଇ ବାରମ୍ବାର ରାଜ୍ୟ ସରକାର ଓ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଥିଲା। ଗତବର୍ଷ ମଧ ଗ୍ରାମବାସୀ ଜିଲାପାଳ ଅନିଲ କୁମାର ସାମଲଙ୍କୁ ସାକ୍ଷାତ କରି ରାଜସ୍ୱ ଗ୍ରାମର ମାନ୍ୟତା ନିମନ୍ତେ ଅନୁରୋଧ କରିଥିଲେ। ପରେ ଜିଲାପାଳଙ୍କ ତତ୍ତ୍ୱାବଧାନରେ ଜିଲା ମଙ୍ଗଳ ଅଧିକାରୀ ଏ ନେଇ ପ୍ରକ୍ରିୟା ଆରମ୍ଭ କରିଥିଲେ। ଗତ ସେପ୍ଟେମ୍ବର ୨୧ରେ ଗ୍ରାମରେ ବିଜ୍ଞପ୍ତି ଜାରି କରାଯାଇ ଦାବି ଗ୍ରହଣ ନିମନ୍ତେ ଘୋଷଣା କରାଯାଇଥିଲା। ଗ୍ରାମବାସୀ ଦାବି ଦରଖାସ୍ତଗୁଡ଼ିକ ଛେଣ୍ଡିପଦା ତହସିଲଦାରଙ୍କ କାର୍ଯ୍ୟାଳୟରେ ଦାଖଲ କରିବା ପରେ ସର୍ଭେ ଓ ନକ୍ସା ପ୍ରସ୍ତୁତ କରାଯାଇ ନଭେମ୍ବର ୨୧ରେ ଗ୍ରାମସଭାରେ ଅନୁମୋଦନ ହୋଇଥିଲା। ଉପଖଣ୍ଡ ଜଙ୍ଗଲ ଅଧିକାର କମିଟି ଉକ୍ତ ପ୍ରସ୍ତାବକୁ ତର୍ଜମା କରିବା ପରେ ଗତ ଜାନୁୟାରୀ ୩୦ରେ ଅନୁମୋଦନ କରି ଜିଲାସ୍ତରୀୟ ଜଙ୍ଗଲ ଅଧିକାର କମିଟିକୁ ପ୍ରେରଣ କରିଥିଲା। ଗତ ଜୁଲାଇ ୨୧ରେ ଜିଲାସ୍ତରୀୟ କମିଟି ଜଙ୍ଗଲ ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବାକୁ ନିଷ୍ପତ୍ତି ନେଇ ରାଜସ୍ୱ ପରିଷଦକୁ ଅନୁରୋଧପତ୍ର ପଠାଇଥିଲା। ଚଳିତ ମାସ ୨୭ରେ ରାଜସ୍ୱ ପରିଷଦ ଜଙ୍ଗଲ ଅଧିକାର ଆଇନ ୨୦୦୬ ଅନୁଯାୟୀ ବଡ଼ମୂଳକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ ନିମନ୍ତେ ବିଜ୍ଞପ୍ତି ଜାରି କରିଛନ୍ତି। ଏହାର ଶ୍ରେୟ ଜିଲାପାଳଙ୍କୁ ଦେବା ସହ ରାଜସ୍ୱ ପରିଷଦ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜଣାଯାଇଛି।

# ନାବାଳିକା ଗଣବଳାତ୍କାର ମାମଲା: ୨ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ୍

**ଅନୁଗୋଳ ଅଫିସ, ୨୯।୮–** ଜଣେ ନାବାଳିକାଙ୍କୁ ଗଣବଳାତ୍କାର ଅଭିଯୋଗରେ ଦୋଷୀ ସାବ୍ୟସ୍ତ ଦୁଇ ଅଭିଯୁକ୍ତଙ୍କୁ ଅନୁଗୋଳ ଏଡିଜେ କମ୍ ସ୍ପେଶାଲ କୋର୍ଟ ୨୦ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ବିଚାରପତି ଶୌଭାଗିନୀ ମଲ୍ଲିକ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ସ୍ଥଳେ ଅଧିକ ୬ମାସ କାରାଦଣ୍ଡ ଭୋଗିବାକୁ ଅଦାଲତ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ୨୦୧୫ ମାର୍ଚ୍ଚ ୮ରେ ଖମାର ଥାନା ଅଞ୍ଚଳରେ ଏହି ଘଟଣା ଘଟିଥିଲା। ଜଣେ ନାବାଳିକା ମହୁଲ ସଂଗ୍ରହ କରୁଥିବା ବେଳେ ସେହି ରାସ୍ତା ଦେଇ ଯାଉଥିବା କେନ୍ଦୁଝର ଜିଲା ଚମ୍ପୁଆ ଥାନା ନରସିଂହପୁର ଅଞ୍ଚଳର ତୁରମ ପୃଷ୍ଟି(୨୩) ଓ ପାଲଲହଡ଼ା ଥାନା ସୋଲଡ଼ା ଅଞ୍ଚଳର ଚନ୍ଦ୍ର ତିରିଆ(୨୨) ନଦୀକୁ ଯିବା ପାଇଁ ରାସ୍ତା ପଚାରିଥିଲେ। ପରେ ଦୁହେଁ ସମ୍ପୃକ୍ତା ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ପୋଲିସ ନଂ. ୨୩/୧୫ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ୧୯ ଜଣଙ୍କ ସାକ୍ଷ୍ୟ ଓ ୨୭ଟି ଦସ୍ତାବିଜ୍‌କୁ ଭିତ୍ତି କରି କୋର୍ଟ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଥିବା ମାମଲା ପରିଚାଳନା କରୁଥିବା ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ସରୋଜ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।

## ଡିଏଭି ପବ୍ଲିକ ସ୍କୁଲ ପକ୍ଷରୁ କ୍ରୀଡ଼ା ଦିବସ

ତାଳଚେର,୨୯।୮(ନି.ପ୍ର.)

ଏମ୍‌ସିଏଲ୍ ପରିଚାଳନାଧୀନ ଜଗନ୍ନାଥକ୍ଷେତ୍ର ଡିଏଭି ପବ୍ଲିକ ସ୍କୁଲ ପକ୍ଷରୁ ଜାତୀୟ କ୍ରୀଡା ଦିବସ ଓ ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଅଧ୍ୟକ୍ଷ ଭୋଳାନାଥ ମହନ୍ତ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶିକ୍ଷକ ଓ ଛାତ୍ରମାନଙ୍କ ମଧ୍ୟରେ କ୍ରିକେଟ ମ୍ୟାଚ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ଫୁଟବଲ, ଖୋଖୋ, କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଜୟୀ ଦଳକୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇ ଥିଲା। କ୍ରୀଡ଼ା ଶିକ୍ଷକ ବୀରେନ୍ଦ୍ର ଦାସ, ଅବଦୁଲ ଅଜିମ ଖାନ, ଏଲିମା ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପାଧ୍ୟକ୍ଷ ଚିତରଞ୍ଜନ ଚକ୍ରବର୍ତ୍ତୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ମହିଳା ସଚେତନତା ରାଲି

କଣିହାଁ, ୨୯।୮(ଡି.ଏନ.ଏ.)

କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ୍ ସାଇଟ୍ ବଜାରରେ ବିଜେଡି ତରଫରୁ ମଙ୍ଗଳବାର ମହିଳା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଜନକଲ୍ୟାଣ ଯୋଜନା ସହିତ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳାଙ୍କୁ ଅଗ୍ରାଧିକାର ଦିଆଯାଇଥିବା ବାର୍ତ୍ତା ଏଥିରେ ପ୍ରଚାର କରାଯାଇଥିଲା। ଆଗାମୀ ଦିନରେ ବିଭିନ୍ନ ସ୍ଥାନରେ ମହିଳା କର୍ମଶାଳା କରାଯାଇ ଦଳକୁ ମଜଭୁତ୍ କରାଯିବ ବୋଲି ବିଜେଡି ବରିଷ୍ଠ କର୍ମୀ ଜଗମୋହନ ପ୍ରଧାନ, ଭାସ୍କର ସାମଲ, ଭଗବାନ ସାହୁ, ବିକ୍ରମ ପ୍ରଧାନ ପ୍ରକାଶ କରିଛନ୍ତି। ବିଭିନ୍ନ ପଞ୍ଚାୟତର ବିଜେଡି ସମର୍ଥକ, ମହିଳାପୁରୁଷ ଏଥିରେ ସାମିଲ ହୋଇଥିଲେ।

## ■ନାଲ୍‌କୋ ଏମ୍ପ୍ଲୋଇଜ୍ ସଂଘ ପ୍ରତିଷ୍ଠା ଦିବସ

# ଏକଜୁଟ୍ ହେବାକୁ କର୍ମଚାରୀଙ୍କୁ ଆହ୍ୱାନ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତାମାନେ।

ବଅଁରପାଳ,୨୯।୮ (ଡି.ଏନ୍.ଏ.)

ନାଲ୍‌କୋ ଏମ୍ପ୍ଲୋଇଜ୍ ସଂଘର ୧୭ ତମ ପ୍ରତିଷ୍ଠା ଦିବସ ବୁଧବାର ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ମେଲଟର ପ୍ଲାଣ୍ଟ ମହାପ୍ରବନ୍ଧକ କେ.ବି. ସ୍ୱାଇଁ ଯୋଗ ଦେଇଥିଲେ। ସଂଘ ସାଧାରଣ ସମ୍ପାଦକ ନିର୍ମଳ କୁମାର ସାମଲ ସାମ୍ପ୍ରତିକ ପରିସ୍ଥିତରେ ସ୍ମେଲଟର ପ୍ଲାଣ୍ଟରେ ଦେଖାଦେଇଥିବା ବିଭିନ୍ନ ସମସ୍ୟା ତଥା କର୍ମଚାରୀଙ୍କ ସ୍ୱାର୍ଥରକ୍ଷା ନିମନ୍ତେ ସଂଘ ନେଇଥିବା ଅନେକ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଏଥିସହ କେନ୍ଦ୍ର ସରକାରଙ୍କ ଘରୋଇକରଣ ନୀତି, ଶ୍ରମିକଙ୍କ ଅଧିକାର ଉପରେ ଅଙ୍କୁଶ ଲଗାଇବା, ସ୍ୱୀକୃତି ପ୍ରାପ୍ତ ସଙ୍ଗଠନ ଆଲୁମିନିୟମ ମଜଦୁର ସଂଘ (ଏଏମ୍‌ଏସ୍) ପକ୍ଷରୁ କୌଣସି ଉନ୍ନୟନମୂଳକ କାର୍ଯ୍ୟ କରିବାରେ ଅକ୍ଷମତା ପ୍ରକାଶ ଆଦି ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ସଂଘ ସଭାପତି ଦିଲୀପ କୁମାର ମିଶ୍ର ପରିବର୍ତ୍ତିତ ପରିସ୍ଥିତିରେ ଶ୍ରମିକ ସମାଜ ପ୍ରତି ନାଲ୍‌କୋ ମ୍ୟାନେଜମେଣ୍ଟର ମନୋଭାବକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହାର ମୁକାବିଲା ନିମନ୍ତେ କର୍ମଚାରୀମାନେ ଏକଜୁଟ୍ ହେବାକୁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ମୁରଲୀଧର ପଣ୍ଡା, ଭାଦୁରାମ ସୋରେନ୍ ଓ ସହ ସାଧାରଣ ସମ୍ପାଦକ ମଳୟ କୁମାର ସ୍ୱାଇଁ ମଞ୍ଚାସୀନ ଥିଲେ। ସମ୍ପାଦକ ଅଶ୍ୱିନୀ କୁମାର ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଙ୍ଗଠନିକ ସମ୍ପାଦକ ମନୋଜ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ହରିଶଙ୍କର ପଣ୍ଡା, ନିରୋଦ କୁମାର ଧୀର, ସୁଧାଂଶୁ ଶେଖର ମିଶ୍ର, ଭାସ୍କର ଚନ୍ଦ୍ର ସେଠୀ, ସୁଧାଂଶୁ କୁମାର, ବିକାଶ ପାଳ, ସଚ୍ଚିଦାନନ୍ଦ ତ୍ରିପାଠୀ, ଯତୀନ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ୨୨ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

**ବଇଣ୍ଡା, ୨୯।୮(ଡି.ଏନ.ଏ.)–** ଆଠମଲ୍ଲିକ ବ୍ଲକ ଠାକୁରଗଡ ଶିଶୁମନ୍ଦିରରେ ବୁଧବାର ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଯୁଗ୍ମ ସମ୍ପାଦକ ହେମନ୍ତ କୁମାର ଖୁଣ୍ଟିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳା ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ସଭାପତି ସୁରେଶ ଚନ୍ଦ୍ର ସାହୁ, ସମ୍ପାଦକ ପ୍ରାଣବନ୍ଧୁ ସାହୁ, ଶିକ୍ଷକ ସଞ୍ଜୟ କୁମାର ମାଝି ଯୋଗ ଦେଇଥିଲେ। ଏଥିରେ ୨୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଜିତେନ୍ଦ୍ର ସାହୁ, ଲିଟିଲ ବିଶ୍ୱାଳ ପ୍ରକଳ୍ପଗୁଡିକର ବିଚାର କରିଥିଲେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ